# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, March 9 /2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୦୩ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 103 | ମୂଲ୍ୟ ₹୭/-






KP GROUP
Quality Since 1965
ସଫଳ ଲୋକଙ୍କ ପ୍ରଥମ ପସନ୍ଦ
Safal
ପାନ ମସଲା
ପଲ୍ ପଲ୍ ସଫଲ୍
NEW PACK
CELEBRATING 60 YEARS
Safal
TM
PAN MASALA
No Tobacco, No Nicotine
• Not recommended for minors
• Chewing of pan masala is injurious to health

ଧରିତ୍ରୀ 52 Years

DHARITRI

ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୯/୨୦୨୬ | Bhubaneswar, Monday, March 9 /2026 | ପୃଷ୍ଠା-୧



**ମୋଜ୍‌ତାବା ଖାମେନେଇ ନେଇପାରନ୍ତି ନେତୃତ୍ୱ**

ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁଅ ମୋଜ୍‌ତାବା ହୋସେନି ଖାମେନେଇ ନୂଆ ନେତା ହୋଇପାରନ୍ତି।

୦୮

୧୧

**ରସେଲ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁପ୍ରି**

ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଫର୍ମୁଲା ୱାନ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି ମର୍ସିଡିଜ୍‌ର ଜର୍ଜ ରସେଲ।





ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଓପନିଂ ଯୋଡ଼ିରେ ୯୮ ରନ ଭାଗୀଦାରି ଅବସରରେ ଭାରତର ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା।

# ଇରାନ୍ ରାଷ୍ଟ୍ରପତି-ଆଇଆର୍‌ଜିସି ଫାଟ

**ମଧ୍ୟପ୍ରାଚ୍ୟ ଯୁଦ୍ଧ ସଙ୍କଟ**

**ମଧ୍ୟପ୍ରାଚ୍ୟ ଯୁଦ୍ଧ ରବିବାର ୯ମ ଦିନରେ ପହଞ୍ଚିଥିବାବେଳେ ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍ ଓ ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ମଧ୍ୟରେ ଫାଟ ଦୃଶ୍ୟମାନ ହୋଇଛି। ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ସୁପ୍ରିମ ଲିଡର ଆୟାତୋଲ୍ଲା ଅଲୀ ଖାମେନେଇ ନିହତ ହେବା ପରେ ନୂଆ ନେତାଙ୍କୁ ଚୟନ କରାଯାଇପାରି ନ ଥିବାରୁ ସୃଷ୍ଟ ରାଜନୈତିକ ଶୂନ୍ୟସ୍ଥାନ ପୂରଣ ହୋଇ ପାରିନାହିଁ। ଉତ୍ତେଜନା ହ୍ରାସ ପାଇଁ ରାଷ୍ଟ୍ରପତି ପେଜେଶ୍‌କିଆନ୍ ପଡ଼ୋଶୀ ଉପସାଗରୀୟ ରାଷ୍ଟ୍ରଗୁଡ଼ିକୁ କ୍ଷମା ମାଗିଥିବାବେଳେ ଶତ୍ରୁପକ୍ଷଙ୍କୁ ଆଇଆର୍‌ଜିସି କଡ଼ା ଜବାବ ଦେଇଚାଲିଛି। ଏପରି କି ଉକ୍ତ ପଶ୍ଚିମ ଏସୀୟ ଇସ୍‌ଲାମିକ୍ ସାଧାରଣତନ୍ତ୍ରର ସାମରିକ ନେତୃତ୍ୱ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେବାକୁ ପଛାଉନାହାନ୍ତି। ଟ୍ରମ୍ପଙ୍କ ଦାବି ଓ ଚାପ ଆଗରେ ସେନା ଓ ଅର୍ଦ୍ଧସାମରିକ ବଳ ମୁଣ୍ଡ ନୁଆଁଇବାକୁ ରାଜି ନୁହେଁ। ତେଣୁ ସାମରିକ ବାହିନୀ ଉପରୁ ରାଷ୍ଟ୍ରପତି ନିଜ କର୍ତ୍ତୃତ୍ୱ ହରାଇଛନ୍ତି ବୋଲି କୁହାଯାଇପାରେ। ଇରାନ୍‌ର ରାଜନୈତିକ ବ୍ୟବସ୍ଥା ଓ ଶକ୍ତିଶାଳୀ ସାମରିକ ପ୍ରତିଷ୍ଠାନ ମଧ୍ୟରେ ଏକ ଗଭୀର ଢାଞ୍ଚାଗତ ସଂଘର୍ଷ ଜାରି ରହିଥିବା ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଛି।**



ଇରାନ୍ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ୍

**ତେହରାନ୍/ ୱାଶିଂଟନ୍, ୮।୩ (ଗାର୍ଡିଆନ୍/ଏପି/ ରଏଟର୍ସ)**

ଆମେରିକା ଓ ଇସ୍ରାଏଲ୍ ପକ୍ଷରୁ ଇରାନ୍‌ର ବିଭିନ୍ନ ଭାଗରେ ଆକାଶମାର୍ଗରୁ ମିଳିତ ଆକ୍ରମଣ ଜାରି ରହିଥିବାବେଳେ ଇରାନ୍‌ର ଶକ୍ତିଶାଳୀ ଅର୍ଦ୍ଧସାମରିକ ବଳ ଆଇଆର୍‌ଜିସି ମଧ୍ୟପ୍ରାଚ୍ୟରେ ଥିବା ଆମେରିକୀୟ ସେନାଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ଏହାକୁ ନେଇ ଇରାନ୍ ରାଷ୍ଟ୍ରପତି ମସୌଦ୍ ପେଜେଶ୍‌କିଆନ୍ ପଡ଼ୋଶୀ ଦେଶଗୁଡ଼ିକୁ ଶନିବାର କ୍ଷମା ମାଗିଥିଲେ। ସେ କହିଥିଲେ, ଉପସାଗରୀୟ ରାଷ୍ଟ୍ରଗୁଡ଼ିକ ନିଜ ଭୂଖଣ୍ଡକୁ ଇରାନ୍ ବିରୋଧରେ ବ୍ୟବହାର ପାଇଁ ସୁଯୋଗ ନ ଦେବା ପର୍ଯ୍ୟନ୍ତ ତେହରାନ୍ ସେମାନଙ୍କ ଉପରେ ଆକ୍ରମଣ କରିବନାହିଁ। ତାଙ୍କର ଏପରି ଆକସ୍ମିକ କ୍ଷମା ଯାଚନାକୁ ସାମରିକ ନେତାମାନେ ବିରୋଧ କରିଛନ୍ତି। ନୂଆ ସୁପ୍ରିମ ଲିଡର ଚୟନ ନ ହେବା ପର୍ଯ୍ୟନ୍ତ ରାଷ୍ଟ୍ରପତି ଇରାନ୍‌ର ରାଷ୍ଟ୍ରମୁଖ୍ୟ ଥିବାରୁ ଯଥାଶୀଘ୍ର ସମ୍ଭବ ଖାମେନେଇଙ୍କ ପୁଅ ମୋଜତବା ଅଲୀ ଖାମେନେଇଙ୍କୁ ସର୍ବୋଚ୍ଚ ନେତା ନିଯୁକ୍ତ କରାଯିବା ଉପରେ ଆଇଆର୍‌ଜିସି ଗୁରୁତ୍ୱ ଦେଉଛି। ଏହା ପଛରେ ଆଇଆର୍‌ଜିସିର ଉଦ୍ଦେଶ୍ୟ ହେଉଛି ରାଷ୍ଟ୍ରପତିଙ୍କ କ୍ଷମତାର ପକ୍ଷଚ୍ଛେଦନ। କାରଣ ଆଇଆର୍‌ଜିସି ସିଧାସଳଖ ସୁପ୍ରିମ ଲିଡରଙ୍କ ନିକଟରେ ଉତ୍ତରଦାୟୀ, ରାଷ୍ଟ୍ରପତିଙ୍କୁ କୌଣସି ବିଷୟରେ ରିପୋର୍ଟ କରି ନ ଥାଏ। ପେଜେଶ୍‌କିଆନ୍‌ଙ୍କ ସଂଯମ କୂଟନୀତି ସତ୍ତ୍ୱେ କେତେକ ପଡ଼ୋଶୀ ରାଷ୍ଟ୍ର ଉପରେ ଆଇଆର୍‌ଜିସି ପକ୍ଷରୁ ମିଶାଇଲ ଓ ଡ୍ରୋନ୍ ଆକ୍ରମଣ କରାଯାଉଛି। ତେଣୁ ନିର୍ବାଚିତ ସରକାର ସେନାର ନେତୃତ୍ୱ ନେଇପାରିବ ନା ନାହିଁ ତାକୁ ନେଇ ସନ୍ଦେହ ଉପୁଜିଛି। ☞ପୃଷ୍ଠା-୨

# ଭାରତ ବିଶ୍ୱ ବିଜୟୀ

**ଟି୨୦ ବିଶ୍ୱକପ କ୍ରିକେଟ**

## ▪ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇଲା
## ▪ ଟାଇଟଲ ବଜାୟ ରଖି ଇତିହାସ ରଚିଲା

**ଅହମଦାବାଦ, ୮।୩**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଦେଶବାସୀଙ୍କୁ ଟି୨୦ ବିଶ୍ୱକପ ବିଜୟ ଭେଟି ଦେଇଛି ଟିମ୍ ଇଣ୍ଡିଆ। ଅହମଦାବାଦରେ ବିଶ୍ୱର ସବୁଠାରୁ ବଡ଼ କ୍ରିକେଟ ଷ୍ଟାଡିୟମରେ ଲକ୍ଷାଧିକ ଦର୍ଶକଙ୍କ ସମ୍ମୁଖରେ ଇତିହାସ ରଚିଛି ଭାରତ। ଏକାଧିକ ରେକର୍ଡ ସହ ବିଶ୍ୱର ପ୍ରଥମ ଦଳଭାବେ କ୍ରମାଗତ ଟି୨୦ କ୍ରିକେଟ ବିଶ୍ୱକପ ଟାଇଟଲ ହାସଲ କରିଛି ଭାରତୀୟ ଦଳ। ପୂର୍ବରୁ ୨୦୦୭ ଓ ୨୦୨୪ରେ ଭାରତ ଚାମ୍ପିୟନ ହୋଇଥିଲା। ମାତ୍ର ଏଥର ଘରୋଇ ମାଟିରେ ଚାମ୍ପିୟନ ହୋଇ ନୂଆ ଉଦାହରଣ ସୃଷ୍ଟି କରିଛି ସୂର୍ଯ୍ୟକୁମାର ଯାଦବଙ୍କ ଦଳ। ରବିବାର ଅନୁଷ୍ଠିତ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇ ଐତିହାସିକ ସଫଳତା ଲାଭ କରିଛି ଭାରତ। ସଞ୍ଜୁ ସାମସନ, ଅଭିଷେକ ଶର୍ମା ଓ ଇଶାନ କିଶନଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ଭାରତ ୨୦ ଓଭରରେ ୫ ଉଇକେଟ ହରାଇ ୨୫୫ ରନ କରିଥିଲା। କୌଣସି ଟି୨୦ ବିଶ୍ୱକପ ଫାଇନାଲରେ ଏହାଥିଲା ସର୍ବାଧିକ ସ୍କୋର। ତେବେ ଓଭରଅଲ୍ ଟି୨୦ ଅନ୍ତର୍ଜାତୀୟରେ ଏହା ତୃତୀୟ ସର୍ବାଧିକ। ୨୦୦୭ରେ କେନିୟା ବିପକ୍ଷରେ ଶ୍ରୀଲଙ୍କା ୨୬୦/୬ ଓ ୨୦୨୬ରେ ଜିମ୍ବାୱେ ବପକ୍ଷରେ ଭାରତ ୨୫୬/୪ କରିଥିଲା। ୨୫୬ ରନ ବିଜୟ ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇଥିବା ନ୍ୟୁଜିଲାଣ୍ଡ ୧୯ ଓଭରରେ ୧୫୯ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଫଳରେ ୨୦୨୧ ସଂସ୍କରଣ ପରି ଏଥର ମଧ ଏହି ବ୍ଲାକ୍‌କ୍ୟାପ ଦଳ ରନରଅପରେ ସନ୍ତୁଷ୍ଟ ହୋଇଛି। ଏଥିସହ ଟି୨୦ ବିଶ୍ୱକପରେ ୩ ଥର ଚାମ୍ପିୟନ ହୋଇ ସର୍ବାଧିକ ସଫଳ ଦଳ ହୋଇଯାଇଛି ଟିମ୍ ଇଣ୍ଡିଆ।

କୌଣସି ଟି୨୦ କ୍ରିକେଟ ବିଶ୍ୱକପର ଫାଇନାଲରେ ସର୍ବାଧିକ ରନ ଚେଜ୍‌ର ଟାର୍ଗେଟ ପାଇଥିବା ନ୍ୟୁଜିଲାଣ୍ଡ ଆରମ୍ଭରୁ ଚାପର ବଶବର୍ତ୍ତୀ ହୋଇଥିଲା। ଫଳରେ ୩୧ ରନରେ ପ୍ରଥମ ଏବଂ ୭୨ ରନ ମଧ୍ୟରେ ୫ ଉଇକେଟ ହରାଇ ବ୍ୟାକ୍‌ଫୁଟକୁ ଚାଲି ଯାଇଥିଲା। ଫର୍ମରେଥିବା ଫିନ୍ ଆଲେନ (୯), ରାଚିନ ରବୀନ୍ଦ୍ର (୧), ଗ୍ଲେନ୍ ଫିଲିପ୍ସ (୫) ଓ ମାର୍କ ଚାପମାନ (୩) ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିବାବେଳେ ଅର୍ଦ୍ଧଶତକ ହାସଲକାରୀ ଟିମ୍ ସିଫର୍ଟ ୨୬ ବଲ୍‌ରୁ ୫୨ ରନକରି ପ୍ୟାଭିଲିୟନ ଫେରିଥିଲେ। ଡାରିଲ ମିଚେଲ ମଧ ମାତ୍ର ୧୭ ରନକରି ଅକ୍ଷର ପଟେଲଙ୍କ ତୃତୀୟ ଶିକାର ହୋଇଥିଲେ। ୧୬ତମ ଓଭରରେ କ୍ରମାଗତ ୨ଟି ବଲ୍‌ରେ ଜେମ୍ସ ନିଶାମ ଓ ମ୍ୟାଟ୍ ହେନରିଙ୍କୁ ଆଉଟ କରି ହ୍ୟାଟ୍ରିକ ସୁଯୋଗ ସୃଷ୍ଟି କରିଥିଲେ ବୁମ୍‌ରା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅକ୍ଷର ପଟେଲ ୩ଟି ଏବଂ ହାର୍ଦ୍ଦିକ ପାଣ୍ଡ୍ୟା, ବରୁଣ ଚକ୍ରବର୍ତ୍ତୀ ଓ ଅଭିଷେକ ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଟସ୍ ଜିତି ଭାରତକୁ ଫିଲ୍ଡିଂ ଦେଇଥିଲେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର। ଭାରତ ପକ୍ଷରୁ ବିସ୍ଫୋରକ ଆରମ୍ଭ କରିଥିଲେ ଇନ୍‌ଫର୍ମ ସଞ୍ଜୁ ସାମସନ ଓ ଅଭିଷେକ ଶର୍ମା। ଟୁର୍ନାମେଣ୍ଟର ପୂର୍ବ ମ୍ୟାଚ ଗୁଡ଼ିକରେ ଖରାପ ପ୍ରଦର୍ଶନ କରି ସମାଲୋଚନର ସରବ୍ୟ ହୋଇଥିବା ଅଭିଷେକ କିନ୍ତୁ ଫାଇନାଲରେ ଦେଇଥିଲେ ଦୃଢ଼ ଜବାବ। ସେ ମାତ୍ର ୧୮ ବଲ୍‌ରୁ ଅର୍ଦ୍ଧଶତକ ପୂରଣ କରିଥିଲେ। କୌଣସି ଟି୨୦ ବିଶ୍ୱକପ ନକ୍‌ଆଉଟ ଗେମ୍‌ରେ ଏହାଥିଲା ଦ୍ରୁତତମ ଅର୍ଦ୍ଧଶତକ। ପୂର୍ବ ୨ଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ଧୂଆଁଧାର ବ୍ୟାଟିଂକରି ଭାରତ ବିଜୟରେ ହିରୋ ସାଜିଥିବା ସଞ୍ଜୁ ସାମସନ ଓ ଅଭିଷେକ ଓପନିଂ ଯୋଡ଼ିରେ ୪୩ ବଲ୍‌ରୁ ୯୮ ରନର ଭାଗୀଦାରି ଗଢ଼ି ଦଳର ବଡ଼ ସ୍କୋରପାଇଁ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ପାୱାରପ୍ଲେ ୬ ଓଭରରେ ଭାରତ କୌଣସି ଉଇକେଟ ନ ହରାଇ ୯୨ ରନ ସଂଗ୍ରହ କରି ନେଇଥିଲା। ଯାହାକି ଟି୨୦ ବିଶ୍ୱକପରେ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଅସୁନ୍ଦର ସ୍ଥିତି**

# ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

**୩୧ରେ ବ୍ୟୟମଞ୍ଜୁରୀ ବିଲ୍**

**ଭୁବନେଶ୍ୱର,୮।୩ (ରବିନାରାୟଣ ଜେନା)**

ସପ୍ତଦଶ ବିଧାନସଭାର ଷଷ୍ଠ ତଥା ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏହି ସମୟରେ ବିଭିନ୍ନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ସହିତ ବ୍ୟୟମଞ୍ଜୁରୀ ବିଲ୍ ଆସିବ। ଏପ୍ରିଲ ୮ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଅଧିବେଶନ କାଳରେ ମାର୍ଚ୍ଚ ୩୧ରେ ୨୦୨୬-୨୭ ଆର୍ଥିକବର୍ଷ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଆସିବ ବୋଲି ବିଧାନସଭା ପକ୍ଷରୁ ଜଣାଯାଇଛି।

ତଥ୍ୟ ଅନୁଯାୟୀ, ସୋମବାର ବିଭିନ୍ନ ବିଭାଗର ବିଧାନସଭା ସ୍ଥାୟୀ କମିଟିର ରିପୋର୍ଟ ଗୃହରେ ଉପସ୍ଥାପିତ ହେବ। ୧୦ରୁ ଗୃହ ସରଗରମ ରହିବ। ୧୦ରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଖର୍ଚ୍ଚଦାବି ଆଲୋଚନା ହେବାକୁ ରହିଛି। ରାଜ୍ୟରେ ଚାଷୀଙ୍କ ଧାନ ମଣ୍ଡିରୁ ଉଠୁ ନ ଥିବାକୁ ନେଇ ବିରୋଧୀ ସରକାରଙ୍କୁ ଅକଳରେ ପକାଇବାକୁ ଅଣ୍ଟା ଭିଡ଼ିଛନ୍ତି। ଏହାପରେ ୧୧ରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତିର ଆଲୋଚନା ହେବ। ସେହିପରି ୧୨ରେ ଅନୁସୂଚିତ ଜାତି, ଜନଜାତି ଓ ସଂଖ୍ୟାଲଘୁ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଥିବାବେଳେ ୧୩ରେ ଶିଳ୍ପ ଏବଂ ଏମ୍‌ଏସ୍‌ଏମ୍‌ଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ।

ମାର୍ଚ୍ଚ ୧୪ ଏବଂ ୧୫ ତାରିଖ ସରକାରୀ ଛୁଟି ରହିଥିବାବେଳେ ୧୬ରେ ବିଦ୍ୟାଳୟ ଓ ଗଣଶିକ୍ଷା ଏବଂ ଉଚ୍ଚଶିକ୍ଷା ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଛି। ତେବେ ରାଜ୍ୟରେ ଏବେ ୪ଟି ରାଜ୍ୟ ସଭା ଆସନ ଲାଗି ଶାସକ-ବିରୋଧୀ ବିଧାୟକଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଉକ୍ତଦିନ ଏହି ଦୁଇ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ରହିଥିବାବେଳେ ରାଜ୍ୟ ସଭା ନିର୍ବାଚନ ରହିଛି। ସେହିପରି ୧୭ରେ ଇସ୍ପାତ ଓ ଖଣି ☞ପୃଷ୍ଠା-୨




# ଜଳବାୟୁ ପରିବର୍ତ୍ତନ: ମହିଳା ଅଧିକ ପ୍ରଭାବିତ

**ସହାୟତା ପାଇଁ ପାଣ୍ଠି ପର୍ଯ୍ୟାପ୍ତ ନୁହେଁ: ୟୁଏନ୍‌ଜିସିଏନ୍‌ଆଇ**

**ନୂଆଦିଲ୍ଲୀ,୮।୩(ପି.ଟି.)**

ଜଳବାୟୁ ପରିବର୍ତ୍ତନ ମହିଳାମାନଙ୍କ ଉପରେ ଗମ୍ଭୀର ପ୍ରଭାବ ପକାଉଛି। ପ୍ରଭାବିତ ମହିଳାମାନଙ୍କୁ ସହାୟତା ପାଇଁ ଯେଉଁ ପାଣ୍ଠି ବ୍ୟବସ୍ଥା କରାଯାଉଛି, ତାହା ଆବଶ୍ୟକତାର ଏକ ଛୋଟ ଭାଗ ବୋଲି ୟୁନାଇଟେଡ୍ ନେଶନ୍ସ ଗ୍ଲୋବାଲ କମ୍ପାକ୍ଟ ନେଟ୍‌ୱର୍କ ଇଣ୍ଡିଆ (ୟୁଏନ୍‌ଜିସିଏନ୍‌ଆଇ)ର ଅଧ୍ୟକ୍ଷ ବୈଶାଳୀ ନିଗମ ସିହ୍ନା ପିଟିଆଇକୁ ଏକ ସାକ୍ଷାତ୍‌କାର ଦେଇ କହିଛନ୍ତି।

ଜଳବାୟୁଜନିତ ବିପର୍ଯ୍ୟୟ ପରିଚାଳନା ଏବଂ ମହିଳାଙ୍କ ଜୀବନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଧାର୍ଯ୍ୟ ନିବେଶ ଜରିଆରେ ହ୍ରାସ କରାଇବାରେ ସେମାନଙ୍କ ଭୂମିକାକୁ ସ୍ୱୀକୃତି ଦେବାର ଆବଶ୍ୟକତା ଉପରେ ସିହ୍ନା ଗୁରୁତ୍ୱାରୋପ କରିଛନ୍ତି। ଜଳବାୟୁ ଜନିତ ବିପର୍ଯ୍ୟୟ ବେଳେ ମହିଳାମାନେ ଉଲ୍ଲେଖନୀୟ ଭାବେ ଅଧିକ ପ୍ରଭାବିତ ହୋଇଥାନ୍ତି। ଜଳବାୟୁଜନିତ ପ୍ରଭାବକୁ ପ୍ରଶମିତ କଲାବେଳେ ମହିଳାମାନଙ୍କୁ ସୁରକ୍ଷା ଓ ସହାୟତା ଦେବା ଗୁରୁତ୍ୱପୂର୍ଣ୍ଣ। ତେବେ ଏନେଇ ଯେତିକି ପୁଞ୍ଜି ଆସୁଛି, ତାହା ଆବଶ୍ୟକତାର ପ୍ରାୟ ୧୦ ପ୍ରତିଶତ ବୋଲି ସିହ୍ନା କହିଛନ୍ତି।



୨୦୨୫ର ଜାତିସଂଘ ମହିଳା ରିପୋର୍ଟରେ ସତର୍କ କରିଦିଆଯାଇଥିଲା ଯେ, ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ସ୍ଥିତିକୁ ବିଚାର କଲେ ୨୦୫୦ ସୁଦ୍ଧା ସାରା ବିଶ୍ୱରେ ୧୫୮.୩ ନିୟୁତ ଅଧିକ ମହିଳା ଓ ବାଳିକା ଅତ୍ୟନ୍ତ ଦାରିଦ୍ର୍ୟ ମଧ୍ୟରେ ରହିପାରନ୍ତି। ଗ୍ରାମାଞ୍ଚଳରେ କୃଷିକ୍ଷେତ୍ରରେ କାମ କରିବା କିମ୍ବା ଅନୁରୂପ କାର୍ଯ୍ୟରେ ନିୟୋଜିତ ଅଧିକାଂଶ ମହିଳାଙ୍କୁ ସ୍ୱୀକୃତି ଓ ପାରିଶ୍ରମିକ ମିଳି ନ ଥାଏ। ସେମାନେ ଅତ୍ୟଧିକ ରୌଦ୍ରଦାକରେ ପ୍ରତ୍ୟକ୍ଷଭାବେ ପ୍ରଭାବିତ ହୋଇଥାନ୍ତି। ବିଶେଷ କରି ରାଜସ୍ଥାନ ଓ ଗୁଜରାଟରେ ଏଭଳି ସମସ୍ୟାର ସମ୍ମୁଖୀନ ହେଉଥିବା ମହିଳାମାନଙ୍କ ମାନସିକ ସ୍ୱାସ୍ଥ୍ୟ, ଜୀବିକା ଓ ଜୀବନଧାରଣର ବିଭିନ୍ନ ଦିଗ ପ୍ରଭାବିତ ହୋଇଥାଏ। ତଳସ୍ତରରେ ମହିଳାମାନେ ସମ୍ମୁଖୀନ ହେଉଥିବା ବାସ୍ତବ ଚ୍ୟାଲେଞ୍ଜ ସମ୍ପର୍କରେ ୟୁଏନ୍‌ଜିସିଏନ୍‌ଆଇ ଅଧ୍ୟକ୍ଷ କହିଛନ୍ତି, ପୁନଃନବୀକରଣଯୋଗ୍ୟ ଶକ୍ତି କ୍ଷେତ୍ରରେ ମହିଳାମାନଙ୍କୁ କାର୍ଯ୍ୟସ୍ଥଳରେ କାମ କରିବାକୁ ପଡ଼ିଥାଏ, ଯେଉଁଠି ସ୍ୱାସ୍ଥ୍ୟସେବା ଓ ଉପଯୁକ୍ତ ପରିମଳ ସୁବିଧା ଜରୁରୀ। ଦିଲ୍ଲୀରେ ଏଭଳି ସୁବିଧା ଉପଲବ୍ଧ ହେଉଥିବାବେଳେ ଗ୍ରାମାଞ୍ଚଳରେ ତାହା ବହୁଦୂରରେ ବୋଲି ସିହ୍ନା କହିଛନ୍ତି। ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ପ୍ରମିଳା ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ ସମାରୋହ, ସ୍ଥାନ: ନେତାଜୀ କ୍ଲବ୍ ବଡ଼ଗଡ଼, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ମହୋତ୍ସବ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ ନଂ ୱାର୍ଡର ବଙ୍ଗୁଆରୀ ଗ୍ରାମର ଭଗବତ ବାସୁଦେବ ପୀଠସ୍ଥଳୀ, ସମୟ: ସନ୍ଧ୍ୟା ୭ଟା।
- ନାଟ୍ୟ ସଂସ୍ଥା ଅନନ୍ୟା ପକ୍ଷରୁ ନାଟକ ଉତ୍ସବ ଉପଲକ୍ଷେ ନାଟକ 'ସମ୍ପର୍କ' ପ୍ରଦର୍ଶନ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୧୫।
- ଦୋଳ ଯାତ୍ରା ଉପଲକ୍ଷେ ଫି ସେଲ ଅପେରା ପାର୍ଟିର ନାଟକ ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ନଂ ୱାର୍ଡ ଜୟପୁର ମେଳନ ପଡିଆ, ସମୟ: ରାତି ୧୧ଟା।

## କଟକ

- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କିଶନନଗର ତହସିଲ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଏସ୍ୟୁସିଆଇ(କମ୍ୟୁନିଷ୍ଟ) ପକ୍ଷରୁ ରନ୍ଧନ ଗ୍ୟାସ୍ ମୂଲ୍ୟ ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଶ୍ରୀରାଧାକୃଷ୍ଣ ପଞ୍ଚକୁଣ୍ଡୀୟ ମହାଯଜ୍ଞ, ସ୍ଥାନ: ଧୋବଗଡିଆ ମେଳନ ପଡିଆ, ସମୟ: ଦିବସ ବ୍ୟାପୀ।
- ଅନୁସୂଚିତ ଜାତି ଓ ଜନଜାତି ଜାଗରଣ ସମାବେଶ, ସ୍ଥାନ :ଜିଲାପାଳଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖ, ବାଲେଶ୍ୱର, ସମୟ :ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ :ବ୍ଲକ କାର୍ଯ୍ୟାଳୟ, ଜଳେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର, ସ୍ଥାନ : ବ୍ଲକ କାର୍ଯ୍ୟାଳୟ ପରିସର, ସିମୁଳିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାମ ନବମୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ : ଡାକବଙ୍ଗଳା ପରିସର, ବସ୍ତା, ସମୟ : ଅପରାହ୍ନ ୫ଟା।
- ବାଲେଶ୍ୱର ପ୍ରିମିୟର ଲିଗର ପଞ୍ଚମ ଦିବସ, ସ୍ଥାନ : ପରମିଟ ପଡିଆ, ବାଲେଶ୍ୱର, ସମୟ : ସନ୍ଧ୍ୟା ୬ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ୍ ସଭାଗୃହ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଟିଲୋ କପ୍‌ର ୪ର୍ଥ ଦିନର ପ୍ରଥମ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ହରମୋହନ ମହାପାତ୍ର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ଚନ୍ଦ୍ରଭାନୁପୁର ପଡ଼ିଆ, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର

- ମା' ସନ୍ତୋଷୀ ଦେବୀଙ୍କ ମନ୍ଦିର ପ୍ରତିଷ୍ଠା, ବିଗ୍ରହ ସ୍ଥାପନ, କଳସ ଶୋଭାଯାତ୍ରା, ଯଜ୍ଞ, ସ୍ଥାନ : ଡ଼ଅଁର, ହାଟଡିହୀ, ସମୟ: ପ୍ରାତଃ ୫ଟା।
- ନାଇଟ ମ୍ୟାଚ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଲିବରେଇ, ହାଟଡିହୀ, ସମୟ: ପୂର୍ବାହ୍ନ ୧୧ଟା।
- ଅଷ୍ଟମ ପ୍ରହର ନଗର ପରିକ୍ରମା ଏବଂ ନାମ ସଂକୀର୍ତ୍ତନ, ସ୍ଥାନ:ନୂଆଗାଁ, ହାଟଡିହୀ, ସମୟ: ଅପରାହ୍ନ ୩ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ,ସ୍ଥାନ: ଗଣେଶ ମଣ୍ଡପ, ବଡ଼ବିଲ,ସମୟ: ସନ୍ଧ୍ୟା ୬ଟା।

## ମୟୂରଭଞ୍ଜ

- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା,ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ରାଇରଙ୍ଗପୁର,ସମୟ: ପୂର୍ବାହ୍ନ ୧୦ଟା।

## ଗଞ୍ଜାମ

- ଗ୍ରାମ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକକଇଠଖଣ୍ଡି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ମୋଟାବାଡ଼ି ପଞ୍ଚାୟତ କାର୍ଯ୍ୟାଳୟ, ବୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ସିନର୍ଜି କଲେଜ ପରିସର, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ଏମ୍ଆର୍‌ସିସି ନାଇଟ ଚ୍ୟାଲେଞ୍ଜ କପ୍ ଦ୍ୱିତୀୟ ଦିବସରେ କ୍ରିକେଟ ମ୍ୟାଚ, ସ୍ଥାନ : ରାମେଶ୍ୱର ପାଟଣା କ୍ରିକେଟ ପଡିଆ, ଆଠମଲ୍ଲିକ, ସମୟ: ରାତି ୮ ଟା।

## ସମ୍ବଲପୁର

- ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦ୍ୱିତୀୟ ବାଇସନ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ: ଡେବ୍ରିଗଡ ଅଭୟାରଣ୍ୟ, ସମୟ : ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ରେଳବାଇ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ୬୯ତମ ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନ ପକ୍ଷରୁ ମିଳିତ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ : ବାମରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱ ନାଟ୍ୟ ଦିବସ ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ସ୍ତ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା।
- ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟ ଏବଂ ଭୁବନେଶ୍ୱର ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ରଙ୍ଗ ସଙ୍ଗମ -୨୦୨୬ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା।
- କଖଗ ନାଟ୍ୟାନୁଷ୍ଠାନ ପକ୍ଷରୁ ନାଟକ ଅନନ୍ୟ ମଞ୍ଚସ୍ଥ, ସ୍ଥାନ : ତପସ୍ୱିନୀ ପ୍ରେକ୍ଷାଳୟ, ସମୟ : ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଜିଲାପଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଲାଠିକଟା ବ୍ଲକ କାର୍ଯ୍ୟାଳୟ, ସମୟ: ୧୦ଟା୩୦ମିନିଟ।

## ବରଗଡ଼

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ:ସକାଳ ୮ଟା।
- ଜିଲାପାଳଙ୍କ ମିଳିତ ଜନ ଶୁଣାଣି, ସ୍ଥାନ: ପାଇକମାଳ ବ୍ଲକ ମିଟିଂ ହଲ, ସମୟ: ସକାଳ ୯ଟା।

## କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଧର୍ମଗଡ଼ ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାଇପାସ ରାସ୍ତା ନିର୍ମାଣ ଉପରେ ସଚେତନ ନାଗରିକ କମିଟିର ବୈଠକ,ସ୍ଥାନ: ଜୁନାଗଡ଼ ଟାଉନ ହଲ,ସମୟ: ଅପରାହ୍ନ ୪ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ ସଭାଗୃହ, ହରଭଙ୍ଗା (ଚାରିଛକ), ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳାର ଚତୁର୍ଥ ଦିବସ, ସ୍ଥାନ: କଚେରି ଖେଳ ପଡିଆ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଖାରକୁମୁଣ୍ଡା ସପ୍ତାହ ପାରାୟଣ ପାଇଁ କଳସ ଶୋଭାଯାତ୍ରା, ସ୍ଥାନ: ରଜାବନ୍ଧ,ବୀରମହାରାଜପୁର ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତରଭା ବ୍ଲକ ମରାଡୁଗୋଛା ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ନବାହ ପାରାୟଣ, ସୀତା ବିବାହ, ସ୍ଥାନ: ପାରାୟଣ ମଣ୍ଡପ, ଟାଙ୍ଗରସାହି, ବୀରମହାରାଜପୁର, ସମୟ: ପୂର୍ବାହ୍ନ ୧୧ଟା।

## ନୂଆପଡ଼ା

- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ସକାଳ ୭ଟା ୩୭।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମାରମ୍ଭ, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ସକାଳ ୮ଟା।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ପଞ୍ଚମ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୋମନା, ସମୟ: ପୂର୍ବାହ୍ନ ୧୦ଟା।
- ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କୋମନା ବ୍ଲକ ସମରସିଂ ପଞ୍ଚାୟତ ଭୁରଖାଢୋଡା ଗାଁ, ସମୟ: ଅପରାହ୍ନ ୩ଟା।
- ଷୋହଳ ପ୍ରହର ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ କଲୋନିପଡା, ସମୟ: ସନ୍ଧ୍ୟା ୭ଟା।

## ଝାରସୁଗୁଡ଼ା

- ରୁଦ୍ରାଭିଷେକ ପୂଜା, ସ୍ଥାନ: ସ୍ୱପ୍ନେଶ୍ୱର ମନ୍ଦିର, ଲୁହାବଗା, ଲଖନପୁର, ସମୟ: ସକାଳ ୯ଟା।
- ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ବ୍ଲକ୍ ଅଭିଯୋଗ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଦୈହିକ ସୁସ୍ଥତା ମନୋବଳ ବୃଦ୍ଧି ସହ କାର୍ଯ୍ୟଦକ୍ଷତାରୁ ପ୍ରଶଂସିତ ହେବେ। ମାଙ୍ଗଳିକ କାର୍ଯ୍ୟରେ ଯୋଗଦେବା ସକାଶେ ପଡୋଶୀଙ୍କ ସହଯାତ୍ରୀ ହୋଇପାରନ୍ତି। ସାଧାରଣ କଥାକୁ ନେଇ ଭାବାନ୍ତର ସୃଷ୍ଟି ହୋଇପାରେ। ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ବନ୍ଧୁସମ୍ପର୍କ ତଥା ପ୍ରତିଯୋଗିତାରେ ସଫଳତା ହାସଲ କରିପାରନ୍ତି।

**ବୃଷ** ଆର୍ଥିକ ଉନ୍ନତି, ଲୋକସମ୍ପର୍କ ବୃଦ୍ଧି, ଆନୁଷ୍ଠାନିକ କାମରେ ଦକ୍ଷତାଜନିତ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଦୁଃସାହସିକ କାମରେ ପ୍ରବେଶ କରି ଅନୁତାପ କରିବେ। ପରକଥାକୁ ବିଶ୍ୱାସ କରି ନିଜ ଲୋକଙ୍କୁ ସନ୍ଦେହ କରିପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନରୁ ଲାଗି ରହିଥିବା ବିବାଦୀୟ ଘଟଣା ପୂର୍ବପରି ଅମୀମାଂସିତ ରହିବ।

**ମିଥୁନ** ଆଜି ଦିନଟିରେ ଶିକ୍ଷା, ପରୀକ୍ଷା, ରଚନାତ୍ମକ କାର୍ଯ୍ୟ, କଳା, ସଙ୍ଗୀତାଦି କ୍ଷେତ୍ରରେ ସଫଳତା ହାସଲ କରିବେ। କୌଣସି ବନ୍ଧୁଙ୍କ ପ୍ରତିବାଦର ସ୍ୱର ଆପଣଙ୍କ କାମକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଅର୍ଥନୈତିକ ଅଭିବୃଦ୍ଧି ସହ ଗଣଯୋଗାଯୋଗ, ଗବେଷଣା, ଅନୁସନ୍ଧାନରେ ଲକ୍ଷ୍ୟହାସଲ କରିବେ।

**କର୍କଟ** ବିଭିନ୍ନ ପ୍ରତିବନ୍ଧକ କାରଣରୁ ମାନସିକ ସ୍ଥିତି ଭଲ ରହିବନାହିଁ। ବନ୍ଧୁଙ୍କ ପରାମର୍ଶ, ଆଲୋଚନାରେ ସମର୍ଥନ, ଆନୁଷ୍ଠାନିକ କାମରେ ସହଯୋଗ ଲାଭ କରି ଖୁସି ରହିବେ। ଦୀର୍ଘଦିନର ସମସ୍ୟାର ଅନ୍ତ ଘଟାଇ କର୍ମକ୍ଷେତ୍ରରେ ସ୍ଥିରତା ଫେରିଆସିବ। ପାରିବାରିକ, ପ୍ରକାଶନ, ଯାନବାହନ, ନିର୍ମାଣ ଓ ଯାତ୍ରାରେ ଲକ୍ଷ୍ୟପୂରଣ ହୋଇଯିବ।

**ସିଂହ** ଦୀର୍ଘଦିନାନ୍ତେ ଆରୋଗ୍ୟଲାଭ, ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଏବଂ କାର୍ଯ୍ୟସିଦ୍ଧିର ପ୍ରାକ୍ ସୂଚନା ପାଇ ଖୁସି ହେବେ। କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ଆନନ୍ଦ ଅନୁଭବ କରିବେ। ଘରୋଇ ସମସ୍ୟାର ସମାଧାନ ଦିଗରେ ବନ୍ଧୁଙ୍କ ସହଯୋଗ ଲୋଡ଼ିପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ନୂତନ ଗୃହାରମ୍ଭ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କନ୍ୟା** ଉପରିସ୍ଥଙ୍କ ଅନୁକମ୍ପାରୁ କାର୍ଯ୍ୟସିଦ୍ଧି, ଅର୍ଥଲାଭ,ବନ୍ଧୁଙ୍କ ସହାନୁଭୂତି ଓ ବିବାଦୀୟ ଘଟଣାର ସମାଧାନ ଘଟିବ। ଘରେ ସକାଳୁ ସକାଳୁ ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ସେଥିରେ ଅବଶ୍ୟ କୃତକାର୍ଯ୍ୟ ହୋଇପାରିବେ। କର୍ମକ୍ଷେତ୍ରରେ ଥିବା ସମୟରେ କୌଣସି ବ୍ୟକ୍ତିଙ୍କ ନିକଟରୁ କୌଣସି ବିସ୍ମୟଜନକ ଖବର ପାଇପାରନ୍ତି।

**ତୁଳା** ଆଜି ନୂତନ ବନ୍ଧୁ ସମ୍ପର୍କ ଓ ସ୍ଥଗିତ କର୍ମାରମ୍ଭ ଓ ଅର୍ଥନୈତିକ ସ୍ଥିତି ପାଇଁ ପରିସ୍ଥିତି ଅନୁକୂଳ ରହିବ। ଶିଳ୍ପ, ବାଣିଜ୍ୟ, ପରିବହନ, ପର୍ଯ୍ୟଟନାଦି କ୍ଷେତ୍ରରେ ଉଚ୍ଚ ଫଳପ୍ରାପ୍ତି ହେବ। ସାଙ୍ଗସାଥୀଙ୍କ ସହ ଭ୍ରମଣ ସକାଶେ ମନ ବଳାଇ ପାରନ୍ତି। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଅପପ୍ରଚାର ସମ୍ବନ୍ଧୀୟ ଶୁଣାକଥାକୁ ବିଶ୍ୱାସ କଲେ ଅପଦସ୍ଥ ହେବେ।

**ବିଛା** ଆଜିର ଗ୍ରହସ୍ଥିତି ପ୍ରତ୍ୟୁଷ ଯାତ୍ରା, ବନ୍ଧୁଙ୍କ ସହ ଆଲୋଚନା ପାଇଁ ସୁଯୋଗ ସୃଷ୍ଟି କରିବ। ଶୁଭଚିନ୍ତକଙ୍କ ଦ୍ୱାରା ଦ୍ରବ୍ୟଲାଭ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭକରିବେ। ଛୋଟ କଥାକୁ କେନ୍ଦ୍ରକରି ପାରିବାରିକ ଦୁଶ୍ଚିନ୍ତା ବୃଦ୍ଧି ପାଇବ। ଧର୍ମକାର୍ଯ୍ୟ ପାଇଁ ପ୍ରସ୍ତୁତି, ଯାନ୍ତ୍ରିକ ଜିନିଷ କ୍ରୟ କରିବା ସକାଶେ ମନ ବଳାଇ ପାରନ୍ତି।

**ଧନୁ** କର୍ମକ୍ଷେତ୍ରର ସ୍ଥଗିତ କାର୍ଯ୍ୟ, ସଭାସମିତି, ପ୍ରଶାସନିକ କାର୍ଯ୍ୟ, ସାମ୍ବାଦିକତା ଓ ଏଜେନ୍‌ଶିପ୍ ପାଇଁ ଆଜି କୌଣସି ଅସୁବିଧା ହେବନାହିଁ। ଶାରୀରିକ ଅବସ୍ଥାରେ ଉନ୍ନତି ଦେଖା ନ ଦେଲେ ମଧ୍ୟ ପରିସ୍ଥିତି ଶାନ୍ତ ରହିବ। ଲୋକପ୍ରିୟତା କାରଣରୁ ବିପକ୍ଷବ୍ୟକ୍ତି ଭ୍ରୂକୁଞ୍ଚନ କରିପାରନ୍ତି। ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିପାରନ୍ତି।

**ମକର** ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ମନ ବ୍ୟାକୁଳିତ ରହିବ। କାର୍ଯ୍ୟକ୍ଷେତ୍ରରେ ସଙ୍କଟଜନକ ପରିସ୍ଥିତି ମାନସିକ ଅସ୍ଥିରତାର କାରଣ ହୋଇପାରେ। ମନୋରଞ୍ଜନ ଜିନିଷ କ୍ରୟ ସକାଶେ ମନସ୍ଥ କରିବେ। ଧାତୁ ଅଳଙ୍କାର ସମ୍ବନ୍ଧୀୟ ଦ୍ରବ୍ୟଲାଭ ସାଙ୍ଗକୁ ନିର୍ମାଣ, ମାଲିମକଦ୍ଦମା, ଜମିଜମା କାରବାର ଧିମେଇ ରହିପାରେ।

**କୁମ୍ଭ** କର୍ମକ୍ଷେତ୍ରରେ ବିବାଦର ସମାଧାନ ସାଙ୍ଗକୁ ବନ୍ଧୁଙ୍କ ସହାନୁଭୂତି ସହ ସମର୍ଥନ ଲାଭ କରି ସ୍ଥଗିତ କାର୍ଯ୍ୟ କରିପାରନ୍ତି। ଉଚ୍ଚଶିକ୍ଷା ଓ ବିଦେଶ ଯାତ୍ରା କ୍ଷେତ୍ରରେ ବାଲ୍ୟବନ୍ଧୁ ମାର୍ଗଦର୍ଶକ ସାଜିବେ। ପ୍ରତିବନ୍ଧକ କାରଣରୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିଯିବ। ବୈଷୟିକ ଅଭିବୃଦ୍ଧି, ପାରିବାରିକ ଶାନ୍ତି, ଧର୍ମକାର୍ଯ୍ୟ କ୍ଷେତ୍ରରେ ସହାୟକ ହୋଇପାରିବ।

**ମୀନ** ଆପଣଙ୍କ ଚିନ୍ତାଧାରା ମନ୍ଦ ନ ହେଲେ ମଧ୍ୟ ପ୍ରକାଶଭଙ୍ଗୀର କଠୋରତା ବନ୍ଧୁଙ୍କ ଦୁଃଖର କାରଣ ହେବ। ବନ୍ଧୁଙ୍କ ସାହାଯ୍ୟ, ସହଯୋଗର ଆଶା ନୈରାଶ୍ୟଜନକ ନ ହେଲେ ମଧ୍ୟ ପୂର୍ଣ୍ଣମାତ୍ରାରେ ପାଇବା କଷ୍ଟକର ହେବ। ସୁସ୍ଥ ଦେଖାଗଲେ ମଧ୍ୟ ଅନ୍ତର୍ନିହିତ ରୋଗ ପ୍ରତି ସଜାଗ ନ ରହିଲେ ଅସୁବିଧାରେ ପଡିବେ।

ଆଜି ମାର୍ଚ୍ଚ ୯ ତାରିଖ, ରାଜ୍ୟଗୋଷ୍ଠୀ ଦିବସ, ଚୈତ୍ର କୃଷ୍ଣ ଷଷ୍ଠୀ ସୋମବାର। ରାଶିନକ୍ଷତ୍ର-ବିଶାଖା/ତୁଳା, ଦିବା ଘ ୦୯/୩୦ ମି. ଗତେ, ବିଛାଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ବିବାହ ପାଣିଗ୍ରହଣ, ଦିବା ଘ.୦୬।୦୩ ଗତେ, ଘ.୦୭।୩୨ ମଧ୍ୟେ, ଘ.୧୦।୪୬ ଗତେ, ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା। ସକାଳ ଘ.୦୭।୩୨ ଗତେ, ଘ.୦୯।୦୦ ମଧ୍ୟେ ରାହୁ କାଳ।

# ବାଙ୍କେଶ୍ୱରୀରେ ପିକ୍‌ଅପ୍ ଭ୍ୟାନ, ତପ୍ତପାଣି ଘାଟିରେ ଅଟୋ ଓଲଟି ୧୯ ଆହତ

## ଆହତଙ୍କ ମଧ୍ୟରୁ ୧୨ ବ୍ରହ୍ମପୁର ସ୍ଥାନାନ୍ତର

ଦିଗପହଣ୍ଡି,୮।୩(ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ଦିଗପହଣ୍ଡି ବାଙ୍କେଶ୍ୱରୀ ଘାଟି ରାସ୍ତାରେ ଓ ତପ୍ତପାଣି ଘାଟିରେ ରବିବାର ଏକ ପିକ୍‌ଅପ୍ ଭ୍ୟାନ ଓ ଅଟୋ ଓଲଟି ୧୯ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ୧୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସମସ୍ତ ଗୁରୁତରଙ୍କୁ ଦିଗପହଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଉଭୟ ଦୁର୍ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ କରିଛି।

ଖବରରୁ ଜଣାପଡିଛି, ଦିଗପହଣ୍ଡି ବ୍ଲକ ବି. ତୁରୁବୁଡ଼ି ପଞ୍ଚାୟତ ପିଲିକାଡ଼ିଅ ଗ୍ରାମ ନିକଟ କେରାଣ୍ଡି ମାଳ ପାହାଡ଼ ବାଙ୍କେଶ୍ୱରୀ ଘାଟି ରାସ୍ତାରେ ରବିବାର ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ ପିକ୍‌ଅପ୍ ଭ୍ୟାନ (ନଂ.ଓଆର୦୭ ଟି -୪୧୫୭) ରାସ୍ତାକଡ଼କୁ ଓଲଟି ପଡ଼ିଛି। ଫଳରେ ୧୨ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସେମାନେ ହେଲେ ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା ହରିଣା ଗ୍ରାମର ସୁବାସି ମହାକୁଡ, ଲକ୍ଷ୍ମୀ ମହାକୁଡ, ଶୁଭସ୍ମିତା ମହାକୁଡ଼, ସୁଦେଷ୍ଣା ଗୌଡ଼ ଏବଂ ଧର୍ମପୁର ଗ୍ରାମର କୁନି ଗୌଡ଼। ଖବରପାଇ ଦିଗପହଣ୍ଡି ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେଠାରୁ ୫ ଗୁରୁତରଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

ଧର୍ମପୁର ଗାଁର ଜଟିଆ ଗୌଡ଼ ତାଙ୍କ ପୁଅର ମୁଣ୍ଡନ ପୂଜା ପାଇଁ କେରାଣ୍ଡିମାଳ ପର୍ବତ ଶିଖରରେ ପୂଜା ପାଉଥିବା ମା' ବାଙ୍କେଶ୍ୱରୀଙ୍କ ପୀଠକୁ ପରିବାର ଧରି ଯାଇଥିଲେ। ସେଠାରେ ହେଉଥିବା ଭୋଜିରେ ଯୋଗଦେବାକୁ ଜଟିଆଙ୍କ ୧୨ ଜଣ ବନ୍ଧୁବାନ୍ଧବ ପିକ୍‌ଅପ୍ ଭ୍ୟାନ୍‌ରେ ଯାଉଥିଲେ। ବାଙ୍କେଶ୍ୱରୀ ଘାଟି ରାସ୍ତାରେ ଚାଳକ ନିୟନ୍ତ୍ରଣ ହରାଇବାରୁ ଭ୍ୟାନଟି ରାସ୍ତାକଡ଼କୁ ଓଲଟି ପଡ଼ିଥିଲା। ତେବେ ଚାଳକ ଭ୍ୟାନରୁ ଡେଇଁ ପଡ଼ିବାରୁ ସେ ଆହତ ହୋଇନାହାନ୍ତି।

ସେହିପରି ଗଞ୍ଜାମ-ଗଜପତି ସୀମାନ୍ତ ତପ୍ତପାଣି ଘାଟିରେ ରବିବାର ମଧ୍ୟାହ୍ନ ସାଢ଼େ ୧୨ଟାରେ ଏକ ଯାତ୍ରୀବାହୀ ଅଟୋ ଓଲଟି ପଡ଼ିଛି। ଫଳରେ ୭ ଜଣ ଗୁରୁତର ଆହତ ହୋଇଛନ୍ତି। ସମସ୍ତଙ୍କୁ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ପୋଲିସ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଗୁରୁତରମାନେ ହେଲେ ଗଞ୍ଜାମ ଜିଲା ଧରାକୋଟ ବ୍ଲକ ସାବା ପଞ୍ଚାୟତ ଅର୍ଜୁନ ପଲ୍ଲୀ ଗାଁର ରୀନା ଦଳାଇ, ହରିଶ୍ଚନ୍ଦ୍ର ଦଳାଇ, କୁନି ଦଳାଇ,ଜେମା ଦଳାଇ, କୁନି ନାୟକ,ରାହୁଲ ନାୟକ ଏବଂ ମାଣିକପୁର ଗ୍ରାମର ବଳରାମ ଛାଟୋଇ। ସାନଖେମୁଣ୍ଡି ବ୍ଲକ ଟି.ଗୋବିନ୍ଦପୁର ପଞ୍ଚାୟତ ବେଲଗଡ ଗାଁକୁ ଅଟୋ ଯୋଗେ ଭୋଜି ଖାଇବାକୁ ଯାଉଥିବା ବେଳେ ଅଟୋଟି ଯାନ୍ତ୍ରିକ ତ୍ରୁଟି ଦେଖାଦେଇ ଘାଟି ଉଠିପାରି ନ ଥିଲା। ପରେ ବ୍ରେକଫେଲ ହୋଇ ଘାଟି ରାସ୍ତାର ତଳକୁ ତଳକୁ ଗଡ଼ିଯାଇ ଓଲଟି ପଡିଥିଲା। ପୋଲିସ ଦୁର୍ଘଟଣାଗ୍ରସ୍ତ ଅଟୋକୁ ଜବତ କରିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅରଜିଲା ଧନ ପରକୁ ଦେଇ
ଗରଜି ମରୁଛୁ ଯାହା
ଦରଜ ନ ମେଣ୍ଟି ହଇରାଣ ହେଲୁ
ଦରଜ ହେଲାଣି ବାହା ।**

ଟଙ୍କା ଯାଏ ସିଧା ଆସେ ବଙ୍କା। ଟଙ୍କା ପଇସା ଅନ୍ୟକୁ ଉଧାର ଦେଲେ ତାହା ଠିକ୍ ସମୟରେ ଫେରି ପାଇବାର କୌଣସି ନିଶ୍ଚିତତା ନ ଥାଏ। ନେବା ଲୋକ ଆଜି ଦେବା କାଲି ଦେବା କହି ଦିନ ଗଡ଼ାଇ ଚାଲୁଥିବାବେଳେ ତାଙ୍କ ପଛରେ ଗୋଡ଼େଇ ଗୋଡ଼େଇ ନିରାଶା ଭୋଗିବା ସାର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅପରାଜିତା
ଭଲ କଥା କିଆଁ ଲାଗିଲା ପିତା।**

ଭଲ ବା ଉଚିତ କଥା କେତେକଙ୍କୁ ଆଦୌ ଠିକ୍ ଲାଗି ନ ଥାଏ। କଥାଟା ଯେତେ ସଠିକ୍ ବା ନ୍ୟାୟସଙ୍ଗତ ହୋଇଥିଲେ ମଧ୍ୟ ଲୋକେ ତାହାକୁ ସହଜରେ ଗ୍ରହଣ କରି ନ ପାରି ମୁହଁ ଖଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଅବଶିଷ୍ଟାଂଶ

### ଇରାନ୍ ରାଷ୍ଟ୍ରପତି...

ଇତିମଧ୍ୟରେ ଇରାନ୍‌ର ସୁରକ୍ଷା ମୁଖ୍ୟ ତଥା ଆଇଆର୍‌ଜିସିର ପୂର୍ବତନ କମାଣ୍ଡର ଅଲୀ ଲାରିଜାନି ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହତ୍ୟା ଧମକ ଦେଇଛନ୍ତି। ସୁପ୍ରିମ ଲିଡରଙ୍କୁ ହତ୍ୟାର ପ୍ରତିଶୋଧ ନିଆଯିବ। ଇରାନ୍ ଟ୍ରମ୍ପଙ୍କୁ ଏକୁଟିଆ ଛାଡ଼ିଦେବ ନାହିଁ। ତାଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ଲାରିଜାନି ଧମକ ଦେଇଛନ୍ତି। ଏତିକି ନୁହେଁ, ପଡ଼ୋଶୀ ଦେଶଗୁଡ଼ିକ ନିଜ ଭୂଖଣ୍ଡକୁ ଇରାନ୍ ବିରୋଧୀ ଯୁଦ୍ଧ ପାଇଁ ବ୍ୟବହାର କରିବାକୁ ଆମେରିକାକୁ ବାରଣ କରନ୍ତୁ। ଅନ୍ୟଥା ଇରାନ୍ ଯେଉଁ ସାମରିକ କାର୍ଯ୍ୟାନୁଷ୍ଠାନ ନେବ, ତାକୁ ସାମ୍ନା କରିବାକୁ ପ୍ରସ୍ତୁତ ରୁହନ୍ତୁ ବୋଲି ଖାମେନେଇଙ୍କ ଘନିଷ୍ଠ ସହଯୋଗୀ ଲାରିଜାନି Xରେ ଚେତାବନୀ ଦେଇଛନ୍ତି। ଆମେରିକା ଓ ଇସ୍ରାଏଲ୍ ଇସ୍‌ଲାମିକ୍ ରିପବ୍ଲିକ୍‌କୁ ବିଭାଜିତ କରି ସମ୍ପୃକ୍ତ ଅଞ୍ଚଳରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ୟମ ଚଳାଇଛନ୍ତି। ଇରାନ୍ ଭେନେଜୁଏଲା ନୁହେଁ ଯେ ଏଠି ୱାଶିଂଟନ୍ ଯାହା ପାରିବ ତାହା କରିବ ବୋଲି ଏକ ଟିଭି ଚ୍ୟାନେଲକୁ ସାକ୍ଷାତ୍କାର ଦେଇ ଲାରିଜାନି କହିଛନ୍ତି। ଅନ୍ୟପକ୍ଷେ ଟ୍ରମ୍ପ୍ ଏଭଳି ଧମକକୁ ବେଖାତିର କରି କହିଛନ୍ତି, ଲାରିଜାନି କିଏ, ସେ ତାଙ୍କୁ ଜାଣନ୍ତି ନାହିଁ। ଇରାନ୍ ନିଃସର୍ତ୍ତ ଆତ୍ମସମର୍ପଣ ନ କରିବା ଯାଏ ତେହେରାନ୍ ସହ କୌଣସି ଡିଲ୍ ହେବ ନାହିଁ ବୋଲି ଟ୍ରମ୍ପ୍ ପୁଣି ଦୋହରାଇଛନ୍ତି।

ଇରାନ୍ ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ ଆରାଘଚିଙ୍କ କାର୍ଯ୍ୟକଳାପକୁ ଦେଖିଲେ ସେ ମଧ୍ୟ ଉତ୍ତେଜନା ହ୍ରାସ ପରିବର୍ତ୍ତେ ଯୁଦ୍ଧ ଜାରି ରଖିବା ଦିଗରେ ଅଧିକ ଆଗ୍ରହୀ ଥିବା ଭଳି ମନେହେଉଛି। ଆରାଘଚି ମଧ୍ୟ ରାଷ୍ଟ୍ରପତିଙ୍କ କ୍ଷମା ପ୍ରାର୍ଥନାକୁ ନାପସନ୍ଦ କରିଛନ୍ତି। ଏଭଳି ସ୍ଥିତିରେ ଆରାଘଚି କ୍ଷମା ମାଗିବା ଟ୍ରମ୍ପଙ୍କ 'ସମ୍ପୂର୍ଣ୍ଣ ଆତ୍ମସମର୍ପଣ' ଦାବିକୁ ତ ପୂରଣ କରୁନାହିଁ, ଇରାନ୍‌ରେ ଆଭ୍ୟନ୍ତରୀଣ ମତଭେଦ ଓ ଫାଟକୁ ଆହୁରି ପଦାରେ ପକାଇଦେଇଛି। କଠୋରପନ୍ଥୀ ବିଦ୍ୱାନ୍ ତଥା ସାଂସଦ ହମିଦ୍ ରସାଇ ସୋସିଆଲ ମିଡିଆରେ ରାଷ୍ଟ୍ରପତିଙ୍କୁ ସମ୍ବୋଧିତ କରି କହିଛନ୍ତି, ଆପଣଙ୍କ ଆଭିମୁଖ୍ୟ ଦୁର୍ଭାଗ୍ୟଜନକ, ଦୁର୍ବଳ ଓ ଅଗ୍ରହଣୀୟ।

ଆଭ୍ୟନ୍ତରୀଣ କନ୍ଦଳ ଆହୁରି ଦର୍ଶାଉଛି ଯେ, ଇରାନ୍ ଭଳି ଇସ୍‌ଲାମୀୟ ଦେଶରେ ଜଣେ ବ୍ୟକ୍ତି ଯେତେ ଶକ୍ତିଶାଳୀ ହୁଅନ୍ତୁ ନା କାହିଁକି ଯୁଦ୍ଧବେଳେ ତାଙ୍କ କ୍ଷମତା ସଙ୍କୁଚିତ ହୋଇଯାଇଥାଏ ଏବଂ ସେନା ହାତରେ ହିଁ ସବୁ ଶକ୍ତି କେନ୍ଦ୍ରୀଭୂତ ହୋଇଥାଏ। ତେଣୁ ଆଇଆର୍‌ଜିସି ଏବଂ ଅନ୍ୟ କଠୋରପନ୍ଥୀ ନେତାମାନେ ବର୍ତ୍ତମାନ ମୋଜତବା ଅଲୀ ଖାମେନେଇଙ୍କୁ ନୂଆ ସୁପ୍ରିମ ଲିଡର କରିବାକୁ ଚାହୁଁଛନ୍ତି। ତେବେ ମତଭେଦ ଯୋଗୁ ୮୮ ଜଣିଆ ବିଶେଷଜ୍ଞ ପରିଷଦରେ ନୂଆ ନେତା ଚୟନ ନେଇ ସହମତି ପ୍ରକାଶ ପାଇପାରୁ ନାହିଁ। ଟ୍ରମ୍ପ୍ ମଧ୍ୟ ପୂର୍ବରୁ ମୋଜତବାଙ୍କ ସମ୍ଭାବ୍ୟ ନିଯୁକ୍ତିକୁ ଅଗ୍ରାହ୍ୟ କରିସାରିଛନ୍ତି। ୱାଶିଂଟନ୍ ଇରାନ୍‌ରେ ନୂଆ ନେତାଙ୍କୁ ଅବସ୍ଥାପିତ କରିବ, ଯିଏକି ଦେଶକୁ ବିକାଶ ଦିଗରେ ଅଗ୍ରସର କରାଇବେ ବୋଲି ଟ୍ରମ୍ପ୍ କହିସାରିଛନ୍ତି। ଏହି ଦୃଷ୍ଟିରୁ ମୋଜତବାଙ୍କ ବ୍ୟତୀତ ଅନ୍ୟ କାହାକୁ (ସମ୍ଭବତଃ ଜଣେ ନରମପନ୍ଥୀ ବା ସାଧାରଣ ଭାବମୂର୍ତ୍ତିର ବ୍ୟକ୍ତିଙ୍କୁ) ସୁପ୍ରିମ ଲିଡର ନିଯୁକ୍ତ କରାଗଲେ ଯୁଦ୍ଧର ରଣନୀତିରେ ପରିବର୍ତ୍ତନ ଆସିପାରେ ବୋଲି ମନେକରାଯାଉଛି।

### ଆଜିଠୁ ଦ୍ୱିତୀୟ ପର୍ଯ୍ୟାୟ ..

ଏବଂ ପରିବହନ, ୧୮ରେ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବାକୁ ରହିଥିବାବେଳେ ୧୯ରେ ଜଳସମ୍ପଦ, ୨୦ରେ ନିର୍ମାଣ, ୨୩ରେ କୃଷି ଓ କୃଷକ ସଶକ୍ତୀକରଣ ଏବଂ ସମବାୟ, ୨୪ରେ ରାଜସ୍ୱ ଓ ଶ୍ରମ, ୨୫ରେ ଗୃହ ଓ ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ, ୨୬ରେ ଗୃହ ନିର୍ମାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ହେବ। ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସରକାରୀ ଛୁଟି ରହିଥିବାବେଳେ ୩୦ରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଏବଂ ୩୧ରେ ଆସନ୍ତା ଆର୍ଥିକବର୍ଷ ଲାଗି ବ୍ୟୟ ମଞ୍ଜୁରୀ ବିଲ୍ ଗୃହରେ ଆସିବ।

### ଜଳବାୟୁ ପରିବର୍ତ୍ତନ: ...

ଏକ କାର୍ଯ୍ୟକ୍ରମ ପାଇଁ ବ୍ୟବସ୍ଥାଗତ ଆଭିମୁଖ୍ୟ ଏବଂ ପ୍ରକଳ୍ପ କାର୍ଯ୍ୟକାରିତା ଯୋଜନା ଆବଶ୍ୟକ। ଯାହା ହୋଇଛି, ତାହାକୁ ଯଦି ମାପ କରାଯାଇ ନ ପାରେ, ତେବେ ହୋଇନାହିଁ ବୋଲି କୁହାଯିବ। ତେଣୁ କାର୍ଯ୍ୟକାରିତା ପାଇଁ ଯୋଜନା ଏବଂ ସମୟ ଧାର୍ଯ୍ୟ କରିବା ଜରୁରୀ ବୋଲି ସିହ୍ନା କହିଛନ୍ତି।

୨୦୧୫ରେ ଜାତିସଂଘ ଆଣିଥିବା ସ୍ଥାୟୀ ବିକାଶ ଲକ୍ଷ୍ୟ ୫ରେ ୨୦୩୦ ସୁଦ୍ଧା ବିଶ୍ୱବ୍ୟାପୀ ଲିଙ୍ଗଗତ ସମାନତା ଏବଂ ମହିଳା ଓ ବାଳିକାମାନଙ୍କୁ ସଶକ୍ତ ସୁନିଶ୍ଚିତ କରିବା ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ଲିଙ୍ଗଗତ ସମାନତା କେବଳ ଏକ ମୌଳିକ ମାନବାଧିକାର ନୁହେଁ, ବରଂ ଶାନ୍ତିପୂର୍ଣ୍ଣ, ସମୃଦ୍ଧ ଓ ସ୍ଥିର ବିଶ୍ୱପାଇଁ ଜରୁରୀ। ଆମେ ଏବେ ୨୦୨୬ରେ ପହଞ୍ଚିଲେଣି। ଦାରିଦ୍ୟ ଓ ନିରକ୍ଷରତା ରହିଥିବା ଭାରତ ଭଳି ଦେଶରେ ଅଧିକ ଝିଅଙ୍କୁ ଶିକ୍ଷିତ କରିବା ଏବଂ ବିଭିନ୍ନ କ୍ଷେତ୍ରରେ ସୁଯୋଗ ଦେବା ପାଇଁ ଏଆଇର ବ୍ୟବହାର କରାଯାଇପାରିବ ବୋଲି ସିହ୍ନା ବିଶ୍ୱାସ କରୁଥିବା କହିଛନ୍ତି। ତେବେ ଏହାର ନକାରାତ୍ମକ ପ୍ରଭାବ ଯେପରି ନ ପଡ଼େ ତାହା ସୁନିଶ୍ଚିତ କରିବାକୁ ହେବ।

### ଭାରତ ବିଶ୍ୱ ବିଜୟୀ...

ଯୁଗ୍ମ ସର୍ବାଧିକ ସ୍କୋର। ପୂର୍ବରୁ ୨୦୨୪ରେ ବ୍ରିଜ୍‌ଟାଉନ୍‌ଠାରେ ଆଫଗାନିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ ୧ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଏଠାରେ ୨୧ ବଲ୍‌ରୁ ୫୨ (୬ ଚୌକା, ୩ ଛକା) ରନକରି ଅଭିଷେକ ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ୮ମ ଓଭରର ପ୍ରଥମ ବଲ୍‌ରେ ଅଭିଷେକଙ୍କୁ ଆଉଟ କରି ନ୍ୟୁଜିଲାଣ୍ଡକୁ ରାଚିନ ରବୀନ୍ଦ୍ର ଯଦିଓ ବ୍ରେକ୍‌ଥ୍ରୁ ଦେଇଥିଲେ ତେବେ ସାମସନ ଓ ଇଶାନ କିଶନ ଦ୍ୱିତୀୟ ଉଇକେଟରେ ଶତକୀୟ ଭାଗୀଦାରି ଗଢ଼ି ଦଳକୁ ବୃହତ୍ ସ୍କୋର ଆଡ଼କୁ ନେଇ ଯାଇଥିଲେ।

ଦୁହେଁ ମାତ୍ର ୪୮ ବଲ୍‌ରୁ ୧୦୫ ରନ ସଂଗ୍ରହ କରିଥିଲେ। କ୍ରମାଗତ ତୃତୀୟ ମ୍ୟାଚରେ ଶତକ ହାସଲରୁ ବଞ୍ଚିତ ହୋଇଥିବା ସାମସନ ୪୬ ବଲ୍‌ରୁ ୫ ଚୌକା ଓ ୮ ଛକା ସହାୟତାରେ ୮୯ ରନ କରି ପ୍ୟାଭିଲିୟନ ଫେରିଥିଲେ। କିଶନ ଖେଳିଥିଲେ ଦ୍ରୁତ ଅର୍ଦ୍ଧଶତକୀୟ ଇନିଂସ। ସେ ମାତ୍ର ୨୫ ବଲ୍‌ରୁ ୫୪ (୪ ଚୌକା, ୪ ଛକା) ରନ କରିଥିଲେ। ମିଡିଲ ଅର୍ଡରରେ ହାର୍ଦ୍ଦିକ ପାଣ୍ଡ୍ୟା (୧୮) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ (୦) ଯଦିଓ ଫେଲ୍ ମାରିଥିଲେ ତେବେ ଶେଷ ଭାଗରେ ଶିବମ୍ ଦୁବେ ମାତ୍ର ୮ ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୨୬ ରନରେ ଅପରାଜିତ ରହିବାରୁ ଭାରତ ସ୍କୋର ୨୫୦ ଅତିକ୍ରମ କରି ଯାଇଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଜେମ୍ସ ନିଶାମ ୩ଟି ଏବଂ ମ୍ୟାଟ ହେନରି ଓ ରାଚିନ ରବୀନ୍ଦ୍ର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଧରିତ୍ରୀ DHARITRI
ଧରିତ୍ରୀ 52 Years





ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ପୁରୀଠାରେ ଆୟୋଜିତ ସୁଭଦ୍ରାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସହ ବିଧାୟକ ଓ ଅଧିକାରୀମାନେ ବାଲ୍ୟ ବିବାହ ନିବାରଣ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

# ‘ମହିଳାଙ୍କ ଆତ୍ମବିଶ୍ୱାସ, ପରିଶ୍ରମ ଓଡ଼ିଶାକୁ ସଶକ୍ତ କରିବ’

## ସୁଭଦ୍ରାର ଚତୁର୍ଥ କିସ୍ତି ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ

### ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କ ଆକାଉଣ୍ଟକୁ ଗଲା ୫,୧୦୬ କୋଟି

ଭୁବନେଶ୍ୱର/ପୁରୀ, ୮।୩ (ସୁଚିସ୍ମିତା ସାହୁ/ ଅଜିତ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସରେ ରବିବାର ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କରାଯାଇଛି। ମୋଟ ୧କୋଟି ୨ଲକ୍ଷ ୧୨ହଜାର ୬୬୫ ଜଣ ସୁଭଦ୍ରା ହିତାଧିକାରୀ ୫୧୦୬ କୋଟି ୩୩ ଲକ୍ଷ ୨୫ ହଜାର ଟଙ୍କାର ସହାୟତା ରାଶି ପାଇଛନ୍ତି। ଏଥିରେ ପୁରୀ ଜିଲାର ୪ ଲକ୍ଷ ୨୦ହଜାର ୮୫୪ ଜଣ ହିତାଧିକାରୀ ରହିଛନ୍ତି। ରବିବାର ପୁରୀ ତାଳବଣିଆଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଚତୁର୍ଥ କିସ୍ତିର ଶୁଭାରମ୍ଭ କରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯାଇଛି।

ସୁଭଦ୍ରା ଭଉଣୀମାନଙ୍କୁ ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଲେ, ମାତ୍ର ଦେଢ଼ ବର୍ଷ ଭିତରେ ମା’ମାନଙ୍କ ପାଇଁ ସୁଭଦ୍ରା ଯୋଜନା ଏକ ଅଭୂତପୂର୍ବ ପରିବର୍ତ୍ତନର ବାର୍ତ୍ତାବହ ହୋଇପାରିଛି। ରାଜ୍ୟର ମହିଳାଙ୍କୁ ଆର୍ଥିକ ସ୍ୱାଧୀନତା ପ୍ରଦାନ କରି ସଶକ୍ତ କରିବା ସହ ସ୍ୱତନ୍ତ୍ର ପରିଚୟ ଦେଇଛି। ଏଥିସହିତ ସେମାନଙ୍କ ଆତ୍ମବିଶ୍ୱାସ ଓ ଆତ୍ମନିର୍ଭରତାର ସ୍ରୋତ ହୋଇପାରିଛି। ଅନୁଗୋଳ, ବଲାଙ୍ଗୀର, ବରଗଡ଼, ଭଦ୍ରକ ଓ କଟକ ଭଳି ଅନେକ ଜିଲାର ମହିଳାମାନେ ଏହି ସହାୟତା ରାଶିରେ ଛତୁ ଚାଷ, କୁକୁଡ଼ା ପାଳନ, ବାଉଁଶ ଆଦି ଛୋଟ ବ୍ୟବସାୟ ଆରମ୍ଭ କରିଛନ୍ତି। ଆଇଆଇଏମ୍ ସମ୍ବଲପୁରର ସର୍ଭେ ରିପୋର୍ଟ ଅନୁଯାୟୀ ୨୫.୫୨% ହିତାଧିକାରୀ ସୁଭଦ୍ରା ସହାୟତାରେ ବ୍ୟବସାୟ ଆରମ୍ଭ କରିଥିବା ବେଳେ ୩୫.୭ % ମହିଳା ଘରୋଇ ଆବଶ୍ୟକତା ପୂରଣରେ ବ୍ୟବହାର କରିଛନ୍ତି। ଏଥିସହ ଅନେକ ମହିଳା ଋଣ ପରିଶୋଧ, ସଞ୍ଚୟ ଓ ଦକ୍ଷତା ବୃଦ୍ଧିରେ ଏହି ଅର୍ଥ ବ୍ୟବହାର କରି ପରିବାର ମଧ୍ୟରେ ସ୍ୱୀକୃତି ଓ ସମ୍ମାନ ହାସଲ କରିଛନ୍ତି। ବର୍ତ୍ତମାନ ରାଜ୍ୟରେ ପ୍ରାୟ ୧୭ ଲକ୍ଷ ‘ଲକ୍ଷପତି ଦିଦି’ ସୃଷ୍ଟି ହୋଇଥିବା ବେଳେ ୨୦୪୭ ସୁଦ୍ଧା ୬୦ ଲକ୍ଷ ‘ଲକ୍ଷପତି ଦିଦି’ ଓ ୧୦ ଲକ୍ଷ ‘ମିଲେନିୟର ଦିଦି’ ସୃଷ୍ଟି ପାଇଁ ଲକ୍ଷ୍ୟ ରହିଛି। ମହିଳାଙ୍କ ଆତ୍ମବିଶ୍ୱାସ ଓ ପରିଶ୍ରମ ଦ୍ୱାରା ଏକ ସଶକ୍ତ, ସମୃଦ୍ଧ ଓଡ଼ିଶା ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ଶନିବାର ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କରାଯାଇଥିବା ଅସମ୍ମାନ ଘଟଣାକୁ ମୁଖ୍ୟମନ୍ତ୍ରୀ ଦୃଢ଼ ନିନ୍ଦା କରିବା ସହିତ ଏଭଳି ଅନାଦର କେବଳ ରାଷ୍ଟ୍ରପତିଙ୍କୁ ନୁହେଁ, ସାରା ଦେଶ ଓ ସାରା ନାରୀ ସମାଜ ପ୍ରତି ଅସମ୍ମାନ ବୋଲି କହିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସୁଭଦ୍ରା ସମୀକ୍ଷା ରିପୋର୍ଟ, ମହିଳା ଓ ଶିଶୁ ବିକାଶ ବିଭାଗର ଏକ କଫି ଟେବୁଲ ବୁକ୍ ଓ ବାଲ୍ୟ ବିବାହ ନିବାରଣ ପୁସ୍ତିକା ଉନ୍ମୋଚନ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ବୋଧନ ଦେଉଛନ୍ତି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମହିଳାମାନଙ୍କୁ ଶୁଭେଚ୍ଛା ଜଣାଇ କହିଲେ, ଭାରତବର୍ଷ ମହିଳାଙ୍କ ପାଇଁ ଯାହା ଭାବୁଛି ମା’ ସୁଭଦ୍ରାଙ୍କ ଆଶୀର୍ବାଦରୁ ଓଡ଼ିଶାରେ ମହିଳାମାନେ ତା’ଠାରୁ ☞ପୃଷ୍ଠା-୯

# ପଶ୍ଚିମବଙ୍ଗ ସରକାରଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ରିପୋର୍ଟ ତଲବ

## ରାଷ୍ଟ୍ରପତିଙ୍କ ପ୍ରୋଟୋକଲ୍ ଉଲ୍ଲଂଘନ ଘଟଣା

ନୂଆଦିଲ୍ଲୀ, ୮।୩

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପଶ୍ଚିମବଙ୍ଗ ଗସ୍ତ ବେଳେ ପ୍ରୋଟୋକଲ୍ ଉଲ୍ଲଂଘନ ଘଟଣାକୁ ନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ପଶ୍ଚିମବଙ୍ଗ ସରକାରଙ୍କୁ ରିପୋର୍ଟ ତଲବ କରାଯାଇଛି। ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ କେଉଁ କେଉଁ ଦିଗରେ ନୀତି ନିୟମ ପାଳନ କରାଯାଇ ନ ଥିଲା ଏବଂ ତାଙ୍କ ଗନ୍ତବ୍ୟସ୍ଥଳ ଓ ରୁଟ୍ ପରିଚାଳନାକୁ ନେଇ କିଭଳି ପ୍ରୋଟୋକଲ୍ ନିୟମ ଉଲ୍ଲଂଘନ ହୋଇଛି, ତାହାର ବିସ୍ତୃତ ରିପୋର୍ଟ ଦେବାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସଚିବ ଗୋପାଳ ମୋହନ ପଶ୍ଚିମବଙ୍ଗ ମୁଖ୍ୟ ସଚିବ ନନ୍ଦିନୀ ଚକ୍ରବର୍ତ୍ତୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସାଧାରଣତଃ ରାଷ୍ଟ୍ରପତି, ଉପ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ସେମାନଙ୍କ ସୁରକ୍ଷା ଓ ପ୍ରୋଟୋକଲ୍‌କୁ ନେଇ ‘ବ୍ଲୁ ବୁକ୍’ ନାମରେ ଏକ ଗୋପନୀୟ ଦସ୍ତାବିଜ୍ ପ୍ରସ୍ତୁତ କରାଯାଇଥାଏ। ରାଷ୍ଟ୍ରପତିଙ୍କ ପଶ୍ଚିମବଙ୍ଗ ଗସ୍ତ ସମୟରେ ଏହି ‘ବ୍ଲୁ ବୁକ୍’ ନିୟମକୁ କିଭଳି ଉଲ୍ଲଂଘନ କରାଯାଇଛି ସେ ସମ୍ପର୍କରେ ରବିବାର ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଖବର ଲେଖାଯିବା ବେଳକୁ ପଶ୍ଚିମବଙ୍ଗ ସରକାରଙ୍କ ପକ୍ଷରୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ କୌଣସି ଉତ୍ତର ଦିଆଯାଇ ନ ଥିବା ସୂଚନା ମିଳିଛି।

ଉଲ୍ଲେଖଯୋଗ୍ୟ, ଉତ୍ତର ପଶ୍ଚିମବଙ୍ଗ ଶିଲିଗୁଡ଼ି ନିକଟସ୍ଥ ଗୋସେଇପୁରରେ ଶନିବାର ଆୟୋଜିତ ସାନ୍ତାଳ ସମାଜର ଅନ୍ତର୍ଜାତୀୟ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯାଇଥିଲାବେଳେ ସେଠାରେ ତାଙ୍କୁ ସ୍ୱାଗତ କରିବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କିମ୍ବା ତାଙ୍କର କୌଣସି ମନ୍ତ୍ରୀ ଉପସ୍ଥିତ ନ ଥିଲେ। ପ୍ରୋଟୋକଲ୍ ଅନୁସାରେ ରାଷ୍ଟ୍ରପତିଙ୍କୁ ସ୍ୱାଗତ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କ ଅନୁପସ୍ଥିତିରେ ରାଜ୍ୟ ମୁଖ୍ୟ ସଚିବ କିମ୍ବା ପୋଲିସ୍ ମହାନିର୍ଦ୍ଦେଶକ ଉପସ୍ଥିତ ରହିବା କଥା। କିନ୍ତୁ ରାଷ୍ଟ୍ରପତିଙ୍କୁ ଶିଲିଗୁଡ଼ି ମେୟର ସ୍ୱାଗତ କରିଥିଲେ। ସେହିପରି ସମ୍ମିଳନୀ ସ୍ଥଳ ପ୍ରଥମେ ଶିଲିଗୁଡ଼ିର ବିଧାନନଗରରେ କରିବାକୁ ନିଷ୍ପତ୍ତି ହୋଇଥିଲା ବେଳେ ଶେଷ ମୁହୂର୍ତ୍ତରେ ଏହାକୁ ଗୋସେଇପୁରକୁ ସ୍ଥାନାନ୍ତର କରିଦିଆଯାଇଥିଲା। ଏହାଛଡ଼ା ରାଷ୍ଟ୍ରପତିଙ୍କ ବ୍ୟବହାର ଲାଗି ଉଦ୍ଦିଷ୍ଟ ଶୌଚାଳୟରେ ପାଣି ମଧ୍ୟ ଠିକ୍ ଭାବେ ଆସୁ ନଥିଲା। ଏହିସବୁ ତ୍ରୁଟିକୁ ଦୃଷ୍ଟିରେ ରଖି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ରାଜ୍ୟ ସରକାରଙ୍କୁ ରିପୋର୍ଟ ମାଗିଛନ୍ତି।

# ୧୨ରେ ହାଇପାୱାର କମିଟି ବୈଠକ

## ଫୋକସ୍‌ରେ ଗ୍ରାମ୍ୟ ଭିତ୍ତିଭୂମି ବିକାଶ

ଭୁବନେଶ୍ୱର, ୮।୩ (ରବିନାରାୟଣ ଜେନା)

ରାଜ୍ୟରେ ଗ୍ରାମାଞ୍ଚଳ ଭିତ୍ତିଭୂମି କିଭଳି ସୁଦୃଢ଼ ହେବ ଏବଂ ଲୋକଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଆସିବ ସେନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ଏହିକ୍ରମରେ ୨୦୨୫-୨୬ ଆର୍ଥିକବର୍ଷରେ ସରକାରଙ୍କ ପକ୍ଷରୁ ଗ୍ରାମ୍ୟ ଭିତ୍ତିଭୂମି ବାବଦରେ କେତେ ଅର୍ଥ ବ୍ୟୟବରାଦ ହୋଇଥିଲା ଏବଂ କେତେ ଅର୍ଥ କେଉଁ ପ୍ରକଳ୍ପରେ ଖର୍ଚ୍ଚ ହୋଇଛି ସେସବୁର ଚିକିନିଖି ସମୀକ୍ଷା କରାଯିବ। ଏହାସହିତ ୨୦୨୬-୨୭ ଆର୍ଥିକବର୍ଷ ଲାଗି କ’ଣ ସବୁ ନୂଆ ଯୋଜନା ରହିଛି ଏବଂ ଏହା କିଭଳି ଭାବେ ଶତପ୍ରତିଶତ କାର୍ଯ୍ୟାନ୍ୱୟନ ହୋଇପାରିବ ସେନେଇ ମାର୍ଚ୍ଚ ୧୨ରେ ଉଚ୍ଚ କ୍ଷମତାସମ୍ପନ୍ନ କମିଟି(ହାଇ ପାୱାର କମିଟି) ବୈଠକ ଅନୁଷ୍ଠିତ ହେବ।

ଏସଂକ୍ରାନ୍ତରେ ଯୋଜନା ଓ ସଂଯୋଜନ ବିଭାଗ ଅତିରିକ୍ତ ସଚିବ ଶୁଭଶ୍ରୀ ନନ୍ଦ ସମ୍ପୃକ୍ତ ୯ଟି ବିଭାଗର ସଚିବ ଏବଂ ‘ନାବାର୍ଡ’ ଅଧକ୍ଷଙ୍କୁ ଶୁକ୍ରବାର ପତ୍ର ଲେଖି ଅବଗତ କରାଇଛନ୍ତି। ଶୁଭଶ୍ରୀ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି, ଗ୍ରାମୀଣ ଭିତ୍ତିଭୂମି ଉନ୍ନୟନ ପାଣ୍ଠି(ଆର୍‌ଆଇଡିଏଫ୍)ର ବିନିଯୋଗ ନେଇ ରାଜ୍ୟ ଉନ୍ନୟନ ଆୟୁକ୍ତ ଦେଓ ରଞ୍ଜନ କୁମାର ସିଂଙ୍କ ଅଧକ୍ଷତାରେ ହାଇପାୱାର କମିଟି ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ୨୦୨୫-୨୬ ଆର୍ଥିକବର୍ଷର ବଜେଟ ବ୍ୟବସ୍ଥା ସହିତ ପାଣ୍ଠି ବିନିଯୋଗ ସଂକ୍ରାନ୍ତରେ ସମୀକ୍ଷା ହେବ। ଏହାସହିତ ନାବାର୍ଡ ପକ୍ଷରୁ ‘ଆର୍‌ଆଇଡିଏଫ୍’ରେ କେତେ ଅର୍ଥ ବ୍ୟବସ୍ଥା ହୋଇଥିଲା, କେଉଁ ସବୁ ପ୍ରକଳ୍ପରେ କେତେ ଅର୍ଥ ଖର୍ଚ୍ଚ ହୋଇଛି ତା’ର ସ୍ଥିତାବସ୍ଥା ସମୀକ୍ଷା କରାଯିବ। ଏପରି କି କେତେ ପ୍ରକଳ୍ପ ବାସ୍ତବରେ କାର୍ଯ୍ୟାନ୍ୱୟନ ହୋଇଛି ଏବଂ ଅପେକ୍ଷାରେ ରହିଛି ତାହା ମଧ୍ୟ ଆଲୋଚନା ହେବ। ଏହାବାଦ୍ ୨୦୨୬-୨୭ ଆର୍ଥିକବର୍ଷ ଲାଗି ନୂତନ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହେବ ବୋଲି ଅର୍ଥ, ପୂର୍ତ୍ତ, ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ସଚିବଙ୍କ ସହିତ ପଞ୍ଚାୟତିରାଜ, କୃଷି, ଗ୍ରାମ୍ୟ ଉନ୍ନୟନ, ମତ୍ସ୍ୟ ଓ ପ୍ରାଣୀଧନ ବିକାଶ ସଚିବଙ୍କୁ ଅବଗତ କରାଇଛନ୍ତି।

# ଆଜି ମହାପ୍ରଭୁଙ୍କ ଖସାପଡ଼ା ନୀତି

## ସନ୍ଧ୍ୟା ୬ଟାରୁ ରାତି ୧୦ଟା ଯାଏ ଦର୍ଶନ ବନ୍ଦ

ପୁରୀ, ୮।୩ (ଅଜିତ୍ କୁମାର ମହାନ୍ତି)

ଚୈତ୍ର କୃଷ୍ଣ ଷଷ୍ଠୀ ତିଥି ସୋମବାର ଅବସରରେ ମହାପ୍ରଭୁଙ୍କ ଖସାପଡ଼ା ନୀତି ଅନୁଷ୍ଠିତ ହେବ। ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଏହି ନୀତି ସମ୍ପନ୍ନ କରିବେ। ଶ୍ରୀଜିଉଙ୍କ ମଧ୍ୟାହ୍ନ ଧୂପ, ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହେବା ପରେ ମଇଲମ ନୀତି ଅନୁଷ୍ଠିତ ହେବ। ପରେ ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଏହାପରେ ଶ୍ରୀଦେବୀ, ଭୂଦେବୀ ଖଟଶେଯ ଘରକୁ ବିଜେ କରିବେ। ପରେ ମହାପ୍ରଭୁଙ୍କ ଖସାପଡା ନୀତି ନିମନ୍ତେ ଦଇତାପତିମାନେ ଗର୍ଭଗୃହକୁ ପ୍ରବେଶ କରିବେ। ଏହି ସମୟରେ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। ଖସାପଡ଼ା ନୀତି ସମ୍ପନ୍ନ ହୋଇ ଦଇତାପତି ଶ୍ରୀମନ୍ଦିରରୁ ବାହାରିବା ପରେ ମହାପ୍ରଭୁଙ୍କ ମହାସ୍ନାନ ନୀତି ବଢ଼ିବ। ପରେ ମହାପ୍ରଭୁଙ୍କ ମଇଲମ ବେଶ ସନ୍ଧ୍ୟା ଆଳତି ବଢ଼ି ଅନ୍ୟାନ୍ୟ ନୀତି ସମ୍ପନ୍ନ ହେବ। ଖସାପଡ଼ା ହେଉଛି ଏକ ଗୁପ୍ତ ନୀତି। ଏହି ନୀତି ନିମନ୍ତେ ସୋମବାର ସନ୍ଧ୍ୟା ୬ଟାରୁ ରାତି ୧୦ ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ହିନ୍ଦୁ ଯୁବତୀଙ୍କୁ ପ୍ରେମ ପ୍ରତାରଣା

## ମୁସଲମାନ ଯୁବକଙ୍କ ନାଁରେ ବଳାତ୍କାର ଅଭିଯୋଗ

- ହୋଟେଲରେ ବନ୍ଧକ ରଖି ଦେଉଥିଲେ ନିର୍ଯାତନା
- ନକଲି ପରିଚୟପତ୍ର, ଖଣ୍ଡା ଜବତ: ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, ୮।୩ (ତ୍ରିନାଥ ମହାନ୍ତି)

ଜଣେ ହିନ୍ଦୁ ଯୁବତୀଙ୍କୁ ଜନୈକ ମୁସଲମାନ ଯୁବକ ପ୍ରେମ ପ୍ରତାରଣା କରିଛନ୍ତି। ଯୁବକ ଜଣକ ମୁସଲମାନ ବୋଲି ନ ଜଣାଇ ଯୁବତୀଙ୍କୁ ପ୍ରଥମେ ପ୍ରେମରେ ଫସାଇଥିଲେ। ପରେ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିଥିଲେ। ଏପରି କି ଯୁବକ ଜଣକ ଯୁବତୀଙ୍କୁ ରାଜଧାନୀ ଭୁବନେଶ୍ୱରର ଏକ ହୋଟେଲରେ ରଖି ନିର୍ଯାତନା ଦେବା ସହ ରାଜ୍ୟ ବାହାରକୁ ଚାଲାଣ କରିବାକୁ ଯୋଜନା କରିଥିଲେ। ଏଭଳି ସାଂଘାତିକ ଅଭିଯୋଗ ଆସିଛି ଶହୀଦନଗର ଥାନା ଅଞ୍ଚଳରୁ। ଖବର ପାଇବା ପରେ ପୋଲିସ ଉକ୍ତ ହୋଟେଲରେ ଚଢ଼ାଉ କରି ଯୁବତୀଙ୍କୁ ଉଦ୍ଧାର କରିବା ସହ ଅଭିଯୁକ୍ତ ଇର୍ଫାନ ଅନ୍‌ସାରୀଙ୍କୁ ଗିରଫ କରିଛି। ଏଥିସହ ହୋଟେଲରୁ ଏକାଧିକ ନକଲି ପରିଚୟପତ୍ର, କର୍ଣ୍ଣାଟକ ନମ୍ବରର ଏକ କାରରୁ ଖଣ୍ଡା ଓ ଅନ୍ୟ ମାରଣାସ୍ତ୍ର ଜବତ କରାଯାଇଛି।

ପୋଲିସ ସୂଚନା ଅନୁସାରେ, ଅଭିଯୁକ୍ତ ଇର୍ଫାନ ଅନସାରୀଙ୍କ ଘର କର୍ଣ୍ଣାଟକରେ। ପୀଡ଼ିତା ଯୁବତୀଙ୍କ ଘର ଭଦ୍ରକରେ ହୋଇଥିବାବେଳେ ସେ ଚେନ୍ନାଇର ଏକ ହୋଟେଲରେ କାମ କରୁଥିବାବେଳେ ଇର୍ଫାନଙ୍କ ସହ ପରିଚିତ ହୋଇଥିଲେ। ଇର୍ଫାନ ପ୍ରକୃତ ପରିଚୟ ଲୁଚାଇ ନିଜ ନାଁ ଜୟରାମ ଶର୍ମା ଓ ହିନ୍ଦୁ ବୋଲି କହି ସମ୍ପର୍କ ବଢ଼ାଇଥିଲେ। ଏପରିକି ବାରମ୍ବାର ଯୁବତୀ ଜଣକ କାମ କରୁଥିବା ☞ପୃଷ୍ଠା-୯

# ବ୍ଲୁ ଫ୍ଲାଗ ବିଚ୍‌ରେ ଅଣ୍ଡାଦେଲା ଅଲିଭ୍ ରିଡ୍‌ଲେ

ପୁରୀ, ୮।୩ (ଅଜିତ୍ କୁମାର ମହାନ୍ତି)

ପୁରୀ ବ୍ଲୁ ଫ୍ଲାଗ୍ ବିଚ୍‌ରେ ପ୍ରଥମଥର ପାଇଁ ଅଣ୍ଡାଦାନ କରିଛନ୍ତି ଅଲିଭ୍ ରିଡ୍‌ଲେ। ସେଠାରେ ପ୍ରାୟ ୧୧୪ଟି ଅଣ୍ଡା ରହିଥିଲା। ସମସ୍ତ ଅଣ୍ଡାକୁ ସୁରକ୍ଷିତ ଭାବେ ରବିବାର ବନ ବିଭାଗକୁ ହସ୍ତାନ୍ତର କରାଯାଇଛି। ଇତିହାସରେ ପ୍ରଥମ ଘଟଣା ଜନଗହଳିପୂର୍ଣ୍ଣ ଜାଗାରେ କଇଁଛ ଅଣ୍ଡାଦାନ କରିଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଶନିବାର ରାତିରେ ଗୋଟିଏ ଅଲିଭ୍ ରିଡ୍‌ଲେ କଇଁଛ ବ୍ଲୁ ଫ୍ଲାଗ୍ ବିଚ୍ ନିକଟକୁ ଆସି ସୁରକ୍ଷିତ ଭାବେ ଅଣ୍ଡାଦାନ କରିଛି। ଏହି ଘଟଣାକୁ ବ୍ଲୁ ଫ୍ଲାଗ୍ ବିଚ୍‌ର କର୍ମଚାରୀ ଜାଣିବା ପରେ ବନବିଭାଗକୁ ସୂଚନା ଦେଇଥିଲେ। ଖବରପାଇ ବନବିଭାଗ କର୍ମଚାରୀ ବିଚ୍‌ରେ ପହଞ୍ଚି ସୁରକ୍ଷିତ ଭାବେ ଅଣ୍ଡାଗୁଡ଼ିକୁ ବାଲିରୁ ଉଦ୍ଧାର କରିଛନ୍ତି। ତେବେ ଦେବୀ ମୁହାଣରୁ ପୁରୀ ପର୍ଯ୍ୟନ୍ତ ୧୪ଟି କଇଁଛ ସୁରକ୍ଷା ଶିବିର ହୋଇଛି। ଯେଉଁଠି କଇଁଛମାନେ ସୁରକ୍ଷିତ ଅଣ୍ଡା ଦେବା ପାଇଁ ବ୍ୟବସ୍ଥା କରାଯାଇଛି। ସେଠାରେ ଅଣ୍ଡାରୁ କଇଁଛ ବାହାରିବା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ସମୁଦ୍ରରେ ଛାଡି ଦିଆଯାଏ।



ପ୍ରତିବର୍ଷ ଏହି ବିରଳ ପ୍ରଜାତିର କଇଁଛ ଅଣ୍ଡା ଦେଉଥିଲେ ମଧ୍ୟ ଅଣ୍ଡାଦାନ ହ୍ରାସ ପାଉଥିବା କୁହାଯାଉଛି। ତେବେ ବିରଳ ଅଲିଭ୍ ରିଡ୍‌ଲେଙ୍କ ସୁରକ୍ଷା ☞ପୃଷ୍ଠା-୯

# ପ୍ରବାସୀ ଓଡ଼ିଆମାନେ ଓଡ଼ିଶାର ସାଂସ୍କୃତିକ ରାଜଦୂତ: ମନ୍ତ୍ରୀ

ଭୁବନେଶ୍ୱର, ୮।୩ (ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ କୋଲକାତାସ୍ଥିତ ନ୍ୟାଶନାଲ ଲାଇବ୍ରେରି ଅଡିଟୋରିୟମଠାରେ ରବିବାର ପ୍ରଥମ ‘ଓଡ଼ିଶା ଉତ୍ସବ’ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ପ୍ରବାସୀ ଓଡ଼ିଆ ଭଉଣୀ ଓ ଭାଇମାନେ ହେଉଛନ୍ତି ଓଡ଼ିଶାର ସାଂସ୍କୃତିକ ରାଜଦୂତ। ରାଜ୍ୟର ସମୃଦ୍ଧ କଳା, ସାହିତ୍ୟ, ଐତିହ୍ୟ ଏବଂ ସଂସ୍କୃତିର ବହୁଳ ପ୍ରଚାର ଓ ପ୍ରସାର ଦିଗରେ ସେମାନେ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସମସ୍ତ ପ୍ରବାସୀ ଓଡ଼ିଆ ମାତୃଶକ୍ତିଙ୍କୁ ମନ୍ତ୍ରୀ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇ କହିଲେ, ଓଡ଼ିଆ ଘରର ପରମ୍ପରାକୁ ଉଜ୍ଜୀବିତ କରି ରଖିବା ସହ ଏହାକୁ ବିଶ୍ୱବିଦିତ କରିବା ଦିଗରେ ଆମ ମାତୃଶକ୍ତିର ଭୂମିକା ଅଗ୍ରଗଣ୍ୟ। ବିକଶିତ ଓଡ଼ିଶା-୨୦୩୬ ନିର୍ମାଣରେ ପ୍ରବାସୀ ଓଡ଼ିଆଙ୍କ ଯୋଗଦାନ ଏକାନ୍ତକାମ୍ୟ ବୋଲି ସେ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଓଡ଼ିଆ ସାହିତ୍ୟିକ ଓ ପ୍ରବାସୀ ଓଡ଼ିଆ ଅନୁଷ୍ଠାନଗୁଡିକୁ ସମ୍ବର୍ଦ୍ଧିତ କରିଥିଲେ।

ଉତ୍ସବରେ ଓଡ଼ିଶାର ଲୋକକଳା, ସମୃଦ୍ଧ ଐତିହ୍ୟ ଓ ପରମ୍ପରା, ପାରମ୍ପରିକ ଖାଦ୍ୟ, ହସ୍ତତନ୍ତ, ହସ୍ତଶିଳ୍ପ ସାମଗ୍ରୀ ଆଦି ପ୍ରଦର୍ଶିତ କରାଯାଇଥିଲା। ଏଥିସହ ବିଭିନ୍ନ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଓଡ଼ିଶୀ, ସାହିଯାତ, ଛଉ, ଘୁମୁରା, ଢେମସା, ପଶୁମୁଖା, ସମ୍ବଲପୁରୀ ନୃତ୍ୟ ପରିବେଷଣ କରିଥିଲେ। ସଂସ୍କୃତି ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା, ଉତ୍କଳୀୟ ମିଳିତ ମଞ୍ଚର ସଭାପତି ରବି ନାରାୟଣ ମହାପାତ୍ର, ସାଧାରଣ ସମ୍ପାଦକ ବିଜୟ କୁମାର ବାରିକ, ଅଧକ୍ଷ କ୍ଷୀରୋଦ କୁମାର ଧଳ, ବିଭିନ୍ନ ପ୍ରବାସୀ ଓଡ଼ିଆ ସମାଜର ସଦସ୍ୟାମାନେ ଉପସ୍ଥିତ ଥିଲେ। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ପ୍ରୀତିଶ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



# ଅସୁନ୍ଦର ସ୍ଥିତି

ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ପରେ ଉପୁଜିଥିବା ଯୁଦ୍ଧ ଇତିମଧ୍ୟରେ ଏକ ସପ୍ତାହ ପୂରଣ କଲାଣି। ଏଭଳି ତୀବ୍ର ଆଧୁନିକ ଯୁଗର ଯୁଦ୍ଧରେ ଏହା ଦୀର୍ଘସମୟ ବୋଲି କୁହାଯାଉଛି, ବିଶେଷକରି ଯେହେତୁ ଆମେରିକା ସମ୍ପୃକ୍ତ ଅଛି। କେବଳ ଇରାନରେ ୧ ହଜାରରୁ ଅଧିକ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଥିବା ବେଳେ ଯୁଦ୍ଧର ପ୍ରଭାବ ପଡ଼ୋଶୀ ଦେଶଗୁଡ଼ିକ ଉପରେ ପଡ଼ିଛି। ଏଥିଯୋଗୁ ତୈଳ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ବିଶେଷକରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜିଥିବାରୁ ଅନ୍ତର୍ଜାତୀୟ ସ୍ତରରେ ତୈଳ ଦର ଅସମ୍ଭାଳ ଭାବେ ବଢ଼ିଚାଲିଛି। ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ଦର ବ୍ୟାରେଲ ପିଛା ୬୨ ଡଲାର ଥିବା ବେଳେ ଏହା ୯୨ ଡଲାର ଅତିକ୍ରମ କରିଯାଇଛି। ସପ୍ତାହକ ମଧ୍ୟରେ ଏହି ଦର ୧୫୦ ଡଲାରରେ ପହଞ୍ଚିଯିବ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କଲେଣି। ଏହି ପରିପ୍ରେକ୍ଷୀରେ ଭାରତର ତୈଳ କ୍ରୟ ପ୍ରସଙ୍ଗ ଅନ୍ତର୍ଜାତୀୟ ଆଲୋଚନାର ବିଷୟବସ୍ତୁ ପାଲଟିଛି। ୬ ମାର୍ଚ୍ଚରେ ରୁଷୀୟ ତୈଳ କିଣିବା ଲାଗି ଭାରତକୁ ୩୦ ଦିନିଆ ଅନୁମତି ଦେଇ ଆମେରିକା ନିଜର ପ୍ରଭୁତ୍ୱ ବିସ୍ତାର କରିଛି। ବିଶ୍ୱର ତୈଳ ଯୋଗାଣ ପଥ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ସକାଶେ ସାମୟିକ ଭାବେ ଏଭଳି ରିହାତି ଦିଆଯାଇଥିବା ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିବା ବେଳେ ଭାରତୀୟଙ୍କୁ ଭଲ ଅଭିନୟକାରୀ ଭାବେ ଅଭିହିତ କରିଛନ୍ତି। ତେବେ ଆମେରିକାର ସରକାରୀ ଅଧିକାରୀ କେତେ ଜଣ ଓ କେଉଁ ପ୍ରକାରର ଭାରତୀୟଙ୍କୁ ଭେଟିକରି ଏଭଳି ମନ୍ତବ୍ୟ ଦେଇଛନ୍ତି, ତାହା ପ୍ରଶ୍ନ କରାଯାଇପାରେ। କୌଣସି ଦେଶର ନେତା କିମ୍ବା ନାଗରିକଙ୍କୁ ଆକ୍ଟର ବା ଅଭିନୟକାରୀ କହିବା ଉଭୟ ତାଚ୍ଛଲ୍ୟ ବା ଅସମ୍ମାନକୁ ସୂଚାଉଛି। ଆମେରିକା କହିବାରୁ ରୁଷିଆରୁ ଭାରତ ତୈଳ ଆମଦାନୀ ବନ୍ଦ କରିଥିଲା। ଏବେ ସାମୟିକ ଅସୁବିଧା ଦେଖାଦେଇଥିବାରୁ ରୁଷୀୟ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଛି ବୋଲି ବେସେଣ୍ଟ କହିଛନ୍ତି।

ଏଠାରେ କୁହାଯାଇପାରେ, ଆମେ କେଉଁ ତେଲ ବ୍ୟବହାର କରିବୁ, କେଉଁ ସାବୁନ ଦେହରେ ଲଗାଇବୁ ବା କେଉଁ ଖାଦ୍ୟ ଖାଇବୁ ତାହାର ନିର୍ଦ୍ଧାରଣ ପଡ଼ୋଶୀ ଯଦି କରିବ, ତେବେ ଆମକୁ ଯେମିତି ବାଧିବ ସେହିଭଳି ଆମେରିକାର କଥା ପ୍ରତ୍ୟେକ ଭାରତୀୟଙ୍କୁ ମଧ୍ୟ ବାଧିବ। ଏଭଳି ସ୍ଥିତି ପୂର୍ବରୁ କେବେ ଦେଖାଯାଇ ନ ଥିଲା। କୂଟନୀତିକୁ ଭାରତ ସଫଳତାର ସହ ପ୍ରୟୋଗ କରିପାରୁ ନ ଥିବାରୁ ଆଜି ଅବସ୍ଥା ଏହି ସ୍ତରକୁ ଆସିଯାଇଛି। ଭାରତ ଏକ ସାର୍ବଭୌମ ଗଣତାନ୍ତ୍ରିକ ରାଷ୍ଟ୍ର ହୋଇଥିଲେ ମଧ୍ୟ ଏପରି ଭାବେ ଅନ୍ୟ ଦେଶ ପାଖରେ ଆତ୍ମସମର୍ପଣ କରିଦେବା ଦେଶବାସୀଙ୍କୁ ବ୍ୟଥିତ କରିଛି। ସାମ୍ରାଜ୍ୟବାଦୀ ଶକ୍ତିକୁ ହଟେଇବା ଦିଗରେ ଅତୀତରେ ଅନେକ ମହାମନୀଷୀ ବହୁବିଧ ପଦକ୍ଷେପ ନେଇ ଦେଶକୁ ସ୍ୱାଧୀନ କରିଥିଲେ। ଏବକାର ସ୍ଥିତିରେ ଦାଣ୍ଡ ଆଭିମୁଖ୍ୟ ରଖିପାରୁ ନ ଥିବାରୁ ଅନ୍ତର୍ଜାତୀୟ ସ୍ତରରେ ଭାରତକୁ କଣ୍ଢେଇ ଭଳି ନଚାଇବାକୁ ପାଶ୍ଚାତ୍ୟ ରାଷ୍ଟ୍ର ସାହସ କରୁଛି ବୋଲି କୁହାଗଲାଣି।

> **ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍‌କ୍ଷଣାତ୍ ବାହାର କରାଯିବା କଥା। ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ। ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା**

ଭାରତର ବାହ୍ୟ ସ୍ଥିତି ଏଭଳି ଅବସ୍ଥାରେ ଥିବାବେଳେ ଆଭ୍ୟନ୍ତରୀଣ ଦୃଶ୍ୟପଟକୁ ଦେଖିଲେ ଏକ ଅସ୍ୱାଭାବିକ ଘଟଣା ନଜରକୁ ଆସିଛି। ୭ ମାର୍ଚ୍ଚରେ ପଶ୍ଚିମବଙ୍ଗର ଗୋସାଇପୁରକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗସ୍ତ କରି ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେହି ସମୟରେ ସେ ଆୟୋଜିତ ସାନ୍ତାଳ ସମ୍ମିଳନୀକୁ ନେଇ ଅସନ୍ତୋଷ ବ୍ୟକ୍ତ କରି କହିଥିଲେ, ଏହା ପ୍ରଥମେ ବିଧାନନଗରରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କେଉଁଥିପାଇଁ ତାହା ଗୋସାଇପୁରକୁ ସ୍ଥାନାନ୍ତର ହେଲା ସେଥିନେଇ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ। ବିଧାନନଗରରେ ସମ୍ମିଳନୀ ଆୟୋଜିତ ହୋଇଥିଲେ ଅଧିକ ଲୋକ ହୋଇଥାଆନ୍ତେ। କାରଣ ଏହା ଏକ ବଡ଼ ଜାଗା ଥିଲା। ଗୋସାଇପୁରରେ ଏହା ହୋଇଥିବାରୁ ଅଧିକ ଲୋକ ଯୋଗ ଦେଇ ନାହାନ୍ତି ବୋଲି ରାଷ୍ଟ୍ରପତି କହିଥିଲେ। ରାଷ୍ଟ୍ରପତିଙ୍କ ଏଭଳି ମନ୍ତବ୍ୟ ପ୍ରଦାନ ଦେଶବାସୀଙ୍କୁ ଦୁଃଖିତ କରିଛି। ଯିଏ ଯେଉଁପଟୁ ଦେଖି ସାମାଜିକ ଗଣମାଧ୍ୟମରେ ଅନେକ ପ୍ରକାରର ଟିପ୍ପଣୀ ଦେବାର ସୁଯୋଗ ପାଇଯାଇଛନ୍ତି। ହୁଏତ ନିକଟରେ ହେବାକୁ ଥିବା ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ସେହି ରାଜ୍ୟକୁ ଗସ୍ତ କରିବାକୁ ଅସ୍ୱୀକାର କରିବାର ଥିଲା।

ଗୋଟିଏ କଥା ବାରମ୍ବାର ଦେଖାଯାଉଛି ଯେ, ଗତ କିଛି ବର୍ଷ ହେବ ଯେତେବେଳେ କେନ୍ଦ୍ର ସରକାରଙ୍କୁ କୌଣସି କ୍ଷେତ୍ରରେ ଅପ୍ରୀତିକର ସ୍ଥିତିର ସାମ୍ନା କରିବାକୁ ପଡୁଛି ସେତେବେଳେ ତାହାକୁ ଅଣଦେଖା କରାଯାଇ ଅନ୍ୟ ଏକ ପ୍ରସଙ୍ଗକୁ ଟିଆଁଇ ଦିଆଯାଉଛି। ଏକ ସୁଶାସନର ଏହା ଲକ୍ଷଣ ନୁହେଁ ବୋଲି କୁହାଯାଇପାରେ। ସମସ୍ୟା ବା କୌଣସି ପ୍ରସଙ୍ଗକୁ ନେଇ ଅସ୍ୱାଭାବିକତା ଦେଖାଦେଲେ ତାହାର ସମାଧାନ ସୂତ୍ର ତତ୍‌କ୍ଷଣାତ୍ ବାହାର କରାଯିବା କଥା। ଘା'କୁ ଲୁଚାଇ ଦେଲେ ପରବର୍ତ୍ତୀ ସମୟରେ ତାହା ସମ୍ପୃକ୍ତ ଅଙ୍ଗକୁ ନଷ୍ଟ କରିଦେଇଥାଏ। ଅନ୍ତର୍ଜାତୀୟ ହେଉ ବା ଜାତୀୟ କିମ୍ବା ଆଞ୍ଚଳିକ ସମସ୍ୟାକୁ ସମାନ ଭାବେ ଗୁରୁତ୍ୱ ଦିଆଯାଇ ସମୟୋଚିତ ପଦକ୍ଷେପ ନିଆଗଲେ ସ୍ଥିତିରେ ଅନେକ ପରିବର୍ତ୍ତନ ଆସିପାରନ୍ତା।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 5 | | | | 7 | |
| | 6 | | 2 | | 9 | | | |
| | 1 | | | | 4 | | | 8 |
| | | 2 | | | | | | |
| 8 | | | | | | 6 | | 7 |
| 3 | | | 7 | | | 5 | 1 | |
| | | | 9 | | | 1 | 3 | |
| | | | | 6 | | | | |
| | | | | 2 | 7 | | 5 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 4 | 2 | 8 | 5 | 1 | 9 | 3 |
| 9 | 1 | 5 | 7 | 3 | 4 | 6 | 2 | 8 |
| 8 | 3 | 2 | 9 | 6 | 1 | 4 | 7 | 5 |
| 7 | 5 | 8 | 6 | 1 | 9 | 2 | 3 | 4 |
| 2 | 9 | 3 | 4 | 7 | 8 | 5 | 1 | 6 |
| 1 | 4 | 6 | 5 | 2 | 3 | 7 | 8 | 9 |
| 5 | 8 | 1 | 3 | 4 | 7 | 9 | 6 | 2 |
| 4 | 6 | 7 | 8 | 9 | 2 | 3 | 5 | 1 |
| 3 | 2 | 9 | 1 | 5 | 6 | 8 | 4 | 7 |

ଗତକାଲିର ଉତ୍ତର

# ପୁରସ୍କାର ଓ ପ୍ରବଞ୍ଚନା



ଡ. ପ୍ରଫୁଲ୍ଲ କୁମାର ସାହୁ

ଏହି ନିକଟରେ ଦିଲ୍ଲୀରେ ଉଦ୍‌ଯାପିତ ହୋଇଯାଇଛି ଏଆଇ କମ୍ପାକ୍ଟ ସମିଟ୍ ବା କୃତ୍ରିମ ବୁଦ୍ଧିମତ୍ତାର ପ୍ରଭାବ ସମ୍ପର୍କିତ ଶିଖର ସମ୍ମିଳନୀ। ବିଶ୍ୱର କୋଡ଼ିଏଟି ରାଷ୍ଟ୍ରର ଶାସନମୁଖ୍ୟ ତଥା ପାଞ୍ଚଶହରୁ ଊର୍ଦ୍ଧ୍ୱ ଏଆଇ ବିଶେଷଜ୍ଞଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି ସମ୍ମିଳନୀ ଥିଲା ଭାରତ ପାଇଁ ଗୌରବର ବିଷୟ। ମାତ୍ର ଯେଉଁ ଘଟଣାଟି ଅମୃତ ଭାଣ୍ଡରେ ଟୋପାଏ ବିଷ ପରି ପରିସ୍ଥିତି ସୃଷ୍ଟି କରିଥିଲା, ତାହା ହେଉଛି ଚାଇନାରେ ନିର୍ମିତ ଏକ ଯନ୍ତ୍ର କୁକୁର (ରୋବୋ)କୁ ନିଜ ଉତ୍କର୍ଷ କେନ୍ଦ୍ର ଦ୍ୱାରା ନିର୍ମିତ ବୋଲି କହି ପ୍ରଦର୍ଶିତ କରିଥିଲା ଉତ୍ତର ପ୍ରଦେଶର ନଏଡାସ୍ଥିତ ଏକ ଘରୋଇ ବିଶ୍ୱବିଦ୍ୟାଳୟ। ଚୋରି ଧରାପଡ଼ିବା ପରେ ନିଜର ଦୋଷ ସ୍ୱୀକାର କରିବା ପରିବର୍ତ୍ତେ ଗାଲୁଆଙ୍କ ବାରବାଟି ଚାଷ ନ୍ୟାୟରେ ସଫେଇ ଦେଇଥିବା ସେ ବିଶ୍ୱବିଦ୍ୟାଳୟର ନାମ ହେଉଛି 'ଗାଲଗୋଟିଆସ'। ପ୍ରଶ୍ନ ଉଠେ, ଗୋଟିଏ ଘରୋଇ ବିଶ୍ୱବିଦ୍ୟାଳୟର ଏତେବଡ଼ ସାହସ ହେଲା କେମିତି? ଏଥିରୁ ସ୍ପଷ୍ଟ ହୁଏ ଯେ ଧରାପଡି ଅପମାନିତ ହୋଇ ନ ଥିଲେ ତାର କୃତିତ୍ୱ ପାଇଁ ଅଜାଡ଼ି ହୋଇ ପଡିଥାନ୍ତା ଅଜସ୍ର ପ୍ରଶଂସା, ଯେମିତି ଚାଲିଛି ଆମ ଓଡ଼ିଆ ସାହିତ୍ୟରେ। ପ୍ରଶଂସାପତ୍ର ବାଣ୍ଟିବା ପାଇଁ ଏଠି ଗଢି ଉଠିଛି ଅନେକ ସାହିତ୍ୟ ଅନୁଷ୍ଠାନ। ମାତ୍ର ଅଯୋଗ୍ୟଙ୍କୁ ସମ୍ମାନିତ କରିବା ପ୍ରାୟତଃ ଅଧିକାଂଶ ଅନୁଷ୍ଠାନର ସଭ୍ରାନ୍ତୀୟ ନୀତି।

ଆମ ରାଜ୍ୟରେ ସାରସ୍ୱତ ସଂଗଠନ କହିଲେ ଆଗେ ଆଖି ଆଗକୁ ଆସେ ଓଡ଼ିଶା ସାହିତ୍ୟ ଏକାଡେମୀ। ଏହା ଓଡ଼ିଆ ଭାଷା ସାହିତ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ସର୍ବୋଚ୍ଚ ଅନୁଷ୍ଠାନ। କେବଳ ପୁରସ୍କାର ପ୍ରଦାନ ନୁହେଁ,ଏଥିସହିତ ନୂତନ ଲେଖକ ଲେଖିକା ସୃଷ୍ଟି କରିବା, ନୂତନ ପୁସ୍ତକ ସମ୍ପାଦନା କରିବା, ସୃଷ୍ଟି ସମୀକ୍ଷା କରିବା ଇତ୍ୟାଦି ମଧ୍ୟ ସାହିତ୍ୟ ଏକାଡେମୀର କାମ। ଓଡ଼ିଶା ସରକାରଙ୍କ ଦ୍ୱାରା ଏହା ଗଠନ (୧୯୫୭) ହେଲା ପରେ ବିଶିଷ୍ଟ ସାହିତ୍ୟିକ ମାୟାଧର ମାନସିଂହ କହିଥିଲେ– ସରକାର ତାଙ୍କ ବୃଦ୍ଧାଙ୍ଗୁଷ୍ଠି ତଳେ ଚାପି ରଖିଲା ଭଳି ଅନୁଷ୍ଠାନଟିଏ ଗଢିଦେଲେ, ଯେଉଁ କଟୁ ସତ୍ୟ ଆଜି କଠୋର ଭାବେ ଅନୁଭୂତ।

ସାହିତ୍ୟ ଏକାଡେମୀ ଗଠନ ହେବାର ଅର୍ଦ୍ଧଶତାବ୍ଦୀ ପୂର୍ବରୁ(୧୯୦୩) ଜନ୍ମ ନେଇସାରିଥିଲା ଓଡ଼ିଶାର ସର୍ବପୁରାତନ ସାରସ୍ୱତ ଅନୁଷ୍ଠାନ 'ଉତ୍କଳ ସାହିତ୍ୟ ସମାଜ'। ଓଡ଼ିଆ ଭାଷା ସାହିତ୍ୟର ସମୃଦ୍ଧି ଦିଗରେ ତା'ର ଅତୁଳନୀୟ ଅବଦାନ ପାଇଁ ତାହା ଓଡ଼ିଆ ଭାଷା ସାହିତ୍ୟର ଶ୍ରୀମନ୍ଦିର ଭାବରେ ପରିଚିତ। ଉତ୍କଳ ସାହିତ୍ୟ ସମାଜ ଜନ୍ମନେବା ପୂର୍ବରୁ ଓଡ଼ିଶାରେ ରାଜା ଓ ଜମିଦାରମାନେ ଥିଲେ ସାହିତ୍ୟର ପୃଷ୍ଠପୋଷକ। ବାମଣ୍ଡା ରାଜା ବାସୁଦେବ ସୁଢଳଦେବ, ମୟୂରଭଞ୍ଜ ରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଖଡ଼ିଆଳ ରାଜା ବ୍ରଜରାଜ ସିଂହଦେଓ, ଖଲ୍ଲିକୋଟ ରାଜା ହରିହର ମର୍ଦ୍ଦରାଜ ଓ ପାରଳା ରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ଭଳି ବହୁ କାବ୍ୟାନୁରାଗୀ ରାଜା ଥିଲେ ଏବଂ ସେମାନଙ୍କ ରାଜଦରବାରରେ ସମୁଚିତ ଆତିଥ୍ୟ ଓ ସମ୍ମାନ ପାଉଥିଲେ କବି, ଲେଖକ ଓ ପଣ୍ଡିତମାନେ।



ରାଜଦରବାର ବାହାରେ ମନ୍ଦିର, ଚଉପାଢି ଓ ଭାଗବତଟୁଙ୍ଗିରେ ବି ସାହିତ୍ୟ ଓ ସଂସ୍କୃତି ଚର୍ଚ୍ଚା ହେଉଥିଲା ଏବଂ ସେଥିରେ ଭାଗ ନେବାର ସୁଯୋଗ ପାଉଥିଲେ ସବୁବର୍ଗର ଲୋକ। ସାରସ୍ୱତ ସାଧକମାନେ ଥିଲେ ଋଷି ଚେତନାର ମଣିଷ। ବୈଚାରିକ ଦୃଷ୍ଟିଭଙ୍ଗୀକୁ ନେଇ ସେମାନେ ମଞ୍ଚରେ ବିତର୍କ କରୁଥିଲେ ମଧ୍ୟ ପରସ୍ପର ବାନ୍ଧି ହୋଇ ରହିଥିଲେ ସମ୍ପର୍କର ପରମ ସୌହାର୍ଦ୍ଦ୍ୟର ସୂତ୍ରରେ। ଯୋଗ୍ୟ ସ୍ରଷ୍ଟାଙ୍କୁ ଇଂରେଜ ସରକାର ଓ ରାଜା, ଜମିଦାରଙ୍କ ପକ୍ଷରୁ ଉପାଧି ଓ ସମ୍ବର୍ଦ୍ଧନା ମିଳୁଥିଲା, ଯାହା ସେମାନଙ୍କ ପାଇଁ ଥିଲା ଏକ ସାତ୍ତ୍ୱିକ ସ୍ୱୀକୃତି। ସବୁରି ଊର୍ଦ୍ଧ୍ୱରେ ଥିଲା ବିଦଗ୍ଧ ପାଠକ ଓ ଗୁଣଗ୍ରାହୀମାନଙ୍କ ଦ୍ୱାରା ପ୍ରଦତ୍ତ ଶାବ୍ଦିକ ଶିରସ୍ତ୍ରାଣ, ଯା'ର ଦୃଷ୍ଟାନ୍ତ ଫକୀରମୋହନଙ୍କ ବ୍ୟାସକବି ଓ ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ କାନ୍ତକବି ଉପାଧି। ସେତେବେଳେ ପୁରସ୍କାର ଦିଆଯାଉଥିଲା ଶ୍ରେଷ୍ଠତ୍ୱର ସମ୍ମାନାର୍ଥେ। ପୁରସ୍କାରର ପବିତ୍ରତା ବଜାୟ ରଖିବା ପାଇଁ ବିଶେଷଜ୍ଞମାନେ ନିରପେକ୍ଷ ରହି ସିଦ୍ଧାନ୍ତ ନେଉଥିଲେ, ଯେଉଁଥିପାଇଁ ତା'ର ବିଶ୍ୱସନୀୟତା ଥିଲା ସନ୍ଦେହର ଊର୍ଦ୍ଧ୍ୱରେ। ମାତ୍ର ସାହିତ୍ୟ ସଂଗଠନ ସହିତ ସାମନ୍ତମାନେ ଯୋଡିହେବା ପରେ କଳୁଷିତ ହେଲା ସାରସ୍ୱତ ବାତାବରଣ। ପୁରସ୍କାର ପାଇବା ନ ପାଇବାକୁ ନେଇ ଉଠିଲା ବିବାଦ। ଦିନେ ସାହିତ୍ୟରେ ସେବକ ହେବା ଥିଲା କାଠିକର ପାଠ। ସେଥିରେ ସ୍ୱୀକୃତି ପାଇବା ପୁଣି ଭାଗ୍ୟର କଥା। ଏବେ ଲେଖକ ହେବା ଓ ପୁରସ୍କାର ପାଇବା ଅତି ସାଧାରଣ କଥା। ଆଜିକାଲି କଲମଚାଷୀ ହାଉଯାଉ। ସେମାନଙ୍କୁ ପୁରସ୍କାର ଦେବା ପାଇଁ ଖୋଲିଛି ମାଳମାଳ ସାହିତ୍ୟ ସଂଗଠନ। ଗାଁରୁ ସହର ଯାଏ ସବୁଠି ଆୟୋଜନ ହେଉଛି ପୁସ୍ତକ ଲୋକାର୍ପଣ ଉତ୍ସବ। ଆଗେ ପାଠକଙ୍କ ତୁଳନାରେ ଲେଖକଙ୍କ ସଂଖ୍ୟା ଥିଲା ନଗଣ୍ୟ। ଆଜି ଶହେଜଣ ଲେଖକଙ୍କ ଭିତରେ ଦଶଜଣ ପାଠକ ମିଳିବେ କି ନାହିଁ ସନ୍ଦେହ। ପାଠକହୀନତା ସଙ୍କଟ ଭିତରୁ ମୁକୁଳିପାରୁନି ଓଡ଼ିଆ ସାହିତ୍ୟ। କ'ଣ ହୋଇପାରେ ଏହାର କାରଣ? ଓଡ଼ିଆ ସାହିତ୍ୟରେ ଆଉ ଭଲ ଲେଖକ ନାହାନ୍ତି ନା ସେମାନେ ଖୋଜି ପାଉନାହାନ୍ତି ଘଟଣା ଓ ଚରିତ୍ର?

ସାହିତ୍ୟ ସ୍ରଷ୍ଟା ମାନବାତ୍ମାର କାରିଗର। ସେମାନଙ୍କ ଅନ୍ତର୍ଲୋକରେ ଉଦ୍ଭାସିତ ସୃଜନଶୀଳ ଉଦୟ ହିଁ ସାହିତ୍ୟ। ତା'ର ସୃଷ୍ଟି ପଛରେ ଥାଏ ବିପୁଳ ଉପଲବ୍ଧି। ଘୃଣା ଓ ହିଂସା ଏବଂ ପ୍ରବଞ୍ଚନାରୁ ଉପଲବ୍ଧି ମିଳେନାହିଁ, ଉପଲବ୍ଧି ଥାଏ ସତ୍ୟରେ, ପ୍ରେମରେ ଓ ଭଲପାଇବାରେ। ଯେଉଁଠି ସାଧନା ନାହିଁ, ନିଷ୍ଠା ନାହିଁ, ମହତ ଲକ୍ଷ୍ୟ ନାହିଁ, ସେଠାରେ ସାହିତ୍ୟ କେବଳ ଆତ୍ମପ୍ରଚାର ଓ ଶସ୍ତା ଲୋକପ୍ରିୟତା ପାଇଁ ଏକ ଭେଳିକି। ନିଜ ଲେଖା ଉପରେ ନିଜେ ମୋହର ମାରି ବାହାବା ନେବାର ଆତ୍ମ ପ୍ରବଞ୍ଚନା। ନାନ୍ଦନିକ ଦୃଷ୍ଟିକୋଣ ନ ରହିଲେ ସର୍ଜନା ପାଲଟିଯାଏ ସାହିତ୍ୟର ଅପସୃଷ୍ଟି। ସାରସ୍ୱତ ଅଗଣାର ସେହି ଆବର୍ଜନାକୁ ନେଇ ବଢୁଛି ପୁରସ୍କାରପ୍ରାପ୍ତ ପୁସ୍ତକ ଓ ପାଠକପ୍ରିୟ ପୁସ୍ତକ ମଧ୍ୟରେ ଦୂରତା। ସାହିତ୍ୟ ପାଖରୁ ଦୂରେଇଯାଉଛି ପାଠକ।

ଆଗେ କେବଳ ରାଜଧାନୀରେ ଅନୁଷ୍ଠିତ ହେଉଥିଲା ପୁସ୍ତକ ମେଳା। ଏବେ ଛୋଟ ଛୋଟ ସହରରେ ପୁସ୍ତକ ମେଳା ହେଲାଣି ଏବଂ କେତେକ ସହରରେ ଏକାଧିକ ମେଳା ହେଉଛି ବାଦବୁଦିଆରେ। ହେଲେ ସବୁଠି ବହି ବଜାର ମାନ୍ଦା। ପୁଣି ଧର୍ମ, ବିଜ୍ଞାନ, ପାଠ୍ୟ ଓ ପ୍ରତିଯୋଗିତାମୂଳକ ପୁସ୍ତକ ତୁଳନାରେ ସବୁଠାରୁ କମ୍ ବିକ୍ରି ହେଉଛି ସାହିତ୍ୟ ବହି। ପାଠକ ନ ଥାଇ ଲେଖକଙ୍କୁ ମିଳୁଛି ପୁରସ୍କାର। ସେଥିପାଇଁ ସାହିତ୍ୟ ସଭା ସହିତ ଯୋଡି ହୋଇଯାଉଛି ସମ୍ବର୍ଦ୍ଧନା ପର୍ବ। ସେଠାରେ ସମ୍ବର୍ଦ୍ଧିତ ହେଉଛନ୍ତି ଅନେକ ଆତ୍ମଘୋଷିତ ବଡ଼ ଲେଖକ। ସେମାନଙ୍କୁ ଜଣାଥାଏ ପେଞ୍ଚପାଞ୍ଚ କରି ମଞ୍ଚଦଖଲ ଓ ପୁରସ୍କାର ହାତେଇବାର କଳା। ସାହିତ୍ୟ ଏକାଡେମୀ ଭଳି ବଡବଡ ସାହିତ୍ୟ ଅନୁଷ୍ଠାନରେ ବି ଚାଲିଛି ନିର୍ଦ୍ଦିଷ୍ଟ ମତାଦର୍ଶର ଭାଟ ବନ୍ଦନା। ତଥାକଥିତ ଅନେକ ମାତବର ସେହି ପ୍ରବଞ୍ଚନା ପାଲାର ପାଳିଆ। ପୁରସ୍କାର ମାନସିକତା ସାହିତ୍ୟ ସାଧନାର ଅନ୍ତରାୟ। ଯେଉଁଠି ପ୍ରତିଭା ଓ ଆତ୍ମବିଶ୍ୱାସର ଅଭାବ, ସେଇଠି ସୃଷ୍ଟି ହୁଏ ଅସାଧୁ ଉପାୟରେ ପୁରସ୍କାର ହାତେଇବାର ବିଚିତ୍ର ବିକଳପଣ। ଯେଉଁଠି ମଞ୍ଚବିକିଳିଆ ମତଲବୀ ମହାରଥିଙ୍କ ପ୍ରପଞ୍ଚପଣ, ସେଇଠି କମେ ମାନପତ୍ରର ମାନ। ଏମାନଙ୍କ ପ୍ରବଞ୍ଚନା ପାଇଁ ପୁରସ୍କାରରୁ ବଞ୍ଚିତ ହୁଅନ୍ତି ଅନେକ ଯୋଗ୍ୟ ଲେଖକ। ଏହି ପ୍ରବଞ୍ଚନାର କ୍ଷତରୁ ଯେଉଁ ରକ୍ତ କ୍ଷରଣ ହୁଏ, ତାହା ସାହିତ୍ୟ ପାଇଁ କ୍ଷତିକାରକ। ତା'ର ପୂର୍ଣ୍ଣଚ୍ଛେଦ ନ ପଡ଼ିବା ଯାଏ ତ୍ରାହି ତ୍ରାହି ଡାକୁଥିବ ବୃହତ୍ତର ପାଠକ ସମାଜ।

ଅସଲ ସ୍ରଷ୍ଟା ଆନୁଷ୍ଠାନିକ ପୁରସ୍କାର, ଉପଢୌକନ, ସମ୍ମାନ ଓ ସମ୍ବର୍ଦ୍ଧନାର ଔପଚାରିକତା ପାଖରେ ନ ଥାଏ, ସେ ଥାଏ ତା'ର ପାଠକ ପାଖରେ। ସେ ଗୋଠ ଗଢେନି କି ଭାଟ ବନ୍ଦନା କରେନି ସ୍ୱସିଦ୍ଧିର ଅଭିସନ୍ଧି ନେଇ। ସେ ନୀରରେ ନିମଜ୍ଜି ରହିଥାଏ ତା'ର ପ୍ରଜାପତୀୟ କାର୍ଯ୍ୟରେ। ଲେଖକର ପରମାୟୁ ପୁରସ୍କାର ଉପରେ ନୁହେଁ, ନିର୍ଭର କରେ ପାଠକୀୟ ଆଦୃତି ଉପରେ। ଶକ୍ତିଶାଳୀ ଲେଖାରେ ଏମିତି ମନ୍ତ୍ରଶକ୍ତି ଥାଏ ଯେ ତାହା ହୃଦୟ ତନ୍ତ୍ରୀରେ ସୃଷ୍ଟି କରେ ଅପୂର୍ବ ଝଙ୍କାର। ଲେଖକୀୟ ଭାବସତ୍ତା ସହିତ ପାଠକୀୟ ଆତ୍ମସତ୍ତା ମିଶିଗଲେ ପ୍ରାପ୍ତିର ଯେଉଁ ଅନିର୍ବଚନୀୟ ଆନନ୍ଦ ମିଳେ ତାହା ହିଁ ଲେଖକର ସର୍ବଶ୍ରେଷ୍ଠ ସଫଳତା। ସେଭଳି ଲେଖକର ସିଂହାସନ ପାଠକଙ୍କ ହୃଦୟରେ, ଯାହା କେବେ ଜୁଟେ ନାହିଁ ଗାଲଗୋଟିଆ ବା ବୌଦ୍ଧିକ ଶଠମାନଙ୍କ ଭାଗ୍ୟରେ।

ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ
ମୋ: ୬୩୭୧୬୪୨୪୬୪

# ପିଲାଙ୍କ ସଂସ୍କାର



ହରେକୃଷ୍ଣ ଦାସ

ଗୋଟେ ଛୋଟ ଅଥଚ ଜନଗହଳିପୂର୍ଣ୍ଣ ଛକରେ ମୋର ଗାଡ଼ି ପାର୍କିଂ କଲାବେଳେ ସେଠି ଥିବା ଗୋଟେ ସ୍କୁଟରର ପାଖାପାଖି ଚାଲି ଆସିଲା। ସ୍କୁଟର ଉପରେ ବସିଥିବା ଝିଅଟିଏ ଧକ୍କା ହୋଇଯିବା ଆଶଙ୍କାରେ ଡରିଯାଇ ଓହ୍ଲାଇ ପଡିଲା ବେଳକୁ ତଳେ ପଡ଼ିଗଲା। ଝିଅଟି ଉଠିପଡ଼ି ମତେ ଗାଳିଦେବା ଆରମ୍ଭ କରିଦେଲା। ସେ ତା' ଭାଇକୁ ଫୋନ କରି ଡକେଇଲା। ଅବିଳମ୍ବେ ତା'ର ଭାଇ ସହ ଦି'ଜଣ ଯୁବକ ପହଞ୍ଚିଯାଇ ମତେ ଦୁର୍ବ୍ୟବହାର କଲେ। କିଛି ସମୟ ପରେ ଝିଅଟି କହିଲା, ଏଭଳିଆ ଷ୍ଟାଣ୍ଡାର୍ଡ ନ ଥିବା ଲୋକଙ୍କ ସହ ପାଟିତୁଣ୍ଡ କଲେ ଆମର ଇଜ୍ଜତ ଯିବ। ଭଉଣୀ କଥା ମାନି ଭାଇ 'ତୋ କଥା ପରେ ବୁଝିବି' ଭଳି ସଂକ୍ଷିପ୍ତ ଧମକଟିଏ ଦେଇ ଚାଲିଗଲା।

ସେଇ ମୁହୂର୍ତ୍ତରୁ ସେ ସ୍ଥାନ ଛାଡ଼ି ଚାଲିଯିବାକୁ ଇଚ୍ଛା ହେଉଥିଲେ ବି ସେଇଠି ଅମର ଓ ତା'ପରିବାରବର୍ଗଙ୍କୁ ଅପେକ୍ଷା କରିବାକୁ ଆଗରୁ ସ୍ଥିର ହୋଇଥିବାରୁ ବାଧ୍ୟ ହୋଇ ଅଟକି ରହିଲି। ଅମର ଓ ତା' ବାପା ଶରତବାବୁ ଆସି ପହଞ୍ଚିବା ପରେ ଗୋଟେ ଅଚାନକ ଅସୁସ୍ଥତାର ବାହାନା କରି ଖସି ଆସିବାକୁ ଚେଷ୍ଟା କଲି। କିନ୍ତୁ ମୋ ବିନା ସେ ଆଦୌ ଯିବନି ଏବଂ କାର୍ଯ୍ୟକ୍ରମଟିକୁ ସ୍ଥଗିତ ରଖିବାକୁ ଅମର ଜିଦ୍ କରିବାରୁ ବାଧ୍ୟ ହୋଇ ସେମାନଙ୍କ ସହ ଯିବାକୁ ରାଜି ହେଲି।

ମୋ ପାଖରେ ପ୍ରାୟ ଦଶ ବାର ବର୍ଷ ତଳେ ଛାତ୍ର ଥିବା ଅମର ଦୀର୍ଘ ଦିନରୁ ପସନ୍ଦ କରିଥିବା ଝିଅକୁ ଦେଖି ଆଜି ବାହାଘର ସ୍ଥିର କରିବା କାର୍ଯ୍ୟରେ ମୋର ଭୂମିକାକୁ ସର୍ବାଧିକ ଗୁରୁତ୍ୱ ଦେଉଥାଏ। ଝିଅକୁ କେବଳ ମୁଁ ମୋ ବାଗରେ ପରଖି ସ୍ୱୀକୃତି ଦେଲେ ଯାଇ କଥା ଆଗେଇବ ବୋଲି ଅମର ଆଗରୁ ଜଣାଇଦେଇଥିବାରୁ ମତେ ଦେଖିବା ପାଇଁ ଝିଅ ଘର ଲୋକଙ୍କ ଭିତରେ ଖୁବ୍ ଉତ୍ସୁକତା ଥାଏ। ଝିଅ ଘରେ ଆମର ଯଥାଯଥ ଆତିଥ୍ୟ ପରେ ଝିଅଟି ଆମ ସାମ୍ନାକୁ ଆସିବାର ପର୍ବ। ସୁନ୍ଦର ଭାବେ ସଜେଇ ହୋଇ ଆସି ଆମକୁ ପ୍ରଣାମ କରି ଝିଅଟି ମୁହଁ ଉଠେଇ ଚାହିଁଲା ବେଳକୁ ମୋ ଉପରେ ନଜର ପଡିବା ମାତ୍ରେ ଚମକି ପଡ଼ିଲା। ଭୟରେ ହାତ ଥରିଉଠି ଦେହ ମୁହଁରେ ଝାଳ ଉକୁଟି ଉଠିଲା। ତା'ର ଏ ଅବସ୍ଥା ଦେଖି ଅମର ଓ ଅନ୍ୟମାନେ କ'ଣ ହେଇଛି ବୋଲି ଝିଅକୁ ପଚାରିବାରୁ ସେ 'ମୋର ଭୁଲ ହେଇଯାଇଛି। ମୁଁ ଆପଣଙ୍କୁ ଚିହ୍ନି ନ ଥିଲି, ମତେ କ୍ଷମା କରିଦିଅନ୍ତୁ' କହି କାନ୍ଦି ପକେଇଲା। ତା' କାନ୍ଦ ଶୁଣି ତା'ର ଭାଇ ଓ ଅନ୍ୟମାନେ ଧାଇଁ ଆସିଲେ। ମତେ ଦେଖି ଭାଇର ଅବସ୍ଥା ମଧ୍ୟ ଭଉଣୀପରି ହେଇଗଲା। 'ଆଇ ଆମ୍ ସରି' କହିଦେଇ ସେ ଚୁପ୍‌ଚାପ ଛିଡ଼ା ହେଇରହିଲା। ଘଟଣାଟି ଜଣେଇବାକୁ ଅମର ବାଧ୍ୟ କରିବାରୁ ଝିଅଟି ସମ୍ପୂର୍ଣ୍ଣ କାହାଣୀ ବର୍ଣ୍ଣନା କଲା। କଥା ଶେଷ ହେଲାବେଳକୁ ଅମର ରାଗରେ ଲାଲ ପଡ଼ିଯାଇଥାଏ। ଏମିତି ଗୋଟେ ଛୋଟ ଘଟଣାକୁ ଗୁରୁତ୍ୱ ନ ଦେବାକୁ ମୁଁ କହିବା ମାତ୍ରେ ଝିଅର ବାପା ତତ୍‌କ୍ଷଣାତ କହିଲେ, 'ଆଜ୍ଞା, ପିଲାମାନେ ତ ଭୁଲ



କରିବେ। କିନ୍ତୁ ଆମେମାନେ ଏମିତି ଗୁରୁତ୍ୱହୀନ ଛୋଟଛୋଟ ଘଟଣାକୁ ଧରିବା ଉଚିତ ହେବନି।'

ଅମରର ବାପା କହିଲେ, 'ବୁଝିଲେ ଆଜ୍ଞା, ଜଣକର ଚରିତ୍ର ବିଷୟରେ ଜାଣିବା ପାଇଁ ଏମିତି ଛୋଟଛୋଟ ଘଟଣା ହିଁ ଯଥେଷ୍ଟ। ଆମର ବିଚାର, ଚରିତ୍ର ଆଉ ସଂସ୍କାର ଅନୁସାରେ ଆମ ପିଲା ବଢ଼ିଥାନ୍ତି। ଆପଣ ପିଲାଙ୍କୁ ରୋଜଗାରକ୍ଷମ କରିଦେଇଛନ୍ତି ସିନା, ସେମାନଙ୍କୁ ସଂସ୍କାର, ଶିଷ୍ଟାଚାର ଶିକ୍ଷା ଦେଇନାହାନ୍ତି। ଅନ୍ୟମାନଙ୍କୁ ସମ୍ମାନ ଦେବା କଥା ଆପଣ ସେମାନଙ୍କୁ ଶିଖେଇ ନାହାନ୍ତି। ନ ହେଲେ ନିଜଠାରୁ ଯଥେଷ୍ଟ ବୟସ୍କ ଜଣେ ବ୍ୟକ୍ତିଙ୍କୁ ସେମାନେ ଆଜି ଏମିତି ବ୍ୟବହାର କରି ନ ଥାନ୍ତେ। ଅବଶ୍ୟ ସେମାନଙ୍କ ଏ ବ୍ୟବହାର ପ୍ରତି ଆପଣଙ୍କ ଦୃଷ୍ଟିଭଙ୍ଗୀ ଜଣେଇଦେଉଛି ଯେ ସେମାନଙ୍କ ଏ ପ୍ରକାର ଚରିତ୍ର ଅତ୍ୟନ୍ତ ସ୍ୱାଭାବିକ, କାରଣ ଆପଣଙ୍କଠାରୁ ହିଁ ସେମାନେ ଏସବୁ ଆହରଣ କରିଛନ୍ତି। କିନ୍ତୁ ମନେରଖନ୍ତୁ, ଅନ୍ୟମାନଙ୍କୁ ଦୁର୍ବ୍ୟବହାର ଦେଖେଇବା ଯାହାର ଚରିତ୍ର, ସେ ଆତ୍ମୀୟସ୍ୱଜନଙ୍କୁ ମଧ୍ୟ ଛାଡ଼ିବନି। କାଲି ସେମାନେ ଆପଣଙ୍କୁ ମଧ୍ୟ ଏ ପ୍ରକାର ବ୍ୟବହାର ଦେଖେଇବେ।

ଅମର କହିଲା, 'ଆଉ ସମୟ ନଷ୍ଟ କରିବା ଉଚିତ ନୁହଁ। ଘରକୁ ଯିବା।'ଆମ ସହ ଯାଇଥିବା ଜଣେ ଭଦ୍ରଲୋକ ଫେରିବା ବାଟରେ କହିଲେ, 'ବୁଝିଲେ ଆଜ୍ଞା, ଏ ଝିଅର ଭାଇ ସହ ମୋ ଝିଅର ପ୍ରସ୍ତାବ ପକେଇବା କଥା ମୁଁ ଭାବୁଥିଲି। ହେଲେ ଏତେକାଣ୍ଡ ଜାଣିବା ପରେ ଯାହା ଟିକେ ମନ ଉଣା ହେଇଥିଲା, ପିଲାର ମାଆକୁ ଦେଖିଲା ପରେ ଆଦୌ ନ ଆଗେଇବାକୁ ସ୍ଥିର କଲି। ଛ' ମାସ ପାଇଁ ମୁଁ ତାଙ୍କର ସହକର୍ମୀ ଥିବାବେଳେ ତାଙ୍କୁ ଅନୁଧ୍ୟାନ କରିଛି। ଖୁବ୍ ଅହଙ୍କାରୀ ମହିଳା ଜଣେ। ଆମେ ଯିଏ ଯେତେ ବୟସ୍କ ହେଇଥିଲେ ବି ସେ କାହାରିକୁ ନମସ୍କାର କରନ୍ତିନି। ସମସ୍ତଙ୍କ ସହ ଝଗଡ଼ା। ତାଙ୍କ କଥାବାର୍ତ୍ତାରେ ଅନ୍ୟମାନଙ୍କ ପ୍ରତି ଅସମ୍ମାନ, ବେଖାତିର ଭାବ। ଏଭଳିଆ ମାଆର ପିଲାମାନେ ଆଉ କେମିତି ହେବେ! କୋଉ ପିଲା ଭଲ ପଡିବ କି ନାହିଁ ସେକଥା କହିହବନି, କିନ୍ତୁ ସବୁ ଜାଣିସାରିବା ପରେ ନ ଆଗେଇବାଟା ଠିକ୍ ହେଇଛି।'

ଅମର କହିଲା,'ସାର, ମୁଁ ଜାଣେ, ଆପଣ ସମସ୍ତଙ୍କୁ କ୍ଷମା କରିଦେବେ, କିନ୍ତୁ ଆପଣଙ୍କ ଏ ଅସମ୍ମାନ ପାଇଁ ମୁଁ ନିଜକୁ କେବେ କ୍ଷମା କରିପାରିବିନି।' କିଛି ଉତ୍ତର ନ ଦେଇ ମୁଁ କେବଳ ତା' ପିଠି ଥାପୁଡେଇ ଦେଇ ସେ ହୃଦୟରେ ସାଇତିଥିବା ସଂସ୍କାର କଥା ଭାବି ଖୁସି ହେଉଥିଲି। ଏବଂ ଏ ପ୍ରକାର ଘଟଣା ଯୋଗୁ ବାହାଘର ପରି ଜୀବନର ଗୋଟେ ଗୁରୁତ୍ୱପୂର୍ଣ୍ଣ ଘଟଣା ଏମିତି ମୋଡ଼ ନେଇଥିବାରୁ ଦୁଃଖ ଅନୁଭବ କରୁଥିଲି।

ଅଧ୍ୟାପକ, ଇଂଲିଶ୍ ବିଭାଗ, ନିଆଳି ମହାବିଦ୍ୟାଳୟ, ନିଆଳି, କଟକ
ମୋ: ୯୮୬୧୩୪୫୬୫୮

## ଏଇ ଭାରତରେ

ନିଜ ପାଇଁ ଖାଦ୍ୟ ସଂଗ୍ରହ କରିବାର କଷ୍ଟ ଅନୁଭବ କରିଥିବା ଜଣେ ମହିଳା ରମଜାନ ମାସରେ ଅନେକ ଅସହାୟ ପରିବାରକୁ ଖାଦ୍ୟ ଯୋଗାଉଛନ୍ତି। ଏହି ମହିଳା ହେଉଛନ୍ତି ଦିଲ୍ଲୀର ସୁମ୍ବୁଲ । ସେ ଆପ୍‌କେ ଫାଉଣ୍ଡେଶନ ଗଠନ କରି ନଏଡା, ଦିଲ୍ଲୀ ଏବଂ ବରେଲୀରେ ଖାଦ୍ୟ ଓ ରାଶନ କିଟ୍ ଲୋକଙ୍କୁ ଦେଉଛନ୍ତି। ୨୦୧୮ରେ ସୁମ୍ବୁଲ ନଏଡା ଆସିଥିଲେ। ସେତେବେଳେ ତାଙ୍କ ପାଖରେ ୭୫୦୦ ଟଙ୍କା ଥିଲା। ସେହି ଟଙ୍କାରେ ଚଳିବା କଷ୍ଟକର ହୋଇପଡ଼ିଲା। ଏପରି କି ପ୍ରାରମ୍ଭିକ ସ୍ତରରେ ନିଜ ପାଇଁ ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ଥିଲା। ପରେ ସେ ନିଜ ସ୍ଥିତିକୁ ସୁଧାରିବା ସହ ୨୦୨୧ରେ ଆପ୍‌କେ ଫାଉଣ୍ଡେଶନ ଗଠନ କରି ସ୍ୱେଚ୍ଛାସେବୀଙ୍କୁ ଏଥିରେ ସାମିଲ କରି ଖାଦ୍ୟ ବାଣ୍ଟିବା ଆରମ୍ଭ କରିଥିଲେ। ଏବେ ୨୨ରୁ ୩୨ ବର୍ଷ ବୟସ ମଧ୍ୟରେ ୧୭ ଜଣ ସ୍ୱେଚ୍ଛାସେବୀ ଏହି କାର୍ଯ୍ୟକୁ ସଞ୍ଚାଳନ କରୁଛନ୍ତି। ସେମାନେ ସନ୍ଧ୍ୟା ସମୟରେ ଲୋକଙ୍କୁ ଖାଦ୍ୟ ଦେଉଛନ୍ତି। ପ୍ରଥମେ ରମଜାନ ମାସରେ ୩,୦୦୦ ଲୋକଙ୍କୁ ଖାଦ୍ୟ ବାଣ୍ଟୁଥିଲେ । ଏବେ ୪,୫୦୦ ଲୋକଙ୍କୁ ଦେଉଛନ୍ତି। ଏହା ବ୍ୟତୀତ ଅତି ଗରିବ ପରିବାର ପାଖରେ ୧୦୦ଟି ରାଶନ କିଟ୍ ପହଞ୍ଚାଉଛନ୍ତି। ଲୋକଙ୍କଠାରୁ ସଂଗୃହୀତ ଅର୍ଥରେ ଏହି ଖାଦ୍ୟ ବଣ୍ଟନ ଜାରି ରହିଛି।

## ୫୦ ବର୍ଷ ତଳର ଧରିତ୍ରୀ

୯ ମାର୍ଚ୍ଚ ୧୯୭୭

- ଜମ୍ମୁ ଓ କଶ୍ମୀରର ପୂର୍ବତନ ଉପମନ୍ତ୍ରୀ ଶ୍ରୀ ସାଗ୍ରା ସିଂହ ଜାତୀୟ ସମ୍ମିଳନୀରୁ ଇସ୍ତଫା ଦେଇ ଜନତା ଦଳରେ ଯୋଗଦେଇଛନ୍ତି।
- ବାଲେଶ୍ୱର ସିମୁଳିଆ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାନସଭା ସଭ୍ୟ ଶ୍ରୀ ଉଦ୍ଧବ ଚରଣ ଜେନାଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।

## ଚିରନ୍ତନୀ

ମୁଁ ଯେ ବସିଛି ସିନ୍ଧୁ ଏ ପାରେ
ଯାହା ପଥ ଚାହିଁ
ସେପାରେ ଭ୍ରମଇ ସେ କି
ଅଧୀର ମୋ ପାଇଁ?
–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ତଥ୍ୟର ସୁରକ୍ଷା ଲୋଡ଼ା

ମହାଶୟ,

ଲୋକଙ୍କ ବ୍ୟକ୍ତିଗତ ତଥ୍ୟ(ଡାଟା) ପ୍ରସଙ୍ଗକୁ ନେଇ ହ୍ୱାଟ୍ସଆପ୍ ଏବଂ ମେଟା ପ୍ଲାଟ୍‌ଫର୍ମକୁ ସୁପ୍ରିମକୋର୍ଟଙ୍କ ତାଗିଦ୍ ସ୍ୱାଗତଯୋଗ୍ୟ। ଆମେରିକୀୟ କମ୍ପାନୀର ଭାରତୀୟଙ୍କ ଗୋପନୀୟ ତଥ୍ୟ ଶେୟାର ଓ ହେରଫେର ସମ୍ଭିଧାନକୁ ଅବମାନନା ବୋଲି ମଧ୍ୟ ଅଭିହିତ କରାଯାଇଛି। ଭାରତ ଭଳି ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ବ୍ୟକ୍ତିଗତ ତଥ୍ୟର ସୁରକ୍ଷା ଉପରେ ଗୁରୁତ୍ୱ ଦିଆଯିବା ଦରକାର। ଏହା ନ ହେଲେ ଲୋକେ ଅନ୍‌ଲାଇନ ଠକେଇର ଶିକାର ହେବା ସହ ବିଭିନ୍ନ ସମସ୍ୟା ଉପୁଜିବ। ତେବେ ବିଳମ୍ବରେ ହେଲେ ବି ଏଭଳି ପଦକ୍ଷେପ ନିଶ୍ଚିତ ରୂପେ ଜନସ୍ୱାର୍ଥ ସପକ୍ଷରେ ବୋଲି କୁହାଯାଇପାରେ।

– ଡି.ପି. ତ୍ରିପାଠୀ, ଶ୍ରୀନିବାସବିହାର, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ସମଲେଶ୍ୱରୀ ମନ୍ଦିରରେ ଭଜନ ସନ୍ଧ୍ୟା**

ସମ୍ବଲପୁର,(ବି.ଶଙ୍କର): ଭକ୍ତି ସଙ୍ଗୀତ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରବିବାର ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ହୋଇଛି। ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ଓ କଳାକାରମାନଙ୍କ ମିଳିତ ଆୟୋଜିତ କାର୍ଯ୍ୟକ୍ରମକୁ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ ଉଦ୍‌ଘାଟନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ପ୍ରଫୁଲ୍ଲ କୁମାର ହୋତା, ଦେବ କୁମାର ଆଜମେରିଆ ଓ ସନ୍ତୋଷ ପୃଷ୍ଟେଠ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। କଣ୍ଠଶିଳ୍ପୀ ଅଶୋକ ପଟ୍ଟନାୟକ, ଦିଲିପ ପଣ୍ଡା, ଚେତନାମୟୀ ବେହେରା, ରାଜକୁମାର ଜାଲ, ଅର୍ପିତା ମିଶ୍ର, ସିଦ୍ଧେଶ୍ୱରୀ ସାହୁ ଓ ସମାପିକା ଦାଶ ସଙ୍ଗୀତ ପରିବେଷଣ କରିଥିଲେ।

# ଉଦ୍ୟୋଗୀ ମନୋଭାବ ମହିଳାଙ୍କୁ ଶୀର୍ଷସ୍ତରରେ ପହଞ୍ଚାଇବ

## ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

କୁଚିଣ୍ଡା,୮।୩(ବିରଞ୍ଚି ଦର୍ଶୀ)

ସମ୍ବଲପୁର ଜିଲା କୁଚିଣ୍ଡା ଟାଉନ ହଲଠାରେ ରବିବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ୪ର୍ଥ କିସ୍ତି ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ, ବିଭିନ୍ନ ଯୋଜନାରେ ମହିଳାମାନେ ସାମିଲ ହୋଇ ଆତ୍ମସ୍ୱାବଲମ୍ବୀ ହୋଇପାରିଛନ୍ତି। ପାରଦର୍ଶିତା ହାସଲ କ୍ଷେତ୍ରରେ ମହିଳା ଆଗରେ ଥିବା ବେଳେ ସେମାନଙ୍କ କାର୍ଯ୍ୟଶୈଳୀ ତାଙ୍କୁ ଲକ୍ଷପତି ଦିଦି ହେବାର ସୌଭାଗ୍ୟ ପ୍ରଦାନ କରିଛି। ଉଦ୍ୟୋଗୀ ମନୋଭାବ ଯୋଗୁ ସେମାନେ ଆଜି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି ବୋଲି କହିଥିଲେ।

ଜିଲାପାଳ ସିଦ୍ଧେଶ୍ୱର ବଳିରାମ ଗୋନ୍ଦର, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ଉପଜିଲାପାଳ ସରଓନନ ସ, ବାମରା ପଞ୍ଚାୟତ ସମିତି ଅଧ୍ୟକ୍ଷା ପିଙ୍କି ଧୂରୁଆ, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏମ୍‌ପି ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଶୁଶିଳ କର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସମ୍ବଲପୁର ଜିଲାର ୯ଟି ବ୍ଲକର ପ୍ରାୟ ୨ଲକ୍ଷ ୭୦ହଜାର ହିତାଧିକାରୀ ତାଙ୍କ ୪ର୍ଥ କିସ୍ତି ସୁଭଦ୍ରା ସହାୟତା ପାଉଥିବା ଅତିଥିମାନେ କହିଥିଲେ। ସହାୟତା ରାଶିକୁ ସୁବିନିଯୋଗ କରି ଆତ୍ମନିର୍ଭରଶୀଳ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଉତ୍ତମ ସେବା ପାଇଁ ରେଢ଼ାଖୋଲ ସିଡ଼ିପିଓ ଆରତୀ ମିଶ୍ର, ମାନେଶ୍ୱର ସୁପରଭାଇଜର ଅଞ୍ଜଳି ପ୍ରଧାନ ଓ ସମ୍ବଲପୁର ସୁପରଭାଇଜର ଲିସି ପଟେଲ, ନାକଟିଦେଉଳ ବ୍ଲକ ସିମିଳିପାଳ ଅଙ୍ଗନୱାଡ଼ି କର୍ମୀ ରଞ୍ଜିତା ପ୍ରଧାନ, କୁଚିଣ୍ଡା ବ୍ଲକ ତିହାଡିପାଲିର କୁମୁଦିନୀ ମାଝି, ଧନକଉଡ଼ା ବ୍ଲକ ଜାମପାଲିର ବବି ସା ଓ ଜମନକିରା ବ୍ଲକ ସାହାଜାହାଲର ଅଙ୍ଗନୱାଡ଼ି କର୍ମୀ ନମିତା କୁଅଁର ଏବଂ ନାକଟିଦେଉଳ ବ୍ଲକ ସିମିଳିପାଳ ଅଙ୍ଗନୱାଡ଼ି ହେଲପର ପୁଷ୍ପାଞ୍ଜଳି ପ୍ରଧାନ, ରେଙ୍ଗାଲି ବ୍ଲକ ଗୁମକାରମା(ଏ)ହେଲପର ନିରୁପମା ପଟେଲ ଓ ଧନକଉଡ଼ା ବ୍ଲକ ଗୁରୁଦ୍ୱାରପଡା ହେଲପର ସୁଭଦ୍ରା ଗାର୍ଡିଆଙ୍କୁ ସମ୍ମାନିତ କରାଯାଇଥିଲା।

ପରେ ପୁରୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ୪ର୍ଥ କିସ୍ତି ବଣ୍ଟନର ପ୍ରସାରିତ ଧାରା ବିବରଣୀ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ କୁଚିଣ୍ଡା ବିଡ଼ିଓ ଜୟନ୍ତ ସାହୁ, ବାମରା ବିଡ଼ିଓ ପୁଷ୍ପକ ପ୍ରଧାନ, ଜମନକିରା ବିଡ଼ିଓ ରବିନ୍ଦ୍ର ସେଠୀ, କୁଚିଣ୍ଡା ଏନଏସି ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, କୁଚିଣ୍ଡା ସିଡ଼ିପିଓ କାନ୍ତିକୌସୁଖି ହେମ୍ବ୍ରମ, ଜମନକିରା ସିଡ଼ିପିଓ ମମତା ପଟେଲ, ବାମରା ସିଡ଼ିପିଓ ମିନତୀ ମିଶ୍ର, ସମ୍ବଲପୁର ପ୍ରୋଜେକ୍ଟ ଅଫିସର ଅନିତା ଏକ୍କା ସହଯୋଗ କରିଥିଲେ।



ମନ୍ତ୍ରୀ ରବିନାରାୟଣ ନାଏକ ରେଢ଼ାଖୋଲ ସିଡ଼ିପିଓଙ୍କୁ ସମ୍ମାନିତ କରୁଛନ୍ତି।

# ବିକାଶରେ ପୁରୁଷ ଅପେକ୍ଷା ନାରୀମାନଙ୍କ ଦାୟିତ୍ୱ ଅଧିକ



ସମ୍ବଲପୁର ସରକାରୀ ମହାବିଦ୍ୟାଳୟରେ ଆୟୋଜିତ ମହିଳା ଦିବସରେ ଅତିଥି, ବକ୍ତା ଓ ଛାତ୍ରୀମାନେ।

ସମ୍ବଲପୁର, ୮।୩(ବି.ଶଙ୍କର)

ସମ୍ବଲପୁର ସରକାରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର କଳ୍ପନା ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରାଧ୍ୟାପିକା ପ୍ରଫେସର ସନ୍ତୋଷିନୀ ବାବୁ ଯୋଗଦେଇ ଛାତ୍ରୀମାନଙ୍କୁ ଦିଗଦର୍ଶନ ଦେଇଥିଲେ। ମୁଖ୍ୟ ଅତିଥି ଡ. ବାବୁ ତାଙ୍କ ବ୍ୟକ୍ତିଗତ ଜୀବନରେ ଯେଉଁ କଠିନ ପଥ ଅତିକ୍ରମ କରିଛନ୍ତି ଉଦାହରଣ ପ୍ରଦାନ କରିବା ସହିତ ନାରୀମାନଙ୍କ ପାଖରେ ଥିବା ସମସ୍ତ ସଦଗୁଣର ବିକାଶ ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ସମାଜର ବିକାଶରେ ପୁରୁଷ ଅପେକ୍ଷା ନାରୀମାନଙ୍କ ଦାୟିତ୍ୱ ଅଧିକ ବୋଲି ସେ ମତ ପ୍ରଦାନ କରିଥିଲେ। ଡ. ଭାରତୀ ମିଶ୍ର ଅତିଥିଙ୍କ ପରିଚୟ ପ୍ରଦାନ ଏବଂ ପ୍ରଫେସର ସମିତା ଆଚାର୍ଯ୍ୟ ମହିଳା ଦିବସର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅଧ୍ୟାପିକା ବବିତା ନାୟକ ଧନ୍ୟବାଦ ଅର୍ପଣ, ଡ. ସୁପ୍ରଭା ରାଣୀ ଭୋଇ ସଭା ସଂଯୋଜନା କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION, KUCHINDA
E-mail : eerw_kuchinda@yahoo.com

OFFICE ORDER

No.25001/302/2526 : Due to no Bidder in Sl No. (01) S/R to Road from NH-6 to Khirdihi Road in the District of Sambalpur for the year 2025-26. Tender Bid ID / 21 / RWD / Kuchinda / 2025-26 is hereby Cancelled.

Sd./- Superintending Engineer,
Rural Works Division, Kuchinda

OIPR-25001/25151/1/25-26/0020

# ଜାତୀୟ ସଂପାନ ଉଦ୍‌ଯାପିତ

ସମ୍ବଲପୁର,୮।୩(ବି.ଶଙ୍କର)

ଡ.ପର୍ଶୁରାମ ମିଶ୍ର ଅଗ୍ରଗ୍ରାମୀ ଶିକ୍ଷା ପ୍ରତିଷ୍ଠାନ ଏବଂ ପତଙ୍ଗ ଆୟୋଜିତ ଦ୍ୱିଦିବସୀୟ ଜାତୀୟ ସଂପାନ ଶନିବାର ରାତିରେ ଉଦ୍‌ଯାପିତ ହୋଇଛି। ପ୍ରତିଷ୍ଠାନର ଅଧ୍ୟକ୍ଷ ଏବଂ ସଂପାନର ନିର୍ଦ୍ଦେଶକ ପ୍ରଫେସର ଗରୁଡଧ୍ୱଜ ବାରିକ ଅଧ୍ୟକ୍ଷତା କରିଥିଲେ। ପ୍ରତିଷ୍ଠାନର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ମୀନକେତନ ପାଠୀ ମୁଖ୍ୟ ଅତିଥି ଏବଂ ପ୍ରଫେସର ନିରୂପମା ବଡ଼ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଉତ୍ସବରେ ଉଚ୍ଚଶିକ୍ଷା ବିଭାଗୀୟ ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୂରଲୀଧର ମାଝି ସମ୍ମାନିତ ଅତିଥି ଭାବେ ଯୋଗଦାନ କରି ଶିକ୍ଷକ ଶିକ୍ଷା ସମ୍ପର୍କୀୟ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ଅବସରପ୍ରାପ୍ତ ଅନ୍ୟତମ ଅଧ୍ୟକ୍ଷା ଡ. କିଶୋରୀ ଦାଶ ଛାତ୍ରୀଛାତ୍ରମାନଙ୍କୁ ମାର୍ଗଦର୍ଶନ କରିଥିଲେ। ରିଶଭ କୁମାର ଏବଂ ଆଲୋଚନା ଚକ୍ରର କାର୍ଯ୍ୟକାରୀ ସଂଯୋଜିକା ଡ. ବିଶେଶ୍ୱରୀ ସାହୁ ବିବରଣୀ ପାଠ ଏବଂ ସଂଯୋଜକ ଡ. ବୃନ୍ଦାବନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ସୋନିଆ ପରେୟା ଉଦ୍‌ଯାପନୀ ଉତ୍ସବର ସଂଯୋଜନା ଦାୟିତ୍ୱ ନିର୍ବାହ କରିଥିଲେ। ଭୁବନେଶ୍ୱର ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ପ୍ରଫେସର ଶଙ୍କର ପ୍ରସାଦ ମହାନ୍ତି, ପ୍ରଫେସର ରବିନ୍ଦ୍ର ନାୟକ, ଡ.ନମିତା ଦାଶ, ସହକାରୀ ପ୍ରଫେସର ମମତା ପ୍ରିୟଦର୍ଶିନୀ ସାହୁ, ସଂପାନ ସଂଯୋଜିକା ଡ. କଳ୍ପନା ରାଣୀ ଦାଶ, ସୀତା ମହାନ୍ତ, ଲଳିନ୍ଦ୍ର ମୋହନ ମାରାଣ୍ଡି, ଡ.ବବିତା ସାହୁ ପ୍ରମୁଖ ପ୍ରବନ୍ଧ ଉପସ୍ଥାପନା କରିଥିଲେ।

# ବନ୍ୟପ୍ରାଣୀ ସଂରକ୍ଷଣରେ ଜନଭାଗିଦାରୀ ଆବଶ୍ୟକ




ବାଇସନ ଉତ୍ସବରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ ହେଉଛନ୍ତି କୃତୀ ପ୍ରତିଯୋଗୀ।

## ଡେବ୍ରିଗଡ଼ ଅଭୟାରଣ୍ୟରେ ଦ୍ୱିତୀୟ ଗୟଳ ମହୋତ୍ସବ

■ ଯୋଗଦେଲେ ୬ଶହରୁ ଊର୍ଦ୍ଧ୍ୱ ବନ୍ୟପ୍ରାଣୀ ପ୍ରେମୀ

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ହୀରାକୁଦ ବନଖଣ୍ଡ ଅଧିନ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଭାରତୀୟ ଗୟଳଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ଅଭିବୃଦ୍ଧି ଘଟିଛି। ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଏହା ପ୍ରଶଂସନୀୟ। ତେବେ ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଜନଭାଗିଦାରୀର ଆବଶ୍ୟକତା ରହିଛି ବୋଲି କହିଛନ୍ତି ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ। ଡେବ୍ରିଗଡ଼ ଅଭୟାରଣ୍ୟ ପରିସରରେ ରବିବାର ଅନୁଷ୍ଠିତ ଦ୍ୱିତୀୟ ଭାରତୀୟ ଗୟଳ(ଇଣ୍ଡିଆନ୍ ବାଇସନ୍) ମହୋତ୍ସବକୁ ମୁଖ୍ୟଅତିଥିଭାବେ ଉଦ୍‌ଘାଟନ କରି ଆଇଜି ଲାଲ ତାଙ୍କ ବକ୍ତବ୍ୟରେ ଏହା କହିଛନ୍ତି। ସକାଳ ଅଧିବେଶନରେ ବିଶେଷଜ୍ଞମାନଙ୍କ ଦ୍ୱାରା ଭାରତୀୟ ଗୟଳଙ୍କ ଉପରେ ଆଲୋଚନାଚକ୍ର, ବନ୍ୟପ୍ରାଣୀ ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଆଇଜି ପୁରସ୍କୃତ କରିଥିଲେ। ଏହି ଅବସରରେ ଗୟଳଙ୍କ ସଂରକ୍ଷଣ ଓ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଫରେଷ୍ଟର ଏବଂ ବନରକ୍ଷୀଙ୍କୁ ସମ୍ମାନିତ କରାଯାଇଛି। ଉତ୍ସବ ପରେ ପର୍ଯ୍ୟଟକମାନେ ଅଭୟାରଣ୍ୟ ମଧ୍ୟରେ ଅଢ଼େଇ ଘଣ୍ଟା ଧରି ଗୟଳ ସଫାରି ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ଏହାବାଦ ହୀରାକୁଦ ଜଳଭଣ୍ଡାର କୂଳରେ ମୁକ୍ତ ଆକାଶ ତଳେ ନକ୍ଷତ୍ର ପର୍ଯ୍ୟବେକ୍ଷଣ(ଷ୍ଟାରଗେଜିଂ)ର ଆନନ୍ଦ ନେବାର ସୁଯୋଗ ପାଇବେ ବୋଲି ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାଶ କହିଛନ୍ତି। ସେ କହିଛନ୍ତି, ସୋମବାର ସକାଳୁ ପର୍ଯ୍ୟଟକମାନେ ବାଟ୍ ଆଇଲ୍ୟାଣ୍ଡ ପରିଦର୍ଶନ କରି ବାଦୁଡ଼ିଙ୍କୁ ନିକଟରୁ ଦେଖିବା ସହ ଆଇଲ୍ୟାଣ୍ଡ କାଫେର ମଜା ନେବାର ବ୍ୟବସ୍ଥା ରହିଛି। ସାମ୍ପ୍ରତିକ ଗଣନା ଅନୁଯାୟୀ ଏଠାରେ ଗୟଳଙ୍କ ସଂଖ୍ୟା ୮୪୮କୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ତୁଳନାରେ ପ୍ରାୟ ୧୯୦ ଅଧିକ।

GOVERNMENT OF ODISHA
OFFICE OF THE SUPERINTENDING ENGINEER,
GANJAM (R&B) DIVISION NO. I, BERHAMPUR
Phone / Fax : (0680) 2233683, e-mail : eernb1_bam@yahoo.com

No.34001/161/2526 "e" Procurement Notice

1st Corrigendum to Bid Identification No. SE R&B Divn. No.I Bam. 63/2025-26 Lr. No.3525 dtd.06.03.2026

| | | |
|---|---|---|
| Name of work | : | Building & Road works |
| No. of works | : | 9 (Nine) Nos. |
| Estimated Cost | : | Approximately Rs.5.29 Lakh to Rs. 43.19 Lakh |
| Period of Completion | : | 1 (One) TO 4 (Four) calendar months |
| Date and time of Availability of bid document in the portal | : | From 10.00 hours of 09.03.2026 to 16.00 hours of 16.03.2026 |
| Last date / time for receipt of bids in the portal | : | Upto 16.00 hours of 16.03.2026 |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34001/34109/1/25-26/0029

# ଡା. ନାରାୟଣୀ ପଣ୍ଡାଙ୍କ ପରଲୋକ

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)



ଡା. ନାରାୟଣୀ ପଣ୍ଡା।

ସମ୍ବଲପୁରର ବିଶିଷ୍ଟ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ତଥା ଜଣାଶୁଣା ସମାଜସେବୀ ଡା. ନାରାୟଣୀ ପଣ୍ଡାଙ୍କର ରବିବାର ସକାଳ ୯ଟା ୪୫ରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୮ ବର୍ଷ ହୋଇଥିଲା। ସେ କିଛିମାସ ହେଲା ଅସୁସ୍ଥ ଥିଲେ। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ତାଙ୍କ ଭୁତାପଡ଼ାସ୍ଥିତ ବାସଭବନକୁ ଯାଇ ବହୁ ବିଶିଷ୍ଟ ଶେଷ ଦର୍ଶନ କରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ରାଜଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସାନ ଭାଇ ରାମକୃଷ୍ଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କର ସନ୍ତାନସନ୍ତତି ନ ଥିଲେ। ପୂର୍ବରୁ ସ୍ୱାମୀ ପ୍ରଶାନ୍ତ କୁମାର ମହାନ୍ତିଙ୍କର ବିୟୋଗ ଘଟିଥିଲା।

୧୯୩୭ ମସିହା ନଭେମ୍ବର ୪ ତାରିଖରେ ରାୟଗଡାଠାରେ ନାରାୟଣୀ ଜନ୍ମ ଗ୍ରହଣ କରିଥିଲେ। ବାପା ଡା. ଗଙ୍ଗାସାଗର ପଣ୍ଡା ଓ ମାତା ଜନକପ୍ରିୟା ପଣ୍ଡାଙ୍କ ୯ ଝିଅ ଓ ୨ପୁଅଙ୍କ ମଧ୍ୟରୁ ସେ ଥିଲେ ତୃତୀୟ ସନ୍ତାନ। କଟକ ରେଭେନ୍ସା ବାଳିକା ବିଦ୍ୟାଳୟରୁ ୧୯୫୩ ମସିହାରେ ସେ ମାଟ୍ରିକ୍ ପାସ କରିଥିଲେ। କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ଆୟୁର୍ବିଜ୍ଞାନ ଚିକିତ୍ସା ମହାବିଦ୍ୟାଳୟରୁ ୧୯୬୩ ମସିହାରେ ଏମବିବିଏସ୍ ପାସ କରିବା ପରେ ସମ୍ବଲପୁର ଜିଲା ଚିକିତ୍ସାଳୟରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞଭାବେ କାର୍ଯ୍ୟାରମ୍ଭ କରିଥିଲେ। ହେଲେ ୧୯୬୫ମସିହାରେ ସେ ଚାକିରିରୁ ଇସ୍ତଫା ଦେଇଥିଲେ। ସମ୍ବଲପୁର ପୌର ପରିଷଦ ଦ୍ୱାରା ପରିଚାଳିତ ଡାକ୍ତର ଜନାର୍ଦ୍ଦନ ପୂଜାରୀ ମାତୃମଙ୍ଗଳ କେନ୍ଦ୍ରରେ ଯୋଗଦେଇ ମହିଳାଙ୍କ ସେବାରେ ନିୟୋଜିତ ହୋଇଥିଲେ। କୋଭିଡ୍ ମହାମାରୀ ସମୟରେ ନିଜର ସେବା ଜାରି ରଖି ଏକ ନିଆରା ଉଦାହରଣ ସୃଷ୍ଟି କରିଥିଲେ। ତାଙ୍କର ଏହି ନିଃସ୍ୱାର୍ଥପର ସେବା ଓ ମହାନତା ପାଇଁ ସେ ଅଞ୍ଚଳବାସୀଙ୍କ ପାଇଁ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଭାବେ ପରିଚିତ ଥିଲେ। ସେ ନିଜେ ଶିକ୍ଷା ଗ୍ରହଣ କରିଥିବା ଅନୁଷ୍ଠାନ ତତ୍କାଳୀନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟକୁ ଗୁରୁଦକ୍ଷିଣା ସ୍ୱରୂପ ୩୦ ଲକ୍ଷ ଟଙ୍କା ଦାନ କରିଥିଲେ। ଏହି ସହାୟତା ରାଶିରେ ସେଠାରେ ନାରାୟଣୀ ପଣ୍ଡା ଆଇଟି ସ୍କିଲ୍ ସେଣ୍ଟର' ପ୍ରତିଷ୍ଠା କରାଯାଇଛି। ଏହା ବ୍ୟତୀତ ସେ ଲେଡି ଲୁଇସ୍ ଗାର୍ଲ୍ସ ହାଇସ୍କୁଲକୁ ୧୫ ଲକ୍ଷ ଟଙ୍କା ଏବଂ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କଲେଜକୁ ମଧ୍ୟ ୧୫ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ଜଣେ ସାଧାରଣ ପେନସନଭୋଗୀ ହୋଇ ମଧ୍ୟ ନିଜ ପରିବାର ପ୍ରତି ଦାୟିତ୍ୱ ସମ୍ପାଦନ ସହ ସମାଜ ପାଇଁ ସର୍ବସ୍ୱ ଦାନ କରିବାର ତାଙ୍କର ଏହି ମହାନତା ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବ। ତାଙ୍କ ବିୟୋଗରେ ସମ୍ବଲପୁର ସମେତ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି।

# ରଜତ ସ୍ମାରକୀ କ୍ରିକେଟ୍: ଶ୍ରୀରାମ ଫାଇଟର୍ ଚାମ୍ପିୟନ

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)

ସମ୍ବଲପୁର ମହାନଗର ନିଗମ ଧନକଉଡ଼ା ଅନ୍ତର୍ଗତ ଖେଳ ପଡିଆଠାରେ ଡ଼ିଏକ୍ସ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦୁଇଦିନିଆ ଚତୁର୍ଥ ରଜତ ସ୍ମାରକୀ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ସମ୍ବଲପୁର ଷ୍ଟେପଅଫକୁ ହରାଇ ଶ୍ରୀରାମ ଫାଇଟର ସମ୍ବଲପୁର ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ କିଶୋର ସାହୁ ଏବଂ ଧନକଉଡ଼ା ଦୁର୍ଗାପୂଜା କମିଟି ସଭାପତି ଦିବାକର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ରତ୍ନାକର ଯୁବକ ସଂଘ ସମ୍ପାଦକ ହୀରାଲାଲ ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। କ୍ରିକେଟ କ୍ଲବ ସଭାପତି ଚିନ୍ମୟ ଦାସ, ନୀଳମଣି ସାହୁ, କୁନା ସୁସାରୀ, ଆକାଶ କୁମାର ସାହୁ, ସାଗର ଦାସ ଓ ଗୌତମ ପଣ୍ଡା ପ୍ର ଉପସ୍ଥିତ ଥିଲେ। ଚାମ୍ପିୟନ ଦଳକୁ ୧୧,୧୧୧ ଟଙ୍କା ସହ ଟ୍ରଫି ଏବଂ ଉପବିଜେତା ଦଳକୁ ୭,୭୭୭ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା।

No.34001/162/2526

GOVERNMENT OF ODISHA
OFFICE OF THE SUPERINTENDING ENGINEER,
GANJAM (R&B) DIVISION NO. I, BERHAMPUR
Phone / Fax : (0680) 2233683, e-mail : sernb1.ganjam@yahoo.com

"e" Procurement Notice

Bid Identification No.SE R&B Divn. No.I Bam 67/2025-26
Lr. No.3488 dtd.05.03.2026

| | | |
|---|---|---|
| Name of work | : | EI Works |
| No. of works | : | 11 (Eleven) Nos |
| Estimated Cost | : | Approximately **Rs.03.96 to 14.75** Lakh |
| Period of Completion | : | One to Twelve Calendar Months |
| Date and time of Availability of bid document in the portal | : | From 10.00 hours of **10.03.2026** to 16.00 hours of **17.03.2026** |
| Last date / time for receipt of bids in the portal | : | Upto 16.00 hours of 17.03.2026 |
| Name and address of the Officer inviting Bid | : | Superintending Engineer, Ganjam (R&B) Division No.I, Berhampur |

Further details can be seen from the e-Procurement portal https://tendersodisha.gov.in

Sd./- Superintending Engineer
Ganjam (R&B) Division No.I
Berhampur

OIPR-34001/34109/1/25-26/0030

# ସ୍ଥାୟୀ ବିକାଶ ପାଇଁ ବସ୍ତୁ ବିଜ୍ଞାନର ଭୂମିକା ରହିଛି



ଭିସୁଟରେ ଆୟୋଜିତ ୮ମ ଜାତୀୟ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ଭିସୁଟରେ ୮ମ ଜାତୀୟ ସମ୍ମିଳନୀ

ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)

ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ) ରସାୟନ ବିଜ୍ଞାନ ବିଭାଗ ପକ୍ଷରୁ ରବିବାର ବସ୍ତୁ ବିଜ୍ଞାନରେ ସାମ୍ପ୍ରତିକ ଉନ୍ନତି ଉପରେ ୮ମ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଭିସୁଟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ଅତିଥିଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଯୁକ୍ତିବିଦ୍ୟା ଓ ଶିଳ୍ପ ବିକାଶ ପାଇଁ ବସ୍ତୁ ବିଜ୍ଞାନରେ ଆନ୍ତଃବିଭାଗୀୟ ଗବେଷଣାର ଗୁରୁତ୍ୱ ଉପରେ ସେ ଆଲୋକପାତ କରିଥିଲେ। ସମ୍ମିଳନୀର ସଂଯୋଜକ ପ୍ରଫେସର ପ୍ରିୟରଞ୍ଜନ ମହାପାତ୍ର ସ୍ୱାଗତ ଭାଷଣ ସହ ସମ୍ମିଳନୀର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ଖଣିଜ ଏବଂ ବସ୍ତୁ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଶକ୍ତି, ପରିବେଶ ଏବଂ ସ୍ଥାୟୀ ବିକାଶ ସହିତ ଜଡିତ ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ସ୍ଥାୟୀ ବିକାଶ ପାଇଁ ବସ୍ତୁ ବିଜ୍ଞାନର ଭୂମିକା ରହିଛି। ସମ୍ମାନୀତ ଅତିଥି ଆଦିତ୍ୟ ଏଫଆରଏଚର ଉପାଧ୍ୟକ୍ଷ ଏବଂ ପ୍ଲାଣ୍ଟ ମୁଖ୍ୟ ସୁନୀଲ ସିଂହ ବସ୍ତୁ ବିଜ୍ଞାନରେ ନବସୃଜନ ଏବଂ ପ୍ରୟୋଗ-ମୁଖୀ ଗବେଷଣା ପାଇଁ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ବୃଦ୍ଧି ପାଉଥିବା ସହଯୋଗ ବିଷୟରେ କହିଥିଲେ। ଅନ୍ୟତମ ସମ୍ମାନୀତ ଅତିଥି ମହାନଦୀ କୋଲଫିଲ୍ଡସ ଲିମିଟେଡର ମାନବ ସମ୍ପଦ ମହାପ୍ରବନ୍ଧକ ବି. ବେହୁରିଆ କହିଥିଲେ, ଗବେଷକ ଏବଂ ଶିକ୍ଷାବିତ୍‌ମାନେ ଭୌତିକ ବିଜ୍ଞାନରେ ଚିନ୍ତାଧାରା ଆଦାନ ପ୍ରଦାନ କରି ସାମ୍ପ୍ରତିକ ବିକାଶକୁ ବାଣ୍ଟିପାରିବେ। ଉଦ୍‌ଘାଟନୀ ଅଧିବେଶନରେ ଭିସୁଟ କୁଳସଚିବ ପ୍ରଦୀପ ଡାଙ୍ଗ, ପ୍ରଫେସର ଦେବୀଦତ୍ତ ମିଶ୍ର, ଡନ ଏକାଡେମିକ ପ୍ରଫେସର ସଞ୍ଜୟ କୁମାର ପାତ୍ର ବିଭିନ୍ନ ବିଭାଗର ଡିନ ଏବଂ ବିଭାଗୀୟ ମୁଖ୍ୟମାନେ ଉପସ୍ଥିତ ଥିଲେ। ସମ୍ମିଳନୀରେ ପ୍ରାୟ ୩୦୦ ଜଣ ଅଂଶଗ୍ରହଣକାରୀ ଯୋଗଦେଇଥିଲେ। ଦୁଇଦିନିଆ ଏହି କାର୍ଯ୍ୟକ୍ରମରେ ପ୍ରାୟ ୨୦ଜଣ ନିମନ୍ତ୍ରିତ ବକ୍ତା ଏବଂ ଜଣେ ପୂର୍ଣାଙ୍ଗ ବକ୍ତା ଭୌତିକ ବିଜ୍ଞାନର ଉଦୀୟମାନ କ୍ଷେତ୍ର ଉପରେ ବକ୍ତୃତା ପ୍ରଦାନ କରିଥିଲେ।

# ଖୁବ୍‌ଶୀଘ୍ର ସମ୍ବଲପୁରରେ ସିଜିଏଚ୍‌ଏସ୍ ହେଲ୍‌ଥ ୱେଲନେସ୍ ସେଣ୍ଟର

ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)

ସମ୍ବଲପୁରରେ କେନ୍ଦ୍ର ସରକାରୀ ସ୍ୱାସ୍ଥ୍ୟ ଯୋଜନା(ସିଜିଏଚ୍‌ଏସ୍) ୱେଲନେସ ସେଣ୍ଟର ପ୍ରତିଷ୍ଠା ପାଇଁ କେନ୍ଦ୍ର ସରକାର ଅନୁମୋଦନ ପ୍ରଦାନ କରିଛନ୍ତି। ଏହା ଖୁବ୍‌ଶୀଘ୍ର ସମ୍ବଲପୁରରେ ସ୍ଥାପନା ହେବାକୁ ଯାଉଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପି ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁରୋଧ ପରେ ରବିବାର ତାଙ୍କୁ ଚିଠି ଲେଖି ଏ ସମ୍ପର୍କରେ ସୂଚିତ କରିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି ନଡ୍ଡା। ପ୍ରଧାନ ଗତ ୮ ସେପ୍ଟେମ୍ବର ୨୦୨୫ରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ପତ୍ର ଲେଖି ସମ୍ବଲପୁରରେ ଏକ ସିଜିଏଚ୍‌ଏସ୍ ହେଲଥ ସେଣ୍ଟରର ଆବଶ୍ୟକତା ବିଷୟରେ ଜଣାଇଥିଲେ। ସମ୍ବଲପୁରରେ ବିଏସଏନଏଲ, ଡାକ ବିଭାଗ, ଆୟକର ବିଭାଗ, ପୂର୍ବତଟ ରେଳବାଇ, କେନ୍ଦ୍ରୀୟ ଅବକାରୀ ବିଭାଗ, ସିଆରପିଏଫ ଗ୍ରୁପ ସେଣ୍ଟର, ଆଇଆଇଏମ୍ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ପରି ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ରୀୟ ସଂସ୍ଥା ରହିଛି। ଏଠାରେ ବହୁସଂଖ୍ୟାରେ କାର୍ଯ୍ୟରତ କର୍ମଚାରୀ ଓ ଅବସରପ୍ରାପ୍ତ ପେନସନଭୋଗୀ ବସବାସ କରୁଛନ୍ତି। ଏହି ସୁବିଧା ନଥିବାରୁ ସେମାନଙ୍କୁ ଚିକିତ୍ସା ପାଇଁ ପ୍ରାୟ ୩୦୦ କିଲୋମିଟର ଦୂର ଭୁବନେଶ୍ୱର, କଟକ କିମ୍ବା ବ୍ରହ୍ମପୁର ଯିବାକୁ ପଡୁଛି। ଏହା ଦ୍ୱାରା ବିଶେଷ କରି ପେନସନଭୋଗୀ ହଇରାଣ ହେଉଛନ୍ତି। ଏହାର ପ୍ରତ୍ୟୁତରରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇ କହିଛନ୍ତି, ସମ୍ବଲପୁରରେ ସିଜିଏଚ୍‌ଏସ୍ ସେଣ୍ଟର ପାଇଁ ଆବଶ୍ୟକ ପଦବୀ ପୂରଣ ଓ ଆନୁଷଙ୍ଗିକ କାର୍ଯ୍ୟ ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ପ୍ରସ୍ତାବକୁ ଅର୍ଥ ମନ୍ତ୍ରଣାଳୟ ଅନୁମୋଦନ ଦେଇସାରିଛି। ଏହି ପଦକ୍ଷେପ ପାଇଁ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ନଡ୍ଡାଙ୍କୁ କୃତଜ୍ଞତା ଜଣାଇଛନ୍ତି।

ZILLA SWASTHYA SAMITI, DEOGARH
(Deptt. of Health & FW, Govt. of Odisha.)

No.764 Dt.06.03.2026

(Tender Call Notice)

No.10001/108/2526 : Sealed tenders are invited from the Agencies/ Individuals for hiring of Multi utility Commercial light diesel/petrol vehicles (SCORPIO, BOLERO, INNOVA, etc.) to be engaged as BPMU/DPMU vehicle at BPMU/DPMU level, O/o. The Chief District Medical & Public Health Officer -Cum- District Mission Director, (CDM&PHO-Cum- DMD) & O/o. The Superintendents of Block CHCs of Deogarh, Odisha, Pin-768108 on monthly/ daily hiring basis. The tender documents shall have to submit in one envelope containing two separate envelopes, one for technical bid & another for financial bid through speed post/register post/courier only on or before 06.04.2026 by 5.00PM to the office of CDM & PHO, DHH, Deogarh .The bid will open on the dt.07.04.2026 at 11.00AM in the presence of bidders or their authorized representative. The tender paper along with terms and conditions will be available in the website www.deogarh.gov.in & deposit the tender paper cost of Rs.2,000/- in shape of DD in favor of "ZSS/ Non- NRHM Funds Account, Deogarh Payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly superscribed as **"Tender for ..............................Vehicle, DPMU/BPMU, NHM Deogarh."**

Sd./- Dr Dhanurjay Mahanta
CDM & PHO cum-District Mission Director,
Deogarh

OIPR-10001/10113/1/25-26/0001

No.32001/177/25-26

GOVERNMENT OF ODISHA
OFFICE OF THE EXECUTIVE ENGINEER
Tel Irrigation Division, Sonepur
E-mail : eeteldivn2022@gmail.com

E-procurement Notice No - EE, TID, SNP - 19/2025-26

The **Executive Engineer, Tel Irrigation Division, Sonepur** on behalf of Governor of Odisha invites online **Percentage rate** tenders in **Double cover** system to be received in **online mode** only for the works as detailed below.

| | | | |
|---|---|---|---|
| 1. | Name/Nature of the work | : | Flood Protection Embankment Works |
| 2. | No. of Works | : | 02 Nos. |
| 3. | Class of Contractor | : | As mentioned in Col. No. 4 of NIT |
| 4. | Bid Identification No. | : | EE, TID, SNP - 19/2025-26 |
| 5. | Approximate Estimated Cost | : | From Rs.81.96 lakhs to Rs.83.04 lakhs (Excluding GST) |
| 6. | Period of Completion | : | As per mentioned in Col No.7 of NIT |
| 7. | Date & time of availability of bid documents in the Portal | : | **From 09.03.2026 (10.00 A.M.) to 18.03.2026 (05.30 P.M.)** |
| 8. | Last date/time for receipt of bids in the Portal | : | **In portal - 18.03.2026 from 10.00 A.M. up to 05.30 P.M.** |
| 9. | Date of Opening of Bid | : | **On Date 19.03.2026 (11.00 A.M. onwards in the Office of the undersigned)** |
| 10. | Name of the Officer inviting Bid | : | **Executive Engineer, Tel Irrigation Division, Sonepur (Dist.-Subarnapur)** |

Further details can be seen from the e-Procurement portal https://tendersodisha.gov.in.

Sd./- Executive Engineer
Tel Irrigation Division, Sonepur

OIPR-32001/32362/1/25-26/0002

## ସଂକ୍ଷେପରେ

### ସ୍ନେହା ଶକ୍ତି ମହିଳା ସଙ୍ଗଠନ ପକ୍ଷରୁ ମହିଳା ଦିବସ

**ବନ୍ଧମୁଣ୍ଡା,୮।୩(ସୁବ୍ରତ ଦେ):** ବନ୍ଧମୁଣ୍ଡାର ଡି-ସେକ୍ଟର ସ୍ଥିତ ଭଗତ ସିଂହ କ୍ଲବ ପରିସରରେ ସ୍ନେହା ଶକ୍ତି ମହିଳା ସଙ୍ଗଠନ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ଆୟୋଜକ କମିଟି ସଦସ୍ୟମାନେ ଉପସ୍ଥିତ ମହିଳାମାନଙ୍କୁ ଚନ୍ଦନ ଲଗାଇ ପାରମ୍ପରିକ ଭାବେ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପୂର୍ବତନ କାଉନସିଲର ବି. ରୀନା, ଶିକ୍ଷୟିତ୍ରୀ ରେଖା ମାହାତୋ ଏବଂ ଅନ୍ନପୂର୍ଣ୍ଣା ମୁଖ୍ୟ ଅତିଥିଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସମୟରେ ମହିଳାମାନଙ୍କ ଦ୍ୱାରା ଆକର୍ଷଣୀୟ ସାଂସ୍କୃତିକ ନୃତ୍ୟ ପ୍ରଦର୍ଶନ କରାଯାଇଥିଲା। ଯାହା ଉପସ୍ଥିତ ଦର୍ଶକମାନଙ୍କ ମନକୁ ମୋହିତ କରିଥିଲା। ଏହାସହ ମହିଳାମାନଙ୍କ ପାଇଁ ବିଭିନ୍ନ ପ୍ରକାର କ୍ରୀଡା ପ୍ରତିଯୋଗିତା ମଧ ଆୟୋଜନ କରାଯାଇଥିଲା। ଯେଉଁଥିରେ ବହୁ ସଂଖ୍ୟକ ମହିଳା ଉତ୍ସାହର ସହ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ଶେଷରେ ଆୟୋଜକ କମିଟି ପକ୍ଷରୁ ବୃଦ୍ଧ ମହିଳାମାନଙ୍କ ମଧ୍ୟରେ ଛତା ବଣ୍ଟନ କରାଯାଇଥିଲା।

### ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବଙ୍କ ଗସ୍ତ

**ଲାଞ୍ଜିଗଡ,୮।୩(ରମେଶ ଚନ୍ଦ୍ର ନାୟକ):** ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ ଲାଞ୍ଜିଗଡ଼ ବ୍ଲକକୁ ଦିନିକିଆ ଗସ୍ତରେ ଆସିଥିଲେ। ତ୍ରିଲୋଚନପୁର ପଞ୍ଚାୟତର କୁନ୍ନାକାଡୁ ଗାଁକୁ ରବିବାର ଯାଇଥିଲେ। ପ୍ରଥମେ ବିଜେପୁର ପଞ୍ଚାୟତସ୍ଥିତ ପ୍ରଧାନୀପ ଏବଂ କଳାକୁପା ଯାଇ ଆଦିବାସୀମାନଙ୍କ ଜନମନ ଯୋଜନାରେ ତିଆରି ଘରଗୁଡିକୁ ଦେଖିଥିଲେ। ସେଠାରୁ କୁନ୍ନାକାଡୁ ଗାଁ ଲୋକଙ୍କ ପାଇଁ ପାହାଡ଼ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସଚିବ ପାହାଡ଼ ଉପରେ ଥିବା ଗାଁକୁ ପହଞ୍ଚିଥିଲେ। ସଚିବଙ୍କ ସହିତ ଜିଲା ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, ଜିଲା ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ସଂଯୋଜକ ତ୍ରିଲୋଚନ ବାରିକ, ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର ଉପସ୍ଥିତ ଥିଲେ।

### ମହିଳା ଦିବସ ଅବସରରେ ମାରାଥନ

**ଲାଞ୍ଜିଗଡ,୮।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୩ଧରି ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରର ତୃତୀୟ ତଥା ଅନ୍ତିମ ଦିବସରେ ରବିବାର ମାରାଥନ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଖେଳ ଇଣ୍ଡିଆ ଓ ଓଡିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇଥିଲେ।

### ବିନା ସ୍ୱୀକୃତି ମିକ୍ସର ମେଶିନ ବ୍ୟବହାର

**ଖଡ଼ିଆଳ,୮।୩(ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ସହର ତଥା ଆଖ ପାଖ ଗ୍ରାମରେ ଅନେକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ଘର ଗୁଡିକରେ ସ୍ଲାବ ପକାଇବା ପାଇଁ ଟ୍ରାକ୍ଟର ଓ ମିକ୍ସର ମେଶିନ ବ୍ୟବହାର ହେଉଥିବାବେଳେ ବିନା ସ୍ୱୀକୃତି ମିକ୍ସଚର ମେଶିନ ଉପରେ ୮ରୁ ୧୦ ଶ୍ରମିକ ବିପଦପୂର୍ଣ୍ଣ ଭାବରେ ବସି କାର୍ଯ୍ୟସ୍ଥଳକୁ ଯାତ୍ରା କରୁଛନ୍ତି।

### ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ ଉଦ୍‌ଘାଟିତ

**ଘଣ୍ଟାପଡ଼ା, ୮।୩ ( ପ୍ରଭାତ କୁମାର ସାହୁ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଣ୍ଟାମାଳ ପୋଲିସ ପକ୍ଷରୁ ଥାନା ପରିସରରେ ଏକ ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ।

### ଡିଖାଲି ଡ୍ୟାମ ଲୋକ ମହୋତ୍ସବ ପଡିଆକୁ ବୁଲି ଦେଖିଲେ ଅଧିକାରୀ

**ଖଡ଼ିଆଳ,୮।୩(ସୁଜିତ କୁମାର ପ୍ରଧାନ):** ଖଡିଆଳ ବ୍ଲକ ଡିଖାଲି ଜଳେଶର ମନ୍ଦିର ପ୍ରାଙ୍ଗଣରେ ଥିବା ପଡ଼ିଆରେ ହେଉଛି ଡିଖାଲି ଡ୍ୟାମ ଲୋକ ମହୋତ୍ସବ। ଏହି ମହୋତ୍ସବ ୧୩ରୁ ୧୫ ତାରିଖ ଅନୁଷ୍ଠିତ ହେବ। ଅଞ୍ଚଳରେ ମହୋତ୍ସବ ପ୍ରଥମ କରି ହେଉଥିବାରୁ ଜନସମାଗମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଖଡ଼ିଆଳ ଏସ୍‌ଡିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ମହୋତ୍ସବ ପଡିଆ ସହିତ ଆଖପାଖ ସମସ୍ତ ସ୍ଥାନକୁ ନିରୀକ୍ଷଣ କରିଥିଲେ।

# ଏକ ସଶକ୍ତ ନାରୀ ଏକ ସଶକ୍ତ ସମାଜ ଗଢ଼ିଥାଏ

## ସେବକ ପକ୍ଷରୁ ମହିଳା ଦିବସ

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଡୁଲି)**


ଆୟୋଜିତ ସଭାରେ ଯୋଗ ଦେଇଥିବା ଅତିଥି।

ସ୍ୱେଚ୍ଛାସେବୀ ସଙ୍ଗଠନ ସେବକ ତରଫରୁ ମହୁଲପାଲି ସ୍ଥିତ ଗ୍ରାମ ସାଧନ କେନ୍ଦ୍ରଠାରେ ରବିବାର ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ମୂଳମନ୍ତ୍ର ଗିଭ ଟୁ ଗେନ କୁ କେନ୍ଦ୍ର କରି ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ଅବଦାନ, ଅଧିକାର, ସମାନତା ଓ ସାମାଜିକ ନେତୃତ୍ୱ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ମୁଖ୍ୟ ଅତିଥି ଭାବେ ସୁନ୍ଦରଗଡ଼ର ପୂର୍ବତନ ବିଧାୟିକା କୁସୁମ ଟେଟେ ଯୋଗଦାନ କରି କହିଥିଲେ ଯେ, ଏକ ସଶକ୍ତ ନାରୀ ଏକ ସଶକ୍ତ ସମାଜ ଗଢ଼ିଥାଏ। ସମାଜର ସୃଷ୍ଟି, ସ୍ଥିତି ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ନାରୀଙ୍କ ଭୂମିକା ଯୁଗେ ଯୁଗେ ଅପରିହାର୍ଯ୍ୟ ରହିଛି। 'ଗିଭ ଟୁ ଗେନ' ର ମୂଳ ଧାରଣା ହେଉଛି ଆପଣ ଯେତେ ଅଧିକ ସମାଜକୁ ଦେବେ, ସେତେ ଅଧିକ ସମାଜ ଆପଣଙ୍କୁ ଫେରାଇ ଦେବ। ଏହି ଭାବନା ନାରୀଙ୍କ ସାମଗ୍ରିକ ବିକାଶ ସହ ଏକ ସୁସ୍ଥ ଓ ସମୃଦ୍ଧ ସମାଜ ଗଢ଼ିବାରେ ସାହାଯ୍ୟ କରିବ। ସମ୍ମାନିତ ଅତିଥିଭାବରେ ସୁନ୍ଦରଗଡ଼ ସ୍ଥାୟୀ ଲୋକ ଅଦାଲତର ଅଧକ୍ଷ ତଥା ପୂର୍ବତନ ମୁଖ୍ୟ ବିଚାରପତି ଡ. ରାଧାକାନ୍ତ ମିଶ୍ର ଯୋଗଦାନ କରି ମହିଳାମାନଙ୍କ ପାଇଁ ସରକାର ପକ୍ଷରୁ ଉପଲବ୍ଧ ବିଭିନ୍ନ ଆଇନ ସେବା, ସୁରକ୍ଷା ଓ ନ୍ୟାୟ ବ୍ୟବସ୍ଥା ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଡ. ରିନତୀ ମିଶ୍ର କହିଥିଲେ ଯେ, ମହିଳାମାନେ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହିତ ଆତ୍ମବିଶ୍ୱାସୀ ହେବା ଆବଶ୍ୟକ। ଯଦି କୌଣସି ମହିଳା ନିର୍ଯ୍ୟାତନା କିମ୍ବା ଅନ୍ୟାୟର ଶିକାର ହୁଅନ୍ତି, ତେବେ ସେମାନେ ଭୟଭୀତ ନ ହୋଇ ଆଇନର ସହାୟତା ନେବା ଉଚିତ। ଜିଲା ଆଇନ ସେବା ପ୍ରାଧିକରଣ ମହିଳାଙ୍କୁ ନ୍ୟାୟ ଓ ଆଇନଗତ ସହାୟତା ପ୍ରଦାନ କରିବାରେ ସଦା ପ୍ରତିବଦ୍ଧ। ସେବକର ସମ୍ପାଦକ ପ୍ରଦୀପ କୁମାର ବ୍ରହ୍ମା ଲିଙ୍ଗଗତ ସମାନତା ଉପରେ ଆଲୋକପାତ କରିଥିବା ବେଳେ କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ମହିଳା ଦିବସର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ କହିଥିଲେ। ଏହା ସହିତ କାର୍ଯ୍ୟକ୍ରମରେ ସମାଜସେବୀ ଓ ଆଇନଜୀବୀ ସ୍ନେହଲତା ପଟେଲ, ଆଇନଗତ ସହାୟତା ପ୍ରତିରକ୍ଷା ପରାମର୍ଶଦାତା ବିଭାଗର ଅନିଶା ପୃଷ୍ଟି, ପୁରୁଷୋତ୍ତମ ପଧାନ, ସରିତା ପଟେଲ ଏବଂ ସିଭିଲ କୋର୍ଟର ରେଜିଷ୍ଟ୍ରାର ସୌଭାଗ୍ୟ ରଞ୍ଜନ ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରି ମହିଳା ସଶକ୍ତୀକରଣ, ସମାନତା ଓ ସାମାଜିକ ନେତୃତ୍ୱ ଉପରେ ନିଜ ମତାମତ ପ୍ରକାଶ କରିଥିଲେ। ଏହି ଅବସରରେ ସେବକର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା ୩ ଜଣ ମହିଳାଙ୍କ ମଧ୍ୟରେ ଲେଫ୍ରିପଡା ବ୍ଲକ ଡୁମାବାହାଲ ଚାରପଡାର ସଫଳ ମହିଳା ଉଦ୍ୟୋଗୀ ସନ୍ତୋସିନୀ ଟିଡା, ବାଲିଶଙ୍କରା ବ୍ଲକ ବେହେରା ଗ୍ରାମର ଜୈବିକ ମହିଳାଚାଷୀ ଏନେମ ଖାଖା, ରାଜଗାଙ୍ଗପୁର ବ୍ଲକର ରାଜଗାଙ୍ଗପୁର କୃଷକ ଉତ୍ପାଦକ କମ୍ପାନୀର ବୋର୍ଡ ମେମ୍ବର ତଥା ସି.ଆର.ପି. ଲିଲି ନିର୍ମଳା ଟପ୍ପୋଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା। ଏହା ସହିତ ସେବକ ଦ୍ୱାରା ଗଠନ କରାଯାଇଥିବା ଛେଦଲଗନ କୃଷକ ଉତ୍ପାଦକ କମ୍ପାନୀ ପକ୍ଷରୁ ଚାଲୁଥିବା ଗୃହ ଋଣ ଯୋଜନା ଅଧୀନରେ ଦୁଇ ଜଣ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ କରକମଳରେ ପ୍ରଥମ କିସ୍ତିର ଚେକ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସେବକର ବିଭିନ୍ନ କାର୍ଯ୍ୟକ୍ଷେତ୍ରରୁ ଆସିଥିବା ଶତାଧିକ ମହିଳା ସଭ୍ୟା, ଗୋଷ୍ଠୀ ସଙ୍ଗଠନ କର୍ମୀ, ମହିଳା ଚାଷୀ, ଉଦ୍ୟୋଗୀ, ସ୍ୱାସ୍ଥ୍ୟ କର୍ମୀ, ସେବକର କର୍ମକର୍ତ୍ତା ମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ସେବକର ବରିଷ୍ଠ କର୍ମକର୍ତ୍ତା ସଞ୍ଜୁ ପଟେଲ ମଞ୍ଚ ପରିଚାଳନା କରିଥିଲେ।

## ଲହୁଣୀପଡ଼ାରେ ମହିଳା ଦିବସ


ମହିଳାମାନେ କବାଡି ଖେଳୁଛନ୍ତି।

**ଲହୁଣୀପଡ଼ା,୮।୩(ଦାଶରଥି ପଣ୍ଡା)**

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଖୁଣ୍ଟୁଗାଁ ପଞ୍ଚାୟତ ଅନ୍ତର୍ଗତ ସୁଆରପାଲି ଫୁଟବଲ ଖେଳ ପଡିଆଠାରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ସଦସ୍ୟା ଶୁଶିଳା ନାୟକ, ସମ୍ମାନିତ ଅତିଥିଭାବେ ଖୁଣ୍ଟୁଗାଁ ସରପଞ୍ଚ ସୁମିତ୍ରା ଚାରଡ଼ିଆ ଯୋଗ ଦେଇଥିଲେ। ଆୟୋଜକ ବିଦେଶିନୀ ପଟେଲ ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଗୀତରାଣୀ ଦଣ୍ଡପାଟଙ୍କ ଅଧକ୍ଷତାରେ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଲହୁଣୀପଡା, ବଣେଇ, ଗୁରୁଣ୍ଡିଆର ମହିଳାମାନେ ଯୋଗ ଦେଇଥିଲେ। ୧୦ ଟି ମହିଳା ଦଳକୁ ନେଇ କବାଡି ପ୍ରତିଯୋଗିତା କରାଯାଇଥିଲା। ଏହାର ଫାଇନାଲ ଖେଳରେ ପୋଇଗାଁ ଓ ସରସରା ଦଳ ବିଜେତା ହୋଇଥିଲେ। ଫୁଟବଲ ପ୍ରତିଯୋଗିତାରେ ବନ୍ଧବେର୍ଣ୍ଣା ଦଳକୁ ହରାଇ କୁଲିପୋଷ ଦଳ ବେଜେତା ହୋଇଥିଲା। କମିଟି ପକ୍ଷରୁ ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋତିଲାଲ ପେଣ୍ଟେଇ, ସଞ୍ଜୟ ନାୟକ, ପପୁ କିଷାନ ଖେଳ ପରିଚାଳନା କରିଥିଲେ। ବିଛଣାପଟି ମହିଳାଙ୍କ ଦ୍ୱାରା ଏକ କ୍ଷୁଦ୍ର ନାଟକ ନୀରବତାର ଚିତ୍କାର ପରିବେଷଣ ହୋଇଥିଲା। ଉଲ୍ଲେଖନୀୟ କାର୍ଯ୍ୟପାଇଁ ବୋଇତ ପ୍ରଧାନ, କୋଇଲି ଦେହୁରୀ, ପାଲୁଣି କୁଅଁରଙ୍କୁ ସମ୍ମାନିତ କରାଯାଇଥିଲା। ଦାଶରଥି କୁଅଁର, ଜିତେନ୍ଦ୍ର ନାୟକ, ରୋହିତ ଭୋଇ, ଅଜିତ ପ୍ରଧାନ, ହର୍ଷ ଦିଗାମ୍ବର କାଲୋ, ହର୍ଷବର୍ଦ୍ଧନ ବେହେରା, ଲିପି ଚାରଡ଼ିଆ, ଜ୍ୟୋସ୍ନା ନାଏକ, ସବିତା ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ୩ଟି ବ୍ଲକର ପ୍ରାୟ ଦେଢ଼ ହଜାରରୁ ଊର୍ଦ୍ଧ୍ୱ ମହିଳା ଯୋଗ ଦେଇଥିବା ଜଣାପଡିଛି।

# ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ


 କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଓ ସମାଜର କର୍ମକର୍ତ୍ତା।

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଡୁଲି)**

ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ରବିବାର ବିରବିରା ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ସକାଳ ୬ଟାରେ କଳସ ଯାତ୍ରା କରିବା ପରେ ଇଷ୍ଟ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ କେନ୍ଦ୍ର ସଭାପତି ନରେନ୍ଦ୍ର କୁମାର ବେହେରାଙ୍କ ଦ୍ୱାରା ସାମାଜିକ ପତାକା ଉତ୍ତୋଳନ କରାଯାଇଥିଲା। ମଞ୍ଚରେ ଥିବା ସମସ୍ତ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୋକନ ଦେଇ ସମ୍ମାନିତ କରାଯାଇଥିଲା। ବିଶ୍ୱ ମହିଳା ଦିବସ ଅବସରରେ ମହିଳା ସଭ୍ୟାଙ୍କୁ ସମ୍ମାନୀତ କରାଯିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଗାଙ୍ଗପୁର ଉପକେନ୍ଦ୍ର ଉପସଭାପତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। କେନ୍ଦ୍ର ସମ୍ପାଦକ ବସନ୍ତ କୁମାର ସାହୁଙ୍କ ଦ୍ୱାରା ବିଗତ ବର୍ଷର ବାର୍ଷିକ ବିବରଣୀ ପାଠ କରାଯାଇଥିଲା। ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନରେ ସମାଜର ସମ୍ବିଧାନର ନୂତନ ସଂସ୍କରଣକୁ ଉନ୍ମୋଚନ କରାଯାଇଥିଲା। ଏହି ବାର୍ଷିକ ଅଧିବେଶନରେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଓ ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂହ ସମ୍ମାନିତ ଅତିଥିଭାବେ ଯୋଗଦେଇ ସମାଜର ଉନ୍ନତି କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଗାଙ୍ଗପୁର, ବଣାଇ, ବାମଣ୍ଡା, ଜୟପୁର ଅଞ୍ଚଳର ସଭାପତି ଯୋଗ ଦେଇ ନିଜ ଅଞ୍ଚଳର ଅଗ୍ରଗତି ଓ ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ। ପରେ ସମାଜର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ବିରଙ୍ଗାଟୋଲି, ଶିଳ୍ପ ତାଲିମ କେନ୍ଦ୍ରର ହୃଦାନନ୍ଦ ଦାନୀଙ୍କ ତରଫରୁ ୨ ଲକ୍ଷ ଟଙ୍କା, ଶିବ ଶଙ୍କର ପୃଷେଠଙ୍କ ସ୍ତ୍ରୀ ଗୌରୀ ପୃସେଠ ୧ ଲକ୍ଷ ଟଙ୍କା, ସରସ୍ୱତୀ ପୃସେଠ ୧ ଲକ୍ଷ ଟଙ୍କା ତୈଳିକ ସମାଜର ଶିକ୍ଷା କମିଟିକୁ ପ୍ରଦାନ କରିଥିଲେ। ଗାଙ୍ଗପୁର ଉପକେନ୍ଦ୍ର ସମ୍ପାଦକ ଫକୀର ମୋହନ ପୃଷେଠ ଧନ୍ୟବାଦ ଅର୍ପଣ କରିବା ପରେ କେନ୍ଦ୍ର ସଭାପତିଙ୍କୁ ସମାଜ ପତାକା ହସ୍ତାନ୍ତର କରିଥିଲେ। ଏହି ବାର୍ଷିକ ଅଧିବେଶନରେ ସମାଜର ୫ ହଜାରରୁ ଊର୍ଦ୍ଧ୍ୱ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ଡାକ୍ତର ଲବଣୀଧର ଦାନୀଙ୍କ ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଏଥିରେ ୩୩ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। ଗାଙ୍ଗପୁର ଉପ କେନ୍ଦ୍ର ସଭାପତି ଫକିର ମୋହନ ପୃଷେଠ ଓ ବଡଗାଁର ରମେଶ ଚନ୍ଦ୍ର ପୃଷେଠ ମଞ୍ଚ ପରିଚାଳନା କରିଥିଲେ।

## ରାମାୟଣ ପାରାୟଣ ଉଦ୍‌ଯାପିତ

**ଗାଇସିଲେଟ,୮।୩(ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ନଅ ଦିନ ବ୍ୟାପି ସନ୍ଥ ତୁଳସୀ ଦାସ ରଚିତ ରାମାୟଣର ଓଡ଼ିଆ ଅନୁବାଦ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷ ଗିରୀଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ବିଖ୍ୟାତ ଗାୟକ ପଣ୍ଡିତ ଲିପକ ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ।

## ମାନସିକ ସ୍ୱାସ୍ଥ୍ୟ ଶିବିର

**ପାଇକମାଳ,୮।୩(ବଢ଼ ଶତପଥି):** ପାଇକମାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପାଇକମାଳ ବ୍ଲକର ବିଭିନ୍ନ ଗ୍ରାମରୁ ମାନସିକ ରୋଗ ଲକ୍ଷଣ ଥିବା ତଥା ପୂର୍ବରୁ ଔଷଧ ସେବନ କରୁଥିବା ବ୍ୟକ୍ତି ମାନେ ଆସି ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ପରାମର୍ଶ ଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାର ଡା. ହରିପ୍ରିୟା ମହାନ୍ତି ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ।

## ସୁନ୍ଦରଗଡ଼ ଟାଉନ କଂଗ୍ରେସ କମିଟି ତରଫରୁ ଜନ ସଚେତନତା ସଭା


ସୁନ୍ଦରଗଡ ଟାଉନ କଂଗ୍ରେସ ପକ୍ଷରୁ ଜନସଚେତନତା ସଭାରେ ଉପସ୍ଥିତ କର୍ମକର୍ତ୍ତା।

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଡୁଲି)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ତଥା ଜିଲା କଂଗ୍ରେସ ସଭାପତିଙ୍କ ନିର୍ଦ୍ଦେଶକ୍ରମେ ରବିବାର ସ୍ଥାନୀୟ ଭବାନୀ ଶଙ୍କର ହାଇସ୍କୁଲ ଛକ ନିକଟରେ ସୁନ୍ଦରଗଡ଼ ଟାଉନ କଂଗ୍ରେସ ପକ୍ଷରୁ ସଭାପତି ସତ୍ୟ ନାରାୟଣ ସାହୁଙ୍କ ସଭାପତିତ୍ୱରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ଜନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଦେଶ କଂଗ୍ରେସ ତରଫରୁ ରାଜ୍ୟ ଏସସି ସେଲର ଅଧକ୍ଷ ତଥା ଏମଜିଏନଆରଇଜିଏସ ବଞ୍ଚାଓ ସଂଗ୍ରାମ କମିଟିର ସଦସ୍ୟ ମାନସ କୁମାର ମଲ୍ଲିକ, ଜିଲା କଂଗ୍ରେସ ସଭାପତି ନିର୍ମଳ କୁମାର ନାଏକ, ରାଜ୍ୟ ଏସଟି ସେଲର ସାଧାରଣ ସମ୍ପାଦିକା ଗୋରେଟି ଖେସ, କଂଗ୍ରେସ ନେତ୍ରୀ ତଥା ଜିଲା କଂଗ୍ରେସର ଉପସଭାପତି ସୁଧାରାଣୀ ରାଉଡିଆ, ଜିଲା ଏସସି ସେଲର ସଭାପତି ଭୁଲକି ସେଠ, ମହିଳା କଂଗ୍ରେସ ପୂର୍ବତନ ଉପସଭାପତି କଳ୍ପନା ଆପଟ ନିଜ ନିଜ ବକ୍ତବ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଥିବା ଡବଲ ଇଞ୍ଜିନ ସରକାର କିଭଳି ସାଧାରଣ ଜନତାଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଶ୍ରମିକ, କୃଷକମାନଙ୍କୁ ଶୋଷଣ କରିବା ସହିତ ବେରୋଜଗାରୀ ସମସ୍ୟା ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି ବୋଲି ବିସ୍ତୃତ ଭାବରେ ପ୍ରକାଶ କରିଥିଲେ। ଏହା ସରକାର ପୁଞ୍ଜିପତିଙ୍କ ସରକାର ବୋଲି କହିଥିଲେ। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜିଲାର ସମସ୍ତ ମହିଳାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ନୀତି କିଭଳି ବିଫଳ ହୋଇଛି ଆଲୋଚନା କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ଜିଲା ଉପସଭାପତି ଅଜିତ ପ୍ରସାଦ, କାଳିପଦ ସାମଲ, ପର୍ଶୁରାମ ସରାଫ, ପ୍ରଦୀପ ସିଂ, ରାଜ୍ୟ ଏସଟି ସେଲର ଉପସଭାପତି ଦିଲୀପ କୁମରା, ଜିଲା କଂଗ୍ରେସର ସାଧାରଣ ସମ୍ପାଦକ ଦେବାଶିଷ ଦାସ, ପ୍ରଣବ କୁମାର ସିଂ, ରାଜେନ୍ଦ୍ର ପଟେଲ, ନେପାଳ ସାହୁ,ଜିଲା ସେବାଦଳ ଅଧକ୍ଷ ଭୀଷ୍ମଦେବ ସିଂ, ଜିଲା କଂଗ୍ରେସ ସମ୍ପାଦକ ଶ୍ୟାମ ନନ୍ଦନ ସହାୟ, ଜିଲା କୃଷକ ସେଲର ସଭାପତି ସୁନୀଲ ପଣ୍ଡା, ବାଲିଶଙ୍କରା ବ୍ଲକ ସଭାପତି ପିତାମ୍ବର ଶେଖରଦେଓ ପ୍ରମୁଖ ଯୋଗ ଦେଇଥିଲେ।

# ଶିକ୍ଷା ଦିଗରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରପାଲି,୮।୩ (ଚିତ୍ତରଞ୍ଜନ ସାହୁ)**

ବରପାଲି ସରସ୍ୱତୀ ମହିଳାସଂଘ ପକ୍ଷରୁ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏଚ.ଇ.ଟି.ସି.ର ଏ.ଆଇ.ଏସ.ଡବ୍ଲ୍ୟୁ.ଆଇ.ସି. ଭାବରେ କାର୍ଯ୍ୟରତ ନୀହାରିକା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଦସ୍ୟା ନିବେଦିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଘରଜୁଗୀ ଗଡ଼ତିଆ ତାଙ୍କ ଅଭିଭାଷଣରେ ଶିକ୍ଷା ଦିଗରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦିକା ସୁନିତା ମୁଣ୍ଡ ବର୍ତ୍ତମାନ ସମାଜରେ ଚାଲିଥିବା କୁସଂସ୍କାର ଓ ମଣିଷର ମୃତ୍ୟୁ ପରେ ଚାଲିଥିବା ଆଡମ୍ବର ତଥା ପ୍ରହସନମୂଳକ ପ୍ରଥା, ପ୍ରାକ ବିବାହ ଶୁଟିଂ ପରମ୍ପରା ଭଳି କିଛି କାର୍ଯ୍ୟରେ ସଂସ୍କାର ଆଣିବାକୁ ନାରୀମାନଙ୍କୁ ଆହ୍ୱାନ କରିଥିଲେ। ବାନ୍ଧକଳାରେ ରାଷ୍ଟ୍ରପତି ପୁରସ୍କୃତା ସୁକାନ୍ତି ମେହେର ମହିଳାମାନେ ସମାଜରେ କିପରି ନିଜ ପରିଚୟ ସୃଷ୍ଟି କରିପାରିବେ, ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କବୟିତ୍ରୀ ସୌଦାମିନୀ ଖଟୁଆଙ୍କ ରଚିତ ମାନସ କଲ୍ଲୋଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ନାରୀ ସମାଜରେ ଉଦାହରଣ ସୃଷ୍ଟି କରି ଶ୍ରବଣ ଓ କଥନ ଶକ୍ତିହୀନ ହୋଇଥିବା ସତ୍ତ୍ୱେ ମଧ ଏକ ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ସୁପରିଚାଳନା ପାଇଁ ନୂତନ ପଧାନ ଓ ଶ୍ରୀମଦ ଭଗବତ ଗୀତାକୁ କଣ୍ଠସ୍ଥ କରିଥିବା ବାବୁପାଲିର ସୌଦାମିନୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା । ଗୋପୀନାଥ ମନ୍ଦିରର ଗୀତାସେବୀଗଣ ୧୫ଅଧ୍ୟାୟ ଗୀତା ପାଠ କରିଥିଲେ।

## କଫ ସିରପ୍ ଜବତ, ୪ ଗିରଫ




**ପଦ୍ମପୁର,୮।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ପୋଲିସ ନକଲି କଫ ସିରପ୍ ବ୍ୟବସାୟ କରୁଥିବା ଅଭିଯୋଗରେ ରବିବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିକି ଭୋଇ, ଚତୁର୍ଭୁଜ ପଟେଲ, ଲକ୍ଷ୍ମୀପ୍ରସାଦ ବାଗ ଓ ଜଗେଶ୍ୱର ମେହେର। ଅଭିଯୁକ୍ତମାନଙ୍କଠାରୁ ୧୦ ଲିଟର ମିଶ୍ରିତ ଉଇନସେରେକ୍ସ କଫ ସିରପ୍ ଭର୍ତ୍ତି ଜାର, ୧୦୦ ମିଲିର ୩୧ଟି ବୋତଲ, କୋଡିନ ଫସଫେଟ ଥିବା କଫ ସିରପ୍, ୧୭ଟି ଟାବଲେଟ ଥିବା ୨ଟି ଷ୍ଟ୍ରିପ ନାଇଟ୍ରୋସନ, ପ୍ଲାଷ୍ଟିକ ଗ୍ଲାସ ଓ ଖାଲି ବୋତଲ ଆଦି ଜବତ କରାଯାଇଛି। ଏହା ସହ ଏକ ବାଇକ୍ ମଧ ପୋଲିସ ଜବତ କରିଛି। ପଦ୍ମପୁର ଥାନାର ଏସ୍.ଆଇ. ଧନେଶ୍ୱର ସାହୁ ପାଟ୍ରୋଲିଂ କରୁଥିବା ବେଳେ ବୁଧାପାଲି ଗ୍ରାମ ନିକଟରେ କିଛି ସନ୍ଦେହଜନକ ଲୋକଙ୍କୁ ଧରିଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ନକଲି କଫ ସିରପ୍ ଜବତ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ପଦ୍ମପୁର ଏସ.ଡି.ଜେ.ଏମ୍. କୋର୍ଟକୁ ଚାଲାଣ କରିଛି। ଏହି ନକଲି କଫ ସିରପ୍ ବ୍ୟବସାୟ ବିଷୟରେ ଅଧିକ ପୋଲିସ ତଦନ୍ତ ଜାରି ରଖିଛି।

# ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ

**ସୁନ୍ଦରଗଡ଼,୮।୩(ଜୟ ନାରାୟଣ ମେଣ୍ଡୁଲି)**


ଅତିଥିମାନେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସିଡିପିଓ ଓ ସୁପରଭାଇଜରମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଅନ୍ତର୍ଜାତୀୟ ମହିଳା ଦିବସ, ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ସମାରୋହ**

ସ୍ଥାନୀୟ ସଂସ୍କୃତି ଭବନଠାରେ ଜିଲା ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଧାନସଭାର ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ, ସୁନ୍ଦରଗଡ଼ ପୌରପରିଷଦର ଅଧକ୍ଷା ତନୟା ମିଶ୍ର, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଉପ ଆରକ୍ଷୀ ଅଧିକ୍ଷକ କାଦମ୍ବିନୀ ସାମଲ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୂଚିତା ପଣ୍ଡା ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଉପ ବାଚସ୍ପତି ଭୋଇ ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ମହତ୍ତ୍ୱ ଉପରେ ନିଜର ଅଭିଭାଷଣ ରଖିବା ସହିତ ପରିବାର ଓ ସମାଜର ସମୃଦ୍ଧିରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି ପ୍ରକାଶ କରିଥିଲେ। ସମାଜର ପ୍ରତ୍ୟେକ କ୍ଷେତ୍ରରେ ମହିଳାଙ୍କ ଉଲ୍ଲେଖନୀୟ ଅବଦାନ ରହିଛି। ସେ ବିଜ୍ଞାନ ହେଉ କି କ୍ରୀଡ଼ା ବା ରାଜନୀତି କ୍ଷେତ୍ର। ପରିବାରକୁ ମଧ ସୁସ୍ଥ ସୁଦୃଢ଼ ଭାବେ ଗଢ଼ି ଥାଆନ୍ତି। ଏକ ସୁସ୍ଥ ସମାଜ ଗଠନରେ ମହିଳାଙ୍କ ଅବଦାନ ଅତୁଳନୀୟ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିବା ଜିଲା ସ୍ତରୀୟ କ୍ରୀଡା, ସଙ୍ଗୀତ ଓ ରଙ୍ଗୋଲି ପ୍ରତିଯୋଗିତାରେ ବିଜୟୀ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିଶୁ ବିକାଶ ଯୋଜନାର ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକୁ ସଫଳ କରିବାରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା ସିଡିପିଓ ସୁବାସୀ ମୁଣ୍ଡୁ , ଏମ୍ରେନ୍ସିଆ କୁଲୁ, ପୁଷ୍ପଲତା ନାୟକ, ସୁପରଭାଇଜର ବିଷ୍ଣୁପ୍ରିୟା ନାଏକ, ସେବତୀ ନାୟକ, ଫୁଲ ମାନୀ ମହନ୍ତ, ଅଙ୍ଗନୱାଡି କର୍ମୀ ଅନୀତା ଲାକ୍ରା, ଦୀପିକା କିସାନ, ରଶ୍ମିତା ଟପ୍ପୋ, ସହାୟିକାଙ୍କ ମଧ୍ୟରେ ସୁକାନ୍ତି ବାଗ, ଯୋତି ପ୍ରଧାନ ଓ ନାଗେଶ୍ୱରୀ ଓରାମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କବାଡିରେ କୁଆଁରମୁଣ୍ଡା ଚାମ୍ପିୟନ ଓ ସବଡେଗା ରନର୍ସ ଅପ, ଖୋଖୋରେ କୁତ୍ରା ଚାମ୍ପିୟନ ଏବଂ ଗୁରୁଣ୍ଡିଆ ରନର୍ସ ଅପ, ରଶିଟଣାରେ ଲାଠିକଟା ଚାମ୍ପିୟନ ଓ ଟାଙ୍ଗରପାଲି ରନର୍ସ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ସିଡିପିଓ, ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ସହାୟିକା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ବହୁ ସଂଖ୍ୟାରେ ଅଂଶ ଗ୍ରହଣ କରି ରାଜ୍ୟ ସ୍ତରୀୟ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଦେଖିଥିଲେ। କାର୍ଯ୍ୟକ୍ରମରେ ସଦର ସୁରକ୍ଷା ଅଧିକାରୀ ସୁଶିଳା ରଥ ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଜିଲା ସୁରକ୍ଷା ଅଧିକାରୀ ସୁଷମା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ସାବାସ୍ ଅନୁଷ୍ଠାନର ସାଧାରଣ ବୈଠକ

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଲାଠୋର ଗ୍ରାମ ସ୍ଥିତ ସାବାସ୍ ସାମାଜିକ ପରିବର୍ତ୍ତନ ଅନୁଷ୍ଠାନର ଉପଦେଷ୍ଟା କପିଳ ସୁନାଙ୍କ ତତ୍ତ୍ୱାବଧାନରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲାଇବାନ ସୁନା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟପନ୍ଥା ତଥା ଏପ୍ରିଲ ୧୪ରେ ବାବା ସାହେବ ଡ. ବିଆର ଆମ୍ବେଡକରଙ୍କ ଜନ୍ମଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଉପସ୍ଥିତ ସଦସ୍ୟ ନିଜ ନିଜର ମତ ରଖିଥିଲେ। ବରିଷ୍ଠ ସଦସ୍ୟ କରୁଣାକର ସୁନା, ମହେଶ୍ୱର ରାଏ, ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା, ଗଣେଶ ଛତ୍ରିଆ, ମୋତି ସୁନା, ରାହୁଲ ସୁନା, ଅମିତ ସୁନା, ରବି ସୋନି, ପୁରୁନ ସୁନା, ରାଜ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ନିଖୋଜ ଯୁବକଙ୍କ ମୃତଦେହ ଜବତ

ଟିଟିଲାଗଡ଼,୮।୩(ଶରତ ମିଶ୍ର)

ଟିଟିଲାଗଡ ଥାନା ଅଧୀନ ଖୋଲାନ ଗାଁ ନିକଟ ଖୋଲାନ -ସିନ୍ଧେକେଲା ରାସ୍ତାର ଏକ ଟାୱାର ଖୁଣ୍ଟ ତଳୁ ଜଣେ ଯୁବକଙ୍କ ମୃତଦେହ ରବିବାର ଜବତ ହୋଇଛି। ମୃତ ଯୁବକ ହେଲେ ଖୋଲାନ ଗାଁର ପୀୟୁଷ ରଣା। ପୀୟୁଷ ତିନି ଦିନ ତଳେ ନିଖୋଜ ଥିଲେ । ମୃତଦେହ ମିଳିବା ପରେ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।

## ବଲାଙ୍ଗୀର ଭାଜପା ଅଫିସରୁ ଚୋରି

ବଲାଙ୍ଗୀର,୮।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ଭାଜପା ଜିଲା ଅଫିସରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଲକ୍ଷ୍ମୀପୋର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପଥରଚେପାର ଜଣେ ଯୁବକ ଜିଲା ଭାଜପା ଅଫିସକୁ ଆସି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଜିଲା ଭାଜପା ଅଫିସ ଭିତରୁ ୧୦ଟି ଚୌକି, ୬ଟି ପ୍ଲାଷ୍ଟିକ୍ ଡଷ୍ଟବିନ୍, ଗୋଟିଏ ଏକ୍ୱାଗାର୍ଡ ଫିଲଟର, ଜେନେରେଟର, ପମ୍ପ ଓ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ଲକ୍ଷ୍ମୀପୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ଶ୍ରମିକଙ୍କ ଅଧିକାର ଉପରେ ସଚେତନତା ସଭା

ଟିଟିଲାଗଡ଼,୮।୩(ଶରତ ମିଶ୍ର)

ମୁରିବାହାଲ ବ୍ଲକ ଖରାଳି ଗ୍ରାମରେ ଆକ୍ସନ ଏଡ୍ ଅନୁଷ୍ଠାନ ତରଫରୁ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଅଧିକାର ସମ୍ପର୍କିତ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଙ୍କେଲ, ଶିରୋଲ, ମାଲିଶିରା, ବିଟାବନ୍ଧ ଗ୍ରାମର ମୋଟ ୧୨୦ ଜଣ ଶ୍ରମିକ ଉପସ୍ଥିତ ଥିଲେ। ସଭାରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା, ଶ୍ରମିକ ପଞ୍ଜୀକରଣ, ସ୍ୱାସ୍ଥ୍ୟ ବୀମା ଓ ପେନସନ୍ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ସେହିପରି ଶ୍ରମିକମାନେ ନିଜ କାମ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ। ଶ୍ରମିକମାନଙ୍କୁ ଏକତାବଦ୍ଧ ହୋଇ ନିଜ ଅଧିକାର ପାଇଁ ସଚେତନ ହେବା ଓ ସରକାରୀ ଯୋଜନାର ଲାଭ ନେବା ପାଇଁ ତାଲିମଦାତା ଅଜିତ କୁମାର ପଣ୍ଡା ଆହ୍ୱାନ କରିଥିଲେ । ମୁରଲୀ ଚରଣ ଦାସ, ଭୂପେନ୍ଦ୍ର ରଣା, ଜ୍ୟୋତିର୍ମୟୀ ଦହଲ, ସନ୍ତୋଷ ଦଳପତି, ପ୍ରେମଲାଲ ମାଝୀ ସହଯୋଗ କରିଥିଲେ।

## ବିଜୁ ପଟ୍ଟନାୟକଙ୍କୁ ମନେ ପକାଇଲେ

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଅଗ୍ରେସନ ଭବନଠାରେ ବିଜୁ ଜନତା ଦଳ ତରଫରୁ ବିଜୁ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଲୋଇସିଂହା ନିର୍ବାଚନମଣ୍ଡଳୀର ୩ ବ୍ଲକର ବିଜେଡି ପଦାଧିକାରୀ ଓ କାର୍ଯ୍ୟକର୍ତ୍ତା ଯୋଗଦେଇ ବିଜୁପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

## ଆଗଲପୁର ନୂତନ ଥାନା ଗୃହ ଉଦ୍‌ଘାଟିତ

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ନୂତନ ଥାନା ଗୃହ ଉଦ୍‌ଘାଟିତ ହୋଇଯାଇଛି। ନିକଟରେ ଭର୍ଚୁଆଲ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ଗୃହ ଓ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଦ୍ୱାରା ଥାନାର ନୂତନ ଗୃହ ଉଦ୍‌ଘାଟନ ହୋଇଥିଲା। ଏହି ଅବସରରେ ଆଗଲପୁର ଥାନା ବଲାଙ୍ଗୀର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଗୁଣନିଧି ମଲ୍ଲିକ, ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମହାପାତ୍ର କୁଳଦୀପ ମହାନ୍ତି, ଅତିରିକ୍ତ ତହସିଲଦାର ଫାଲଗୁନି ଶବର, ବିଧାୟକଙ୍କ ଆଗଲପୁର ପ୍ରତିନିଧି ପୀତାମ୍ବର କଣ୍ଟା, ଏମ୍‌ପିଙ୍କ ପ୍ରତିନିଧି ଉମେଶ ପଟେଲ, ଆଗଲପୁର ଜୋନ ମଣ୍ଡଳ ସଭାପତି ହିମାଂଶୁ ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଥାନା ଅଧିକାରୀ ସୁଚିସ୍ମିତା ଜେନା ଉପସ୍ଥିତ ଥିଲେ।

# ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାଙ୍କ ରହିଛି ବଡ଼ ଭୂମିକା: ମନ୍ତ୍ରୀ ମୁକେଶ

ବଲାଙ୍ଗୀର,୮।୩(ବୀରେନ୍ଦ୍ର କୁମାର ଝାଙ୍କର)


ସଭାରେ ମୁଖ୍ୟଅତିଥି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ଅନ୍ୟମାନେ।

ବଲାଙ୍ଗୀର ଜିଲା ପ୍ରଶାସନ ଓ ଜିଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ରବିବାର ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ଅଡିଟୋରିୟମଠାରେ ଆନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଚତୁର୍ଥ କିସ୍ତି ବଣ୍ଟନ ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଗୌରବ ଶିବାଜୀ ଇସଲୱାରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ମହିଳାମାନଙ୍କ ବଡ ଭୂମିକା ରହିଛି ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ମହିଳାମାନେ ଏବେ ସଫଳ ଉଦ୍ୟୋଗୀ ଏବଂ ଦେଶର ଜିଡିପିରେ ବଡ ଭାଗିଦାରୀ ନିର୍ବାହ କରୁଛନ୍ତି ବୋଲି କହିଥିଲେ। ମହିଳାଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭରଶୀଳ କରିବା ସରକାରଙ୍କ ବଡ ଲକ୍ଷ୍ୟବୋଲି ମନ୍ତ୍ରୀ ମହାଲିଙ୍ଗ କହିଥିଲେ। ସଭାରେ ସମ୍ମାନିତ ଅତିଥି

**ଅନ୍ତର୍ଜାତୀୟ ମହିଳା ଦିବସ ପାଳନ**

ଭାବେଟିଟିଲାଗଡ ବିଧାୟକ ନବୀନ କୁମାର ଜୈନ, ଏମପିଙ୍କ ପ୍ରତିନିଧି ଦିନେଶ ଶର୍ମା, ଅତିରିକ୍ତ ଜିଲାପାଳ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା, ଜିଲା ମୁଖ୍ୟ ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥୀମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ବିଧାୟକ ଜୈନ ତାଙ୍କ ବକ୍ତବ୍ୟରେ ସୁଭଦ୍ରା ସହାୟତାରେ ଟିଟିଲାଗଡ ନିର୍ବାଚନମଣ୍ଡଳୀର ମହିଳାମାନେ କିଭଳି ଉପକୃତ ହେଉଛନ୍ତି କହିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକର ଶତାଧିକ ମହିଳା, ଅଙ୍ଗନବାଡ଼ି କର୍ମୀ ଏବଂ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିନିଧି ଯୋଗଦାନ କରିଥିଲେ। ଚଳିତବର୍ଷର ବିଷୟବସ୍ତୁକୁ ଆଧାର କରି ମହିଳାମାନଙ୍କ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ବିକାଶ ଉପରେ ସଭାରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି ଅବସରରେ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଇଁତଲା ବ୍ଲକର ଗୋଲାପୀ ନାୟକଙ୍କୁ ଶ୍ରେଷ୍ଠ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଭାବେ ଅତିଥିମାନେ ସମ୍ମାନିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଦୀପ କୁମାର କୁଅଁର ସଭା ପରିଚାଳନା କରିଥିଲେ। ସ୍ଥାନୀୟ କଳାକାର ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଜିଲା ପ୍ରକଳ୍ପ ସଂଯୋଜକ ଶିବାନୀ ଠାକୁର, ପ୍ରକଳ୍ପ ଅଧିକାରୀ ଅନୁପମା ହେସ, ସୁରକ୍ଷା ଅଧିକାରୀ ସୁଜାତା ଦୋରାଙ୍କ ସହ ଜିଲା ସମାଜ ମଙ୍ଗଳ ବିଭାଗର କର୍ମଚାରୀ ଓ ଅଧିକାରୀ ଉପସ୍ଥିତ ଥିଲେ।

## ଜଙ୍ଗଲ ବୁଲି ଗଛ ଚିହ୍ନିଲେ ଛାତ୍ରୀଛାତ୍ର

ଖପ୍ରାଖୋଲ,୮।୩(ଅଭୟ ତ୍ରିପାଠୀ)


ଶିବିରରେ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଖପ୍ରାଖୋଲ ବ୍ଲକ ଫୁଲୁଜିମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ପ୍ରକୃତି ଶିବିର ରବିବାର ଗନ୍ଧମାର୍ଦ୍ଦନ ପାହାଡରେ ଆୟୋଜିତ ହୋଇଥିଲା। ପ୍ରଧାନ ଶିକ୍ଷକ ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ହରିଶଙ୍କର ରେଞ୍ଜ ଅଧିକାରୀ ତଥା ଏସିଏଫ ଅରବିନ୍ଦ ନାଏକ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହରାପଦର ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ନବ କିଶୋର ନନ୍ଦ, ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ, ଧଣ୍ଡାମୁଣ୍ଡା ଉଚ୍ଚ ବିଦ୍ୟାଳୟ ଖେଳ ଶିକ୍ଷକ ରଜତ ଦାସ, ବନପାଳ ରଞ୍ଜିତ କୁମାର, ଜ୍ୟୋତି ପ୍ରକାଶ ସ୍ୱାଇଁ, ଇନ୍ଦ୍ରମଣି ବେହେରା, ବିପିନ ସାହୁ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ପରିବେଶ ଓ ପ୍ରକୃତି ଉପରେ ଅନେକ ଶିକ୍ଷଣୀୟ ତଥ୍ୟ ପ୍ରଦାନ କରିବା ସହିତ ପରିବେଶ ସୁରକ୍ଷା ଉପରେ କହିଥିଲେ। ଏହି ଅବସରରେ ଛାତ୍ରୀ ଛାତ୍ରମାନେ ଜଙ୍ଗଲ ବୁଲି ବିଭିନ୍ନ ଗଛ ଚିହ୍ନିଥିଲେ। ଶିବିରରେ ବିଦ୍ୟାଳୟ ଶିକ୍ଷୟିତ୍ରୀ ଶିକ୍ଷକ, ଛାତ୍ରୀଛାତ୍ର ଯୋଗ ଦେଇଥିଲେ । ଶିକ୍ଷକ ଭୁବନେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଦେଓଗାଁ କ୍ରିକେଟ ଟୁର୍ନାମେଣ୍ଟ: ବାଲିଖମାର ଚାମ୍ପିୟନ

ଦେଓଗାଁ,୮।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଅନ୍ତର୍ଗତ ଦେଓଗାଁ ନେହେରୁ ଖେଳପଡିଆଠାରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଉଦ୍‌ଯାପିତ ହୋଇଯାଇଛି। ବଙ୍ଗୋମୁଣ୍ଡା ଓ ବାଲିଖମାର ମଧ୍ୟରେ ଅନୁଷ୍ଠିତ ଫାଇନାଲ ଖେଳରେ ବାଲିଖମାର ଦଳ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଖେଳକୁ ରାଜା ନାଗ ଓ ସାଥୀ ପରିଚାଳନା କରିଥିଲେ। କମିଟି ସଭାପତି ଉପାସୁ ବାଗଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଦୟାନିଧି ଖମାରୀ , ସମ୍ମାନିତ ଅତିଥି ଭାବେ ଅତିବିକାଶ ବାରିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଏବଂ ରନର ଅପ୍ ଦଳକୁ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ । ଦେଓଗାଁ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ଲୋଇସିଂହା ଷ୍ଟାଡିୟମ ମଲ୍‌ଟି ଜିମ୍‌ଖାନା ଉଦ୍‌ଘାଟିତ



ଜିମ୍ ଉଦ୍‌ଘାଟନ ଅବସରରେ ମୁଖ୍ୟଅତିଥିଙ୍କ ସମେତ ଅନ୍ୟମାନେ।

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ଷ୍ଟାଡିୟମ ପରିସରରେ ଥିବା ମଲଟି ଜିମଖାନା ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷ ତଥା ବିଜେଡି ବ୍ଲକ ସଭାପତି ଯତୀନ୍ଦ୍ର ପଟେଲ ଫିତା କାଟି ଏହାକୁ ଉଦ୍‌ଘାଟନ କରିଥିଲେ। ଫିଟ ରହିବା ପାଇଁ ବ୍ୟାୟାମ, ଯୋଗ ଏବଂ ଜିମ୍‌ର ଆବଶ୍ୟକତା ରହିଛି। ଏଣୁ ଲୋଇସିଂହା ଅଞ୍ଚଳର ସବୁ ବର୍ଗର ବ୍ୟକ୍ତିଙ୍କ ପାଇଁ ଏହି ମଲ୍‌ଟି ଜିମ୍ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସହାୟକ ହେବ । ବର୍ତ୍ତମାନ ସମୟରେ ୨.୫ ଲକ୍ଷ ଟଙ୍କାର ଜିମ ସାମଗ୍ରୀ ଯୋଗାଣ ହୋଇଥିବା ବେଳେ ଆଗାମୀ ଦିନରେ ମଧ ଆବଶ୍ୟକ ଜିମ ସାମଗ୍ରୀ ଯୋଗାଇ ଦିଆଯିବ ବୋଲି ମୁଖ୍ୟଅତିଥି ପଟେଲ କହିଥିଲେ । ଉତ୍ସବରେ ଷ୍ଟାଡିୟମ ଟ୍ରଷ୍ଟ ବୋର୍ଡ ସଭାପତି ଦିଲୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଷ୍ଟାଡିୟମ ଟ୍ରଷ୍ଟବୋର୍ଡ, ଆଥ୍‌ଲେଟିକ ଆସୋସିଏଶନ ସଦସ୍ୟ ବିଶ୍ୱନାଥ ଭୂୟାଁ, ପ୍ରତାପ ବହିଦାର, ମୋହିତ ମିଶ୍ର, ସମ୍ପାଦକ ଶିବ କୁମାର ଅଗ୍ରୱାଲଙ୍କ ସମେତ ଜିମଖାନାର ସଦସ୍ୟ ଉପସ୍ଥିତ ଥିଲେ। ଜିମଖାନା ପରିଚାଳନା ଦାୟିତ୍ୱରେ ଥିବା ରଞ୍ଜନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ପ୍ରକାଶ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।

# ‘ବଲାଙ୍ଗୀର ଆଗାମୀ ଦିନର ଶିକ୍ଷା ହବ୍’

ବଲାଙ୍ଗୀର,୮।୩(ବୀରେନ୍ଦ୍ର କୁମାର ଝାଙ୍କର)

**ପାଠ ପଢ଼ିବାକୁ ବଲାଙ୍ଗୀର ଆସିବେ ଛାତ୍ରୀଛାତ୍ର**

ଚଳିତ ବଜେଟ୍‌ରେ ବଲାଙ୍ଗୀରରେ ଏକ ସରକାରୀ ଇଞ୍ଜିନିୟରିଂ କଲେଜ ଏବଂ ଏକ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା ହୋଇଛି। ଏହାସହିତ ବଲାଙ୍ଗୀର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୋନପୁରରେ ଏକ ମତ୍ସ୍ୟ କଲେଜ ପ୍ରତିଷ୍ଠା କରାଯିବ। ପୂର୍ବରୁ ବଲାଙ୍ଗୀରରେ ଏକ ଡେଣ୍ଟାଲ କଲେଜ ଏବଂ ଏକ ନର୍ସିଂ କଲେଜ ପ୍ରତିଷ୍ଠା ପାଇଁ ଘୋଷଣା ହୋଇସାରିଛି। ଆଗକୁ ବଲାଙ୍ଗୀରରେ ଆଇଟି ପାର୍କ ପ୍ରତିଷ୍ଠ ପାଇଁ ନିଷ୍ପତ୍ତି ହୋଇଛି। ପୂର୍ବରୁ ବଲାଙ୍ଗୀର ଜିଲାର ପିଲାମାନେ ପାଠ ପଢ଼ିବା ପାଇଁ ରାଜ୍ୟର ଅନ୍ୟ ଜିଲାକୁ ଯାଉଥିଲେ। ଆଗକୁ ବଲାଙ୍ଗୀରକୁ ରାଜ୍ୟର ଅନ୍ୟ ଜିଲାର ପିଲା ପାଠ ପଢ଼ିବା ପାଇଁ ଆସିବେ। ଆଗାମୀ ଦିନରେ ବଲାଙ୍ଗୀର ଏକ ଶିକ୍ଷା ହବ୍ ହେବ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର ଏବଂ ପ୍ରଯୁକ୍ତି ବିଦ୍ୟା ବିଭାଗ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସେ ଆହୁରି କହିଥିଲେ, ପୂର୍ବରୁ ବଲାଙ୍ଗୀରରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଭୀମଭୋଇ ମେଡିକାଲ କଲେଜ, ସରକାରୀ ଆୟୁର୍ବେଦିକ କଲେଜ ଏବଂ ରାଜ୍ୟ ହୋଟେଲ ପରିଚାଳନା ପ୍ରତିଷ୍ଠାନ ରହିଛି। ଆଗାମୀ ଦିନରେ ବଲାଙ୍ଗୀର ନିଶ୍ଚିତ ଶିକ୍ଷା ହବ୍ ହେବ ବୋଲି ମନ୍ତ୍ରୀ ଦୋହରାଇଥିଲେ।

ରବିବାର ସ୍ଥାନୀୟ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲ ଅଡିଟୋରିୟମ କକ୍ଷରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ମହାଲିଙ୍ଗ ଆହୁରି କହିଥିଲେ, ୨୦୨୬-୨୦୨୭ ବଜେଟରେ ରାଜ୍ୟ ସରକାର ବିକଶିତ ଓଡିଶା ୨୦୩୬ ଏବଂ ବିକଶିତ ଭାରତ ୨୦୪୭ର ଭିଜନ ଏବଂ ମିଶନକୁ ପରିପୂର୍ଣ୍ଣ କରିବା ଲକ୍ଷ୍ୟ ରଖିଛନ୍ତି। ବଜେଟରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, କୃଷକ ସଶକ୍ତିକରଣ, ମହିଳା ଓ ଶିଶୁ ବିକାଶ, ଆଇଟି କ୍ଷେତ୍ରକୁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ବଜେଟ ଏକ ଐତିହାସିକ ବଜେଟ । ବିଗତ ୭୦ ବର୍ଷ ଭିତରେ ଗୋଟିଏ ବଜେଟରେ ୧୬ଟି ଶିକ୍ଷାନୁଷ୍ଠାନକୁ ପ୍ରାଧାନ୍ୟ ଦିଆଯାଇଛି। ବିଶେଷକରି ଆଗାମୀ ଦିନରେ ବଲାଙ୍ଗୀର ଶିକ୍ଷା, ବୈଷୟିକ ଏବଂ ଆତ୍ମନିର୍ଭରଶୀଳ ଜିଲା ଭାବେ ପରିଗଣିତ ହେବ। ଗ୍ରାମୀଣ ଅର୍ଥନୀତିକୁ ମଧ ଏହା ସମୃଦ୍ଧ କରିବ ବୋଲି କହିଥିଲେ। ବଲାଙ୍ଗୀରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ହେବା ପରେ ଏହି ଅଞ୍ଚଳରେ କୃଷି ଏବଂ କୃଷକଙ୍କ ବିକାଶ ସାଧିତ ହେବ ବୋଲି କହିଥିଲେ। ବରପାଲିଠାରୁ ବଲାଙ୍ଗୀର ଦେଇ ଜୁନାଗଡ ପର୍ଯ୍ୟନ୍ତ ଜାତୀୟ ରାଜପଥ ୨୬ର ୪ ଲେନ୍ ବା ପ୍ରଶସ୍ତିକରଣ କରାଯିବ। ଆଗାମୀ ଦିନରେ ଆଇଟି କ୍ଷେତ୍ରରେ ଓଡିଶାରେ ବୈପ୍ଲବିକ ପରିବର୍ତ୍ତନ ଆସିବ ବୋଲି ସେ କହିଥିଲେ। ଏହାସହିତ ମନ୍ତ୍ରୀ ମହାଲିଙ୍ଗ ଚଳିତ ବଜେଟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏହି ଖବରଦାତା ସମ୍ମିଳନୀରେ ଟିଟିଲାଗଡ ବିଧାୟକ ନବୀନ ଜୈନ ଉପସ୍ଥିତ ଥିଲେ।

## ନାରୀଙ୍କ ଅଧିକାର, ସୁରକ୍ଷା ଉପରେ ଗୁରୁତ୍ୱ

ଟିଟିଲାଗଡ଼,୮।୩(ଶରତ ମିଶ୍ର)

ତାଲୁକ ଆଇନ ସେବା ସମିତି ଟିଟିଲାଗଡ଼ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଆଦିବାସୀ ଭବନଠାରେ ସମିତି ଅଧ୍ୟକ୍ଷ ଅତିରିକ୍ତ ଜିଲା ଓ ଦୌରା ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ଏସ୍‌ଡିଜେଏମ ସୁମିତ କୁମାର ପାଣିଗ୍ରାହୀ, ସରକାରୀ ଅଧିବକ୍ତା ସନ୍ଧ୍ୟା ଥାପା, ଆଇନଜୀବୀ ଚନ୍ଦ୍ରମା ନାଥ, ନୋଟାରି ଶ୍ରୀମା ଖମାରୀ, ସମିତି ଫ୍ରଣ୍ଟ ଅଫିସ ରିଟେନର ପୁରୁଷୋତ୍ତମ ସ୍ୱାଇଁ, ଆଇନଜୀବୀ ପଙ୍କଜ ବାଗ, ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ନାଥ ହାଁସଦା ଅତିଥି ଭାବେ ଯୋଗଦେଇ ନାରୀଙ୍କ ଅଧିକାର, ସୁରକ୍ଷା ନେଇ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ଅନିକେତ ମିଶ୍ର, ଶିବାଞ୍ଜଳି ଗୁପ୍ତା, ପିଏଲଭି ଉଷା ସୁନା, ଆଦିବାସୀ ସଂଘ ବ୍ଲକ ସଭାପତି ପଦ୍ମନ ପ୍ରଧାନୀ, ନଗର ସଭାପତି ନିତ୍ୟା ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନେ।

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ଚୁଙ୍ଗିଦାଦର ଗ୍ରାମରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁନିତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗଲପୁର ଥାନା ଅଧିକାରୀ ସୁଚିସ୍ମିତା ଜେନା, କେନ୍ଦୁପତ୍ର ବିଭାଗ ଫରେଷ୍ଟର ଶୁଭଶ୍ରୀ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ମହିଳାମାନେ ସବୁକ୍ଷେତ୍ରରେ ଆଗକୁ ବଢିପାରିବେ। ନିଜ ପରିବାରକୁ ସୁସ୍ଥ, ଶିକ୍ଷିତ ଏବଂ ସ୍ୱାବଲମ୍ବୀ କିପରି କରି ପାରିବେ ସେନେଇ ପରାମର୍ଶ ଦେଇଥିଲେ। ଏହାଛଡା ସଚେତନତାମୂଳକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ଯଥା ଝରଣୀପାଲି, ଚୁଙ୍ଗିଦାଦର, ଆମ୍ବଝରଣ ଓ ପୋଢପାଲି ଗ୍ରାମର ମହିଳାଙ୍କ ମଧ୍ୟରେ ନାଚଗୀତ, କୁଇଜ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

## ବିନା ସାଇନ ବୋର୍ଡରେ ଚାଲିଛି କାର୍ଯ୍ୟାଳୟ

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

କାର୍ଯ୍ୟାଳୟ ପ୍ରତିଷ୍ଠା ହେବାର ଆଜିକୁ ୬୦ ବର୍ଷ ହେଲାଣି। ହେଲେ ସାଇନ୍ ବୋର୍ଡ କି କାର୍ଯ୍ୟାଳୟ ନା ନାହିଁ। ବିଭାଗୀୟ ଅଫିସ କେତେବେଳେ ଖୋଲା ହୁଏ, ଅଫିସର କେତେବେଳେ ଆସନ୍ତି । ସେମାନେ ହିଁ ଜାଣନ୍ତି। ସତେ ଯେମିତି ଜନସାଧାରଣଙ୍କୁ ଜଣାଇବାର ଆବଶ୍ୟକତା ନାହିଁ। ଏହା ହେଲା ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟାସ୍ଥିତ ଜଳସେଚନ ବିଭାଗ ସବ୍ ଡିଭିଜନ କାର୍ଯ୍ୟାଳୟ । ବରଗଡ ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ସଂଲଗ୍ନ ରେ ରହିଛି ଉକ୍ତ କାର୍ଯ୍ୟାଳୟ। ଏମିତି ଭାବେ ବର୍ଷ ବର୍ଷ ଧରି କାର୍ଯ୍ୟାଳୟ ଚାଲିଛି। କୌଣସି ଚାଷୀ କିମ୍ବା ସାଧାରଣ ଜନତା କାର୍ଯ୍ୟାଳୟ ସମ୍ପର୍କରେ ଜାଣି ପାରନ୍ତି ନାହିଁ। ଜାଣିବାକୁ ମିଳିଛି ଏହି ସବ୍‌ଡିଭିଜନ କାର୍ଯ୍ୟାଳୟ କ୍ଷମତା ବୃଦ୍ଧି ପାଇ ଘୁଚେପାଲି ଡ୍ୟାମ୍ ସୋନପୁର ନିକଟକୁ ଗଲାଣି। କିନ୍ତୁ କାର୍ଯ୍ୟାଳୟ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣି ନ ପାରି ଅପଦସ୍ତ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ମହିଳା ସ୍ୱାବଲମ୍ବୀ ହେବାକୁ ପରାମର୍ଶ


ଦେଓଗାଁ ବ୍ଲକ ସଭାକକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳା ବୃନ୍ଦ।

ଦେଓଗାଁ,୮।୩(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସଭାକକ୍ଷରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଓଡିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସବ୍ୟାରାଣୀ ମହାଲିଙ୍ଗଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର ସୁଜିତ କୁମାର ଶତପଥୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଏଲଏମର ବିଏଲସି କସ୍ତୁରୀ ତରାଇ, ଦେଓଗାଁ ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣ ପ୍ରସାଦ ପାଣିଗ୍ରାହୀ, ଗୁଡଭେଲା ବ୍ଲକ ମାଷ୍ଟର ଟ୍ରେନର ଭାଗବତ ନାହାକ ଯୋଗଦେଇ ମହିଳାମାନେ କେମିତି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଓ ନିଜେ ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଜୈବିକ ପଦ୍ଧତିରେ ଚାଷ କରୁଥିବା ମହିଳା ଚାଷୀମାନେ ନିଜସ୍ୱ ଅନୁଭୂତି ପ୍ରକାଶ କରିଥିଲେ। ଦେଓଗାଁ ବ୍ଲକ ଉଡାର ପଞ୍ଚାୟତ ଉଡାର ଗ୍ରାମରେ ଜୈବିକ ପଦ୍ଧତିରେ ଚାଷ କରୁଥିବା ଚାଷୀ ଲକ୍ଷ୍ମୀ ପଧାନ, ବନିତା ଭୂକ୍ତା ଓ ପାଣ୍ଡେଲ ଗ୍ରାମର ପ୍ରେମଲତା କୁଅଁର, ଗୁଡଭେଲା ବ୍ଲକ ଅଧୀନ ବିରାମୁଣ୍ଡା ପଞ୍ଚାୟତ ସାନତରକମୁଣ୍ଡା ଗାଁର ଜାନକୀ ଭୋଇ, ଚିଞ୍ଚେଡ ଗ୍ରାମର ସୁବାସିନୀ ରଣା, କନ୍ଧେନବାହାଲି ଗ୍ରାମର ବେଲମତି ସାହୁଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ପୁରସ୍କୃତ କରାଯାଇଥିଲା। ଶେଷରେ ବିଏଲସି କସ୍ତୁରୀ ତରାଇ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଦେଓଗାଁ ଓ ଗୁଡଭେଲା ବ୍ଲକର କୃଷକ ସଖି, ସିଆରପି, ଏମବିକେ ସମେତ ୭୦ରୁ ଉର୍ଦ୍ଧ୍ୱ ମହିଳା ଯୋଗ ଦେଇଥିଲେ ।

## ପଶୁଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଶିବିର

ସଇଁତଲା,୮।୩(ରାଖାଲ ପ୍ରସାଦ ଶତପଥୀ)

ସଇଁତଲା ବ୍ଲକ ଅନ୍ତର୍ଗତ ଢେଙ୍ଗ ଗ୍ରାମ ପଞ୍ଚାୟତସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ଏମଇଡ଼ିବି ତରଫରୁ ୧୩ଦିନିଆ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ବିଭିନ୍ନ ପ୍ରକାର ତାଲିମ ପ୍ରଦାନ କରାଯାଇଥିଲା। ଶେଷ ଦିନରେ ଏମଇଡ଼ିବି ତରଫରୁ କମ ଖର୍ଚ୍ଚରେ ସ୍ଥାନୀୟ ଉପାଦାନକୁ ନେଇ କିଭଳି ଭାବରେ ପଶୁଖାଦ୍ୟ ପ୍ରସ୍ତୁତ କରାଯାଇପାରିବ ତାକୁ ନେଇ ପଶ୍ଚିମ ଓଡ଼ିଶା ଗ୍ରାମୀଣ ବିକାଶ ସଂଘ ଏବଂ ନାବାର୍ଡ଼ ସହାୟତାରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଏହି ସମୟରେ ବୁର୍ଡ଼ା ଗ୍ରାମର ୩୦ ଜଣ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବରେ ଡ଼ା. ବିବେକ କୁମାର ନାୟକ, ସମ୍ମାନିତ ଅତିଥି ଭାବରେ ଢେଙ୍ଗ ସରପଞ୍ଚ ଇତିଶ୍ରୀ ସାହୁ, ପଶ୍ଚିମ ଓଡ଼ିଶା ଗ୍ରାମୀଣ ବିକାଶ ସଂଘର ଝସକେତନ ରଣା ଉପସ୍ଥିତ ଥିଲେ।

## ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

କଣ୍ଟାବାଞ୍ଜି,୮।୩ (ଗୁରୁ ଦୟାଲ ହଂସ)

ବଲାଙ୍ଗୀର ଜିଲାର ଉପାନ୍ତ ମାଓବାଦୀ ପ୍ରବଣ ତୁରେକେଲା ବ୍ଲକ ଅଧୀନ ଘୁନେଷ ପଞ୍ଚାୟତର ବାନ୍ଧନପାଲି ଗ୍ରାମରେ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ରାସ୍ତା କଂକ୍ରିଟକରଣ କାମ କରାଯାଇଛି। ତେବେ ଏହି ରାସ୍ତା କାମ ନିମ୍ନମାନର କରାଯାଇ ଟଙ୍କା ବାଟମାରଣା ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା କାମ ନାମ ଫଳକରେ ୧।୨।୨୦୨୬ରେ କାମ ଆରମ୍ଭ କରାଯାଇଥିବା ଉଲ୍ଲେଖ ଥିବା ବେଳେ କାର୍ଯ୍ୟ ଶେଷ ତାରିଖ ଲେଖା ଯାଇନାହିଁ।

ପ୍ରକାଶ ଯେ, ନୂଆପଡା ଜିଲାର ସୀମାବର୍ତ୍ତୀ ବାହାବଲ ଗ୍ରାମ ଯାଏ ନୂଆପଡା ଗ୍ରାମ୍ୟ ରାସ୍ତା ବିଭାଜନ ଦ୍ୱାରା ପକ୍କା ସଡକ ନିର୍ମିତ ହୋଇଛି । ହେଲେ ତୁରେକେଲା ବ୍ଲକର ସୀମାନ୍ତ ଗ୍ରାମ ବାନ୍ଧନପାଲିରୁ ବାହାବଲର ସୀମାବର୍ତ୍ତୀ ଯାଏ ବଲାଙ୍ଗୀର ଜିଲାର କଚ୍ଚା ମାଟି ରାସ୍ତା ରହିଛି। ଏହି ମାଟି ରାସ୍ତାକୁ ବିକଶିତ ଗାଁ ବିକଶିତ ଓଡିଶା ଯୋଜନାରେ ସାମିଲ କରାଯାଇ ୪ ଲକ୍ଷ ୪୬ ହଜାର ୨୧୪ଟଙ୍କା ବ୍ୟୟରେ କଂକ୍ରିଟ କରାଯାଇଛି । ମାତ୍ର ଅନୁଦାନ ମୁତାବକ ୫ଶହ ଫୁଟ କଂକ୍ରିଟ ରାସ୍ତା ନିର୍ମାଣ କରିବା ପରିବର୍ତ୍ତେ ମାତ୍ର ୩୦ରୁ ୪୦ଫୁଟ ରାସ୍ତା




ନିର୍ମାଣ କରି ଟଙ୍କା ଆତ୍ମସାତ୍ ହୋଇଥିବା ଅଭିଯୋଗ ହୋଇଛି । ତୁରେକେଲା ବ୍ଲକ ଓ କୋମନା ବ୍ଲକର ସୀମାବର୍ତ୍ତୀ ପକ୍କା ସଡକକୁ ସଂଯୋଗ କରୁଥିବା ଏହି ଲାଇଫ୍ ଲାଇନ ରାସ୍ତାରେ ଦୁର୍ନୀତି ହୋଇଥିବା ନେଇ ସ୍ଥାନୀୟ ଲୋକେ ଅସନ୍ତୋଷ ବ୍ୟକ୍ତ କରିବା ସହ ଏହାର ଉଚ୍ଚସ୍ତରୀୟ ତଦନ୍ତ କରିବା ପାଇଁ ଦାବି କରିଛନ୍ତି। ଏହି ରାସ୍ତା ନିର୍ମାଣ ତୁରେକେଲା ପଞ୍ଚାୟତ ସମିତି ଦ୍ୱାରା କରାଯାଇଛି ।

**ସାବାସ୍ ଅନୁଷ୍ଠାନର ସାଧାରଣ ବୈଠକ**

ଲାଠୋର,(ଭୁବନେଶ୍ୱର ବାରିକ): ବଲାଙ୍ଗୀର ଜିଲା ଲାଠୋର ଗ୍ରାମ ସ୍ଥିତ ସାବାସ୍ ସାମାଜିକ ପରିବର୍ତ୍ତନ ଅନୁଷ୍ଠାନର ଉପଦେଷ୍ଟା କପିଳ ସୁନାଙ୍କ ତତ୍ତ୍ୱାବଧାନରେ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଲାଇବାନ ସୁନା ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଅନୁଷ୍ଠାନର କାର୍ଯ୍ୟପନ୍ଥା ତଥା ଏପ୍ରିଲ ୧୪ରେ ବାବା ସାହେବ ଡ. ବିଆର ଆମ୍ବେଡକରଙ୍କ ଜନ୍ମଜୟନ୍ତୀ ପାଳନ ନେଇ ଆଲୋଚନା କରାଯାଇଥିଲା। ଏଥିରେ ଉପସ୍ଥିତ ସଦସ୍ୟ ନିଜ ନିଜର ମତ ରଖିଥିଲେ। ବରିଷ୍ଠ ସଦସ୍ୟ କରୁଣାକର ସୁନା, ମହେଶ୍ୱର ରାଏ, ବିଦ୍ୟାଧର ଗୁର୍ଲା, ସିକନ୍ଦର ସୁନା, ଗଣେଶ ଛତ୍ରିଆ, ମୋତି ସୁନା, ରାହୁଲ ସୁନା, ଅମିତ ସୁନା, ରବି ସୋନି, ପୁରୁନ ସୁନା, ରାଜ କୁମାର ତାଣ୍ଡି ପ୍ରମୁଖ ଉପସ୍ଥିତ ଥିଲେ।

# ନାରୀ ପରିବାର, ରାଷ୍ଟ୍ର ଗଠନର ମୂଳଶକ୍ତି

**ସୁବର୍ଣ୍ଣପୁରରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

**ଦେଢ଼ଲକ୍ଷ ମହିଳାଙ୍କୁ ମିଳିଲା ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା**

ସୋନପୁର,୮।୩(ମୃତ୍ୟୁଞ୍ଜୟ ଶତପଥୀ)

ନାରୀ ସମାଜକୁ ବଳିଷ୍ଠ ଓ ପରିପୁଷ୍ଟ କରେ। ବର୍ତ୍ତମାନ ମହିଳାମାନେ କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ର ଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ ଓ କ୍ରୀଡା କ୍ଷେତ୍ରରେ ଅଗ୍ରଣୀ ଭୂମିକା ନିର୍ବାହ କରୁଛନ୍ତି ବୋଲି ସୁବର୍ଣ୍ଣପୁର ଟାଉନ ହଲରେ ରବିବାର ଆୟୋଜିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ତଥା ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ଏହି ମତପ୍ରକାଶ କରିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲାପାଳ ଡ. ନୃପରାଜ ସାହୁ ଏଥିରେ ଯୋଗଦେଇ ସରକାର ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ଆବଶ୍ୟକ। ସୁଭଦ୍ରା ଶକ୍ତି ଏ ଦିଗରେ ଏକ ବଳିଷ୍ଠ ପ୍ରୟାସ ବୋଲି ଜି କହିଥିଲେ। ଜିଲା ସମାଜ କଲ୍ୟାଣ ଅଧିକାରୀ ବୀଣାପାଣି ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ, ବଲାଙ୍ଗୀର ଏମ୍‌ପିଙ୍କ ପ୍ରତିନିଧି ନଳିନୀ ପଣ୍ଡା, ମହିଳା ନେତ୍ରୀ ରଶ୍ମିତା ଷଡଙ୍ଗୀ ଓ ସମାଜିକକର୍ମୀ ଅଞ୍ଜଳି ନେଗୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେମାନେ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି ବୋଲି ମତପ୍ରକାଶ କରିଥିଲେ।

ଏହି ଅବସରରେ ସୁବର୍ଣ୍ଣପୁର ଜିଲାର ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀ, ସହାୟିକା, ପୋଷଣ ବ୍ଲକ ସଂଯୋଜକ ଓ ସିଡିପିଓଙ୍କୁ ଅତିଥି ବୃନ୍ଦ ପୁରସ୍କୃତ କରିଥିଲେ। ଆଇସିଡିଏସ୍ ସେଲର ପ୍ରୋଗ୍ରାମ ଅଫିସର ଅନିତା ଗୁରୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନର ଶୁଭାରମ୍ଭ ହୋଇଥିଲା। ଭିଡିଓ କନେଫେରେନ୍ସିଂ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଥିଲା। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ଦେଢ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ସେମାନଙ୍କ ବ୍ୟାଙ୍କ୍ ଖାତାରେ ୫ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ସୁରକ୍ଷା ଅଧିକାରୀ ତଥା ପ୍ରୋଗ୍ରାମ ଅଫିସର ଅଞ୍ଜନା କିଷାନ ଧନ୍ୟବାଦ ପ୍ରଦାନ କରିଥିଲେ। ଦୁଃଖିଶ୍ୟାମ ସେଠୀ, ମାନସୀ ଦୀପ, ସନ୍ଧ୍ୟାରାଣୀ ମିଶ୍ର, ପ୍ରତାପ ପ୍ରଧାନ, ସଞ୍ଜିବ ମିଶ୍ର, ବିକାଶ ପଣ୍ଡା, ମୋହନ ମେହେର ଓ ରିପନ ଡାଙ୍ଗ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।


ଶ୍ରେଷ୍ଠ ଅଙ୍ଗନୱାଡି କର୍ମୀଭାବେ ଲଛିପୁର କେନ୍ଦ୍ରର ନିରୁପମା କରଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

# ବାବା ବିଶାଶହେ କୁଳ କୁଲତା ସମାଜ କେନ୍ଦ୍ରର ବାର୍ଷିକ ସଭା



ପାଇକମାଳ, ୮।୩(ବଡ଼ ଶତପଥୀ)

ପାଇକମାଳ ବ୍ଲକ ଅନ୍ତର୍ଗତ ବୁକୁରାମୁଣ୍ଡା ଗ୍ରାମରେ ବାବା ବିଶାଶହେ କୁଲତା ସମାଜ ବୁକୁରାମୁଣ୍ଡା କେନ୍ଦ୍ର ପକ୍ଷରୁ ବାର୍ଷିକ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୁକୁରାମୁଣ୍ଡା କେନ୍ଦ୍ରର ସଭାପତି ଚନ୍ଦ୍ରୁଲାଲ ପ୍ରଧାନ ସଭାପତିତ୍ୱ କରିଥିଲେ। ଏହି ବାର୍ଷିକ ସଭାରେ ପାଇକମାଳ ବ୍ଲକ କୁଲତା ସମାଜର ସଭାପତି ବିନୋଦ ବିହାରୀ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାଜର ଐକ୍ୟ ଓ ଏକତାର ଆବଶ୍ୟକତା ବିଷୟରେ ଉଲ୍ଲେଖ କରିଥିଲେ। ଝାରବନ୍ଧ ବ୍ଲକ ଗଉଡ଼ମାଲ କେନ୍ଦ୍ରର ସଭାପତି ଗୋପବନ୍ଧୁ ସାହୁ ମଧ୍ୟ ସଭାରେ ଯୋଗଦେଇ ସମାଜର ଉନ୍ନତି ଓ ଏକତା ରକ୍ଷା ପାଇଁ ସମସ୍ତଙ୍କୁ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ କରିଥିଲେ। ସଭାରେ ବୁକୁରାମୁଣ୍ଡା କେନ୍ଦ୍ରର ସମ୍ପାଦକ ମକରଧ୍ୱଜ ବିଶ୍ୱାଳ ସମାଜର ବିଭିନ୍ନ କାର୍ଯ୍ୟକ୍ରମ ଓ ପୂର୍ବବର୍ଷର କାର୍ଯ୍ୟ ପରିକଳ୍ପନା ସମ୍ବନ୍ଧରେ ରିପୋର୍ଟ ପ୍ରସ୍ତୁତ କରିଥିଲେ। ସହ ସମ୍ପାଦକ ଘନଶ୍ୟାମ ପ୍ରଧାନ ସଭାର ବିଭିନ୍ନ ଅଂଶକୁ ସୁଚାରୁ ଭାବରେ ପରିଚାଳନା କରିଥିଲେ। ଉପସଭାପତି ଗଗନ ବାରିକ ଓ ଝସକେତନ ଭୋଇ ସମାଜର ବିଭିନ୍ନ ସମସ୍ୟା ଓ ଉନ୍ନତିମୂଳକ ପଦକ୍ଷେପ ନେଇ ମତ ପ୍ରକାଶ କରିଥିଲେ। ଏହାପୂର୍ବରୁ ବିକ୍ରମ ପ୍ରଧାନଙ୍କ ଦ୍ୱାରା ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜା କାର୍ଯ୍ୟ ସମ୍ପାଦନ କରାଯାଇଥିଲା।

## ବଲାଙ୍ଗୀର ଭାଜପା ଅଫିସରୁ ଚୋରି

ବଲାଙ୍ଗୀର,୮।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହର ଉପକଣ୍ଠ ପଥରଚେପାସ୍ଥିତ ଭାଜପା ଜିଲା ଅଫିସରୁ ଶନିବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ବଲାଙ୍ଗୀର ଲକ୍ଷ୍ମୀଯୋର ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପଥରଚେପାର ଜଣେ ଯୁବକ ଜିଲା ଭାଜପା ଅଫିସକୁ ଆସି ବିଭିନ୍ନ ସାମଗ୍ରୀ ଚୋରି କରିନେଇଛନ୍ତି। ଜିଲା ଭାଜପା ଅଫିସ ଭିତରୁ ୧୦ଟି ଚୌକି, ୬ଟି ପ୍ଲାଷ୍ଟିକ୍ ଡଷ୍ଟବିନ୍, ଗୋଟିଏ ଏକ୍ୱାଗାର୍ଡ ଫିଲଟର, ଜେନେରେଟର, ପମ୍ପ ଓ ଅନ୍ୟ ସାମଗ୍ରୀ ଚୋରି ହୋଇଛି। ଅଭିଯୋଗ ପରେ ଲକ୍ଷ୍ମୀଯୋର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ସାହସ, ଆତ୍ମବିଶ୍ୱାସ ସଫଳତା ଆଣେ

**ବହଲପଦର ସ୍କୁଲରେ ଆଶୀର୍ବାଦ ପ୍ରଦାନ ଉତ୍ସବ**



ବହଲପଦର ୟୁପି ସ୍କୁଲରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ଅମରପାଲି,୮।୩(ପୀତାମ୍ବର ସାହୁ)

ବିଦ୍ୟାଳୟ ଜୀବନ ମଣିଷର ଜୀବନର ସବୁଠାରୁ ସୁନ୍ଦର ଓ ସ୍ମରଣୀୟ ସମୟ। ଏଠାରେ କେବଳ ପାଠ୍ୟପୁସ୍ତକର ଜ୍ଞାନ ନୁହେଁ, ଜୀବନକୁ କିପରି ସଠିକ ଭାବରେ ଗଢାଯାଏ ସେହି ଶିକ୍ଷା ମଧ୍ୟ ଦିଆଯାଏ। ଶିକ୍ଷକମାନେ ପିଲାଙ୍କୁ ଜ୍ଞାନ, ଶିଷ୍ଟାଚାର ଓ ନୀତିମୂଲ୍ୟର ପାଠ ପଢ଼ାନ୍ତି। ଛାତ୍ରୀଛାତ୍ରଙ୍କ ସମ୍ମୁଖରେ ଅନେକ ଚ୍ୟାଲେଞ୍ଜ ଆସିବ, କିନ୍ତୁ ସାହସ, ପରିଶ୍ରମ ଓ ଆତ୍ମବିଶ୍ୱାସ ଥିଲେ ନିଶ୍ଚୟ ସଫଳତା ଅର୍ଜନ କରିହେବ। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ସରକାରୀ ୟୁପି ସ୍କୁଲରେ ଅନୁଷ୍ଠିତ ଆଶୀର୍ବାଦ ପ୍ରଦାନ ଉତ୍ସବ ପାଳନ ଅବସର ରେ ମଞ୍ଚାସୀନ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ପ୍ରଧାନଶିକ୍ଷକ ଦେବକାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବହଲପଦର କ୍ଲଷ୍ଟର ସିଆରସିସି କନ୍ଧୁଧର ପ୍ରଧାନ ମୁଖ୍ୟ ଅତିଥି, ପୂର୍ବତନ ସମିତିସଭ୍ୟ ପୀତାମ୍ବର ସାହୁ ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସଫଳତା ପାଇବା ପାଇଁ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚସଖା ଶିକ୍ଷାସେତୁ କମିଟି ସଭାପତି ପ୍ରଫୁଲ୍ଲ ଦନ୍ତା, ସ୍କୁଲ ପରିଚାଳନା କମିଟି ସଭାପତି ବିଶ୍ୱାମିତ୍ର ସେଠୀ, ପରିଚାଳନା କମିଟି ସଭ୍ୟ ମହେଶ୍ୱର ରାଜହଂସ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷକ ଜାନକୀ ବଲ୍ଲଭ ଝାଙ୍କର ସଭା ପରିଚାଳନା କରିଥିଲେ। ଶିକ୍ଷକ ରଜତ ପ୍ରଧାନ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସୁରଭୀ ପ୍ରଧାନ ଅତିଥି ପରିଚୟ ଓ ରେସମା କିଣ୍ଡୋ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍କୁଲର ଅଷ୍ଟମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ବିନିକା, ୮।୩(ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ଏନଏସି ୱାର୍ଡ ନମ୍ବର ୫ ଗଉଡ଼ପଡା ବାସିନ୍ଦା ଚିତ୍ତରଞ୍ଜନ ଦାସଙ୍କ ରବିବାର ସକାଳେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୫୮ ବର୍ଷ ହୋଇଥିଲା। ଗତ ୩ ମାସ ହେବ ସେ ଶଯ୍ୟାଶାୟୀ ଥିଲେ। ସ୍ୱର୍ଗତ ଦାସ ଜଣେ ଧର୍ମ ପାରାୟଣ ବ୍ୟକ୍ତି ଥିଲେ। ମହାନଦୀ ବ୍ରିଜ ପାଖ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଥିଲ। ଏକମାତ୍ର ଝିଅ ଜାଗୃତି ଦାସ ମୁଖାଗ୍ନି ଦେଇଥିଲେ।

## ବିନା ସାଇନ ବୋର୍ଡରେ ଚାଲିଛି କାର୍ଯ୍ୟାଳୟ

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

କାର୍ଯ୍ୟାଳୟ ପ୍ରତିଷ୍ଠା ହେବାର ଆଜିକୁ ୬୦ ବର୍ଷ ହେଲାଣି। ହେଲେ ସାଇନ୍ ବୋର୍ଡ କି କାର୍ଯ୍ୟାଳୟ ନା ନାହିଁ। ବିଭାଗୀୟ ଅଫିସ କେତେବେଳେ ଖୋଲା ହୁଏ, ଅଫିସର କେତେବେଳେ ଆସନ୍ତି । ସେମାନେ ହିଁ ଜାଣନ୍ତି। ସତେ ଯେମିତି ଜନସାଧାରଣଙ୍କୁ ଜଣାଇବାର ଆବଶ୍ୟକତା ନାହିଁ। ଏହା ହେଲା ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ସାଲେଭଟାସ୍ଥିତ ଜଳସେଚନ ବିଭାଗ ସବ୍ ଡିଭିଜନ କାର୍ଯ୍ୟାଳୟ । ବରଗଡ ବଲାଙ୍ଗୀର ୨୬ ନଂ ଜାତୀୟ ରାଜପଥ ସଂଲଗ୍ନ ରେ ରହିଛି ଉକ୍ତ କାର୍ଯ୍ୟାଳୟ। ଏମିତି ଭାବେ ବର୍ଷ ବର୍ଷ ଧରି କାର୍ଯ୍ୟାଳୟ ଚାଲିଛି। କୌଣସି ଚାଷୀ କିମ୍ବା ସାଧାରଣ ଜନତା କାର୍ଯ୍ୟାଳୟ ସମ୍ପର୍କରେ ଜାଣି ପାରନ୍ତି ନାହିଁ। ଜାଣିବାକୁ ମିଳିଛି ଏହି ସବ୍‌ଡିଭିଜନ କାର୍ଯ୍ୟାଳୟ କ୍ଷମତା ବୃଦ୍ଧି ପାଇ ଘୁଚେପାଲି ଡ୍ୟାମ୍ ସୋନପୁର ନିକଟକୁ ଗଲାଣି। କିନ୍ତୁ କାର୍ଯ୍ୟାଳୟ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣି ନ ପାରି ଅପଦସ୍ତ ହେଉଛନ୍ତି। ଏ ଦିଗରେ ବିଭାଗୀୟ ଅଧିକାରୀ ଓ ଜିଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ବିନିକା, ୮।୩ (ରାମ ଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ବିନିକା ସହରର ଗଡ଼ଭିତର ସ୍ଥିତ ବାବା ବିଶ୍ୱେଶର ମହାଦେବ ମନ୍ଦିର ସମ୍ମୁଖରେ ନବ ନିର୍ମିତ ହନୁମାନ ମନ୍ଦିର ଓ ନୂତନ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନ ୧୦ଟାରେ ରୀତିନୀତି ଅନୁଯାଇ ହୋମଯଜ୍ଞ ଓ ମଧ୍ୟାହ୍ନ ୧୨ଟାରେ ପୂର୍ଣ୍ଣାହୁତି ହୋଇଥିଲା। କର୍ତ୍ତାଭାବେ ପ୍ରକାଶ ମେହେର ଓ ତାଙ୍କ ସ୍ତ୍ରୀ ପିଙ୍କି ମେହେର ଦାୟିତ୍ୱ ତୁଲାଇଛନ୍ତି। ପୂର୍ବାହ୍ନ ୧୦ ଟାରେ ବଲାଙ୍ଗୀରରୁ ଆସିଥିବା ବ୍ୟାସ ରାକେଶ ବେଦବାଗ ସୁନ୍ଦରାକାଣ୍ଡ ପରାୟଣ ପରିବେଷଣ କରିଥିଲେ। ସନ୍ଧ୍ୟାରେ ଗୁରୁଶ୍ରୀ ସୁଧର୍ମା ଦାସ ଓ ଗୁରୁଶ୍ରୀ ପ୍ରଦୀପ ସାହୁଙ୍କ ଦ୍ୱାରା ସଂକୀର୍ତ୍ତନ୍ୟ ବୈଠକୀ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ କାର୍ଯ୍ୟକ୍ରମ ସମାପନ ପାଇଁ ପ୍ରତିଷ୍ଠା କମିଟି ସଭାପତି ମହାବୀର ପ୍ରସାଦ ଅଗ୍ରୱାଲ, ସମ୍ପାଦକ ମଣ୍ଟୁ ପୂଝାରୀ, କୋଷଧକ୍ଷ ସବିତା ନେଗୀ, ସମ୍ବିତ ନେପାକ, ଉପଦେଷ୍ଟା କମିଟିର ଶୀତଳ ପ୍ରସାଦ ମହାକୁର, ଜୟଦେବ ରାଉତ, ସୁଧାଂଶୁ ଶେଖର ଦାସ, ଶୀତଳଷଷ୍ଠୀ ପରିଚାଳନା କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ମେହେର, ସମ୍ପାଦକ ଚରଣ ମେହେର, ତ୍ରିରଙ୍ଗା କ୍ଲବର ସୁରଜ କଟୁଆଲ ଓ ଅଞ୍ଚଳବାସୀ ସହଯୋଗ କରିଥିଲେ।

## ଶ୍ରମିକଙ୍କ ଅଧିକାର ଉପରେ ସଚେତନତା ସଭା

ଟିଟିଲାଗଡ଼,୮।୩(ଶରତ ମିଶ୍ର)

ମୁରିବାହାଲ ବ୍ଲକ ଖରାଳି ଗ୍ରାମରେ ଆକ୍ସନ ଏଡ୍ ଅନୁଷ୍ଠାନ ତରଫରୁ ଅଣସଂଗଠିତ ଶ୍ରମିକମାନଙ୍କ ପାଇଁ ଅଧିକାର ସମ୍ପର୍କିତ ସଚେତନତା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ବାଙ୍କେଲ, ଶିରୋଲ, ମାଲିଶିରା, ବିଟାବନ୍ଧ ଗ୍ରାମର ମୋଟ ୧୨୦ ଜଣ ଶ୍ରମିକ ଉପସ୍ଥିତ ଥିଲେ। ସଭାରେ ଶ୍ରମିକମାନଙ୍କୁ ସାମାଜିକ ସୁରକ୍ଷା ଯୋଜନା, ଶ୍ରମିକ ପଞ୍ଜୀକରଣ, ସ୍ୱାସ୍ଥ୍ୟ ବୀମା ଓ ପେନସନ୍ ଯୋଜନା ବିଷୟରେ ସଚେତନ କରାଯାଇଥିଲା। ସେହିପରି ଶ୍ରମିକମାନେ ନିଜ କାମ ସମ୍ପର୍କିତ ବିଭିନ୍ନ ସମସ୍ୟା ଉପରେ ମତ ରଖିଥିଲେ। ଶ୍ରମିକମାନଙ୍କୁ ଏକତାବଦ୍ଧ ହୋଇ ନିଜ ଅଧିକାର ପାଇଁ ସଚେତନ ହେବା ଓ ସରକାରୀ ଯୋଜନାର ଲାଭ ନେବା ପାଇଁ ତାଲିମଦାତା ଅଜିତ କୁମାର ପଣ୍ଡା ଆହ୍ୱାନ କରିଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ



ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ମହିଳାମାନେ।

ଲୋଇସିଂହା,୮।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଝରଣୀପାଲି ପଞ୍ଚାୟତ ତୁଙ୍ଗିଦାଦର ଗ୍ରାମରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁନିତା ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଗଲପୁର ଥାନା ଅଧିକାରୀ ସୁଚିସ୍ମିତା ଜେନା, କେନ୍ଦୁପତ୍ର ବିଭାଗ ଫରେଷ୍ଟର ଶୁଭଶ୍ରୀ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କହିଥିଲେ, ମହିଳାମାନେ ସବୁକ୍ଷେତ୍ରରେ ଆଗକୁ ବଢିପାରିବେ। ନିଜ ପରିବାରକୁ ସୁସ୍ଥ, ଶିକ୍ଷିତ ଏବଂ ସ୍ୱାବଲମ୍ବୀ କିପରି କରି ପାରିବେ ସେନେଇ ପରାମର୍ଶ ଦେଇଥିଲେ। ଏହାଛଡା ସଚେତନତାମୂଳକ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମ ଯଥା ଝରଣୀପାଲି, ତୁଙ୍ଗିଦାଦର, ଆମ୍ବଝରଣ ଓ ପୋଢପାଲି ଗ୍ରାମର ମହିଳାଙ୍କ ମଧ୍ୟରେ ନାଚଗୀତ, କୁଇଜ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ବୌଦ୍ଧରେ ଶକ୍ତି ପଦଯାତ୍ରା

ବୌଦ୍ଧ,୮।୩(ଅଜିତ କୁମାର ବାରିକ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ଜିଲା ଷ୍ଟାଡିୟମରେ ରବିବାର ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି ଏବଂ ଶକ୍ତି ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାକୁ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ, ବୌଦ୍ଧ ତହସିଲଦାର ଅନିତା କୁମାରୀ ସାହୁ, ଅବକାରୀ ଅଧୀକ୍ଷକ ଶାନ୍ତି ମାରାଣ୍ଡି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରୀତାକାନ୍ତି ବଳିଆରସିଂ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପଦଯାତ୍ରା ମର୍ଯ୍ୟାକୁଦ ଛକ, ୱେୟାରଲେସ ଛକ, ବାଘଗୁଡା ଛକ, ରାଜନପାଲି, ହାତିଶାଳ ଛକ ଦେଇ ଷ୍ଟାଡିୟମରେ ପହଞ୍ଚିଥିଲା। ପଦଯାତ୍ରାରେ ନର୍ସିଂ ତାଲିମ କେନ୍ଦ୍ରର ଛାତ୍ରୀ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ, ପୋଲିସ, ଅଗ୍ନିଶମ ବାହିନୀ ଓ ବିଭିନ୍ନ ଅନୁଷ୍ଠାନର ଛାତ୍ରୀମାନେ ସାମିଲ ଥିଲେ। ଡେପୁଟି କଲେକ୍ଟର ତଥା ଜିଲା କ୍ରୀଡା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।


ଶକ୍ତି ପଦଯାତ୍ରାର ଶୁଭାରମ୍ଭ କରାଯାଉଛି।

# ସେବା ମନୋଭାବ ରଖି ଆଗକୁ ବଢ଼ିବାକୁ ଆହ୍ୱାନ

**ଏନ୍‌ଏସ୍‌ଏସ୍‌ର ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ**

ସୋନପୁର,୮।୩(ମୃତ୍ୟୁଞ୍ଜୟ ଶତପଥୀ)

ସୋନପୁର ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ (ଜାତୀୟ ସେବା ଯୋଜନା) ତରଫରୁ ସୋନପୁର ବ୍ଲକ କଳାପଥର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାବୁପାଲି ଗ୍ରାମରେ ଆୟୋଜିତ ସ୍ୱତନ୍ତ୍ର ଶିବିର ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ଗତ ୧ ତାରିଖରୁ ଆରମ୍ଭ ହୋଇଥିଲା। ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ତଥା ଜିଲା ନୋଡାଲ ଅଧିକାରୀ ଧୀରେନ୍ଦ୍ର କୁମାର ମିଶ୍ରଙ୍କ ନେତୃତ୍ୱରେ ଶିବିର ଆୟୋଜିତ ହୋଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ରାଧାକାନ୍ତ ନାଏକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ୭ ଦିନିଆ କାର୍ଯ୍ୟକ୍ରମରେ ବିଭିନ୍ନ କାର୍ଯ୍ୟକ୍ରମ ଯଥା ବାବୁପାଲି ଗ୍ରାମ ସଫେଇ, ପ୍ଲାଷ୍ଟିକ ବର୍ଜନ ତଥା ନିଶା ନିବାରଣ ପାଇଁ ସଚେତନତା ରାଲି, ଚକ୍ଷୁ ପରୀକ୍ଷା ଶିବିର ଓ ଉଦ୍‌ଯାପନୀ ଦିବସରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା। ଯେଉଁଥିରେ ଶିବିରାର୍ଥୀମାନଙ୍କ ମଧ୍ୟରୁ ୧୫ ଜଣ ରକ୍ତଦାନ କରିଥିଲେ। ବିଭିନ୍ନ ଦିବସରେ ବିଭିନ୍ନ ଶିକ୍ଷାମୂଳକ ଅଧିବେଶନ ଯଥା ସେବା ଯୋଜନାର ଜିଲା କାର୍ଯ୍ୟକ୍ରମ ଅଧିକାରୀ ମିଶ୍ର ଏନ୍‌ଏସ୍‌ଏସ୍‌ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ଅଧ୍ୟାପକ ଉମାକାନ୍ତ ନାଗ ରକ୍ତଦାନ, ଅଧ୍ୟାପକ ଦେବାଶିଷ ପଧାନ ବ୍ୟକ୍ତିତ୍ୱର ବିକାଶ, ପୂର୍ବତନ ଉପାଧ୍ୟକ୍ଷ ଅଶ୍ୱିନୀ ହୋତା ଉଦ୍ୟୋଗୀକ ବିକାଶ ଓ ବ୍ୟକ୍ତିତ୍ୱର ବିକାଶ ମଧ୍ୟରେ ସମ୍ପର୍କ, ଅଧ୍ୟାପକ ଡ ସୁଦାମ ଦୀପ ଯୁବ ନେତୃତ୍ୱର ବିକାଶ ବିଷୟରେ ଶିକ୍ଷା ତଥା ତାଲିମ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ନାଏକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଖବରଦାତା ମୃତ୍ୟୁଞ୍ଜୟ ଶତପଥୀ ଓ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ଡ଼ ସୌରଭ ରଞ୍ଜନ ଖମାରୀ ଯୋଗଦାନ କରି ସ୍ୱେଚ୍ଛାସେବୀମାନଙ୍କୁ ସବୁବେଳେ ସେବା ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ। ସେବାର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ପରିବେଶ ସୁରକ୍ଷା ଓ ଭବିଷ୍ୟତ ପିଢ଼ି ପାଇଁ ବୃକ୍ଷରୋପଣ ପାଇଁ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ମିଶ୍ର ସ୍ୱାଗତ ଅଭିଭାଷଣ ରଖିଥିଲେ। ସ୍ୱେଚ୍ଛାସେବୀ ବିଶରୂପା ସାହୁ ସଭା ପରିଚାଳନା କରିଥିଲେ। ଶିବିରରେ ନାଚ, ଗୀତ, ପ୍ରବନ୍ଧ, ତର୍କ ଓ କୁଇଜ ପ୍ରତିଯୋଗିତା ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଆୟୋଜିତ ହୋଇଥିଲା। ବିଜେତାମାନଙ୍କୁ ପ୍ରମାଣପତ୍ର ଦେଇ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଶ୍ରେଷ୍ଠ ସ୍ୱେଚ୍ଛାସେବୀଭାବେ ଆଦେଶ ଖଣ୍ଡଗିରି ଓ ଅଙ୍କିତା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ନିରଞ୍ଜନ ଡାଙ୍ଗ ଧନ୍ୟବାଦ ଅର୍ପଣ କରିଥିଲେ।



ଶିବିରରେ ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି।

## ସଂକ୍ଷେପରେ

### ହୋଟେଲ କର୍ମଚାରୀଙ୍କ ମୃତ୍ୟୁ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବିମାନବନ୍ଦର ଥାନା ଅଞ୍ଚଳର ଏକ ହୋଟେଲରେ କାର୍ଯ୍ୟରତ ମନୋଜ ସିଂ ନାମକ ଜଣେ କର୍ମଚାରୀଙ୍କ ଶନିବାର ମୃତ୍ୟୁ ଘଟିଛି। ପ୍ରାୟ ୭/୮ ମାସ ହେବ ସେ ଏକ ହୋଟେଲରେ କାମ କରୁଥିଲେ। ଶନିବାର ତାଙ୍କ ଶରୀର ଅସୁସ୍ଥ ହେବାରୁ ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ଭାଜପା କାର୍ଯ୍ୟାଳୟରେ ହୋଲି ମିଳନ କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟରେ ରବିବାର ସନ୍ଧ୍ୟାରେ ହୋଲି ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ଉପସ୍ଥିତିରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶତାଧିକ ଭାଜପା କର୍ମୀ, ସାମାଜିକ କର୍ମୀ, ବରିଷ୍ଠ ନାଗରିକ, ବିଭିନ୍ନ ସଙ୍ଗଠନର ମୁଖ୍ୟ ଏବଂ ଜନସାଧାରଣ ମିଶି ପରସ୍ପରକୁ ରଙ୍ଗ ବୋଳି ଉତ୍ସବ ପାଳିଥିଲେ। ବିମଳେନ୍ଦୁ ଭୋଳ, ପ୍ରେମସେନ ରାୟ, ବିବେକ ଶ୍ରୀବାସଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### ବ୍ରଜରାଜନଗର ପୌରାଧକ୍ଷଙ୍କ ମାତୃ ବିୟୋଗ

ବ୍ରଜରାଜନଗର,୮।୩(ବିଜୟ ବରାଡ଼)

ବ୍ରଜରାଜନଗର ପୌରାଧକ୍ଷ ଗୋପାଳ ସୀତାନୀଙ୍କ ମା' ଶକୁନ୍ତଳା ଦେବୀଙ୍କର ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଇବ୍ ଶ୍ମଶାନ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପର୍ଣ୍ଣ ହୋଇଥିଲା। ସହରର ଅନେକ ଜନସାଧାରଣ ତାଙ୍କ ବାସଭବନ ଓ ଶ୍ମଶାନରେ ଶେଷ ଦର୍ଶନ କରିଥିଲେ।

### ଏଲ୍.ଏନ୍. କଲେଜରେ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଏଲ୍.ଏନ୍. କଲେଜରେ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲା ଆଇନସେବା ପ୍ରାଧିକରଣର ସଚିବ ଆଲୋକମୟୀ ପ୍ରଧାନ, ଅନ୍ୟ ଅତିଥି ଭାବେ ଦେୱାନୀ ବିଚାରପତି ସନ୍ଧ୍ୟା ରଥ, ଦେୱାନୀ ବିଚାରପତି ଦେବଶ୍ରୀ ସାହୁ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ଆଇନରେ ଥିବା ବିଭିନ୍ନ ନିୟମ ଓ ଦଣ୍ଡବିଧାନ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଆରକ୍ଷୀ ଅଧୀକ୍ଷକ ବନିତା ମାଝୀ, ଉପ ମୁଖ୍ୟ ଆଇନ ସହାୟତା ପ୍ରତିପକ୍ଷ ଓକିଲ ମାଳି ପଟେଲ, ମହାବିଦ୍ୟାଳୟ ଅଧ୍ୟାପକ ତପନ ସାହୁ ଯୋଗଦେଇଥିଲେ। ଅଧ୍ୟାପକ ଡ. ୟାଦବ ଦେବୀ ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

### ସ୍ତ୍ରୀଙ୍କୁ ପିଟି ମାରିବା ଘଟଣା: ଅଭିଯୁକ୍ତ ସ୍ୱାମୀ ଗିରଫ

ଦେବଗଡ଼,୮।୩(ଶଶାଙ୍କ ଶେଖର ଝାଙ୍କର)

ସ୍ତ୍ରୀଙ୍କୁ ବାଡ଼ିରେ ପିଟି ମାରିବା ଘଟଣାରେ ବାରକୋଟ ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ଅନୁଗୋଳ ଜିଲା ସମଲ ଥାନା ଅଧୀନ ପବିତ୍ରନଗରର ଅଜିତ୍ ଦେହୁରୀ। ସୂଚନା ଅନୁଯାୟୀ, ସୁନ୍ଦରଗଡ଼ ଜିଲା ବଣାଇ ଥାନା ଅଧୀନ ଫୁଲଝରୀ ଗ୍ରାମର ରବି ବେହେରାଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ମଞ୍ଜୁ ବେହେରା ପ୍ରାୟ ଏକ ବର୍ଷ ହେଲା ଘରୁ ପଳାଇଥିଲେ। ଅପରପକ୍ଷେ ଅଜିତ୍ ବାରକୋଟ ଥାନା ବମ୍ପରଡ଼ାସ୍ଥିତ ବାଘମାରୀ ଜଙ୍ଗଲ ନିକଟରେ ରହୁଥିଲେ। ପରେ ମଞ୍ଜୁ ଓ ଅଜିତ୍ ସ୍ୱାମୀ-ସ୍ତ୍ରୀ ଭାବରେ ଚଳୁଥିଲେ। ଶୁକ୍ରବାର ରାତିରେ କୌଣସି କାରଣକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଜିତ୍ ଉତ୍କ୍ଷିପ୍ତ ହୋଇ ଏକ ବାଡ଼ିରେ ମଞ୍ଜୁଙ୍କୁ ପିଟି ହତ୍ୟା କରିଥିଲେ। ଏନେଇ ଥାନାରେ ହତ୍ୟା ମାମଲା ରୁଜୁ ହୋଇଛି।

# ଜିଲାର ୧. ୩୦ ଲକ୍ଷରୁ ଅଧିକ ମହିଳା ପାଇଲେ ସୁଭଦ୍ରା ଟଙ୍କା

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)


କାର୍ଯ୍ୟକ୍ରମରେ ଜଣେ ଅଙ୍ଗନୱାଡ଼ି କର୍ମୀଙ୍କୁ ପୁରସ୍କୃତ କରାଯାଉଛି।

ଝାରସୁଗୁଡ଼ା ଯାନ୍ତ୍ରିକ ମହାବିଦ୍ୟାଳୟ ପରିସରରେ ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ରବିବାର ପୂର୍ବାହ୍ନରେ ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରରେ ୧ କୋଟିରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରିଥିବାବେଳେ ଝାରସୁଗୁଡ଼ା ଜିଲାର ୧ ଲକ୍ଷ ୩୦ ହଜାର ୭୦୪ ଜଣ ହିତାଧିକାରୀ ସୁଭଦ୍ରା ଟଙ୍କା ପାଇ ଉପକୃତ ହୋଇଛନ୍ତି। ଏହାସହିତ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏକ ପ୍ରମୁଖ ପଦକ୍ଷେପ ସ୍ୱରୂପ, ଜିଲାରେ ଚାଲିଥିବା ବାଲ୍ୟବିବାହ ମୁକ୍ତ ଅଭିଯାନର ୧୦୦ ଦିନିଆ କାର୍ଯ୍ୟକ୍ରମ ରବିବାର ସଫଳତାର ସହ ସମ୍ପୂର୍ଣ୍ଣ ହୋଇଛି। ସମାଜରୁ ବାଲ୍ୟବିବାହ ପରି କୁସଂସ୍କାର ଦୂର କରି କନ୍ୟା ସନ୍ତାନଙ୍କ ସୁରକ୍ଷା ଓ ଶିକ୍ଷାକୁ ସୁନିଶ୍ଚିତ କରିବା ପାଇଁ

**ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

**ବାଲ୍ୟବିବାହ ମୁକ୍ତ ଅଭିଯାନର ସଫଳ ସମାପନ**

ଏହି ଅଭିଯାନ ଏକ ମାଇଲଖୁଣ୍ଟ ସଦୃଶ ହୋଇଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ଆର୍ଥିକ ସ୍ୱାଧୀନତା ଓ ସମ୍ମାନଜନକ ଜୀବନଯାପନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିରେ ସମ୍ମାନିତ ଅତିଥି ଭାବେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ, ରାଜସ୍ୱ ମନ୍ତ୍ରୀ ଏବଂ ଏମ୍‌ପିଙ୍କ ପ୍ରତିନିଧି ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ରୀଡ଼ା ଓ କଳା ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ଅଙ୍ଗନୱାଡି କର୍ମୀ, ସ୍ଥାନୀୟ ମହିଳା ଏବଂ ସ୍କୁଲସ୍ତରୀୟ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ମହିଳାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଜିଲା ସମାଜ କଲ୍ୟାଣ ଅଧିକାରୀ ଜୟନ୍ତୀ ଗର୍ଡ଼ିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ଧନ୍ୟବାଦ ଦେଇଥିଲେ।

# ୮୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା

ଦେବଗଡ଼,୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ କଲେଜସ୍ଥିତ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟଠାରେ ଅନ୍ତର୍ଜାତୀୟ ମହିଳା ଦିବସ ଓ ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ସମାଜ ମଙ୍ଗଳ ବିଭାଗ ଅଧିକାରୀ ସୁରତି ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ବରେଣ୍ୟ ଅତିଥି ଭାବେ ଏସ୍‌ପି ଅନିଲ କୁମାର ମିଶ୍ର, ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ଉପଜିଲାପାଳ ପରକ୍ଷିତ ସାହୁ, ଶିଶୁ ମଙ୍ଗଳ ସମିତି ଅଧକ୍ଷା ପିଙ୍କିରାଣୀ ନନ୍ଦ, ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ ମହିଳାଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଯୋଜନା ଓ ସମାଜ ପ୍ରତି ଥିବା ଦାୟିତ୍ୱ ସମ୍ପର୍କରେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଉପଲକ୍ଷେ ଜିଲାରେ ଉଲ୍ଲେଖନୀୟ କାମ କରିଥିବା ସିଡିପିଓ, ମହିଳା ସୁପର ଭାଇଜର, ଅଙ୍ଗନୱାଡି ୱାର୍କର ଓ ହେଲ୍‌ପର, ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଦେବଗଡ଼ ଜିଲାର ୮୦ ହଜାରରୁ ଉର୍ଦ୍ଧ୍ୱ ମହିଳାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅର୍ଥ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି ମହିଳା, ସିଡିପିଓ, ଅଙ୍ଗନୱାଡି କର୍ମୀ, ସଖୀ, ସୁପର ଭାଇଜର, ସୁଭଦ୍ରା କିସ୍ତି ପାଇଥିବା ମହିଳା, ଏମ୍‌ବିକେ ମହିଳା ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଓରିଏଣ୍ଟ ଥାନା ସ୍ଥାନାନ୍ତରକୁ ନେଇ ଚିନ୍ତାରେ ଅଞ୍ଚଳବାସୀ

ବ୍ରଜରାଜନଗର,୮।୩ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲାର ଓରିଏଣ୍ଟ ଥାନା ସ୍ଥାନାନ୍ତରକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏନେଇ ରାଜୁ ସିଂହ, ପ୍ରଭାତ ଯାଦବ, ରାଜୀବ ସିଂହ ଓ ମନ୍ଦୀପ ସିଂହଙ୍କ ନେତୃତ୍ୱରେ ସ୍ଥାନୀୟ ବାସିନ୍ଦା ଶନିବାର ଏସ୍‌ପିଙ୍କ ଉଦ୍ଦେଶ୍ୟରେ ବ୍ରଜରାଜନଗର ଏସ୍‌ଡିପିଓଙ୍କୁ ଲିଖିତ ପତ୍ର ପ୍ରଦାନ କରିଛନ୍ତି। ଏହାର ନକଲ ସ୍ଥାନୀୟ ବିଧାୟକ, ଏମ୍‌ପି ଏବଂ ଝାରସୁଗୁଡ଼ା ଜିଲାପାଳଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ପଠାଯାଇଛି। ଝାରସୁଗୁଡ଼ା ଜିଲାର ବୁଢିଜାମ ଅଞ୍ଚଳରେ ଦୀର୍ଘବର୍ଷ ଧରି ଓରିଏଣ୍ଟ ଥାନା ରହିଥିଲା। ହେଲେ ଏଠାରୁ ପ୍ରାୟ ୩ କିମି ଦୂରରେ ନିର୍ମାଣ ହୋଇଥିବା ଏହି ଥାନାର ନୂତନ କୋଠା ଶୁକ୍ରବାର ଉଦ୍‌ଘାଟନ ହୋଇଥିଲା। ଖୁବ୍‌ଶୀଘ୍ର ଏହି ଥାନାକୁ ନୂତନ କୋଠାକୁ ସ୍ଥାନାନ୍ତର କରାଯିବ। ଫଳରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଏହି ଥାନା ଅଧୀନରେ ୱାର୍ଡ ନମ୍ବର ୧, ୨, ୩, ୧୪, ୧୭ ଓ ୨୨ ସହ ଆଖପାଖ ଅଞ୍ଚଳରେ ପ୍ରାୟ ୨୦ ହଜାର ଲୋକ ବସବାସ କରୁଛନ୍ତି। ଏହି ଅଞ୍ଚଳରେ ଅନେକ ବିଦ୍ୟାଳୟ, ବ୍ୟାଙ୍କ ଓ ଡାକଘର ଅବସ୍ଥିତ। ଥାନା ନିକଟରେ ଥିବାରୁ ମହିଳା ଓ ଛାତ୍ରୀଙ୍କ ପାଇଁ ସୁରକ୍ଷାର ଭରସା ଥିଲା। ମାତ୍ର ଏହି ଥାନା ଦୂରକୁ ସ୍ଥାନାନ୍ତର ହେଲେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବା ଆଶଙ୍କା ରହିଛି। ତେଣୁ ଗ୍ରାମବାସୀ ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ, ବିକାଶ ନାମରେ ଥାନା ସ୍ଥାନାନ୍ତର ହେଲେ ମଧ ପୁରୁଣା ଓରିଏଣ୍ଟ ଥାନା ପରିସରରେ ଏକ ପୋଲିସ ଆଉଟ୍‌ପୋଷ୍ଟ ଖୋଲାଯାଉ। ଏହାଦ୍ୱାରା ଲୋକମାନେ ସହଜରେ ସେମାନଙ୍କ ଅଭିଯୋଗ ଦାଖଲ କରିପାରିବେ।

## ବିଦ୍ୟାଳୟ ଭିତ୍ତିଭୂମି କାର୍ଯ୍ୟର ସମୀକ୍ଷା କଲେ ଜିଲାପାଳ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସହର ନିକଟ ପୁରୁଣାବସ୍ତିସ୍ଥିତ ପିଏମ୍‌ଶ୍ରୀ ହାଇସ୍କୁଲ ଶନିବାର ପରିଦର୍ଶନ କରିଛନ୍ତି ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ। ସେ ବିଦ୍ୟାଳୟର ଭିତ୍ତିଭୂମି ଓ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ସମୟରେ 'ମୋ ସ୍କୁଲ' ଅଭିଯାନ ଅଧୀନରେ ଚାଲିଥିବା ବିଭିନ୍ନ ନିର୍ମାଣ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇଥିବା ଜିଲାପାଳ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ କାର୍ଯ୍ୟ ତୁରନ୍ତ ଶେଷ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ସହ ଅଧାପନ୍ତରିଆ ପ୍ରକଳ୍ପଗୁଡ଼ିକୁ ଶୀଘ୍ର ଶେଷ କରି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ସେ କଡ଼ା ତାଗିଦ କରିଛନ୍ତି।

# ଖଣି ଅଞ୍ଚଳର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀ।

ଝାରସୁଗୁଡା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ାସ୍ଥିତ ଡିଏମ୍‌ଏଫ୍ ସମ୍ମିଳନୀ କକ୍ଷରେ ମାଇନ୍ କ୍ଲୋଜର ଆଡ୍‌ଭାଇଜରି କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଶେଷକରି ଖଣି କାର୍ଯ୍ୟ ଶେଷ ହେବା ପରେ ଉକ୍ତ ଅଞ୍ଚଳର ପରିବେଶ ସନ୍ତୁଳନ ରକ୍ଷା କରିବା, ଜମିର ପୁନରୁଦ୍ଧାର ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଜୀବନଜୀବିକାର ସୁରକ୍ଷା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ଚହ୍ୱାଣ ଏମ୍‌ସିଏଲ୍ କର୍ତ୍ତୃପକ୍ଷଙ୍କୁ ଖଣି ପ୍ରଭାବିତ ଅଞ୍ଚଳର ଉନ୍ନୟନ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏମ୍‌ସିଏଲ୍‌ର ପରିବେଶ ବିଭାଗ ଅଧିକାରୀ, ଲଖନପୁର, ଇବ୍, ଓରିଏଣ୍ଟ ଅଞ୍ଚଳର ପ୍ରକଳ୍ପ ଅଧିକାରୀ ଯୋଗଦେଇ ନିଜ ଅଞ୍ଚଳରେ ଚାଲିଥିବା ଖଣି ବନ୍ଦ ପ୍ରକ୍ରିୟା ଓ ପରବର୍ତ୍ତୀ ଯୋଜନା ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଜିଲା ବନଖଣ୍ଡ ଅଧିକାରୀ, ଅତିରିକ୍ତ ଜିଲାପାଳ (ରାଜସ୍ୱ), ଲଖନପୁର ବିଡିଓ, ଡେପୁଟି କଲେକ୍ଟର, ଜିଲା ଖଣି ଅଧିକାରୀ, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ଉପସ୍ଥିତ ଥିଲେ।

# କୁଲତା ସମାଜର କୁର ଅଭିଷେକ ଉତ୍ସବ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅଧୀନ ଖଲିଆକାନି ଗ୍ରାମରେ କୁଲତା ସମାଜର କୁର ଅଭିଷେକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଲପଙ୍ଗା ପୀଠର ପୀଠାଧିଶ ପ୍ରଦୀପ ସାହୁ, ଅନ୍ୟ ଅତିଥି ଭାବେ ଲପଙ୍ଗା ପୀଠ ସଭାପତି ଲଳିତ ସାହୁ, କଦେଲପିଟା ପୀଠ ସଭାପତି କ୍ଷୀରୋଦ ପ୍ରଧାନ, ଅଢାପରା ପୀଠ ସଭାପତି ରଘୁମଣୀ ପ୍ରଧାନ, ଜୟପୁର ପ୍ରଗଣା ମାଳକ କୁବେର ପ୍ରଧାନ, ସମାସିଙ୍ଗା ପ୍ରଗଣା ମାଳକ ଶୋଉକିଲାଲ ବାରିକ ମଞ୍ଚାସୀନ ରହିଥିଲେ। ଗଣ୍ଡଘୋରା ପ୍ରଗଣାର ମନୋନୀତ କୁର ଲଳିତ ସାଙ୍କୁ ପଗଡି ପିନ୍ଧାଇ ଅଭିଷେକ


କୁଲତା ସମାଜ ପକ୍ଷରୁ କୁର ଅଭିଷେକ କରାଯାଉଛି।

କରିବା ସହ ପଦ ଓ ଗୋପନୀୟତାର ଶପଥପାଠ କରାଯାଇଥିଲା। ପରେ କୁର ଏବଂ ତାଙ୍କ ପତ୍ନୀ କନକଲତା ସାଙ୍କୁ ଶୋଭାଯାତ୍ରାରେ ତାଙ୍କ ଘରକୁ ନିଆଯାଇଥିଲା। ହୃଦାନନ୍ଦ ମାଝୀ ଏବଂ ଜଗଦୀଶ ପ୍ରଧାନ ଧନ୍ୟବାଦ ଦେଇଥିଲେ।

## ମହିଳା ସ୍ୱାବଲମ୍ବୀ ହେଲେ ଦେଶ ସମୃଦ୍ଧ ହେବ

ବେଲପାହାଡ଼, ୮।୩(ସୁବାସ ପ୍ରଧାନ)

ବୃକ୍ଷର ବନ୍ଧୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ଥାନୀୟ ମିରର୍ ଥିଏଟର୍ ମଞ୍ଚରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଅତିଥି ଭାବେ ବେଲପାହାଡ଼ ପୌର ଉପାଧକ୍ଷା ରୀନା ସୁନା, ବେଲପାହାଡ଼ ଥାନା ଏସ୍‌ଆଇ ପ୍ରୀତିପ୍ରଭା କୁଲ୍ଲୁ, ଟିଆର୍‌ଏଲ୍ କ୍ରୋସାକିର ଡ. ଉପାସନା ଝୁନ୍‌ଝୁନ୍‌ୱାଲା, ବେଲପାହାଡ଼ ରେଞ୍ଜର ପ୍ରଦୀପ ନାଏକ, ମିରର ଥିଏଟରର ନିର୍ଦ୍ଦେଶକ ଡ. ସୁବାସ ଚନ୍ଦ୍ର ପ୍ରଧାନ, ବୃକ୍ଷର ବନ୍ଧୁ ଅନୁଷ୍ଠାନର ସଭାପତି ଜେନାମଣି ସେଠ, ଉପସଭାନେତ୍ରୀ ରଞ୍ଜିତା ବିଶ୍ୱାଳ ଯୋଗଦେଇଥିଲେ। ମହିଳା ସ୍ୱାବଲମ୍ବି ହେଲେ ଦେଶ ସମୃଦ୍ଧ ହେବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଏହି ଅବସରରେ ପ୍ରକୃତି ଓ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ କ୍ଷେତ୍ରରେ ଅତୁଳନୀୟ ଅବଦାନ ପାଇଁ ମୋଟ ୪୦ ଜଣ ମହିଳାଙ୍କୁ 'ପ୍ରକୃତି ରାଣୀ' ସମ୍ମାନରେ ସମ୍ମାନିତ କରାଯାଇଛି। ବୃକ୍ଷଗୁଡ଼ିକର ନିରନ୍ତର ରକ୍ଷଣାବେକ୍ଷଣ ପାଇଁ ପୁଷ୍ପଲତା ସାହୁ ଓ ବାସିନୀ ବେହେରାଙ୍କୁ ସ୍ୱତନ୍ତ୍ର ଭାବେ ପୁରସ୍କୃତ କରାଯାଇଥିଲା।

# ଶିବିରରୁ ୩୩ ୟୁନିଟ୍ ରକ୍ତ ସଂଗୃହୀତ



ଶିବିରରେ ରକ୍ତଦାନ କରାଯାଉଛି।

ଦେବଗଡ଼,୮।୩(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ପୋଲିସ ତରଫରୁ କୁଣ୍ଢେଇଗୋଳା ଥାନାରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କୁଣ୍ଢେଇଗୋଳା ଥାନା ଅଧିକାରୀ ଜୋହ୍ନ କୁଜୁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରମେଶ କୁମାର ମାହାନା, ସମ୍ମାନିତ ଅତିଥି ଭାବେ ଡିଏସ୍‌ପି (ଏଚ୍‌ଆର୍‌ପିସି) ଅମୂଲ୍ୟ ପୁନମ ଲାକ୍ରା ଯୋଗଦେଇଥିଲେ। ଖଇରପାଲି ଫାଣ୍ଡି ଅଧିକାରିଣୀ ବିଷ୍ଣୁପ୍ରିୟା ରଣା ପ୍ରଥମେ ରକ୍ତଦାନ କରି ମହିଳା ପୋଲିସ କର୍ମଚାରୀଙ୍କୁ ଉତ୍ସାହିତ କରିଥିଲେ। ପୋଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ ପୋଲିସ କର୍ମଚାରୀ, ଜନସାଧାରଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। କୁଣ୍ଢେଇଗୋଳା ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ମହିଳାଙ୍କ ଉଦ୍ୟମରେ ଉନ୍ନତ ସମାଜ ଗଠନ ସମ୍ଭବ

ଝାରସୁଗୁଡ଼ା,୮।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ବ୍ରାହ୍ମଣ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସ୍ଥାନୀୟ ଏକ ହୋଟେଲରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ନରସିଂହ ତ୍ରିପାଠୀ ଚାରିଟେବୁଲ ଟ୍ରଷ୍ଟର ମୁଖ୍ୟ ଗୁଡ଼ିଆ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ମହିଳାଙ୍କ ଉଦ୍ୟମରେ ଏକ ଉନ୍ନତ ସମାଜ ଗଠନ ହୋଇପାରିବ। ସେହିପରି ସମ୍ମାନିତ ଅତିଥି ସାମାଜିକ କର୍ମୀ ଜ୍ୟୋତିର୍ମୟୀ ବେହେରା କହିଥିଲେ, ସମାଜସେବା ଓ ଦୀନଦୁଃଖୀଙ୍କ ସେବାରେ ଯେଉଁ ଆନନ୍ଦ ମିଳେ ତାହା ଅନ୍ୟ କେଉଁଠି ନାହିଁ। ଏହି କାର୍ଯ୍ୟ ମନକୁ ଶାନ୍ତି ଦେଇଥାଏ। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବ୍ରାହ୍ମଣ ସମାଜର ଶତାଧିକ ମହିଳା ଯୋଗଦେଇଥିଲେ। ଏହି ଅବସରରେ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା କେତେଜଣ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା।

# ବିକଶିତ ଓଡ଼ିଶା ଗଠନରେ ବଜେଟ ଏକ ବଡ଼ ପଦକ୍ଷେପ: ମନ୍ତ୍ରୀ ରବି

ସମ୍ବଲପୁର,୮।୩(ପ୍ରମୋଦ ବହିଦାର)

ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ମନ୍ତ୍ରୀ ରବିନାରାୟଣ ନାଏକ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଉପସ୍ଥାପିତ ବଜେଟ୍ ବିକଶିତ ଓଡ଼ିଶା ଗଠନ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କହିଛନ୍ତି। ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ରବିବାର ଅପରାହ୍ନରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ ଚଳିତ ରାଜ୍ୟ ବଜେଟ୍‌ରେ କୃଷି, ଜଳ ସେଚନ, ପର୍ଯ୍ୟଟନ, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଯୋଗାଣ, କ୍ରୀଡ଼ା, ସୁଭଦ୍ରା ଯୋଜନା ଆଦି ବିଭିନ୍ନ କ୍ଷେତ୍ରର ବିକାଶ ପାଇଁ ରହିଥିବା ପ୍ରାବଧାନ ଉପରେ ଆଲୋକପାତ କରିଥିଲେ। ସମ୍ବଲପୁର ଜିଲାର ବିକାଶ ସମ୍ପର୍କରେ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ଚଳିତ ବଜେଟ୍‌ରେ ବିଶେଷ କରି କୃଷି ଓ ଜଳସେଚନ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଜିଲାର ପାଖାପାଖି ୬୦ ରୁ ୭୦ ପ୍ରତିଶତ ଚାଷ ଜମିକୁ ଜଳ ସେଚନ ପାଇଁ ମେଗା ଲିଫ୍ଟ ପ୍ରକଳ୍ପ, ଚେକ୍ ଡ୍ୟାମ୍ ଏବଂ ହୀରାକୁଦ ଜଳସେଚିତ ଅଞ୍ଚଳରେ ନୂତନ ବ୍ୟବସ୍ଥା କରାଯାଇଛି। ସମ୍ବଲପୁରରେ ଏକ ନୂତନ ଡେଣ୍ଟାଲ କଲେଜ ପ୍ରତିଷ୍ଠା କରାଯିବ। ସେହିପରି ଭିମସାରର ଭିତ୍ତିଭୂମି ଉନ୍ନତି ପାଇଁ ୧୬୦୦ କୋଟିରୁ ଅଧିକ ଟଙ୍କାର ବ୍ୟୟବରାଦ କରାଯାଇଛି। ପ୍ରତି ପଞ୍ଚାୟତରେ ପିଏମ୍‌ଶ୍ରୀ ଏବଂ ଗୋଦାବରୀଶ ଆଦର୍ଶ ବିଦ୍ୟାଳୟ ପ୍ରତିଷ୍ଠା କରାଯିବା ସହ ଛାତ୍ରୀମାନଙ୍କ ପାଇଁ ଛାତ୍ରାବାସ ସୁବିଧା କିରିବା ଦିଗରେ ମଧ ବିଶେଷ ଗୁରୁତ୍ୱ ଦିଆଯାଇଛି। ସମ୍ବଲପୁର ଜିଲା କିଭଳି ଦୁଗ୍ଧ ଉତ୍ପାଦନରେ ଆତ୍ମନିଭରଶୀଳ ହୋଇ ପାରିବ ସେ ଦିଗରେ ଯୋଜନା ଚାଲିଛି ବୋଲି କହିଛନ୍ତି ମନ୍ତ୍ରୀ ନାଏକ। ଖବରଦାତା ସମ୍ମିଳନୀରେ ଭାଜପା ସମ୍ବଲପୁର ଜିଲା ସଭାପତି ରାମଚନ୍ଦ୍ର ମେହେର, ଭାଜପା ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

# ଅନ୍ତର୍ଜାତୀୟ ମହିଳା ଦିବସରେ ଶକ୍ତି ପଦଯାତ୍ରା

ଦେବଗଡ଼,୮।୩(ଶଶାଙ୍କ ଶେଖର ଝାଙ୍କର)


ପଦଯାତ୍ରାରେ ଜିଲାପାଳ, ଏସ୍‌ପିଙ୍କ ସମେତ ଅନ୍ୟମାନେ।

ଜିଲା କ୍ରୀଡ଼ା ବିଭାଗ ଓ ଜିଲା ପ୍ରଶାସନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସର ତୃତୀୟ ଦିନରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ଶକ୍ତି ପଦଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ପୁରୁଣା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଭାରପ୍ରାପ୍ତ ଜିଲା କ୍ରୀଡ଼ା ଅଧିକାରୀ ତାପସ କୁମାର ମହନ୍ତଙ୍କ ତତ୍ତ୍ୱାବଧାନରେ ବାହାରିଥିବା ମହିଳାଙ୍କ ଶକ୍ତି ପଦଯାତ୍ରାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଏସ୍‌ପି ଅନିଲ କୁମାର ମିଶ୍ର ଓ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଶୁଭାରମ୍ଭ କରିଥିଲେ। ଏହି ପଦଯାତ୍ରା ସହର ପରିକ୍ରମା କରି ଇନ୍‌ଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା। ଅନ୍ତର୍ଜାତୀୟ ମହିଳା ଦିବସ ସାଧାରଣ ସଭାରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସାହୁ, ବରେଣ୍ୟ ଅତିଥି ଭାବେ ଏସ୍‌ପି ମିଶ୍ର, ଅତିରିକ୍ତ ଜିଲାପାଳ ବିଲୁଙ୍ଗ, ଡେପୁଟି କଲେକ୍ଟର ଏଜ୍‌ଲିନ୍ ବାରା, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ପୌର ପରିଷଦ ଭାରପ୍ରାପ୍ତ ଅଧକ୍ଷ ପ୍ରଜିତ୍ କୁମାର ଭୋଜ ଯୋଗଦେଇ ମହିଳାଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଷୟବସ୍ତୁ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ଉପରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ୍ ଓ ମୁକେଶ କୁମାର ଭୋଇ, ସହକାରୀ ଜିଲାପାଳ ହେମନ୍ତ ସିଂ, ଈଶ୍ୱର ଗୁରୁଙ୍କ ସମେତ ଜିଲାର ସମସ୍ତ ମହିଳା, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ ଓ ମହାବିଦ୍ୟାଳୟର ଛାତ୍ରୀ ଯୋଗଦେଇଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସଂକ୍ଷେପରେ

### ନାରୀ ସଶକ୍ତିକରଣ, ଆଇନ ସଚେତନତା ଉପରେ ଗୁରୁତ୍ୱ

**ଥୁଆମୂଳ ରାମପୁର, ୮।୩ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଗୋପାଳପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ତାଲୁକ ଆଇନ ସେବା କମିଟି ଓ ଜେଏମ୍ଏଫ୍ସି ଅଦାଲତର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ନାରୀ ସଶକ୍ତୀକରଣ, ଆଇନ ସଚେତନତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସ୍ଥାନୀୟ ମାଜିଷ୍ଟ୍ରେଟ ଡ. ତାରିଣୀ ପ୍ରସାଦ ସାହୁଙ୍କ ସଭାପତିତ୍ୱରେ ସଭା ହୋଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ସାମଲ, ଯୁବ ଆଇନଜୀବୀ ମନୋରଞ୍ଜନ ନାଏକ, ଏମ୍ଏମ୍ପିଏସ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସୋରେନ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟକୃଷ୍ଣ ମେହେର ପ୍ରମୁଖ ଯୋଗ ଦେଇଥିଲେ।

### ସରିଆଁରେ ଅନ୍ତର୍ଜାତୀୟ ମହିଳା ଦିବସ

**ରୁପ୍ରା ରୋଡ, ୮।୩(ସଞ୍ଜୀବ ଦାସ):** କଳାହାଣ୍ଡି ଜିଲା ନର୍ଲା ବ୍ଲକ ସରିଆଁ ଗ୍ରାମରେ ମାଇ ଭାରତ କଳାହାଣ୍ଡି ଆନୁକୂଲ୍ୟରେ ଓ ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନ ମିଳିତ ସହଯୋଗରେ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସରକାରୀ ଉଚ୍ଚ ବିଦ୍ୟାଳୟ ନର୍ଲାର ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ସେନାପତି, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସାଧୁରାମ ଭୋଇ ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱାସ୍ଥ୍ୟ ଅଧିକାରୀ ରୋଜି ପ୍ରଧାନ, ଜିଲା ପରିଷଦ ନର୍ଲା ଜୋନ ୨ ହରିଶଙ୍କର ମାଝୀ, ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଙ୍ଗାନାରାୟଣ ଦାଶ ଓ କ୍ଲବ ସଭାପତି ଦୁର୍ବାଦଳ ଭୋଇ ପ୍ରମୁଖ ସଭାରେ ଅଭିଭାଷଣ ପ୍ରଦାନ କରିଥିଲେ। ଭବାନୀ ଶଙ୍କର ସାଂସ୍କୃତିକ ଅନୁଷ୍ଠାନର ସଭାପତି ଦୁର୍ବାଦଳ ଭୋଇ, ସମ୍ପାଦକ ମିଳନ କୁମାର ଭୋଇ ଉପସ୍ଥିତ ଥିଲେ ।

### ମହିଳା ଦିବସ ଅବସରରେ ମାରାଥନ

**ଲାଞ୍ଜିଗଡ,୮।୩(ରମେଶ ଚନ୍ଦ୍ର ନାୟକ):** କଳାହାଣ୍ଡି ଜିଲା ଲାଞ୍ଜିଗଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ୩ଧରି ଚାଲିଥିବା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରର ତୃତୀୟ ତଥା ଅନ୍ତିମ ଦିବସରେ ରବିବାର ମାରାଥନ ଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଖେଳ ଇଣ୍ଡିଆ ଓ ଓଡିଶା ସରକାରଙ୍କ କ୍ରୀଡା ଏବଂ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜିଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଲାଞ୍ଜିଗଡ ବିଧାୟକ ପ୍ରଦୀପ ଦିଶାରୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ସ୍କୁଲ ଓ କଲେଜର ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଭାଗ ନେଇଥିଲେ ।

### ବିନା ସ୍ୱୀକୃତି ମିକ୍ସର ମେଶିନ ବ୍ୟବହାର

**ଖଡ଼ିଆଳ,୮।୩(ସୁଜିତ କୁମାର ପ୍ରଧାନ):** ନୂଆପଡା ଜିଲା ଖଡ଼ିଆଳ ସହର ତଥା ଆଖ ପାଖ ଗ୍ରାମରେ ଅନେକ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ସେହି ଘର ଗୁଡିକରେ ସ୍ଲାବ ପକାଇବା ପାଇଁ ଟ୍ରାକ୍ଟର ଓ ମିକ୍ସର ମେଶିନ ବ୍ୟବହାର ହେଉଥିବାବେଳେ ବିନା ସ୍ୱୀକୃତି ମିକ୍ସଚର ମେଶିନ ଉପରେ ୮ରୁ ୧୦ ଶ୍ରମିକ ବିପଦପୂର୍ଣ୍ଣ ଭାବରେ ବସି କାର୍ଯ୍ୟସ୍ଥଳକୁ ଯାତ୍ରା କରୁଛନ୍ତି। ଏହି ଟ୍ରାକ୍ଟର ଓ ମିକ୍ସଚର ମେଶିନ ଗାଡି ସହର ଭିତରେ ଯାଉଛି।

### ପଞ୍ଚାୟତିରାଜ, ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବଙ୍କ ଗସ୍ତ

**ଲାଞ୍ଜିଗଡ,୮।୩(ରମେଶ ଚନ୍ଦ୍ର ନାୟକ):** ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଅତିରିକ୍ତ ସଚିବ ଗୀତାଞ୍ଜଳି ନାଏକ ଲାଞ୍ଜିଗଡ଼ ବ୍ଲକକୁ ଦିନିକିଆ ଗସ୍ତରେ ଆସିଥିଲେ। ତ୍ରିଲୋଚନପୁର ପଞ୍ଚାୟତର କୁନ୍ନାକାଡୁ ଗାଁକୁ ରବିବାର ଯାଇଥିଲେ। ପ୍ରଥମେ ବିଜେପୁର ପଞ୍ଚାୟତସ୍ଥିତ ପ୍ରଧାନୀପ ଏବଂ କଳାକୁପା ଯାଇ ଆଦିବାସୀମାନଙ୍କ ଜନମନ ଯୋଜନାରେ ତିଆରି ଘରଗୁଡ଼ିକୁ ଦେଖିଥିଲେ। ସେଠାରୁ କୁନ୍ନାକାଡୁ ଗାଁ ଲୋକଙ୍କ ପାଇଁ ପାହାଡ଼ ତଳେ ନିର୍ମାଣାଧୀନ ୮ଟି ଘରର ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ସଚିବ ପାହାଡ଼ ଉପରେ ଥିବା ଗାଁକୁ ପହଞ୍ଚିଥିଲେ। ସଚିବଙ୍କ ସହିତ ଜିଲା ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ପରିଚାଳକ ଅମୂଲ୍ୟ ବାଉଲ, ଜିଲା ଗ୍ରାମ୍ୟ ଗୃହ ନିର୍ମାଣ ପ୍ରକଳ୍ପ ସଂଯୋଜକ ତ୍ରିଲୋଚନ ବାରିକ, ଲାଞ୍ଜିଗଡ ବିଡ଼ିଓ ଶଶାଙ୍କ ପାତ୍ର ଉପସ୍ଥିତ ଥିଲେ।


ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ସମ୍ବର୍ଦ୍ଧିତ ହୋଇଥିବା ଆଦର୍ଶ ଗୃହିଣୀମାନଙ୍କ ସହିତ ଅତିଥି।

# ସମ୍ବର୍ଦ୍ଧିତ ହେଲେ ୩୦ ଆଦର୍ଶ ଗୃହିଣୀ

**ଭବାନୀପାଟଣା,୮।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସରେ ସ୍ଥାନୀୟ ପୌରପାଳିକାର ୩୦ଜଣ ଆଦର୍ଶ ଗୃହଣୀ ସମ୍ବର୍ଦ୍ଧିତ ହୋଇଛନ୍ତି। ଆଦର୍ଶ ଗୃହିଣୀ ହେଉଛନ୍ତି ପରିବାରର ମେରୁଦଣ୍ଡ, ଯିଏ ନିଜ ସ୍ନେହ, ତ୍ୟାଗ ଓ ସେବା ଦ୍ୱାରା ଘରକୁ ସ୍ୱର୍ଗ ସଦୃଶ କରିଥାନ୍ତି। ସେ ସମସ୍ତଙ୍କ ଆବଶ୍ୟକତା ପୂରଣ କରିବା ସହ ଶୃଙ୍ଖଳିତ ଜୀବନଯାପନ, ସୁସ୍ଥ ଖାଦ୍ୟପେୟ ଏବଂ ପିଲାମାନଙ୍କୁ ସଂସ୍କାର ଦେଇ ଉତ୍ତମ ନାଗରିକ ଭାବେ ଗଢ଼ି ତୋଳନ୍ତି। ଜଣେ ଆଦର୍ଶ ଗୃହିଣୀ କେବଳ ଘରର ଚାରି କାନ୍ଥ ଭିତରେ ସୀମିତ ନ ଥାନ୍ତି, ବରଂ ସମାଜ ଗଠନରେ ମଧ୍ୟ ସେମାନଙ୍କର ବଡ଼ ଅବଦାନ ଥାଏ ବୋଲି ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଶିବରାମ ନାୟକ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ଭବେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି, ଶିକ୍ଷାବିତ ବ୍ରହ୍ମାନନ୍ଦ ସାମଲ, ପ୍ରଦୀପ କୁମାର ସାହୁ, ଅମର ସିଂ, ଅଶୋକ ଖମାରୀ, ସୀତାକାନ୍ତ କର ଓ ମୀରାବାଇ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସ୍କୁଲର ଉପଦେଷ୍ଟା ମଣ୍ଡଳୀର ମୁଖ୍ୟ ମୁକୁନ୍ଦ ରେଡ୍ଡୀ, ପ୍ରସନ୍ନ ପଟ୍ଟନାୟକ, ଶିକ୍ଷୟିତ୍ରୀ ସରିତା ବେଗେଲ, ଚନ୍ଦ୍ରପ୍ରଭା ମିଶ୍ର, ସମୀକ୍ଷା ରାଣୀ ବେହେରା, ଭବାନୀ ନାଏକଙ୍କ ସମେତ ବହୁ ଅଭିଭାବକ ଅଭିଭାବିକା ଉପସ୍ଥିତ ରହି ସହଯୋଗ କରିଥିଲେ।

## ବିକାଶ ମେଧାବୀ ପରୀକ୍ଷା: ଭାଗନେଲେ ୫୦୦ ପରୀକ୍ଷାର୍ଥୀ

**ଭବାନୀପାଟଣା,୮।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଲକ୍ଷ୍ମୀ ବିକାଶ ଶିକ୍ଷାନୁଷ୍ଠାନର ୱିସଡମ ପାର୍କ ପରିସରରେ ରବିବାର ସିଏଚ୍ଏସ୍ଇ ବିକାଶ ମେଧାବୀ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଓଡିଶା ଲକ୍ଷ୍ମୀ ବିକାଶ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର, ଉପାଧ୍ୟକ୍ଷ ନାରାୟଣ ମହାନ୍ତି, ଜେନେରାଲ ମେନେଜର ଗୁପ୍ତେଶ୍ୱର ଖୁଣ୍ଟିଆ ପ୍ରମୁଖ ଯୋଗଦେଇଥିଲେ। ଏହି ମେଧାବୀ ପରୀକ୍ଷାରେ କଳାହାଣ୍ଡି ଜିଲା ସମେତ ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗୀର, କୋରାପୁଟ ଆଦି ପଡୋଶୀ ଜିଲାର


ବିକାଶ ମେଧାବୀ ପରୀକ୍ଷା ଦେଉଛନ୍ତି ଛାତ୍ରୀଛାତ୍ର।

ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ ପରୀକ୍ଷାର୍ଥୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଡି. ନାଗେଶ୍ୱର ରାଓ ବିକାଶର ଗୁଣାତ୍ମକ ଶିକ୍ଷାର ମାନଦଣ୍ଡ ଉପରେ ବିଷଦ ଭାବରେ ବ୍ୟାଖ୍ୟା କରିବା ସହ ଶିକ୍ଷାର ସମସ୍ତ ଅନୁକୂଳ ବ୍ୟବସ୍ଥା ପୂରଣ କରିବାକୁ ବଦ୍ଧ ପରିକର ବୋଲି ଅଭିମତ ରଖିଥିଲେ। ଅଧ୍ୟକ୍ଷ ଯୁବରାଜ ନାୟକ ଭବାନୀପାଟଣାସ୍ଥିତ ବିକାଶ ଶିକ୍ଷାନୁଷ୍ଠାନରେ ଥିବା ବିଭିନ୍ନ ଆନୁସଙ୍ଗିକ ବ୍ୟବସ୍ଥା ସମ୍ପର୍କରେ ସୂଚାଇଥିଲେ। ବିଦ୍ୟାଳୟର ଶିକ୍ଷକ ସବ୍ୟସାଚୀ ବେହେରା ଓ କିରଣ କୁମାର ଦାସ 'ଇଉ ଆର ୟୁନିକ' ଶୀର୍ଷକ ସ୍ଲାଇଡ ସୋ ମାଧ୍ୟମରେ ଉପସ୍ଥାପନ କରିଥିଲେ। ସିଏଚ୍ଏସ୍ଇ ସଂଯୋଜକ ଲବକାନ୍ତ ଆଚାର୍ଯ୍ୟ ହଷ୍ଟେଲ ପରିଚାଳନା ସମ୍ପର୍କରେ ଅବଗତ କରିଥିଲେ। ଶିକ୍ଷକ ଅଶ୍ୱିନ କୁମାର ରାଉତ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷକ ନିଶିକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଦିବସରେ ଯୋଗ, ବ୍ୟାୟାମ, ଆତ୍ମରକ୍ଷା ଶିବିର


ନୂଆପଡ଼ାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଅତିଥିଙ୍କ ଗହଣରେ ପ୍ରତିଯୋଗୀ ଓ କର୍ମଚାରୀ।

**ନୂଆପଡ଼ା, ୮।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଉପଲକ୍ଷେ ଦ୍ୱିତୀୟ ଦିବସରେ ଆତ୍ମରକ୍ଷା, ଯୋଗ ଓ ଶାରୀରିକ ବ୍ୟାୟାମ ଉପରେ ପ୍ରଶିକ୍ଷଣ ଓ ଅଭ୍ୟାସ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଆୟୋଜିତ ଶିବିରରେ ୩୯୧ ବାଳିକା ଓ ମହିଳାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ, ଅଭିଭାବକ ଅଂଶଗ୍ରହଣ କରିଥିଲେ। ଯୋଗଗୁରୁ ଶଶୀଭୂଷଣ ପାଣିଗ୍ରାହୀ ସମସ୍ତଙ୍କୁ ଯୋଗାଭ୍ୟାସ, ଦେବବ୍ରତ ସାହୁ ଶାରୀରିକ ବ୍ୟାୟାମ ଅଭ୍ୟାସ କରାଇଥିଲେ। ନିରୂପମା ପଟେଲ ଆତ୍ମରକ୍ଷା ତାଲିମ ପ୍ରଦାନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼େଇ ସମସ୍ତଙ୍କୁ ସୁସ୍ଥ ରହିବା, ନିୟମିତ ଶାରୀରିକ ବ୍ୟାୟାମ, ଯୋଗ, ପ୍ରାଣାୟାମ ଓ ଖେଳକୁଦ କରିବା ପାଇଁ ଆହ୍ୱାନ କରିଥିଲେ। ଏହି ଶିବିର ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ସାମାଜିକ ସୁରକ୍ଷା ବିଭାଗର ସହଯୋଗରେ ଅଙ୍ଗନୱାଡି କର୍ମଚାରୀମାନଙ୍କ ମଧ୍ୟରେ ଏକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲାପାଳ ମଧୁସୂଦନ ଦାଶ ଆନୁଷ୍ଠାନିକ ଭାବରେ ଉଦ୍ଘାଟନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ ଓ ଡେପୁଟି କଲେକ୍ଟର ବିଜୟ ଛତ୍ରିଆ ପ୍ରମୁଖ ଯୋଗଦେଇ ଯୋଗଗୁରୁ ପାଣିଗ୍ରାହୀ ଓ ପଟେଲଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ଶେଷରେ ଜିଲା କ୍ରୀଡ଼ା ଅଧିକାରୀ ବଡ଼େଇ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଷୁଦ୍ର ଶସ୍ୟ ଜାତୀୟ ଖାଦ୍ୟ ପ୍ରଦର୍ଶନୀ

**ମ. ରାମପୁର, ୮।୩(ଶଶି ଭୂଷଣ ପ୍ରହରାଜ)**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ସେବା ଜଗତ ପକ୍ଷରୁ ସେଲକୋ ଫାଉଣ୍ଡେସନ, ଓଡିଶା ମିଲେଟ ମିଶନ ଓ ଓମାନିଟି ଫାଉଣ୍ଡେସନ ସହଯୋଗରେ ଏକ କ୍ଷୁଦ୍ର ଶସ୍ୟ ଆଧାରିତ ଖାଦ୍ୟ ପ୍ରଦର୍ଶନୀ କାର୍ଯ୍ୟକ୍ରମ ବୁରାଟ ଗ୍ରାମ ଠାରେ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମହିଳା ଫେଡେରେସନ ସଦସ୍ୟା, ମିଶନ ଶକ୍ତି ସଦସ୍ୟା, ମହିଳା ଚାଷୀ, ଉଦ୍ୟମୀ ଓ ସଙ୍ଗଠନର କର୍ମୀ ଭାଗ ନେଇଥିଲେ। ମୁଖ୍ୟ ଅତିଥି ଭାବରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ସେଠୀ, ସମ୍ମାନିତ ଅତିଥି ଭାବରେ ମ. ରାମପୁର ଥାନା ଅଧିକାରୀ ଚିତ୍ତ ରଞ୍ଜନ ପଧାନ, ଆଇସିଡ଼ିଏସ ସୁପର ଭାଇଜର ଶର୍ମିଳା ବେହେରା, ମିଶନ ଶକ୍ତି ସଂଯୋଜକ ବିପିନ କୁମାର ବାରିକ, ସିଆରସି ଲାଲୁ ରଣା, ସମିତି ସଭ୍ୟା ରାଜ କୁମାରୀ ସୁନା ଓ ସେବା ଜଗତର ସମ୍ପାଦକ ସତ୍ୟ ନାରାୟଣ ପଟ୍ଟନାୟକ ଉପସ୍ଥିତ ଥିଲେ। ପ୍ରଦର୍ଶନୀ ସମୟରେ ୧୮୦ ପ୍ରକାରର ଖାଦ୍ୟ ପ୍ରଦର୍ଶିତ ହୋଇଥିଲା।

### ତିଖାଲି ଡ୍ୟାମ ଲୋକ ମହୋତ୍ସବ ପଡିଆକୁ ବୁଲି ଦେଖିଲେ ଅଧିକାରୀ

**ଖଡ଼ିଆଳ,୮।୩(ସୁଜିତ କୁମାର ପ୍ରଧାନ):** ଖଡିଆଳ ବ୍ଲକ ତିଖାଲି ଜଳେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ପଡ଼ିଆରେ ହେଉଛି ତିଖାଲି ଡ୍ୟାମ ଲୋକ ମହୋତ୍ସବ। ଏହି ମହୋତ୍ସବ ୧୩ରୁ ୧୫ ତାରିଖ ଅନୁଷ୍ଠିତ ହେବ। ଅଞ୍ଚଳରେ ମହୋତ୍ସବ ପ୍ରଥମ କରି ହେଉଥିବାରୁ ଜନସମାଗମ ହେବ ବୋଲି ଆକଳନ କରାଯାଉଛି। ଏହାକୁ ଦୃଷ୍ଟିରେ ରଖି ଖଡ଼ିଆଳ ଏସଡ଼ିପିଓ ଉପେନ୍ଦ୍ର କୁମାର ପ୍ରଧାନ, ଥାନା ଅଧିକାରୀ ସୁମନ୍ତ କୁମାର ନାଏକ ମହୋତ୍ସବ ପଡିଆ ସହିତ ଆଖପାଖ ସମସ୍ତ ସ୍ଥାନକୁ ନିରୀକ୍ଷଣ କରିଥିଲେ। ସୁରକ୍ଷାକୁ ଦେଖି ୨ପ୍ଲାଟୁନ ପୋଲିସ ଫୋର୍ସ ସହିତ ହୋମଗାର୍ଡମାନଙ୍କୁ ମୁତୟନ କରାଯିବ ବୋଲି ଏସଡ଼ିପିଓ ପ୍ରଧାନ ପ୍ରକାଶ କରିଥିଲେ।

## ମହିଳା ସଶକ୍ତୀକରଣ ଉପରେ ଆଲୋକପାତ

**ଭବାନୀପାଟଣା, ୮।୩(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ସ୍ଥିତ ଟାଉନ ହଲଠାରେ ରବିବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦୁ ସିଂହଦେଓ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ସାଂସଦ ପ୍ରତିନିଧି ଜୟଶଙ୍କର ନାୟକ, ଧର୍ମଗଡ ବିଧାୟକଙ୍କ ପ୍ରତିନିଧି ନରହରି ପଟ୍ଟନାୟକ, ଭାଜପା ମହିଳା ମୋର୍ଚ୍ଚା ଅଧ୍ୟକ୍ଷା ନିରୂପମା ନାଏକ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ କୁମାର ପରିଡା, ଉପନିର୍ଦ୍ଦେଶକ (ପ୍ଲାନିଂ) ଶ୍ରୀକାନ୍ତ ଦଲେଇ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଓ ସ୍ଥାନୀୟ ବିଡ଼ିଓ ଚନ୍ଦନ କୁମାର ଭୋଇ ଯୋଗଦେଇ ମହିଳା ଦିବସ ପାଳନର ଗୁରୁତ୍ୱ ଓ ମହିଳା ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।


ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

# ମହିଳା ଦିବସରେ ସ୍ଲୋ ମାରାଥନ

**ନୂଆପଡ଼ା,୮।୩ (ମକାରୁ ବେମାଲ)**

ନୂଆପଡ଼ା ପୋଲିସ ପଡିଆଠାରେ ରବିବାର ଜିଲା ସମାଜ କଲ୍ୟାଣ ବିଭାଗ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ପାଳିତ ହୋଇଯାଇଛି। ଉତ୍ସବରେ ଜିଲାପାଳ ମଧୁସୂଦନ ଦାଶ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ନୂଆପଡ଼ା ବିଧାୟକ ପ୍ରତିନିଧି ସୁମନ ଢୋଲକିଆ, ଜିଲା ପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ବ୍ଲକ ଅଧ୍ୟକ୍ଷା ଅନୁସୂୟା କୁମ୍ଭାର, ଉପଜିଲାପାଳ ସୁର୍ମି ସୋରେନ, ସିଡିଏମ୍ଓ ଡ.ଧନେଶ୍ୱର ସେଠୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ଏସ.ଗୀତା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବହୁସଂଖ୍ୟକ ମହିଳା ଓ ହିତାଧିକାରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ


ସ୍ଲୋ ମାରାଥନରେ ଅଧିକାରୀ ଓ ବୁଦ୍ଧିଜୀବୀମାନେ ଯାଉଛନ୍ତି।

ଦ୍ୱାରା ସୁଭଦ୍ରା ଯୋଜନା ଅନ୍ତର୍ଗତ ଚତୁର୍ଥ କିସ୍ତି ପ୍ରଦାନର ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରାୟ ୧ କୋଟି ମହିଳା ହିତାଧିକାରୀଙ୍କୁ ୫ ହଜାର କୋଟି ଟଙ୍କାରୁ ଅଧିକ ରାଶି ସିଧାସଳଖ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ ଜିଲା ସମାରୋହରେ ପ୍ରଦର୍ଶିତ ହୋଇଥିଲା। ଏହି ଅବସରରେ ମହିଳା ଦିବସ ଉପଲକ୍ଷେ ଆୟୋଜିତ ଜିଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କୋମନା ବ୍ଲକ ସିଡିପିଓ ଦେବକୀ ମଲ୍ଲିକଙ୍କୁ ଶ୍ରେଷ୍ଠ ସିଡିପିଓ ଭାବରେ ସମ୍ମାନିତ କରାଯାଇଥିଲା। କୋମନା ବ୍ଲକ ଗେରୁଯୋର ଅଙ୍ଗନୱାଡି କର୍ମୀ ସୁଲୋଚନା ବିଶୋଇ ଜାତୀୟସ୍ତରରେ ରାଜ୍ୟରେ ଶ୍ରେଷ୍ଠ ଅଙ୍ଗନୱାଡି ସହାୟିକା ଭାବରେ ସମ୍ମାନିତ କରାଯାଇଥିବାରୁ ମଞ୍ଚରେ ସମ୍ମାନିତ କରାଯାଇଥିଲା। ଜିଲାର କ୍ରୀଡା,ସାମାଜିକ କାର୍ଯ୍ୟ, ସାହିତ୍ୟ ଓ ଅନ୍ୟାନ୍ୟ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ୮ମହିଳାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ମହିଳା ଦିବସ ଉପଲକ୍ଷେ ସକାଳ ୭ଟାରେ ଏକ ସ୍ଲୋ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟଠାରୁ ଇଣ୍ଡୋର ଷ୍ଟାଡିୟମ ପର୍ଯ୍ୟନ୍ତ ମାରାଥନ ଯାଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ, ଶିକ୍ଷକ ଓ ସରକାରୀ କର୍ମଚାରୀ ଯୋଗଦେଇଥିଲେ। ସନ୍ଧ୍ୟାରେ ସଦ୍ଭାବନା ସଭାଗୃହ ଠାରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ ଅତିଥି ଭାବରେ ଯୋଗଦେଇଥିଲେ। ବିଭିନ୍ନ କବି ଓ ସାହିତ୍ୟିକମାନେ ଅଂଶଗ୍ରହଣ କରି ମହିଳା ସଶକ୍ତିକରଣ ଓ ସମାଜରେ ତାଙ୍କ ଅବଦାନକୁ କେନ୍ଦ୍ର କରି କବିତା ପାଠ କରିଥିଲେ।

## ପ୍ରେମ ସମ୍ପର୍କକୁ ନେଇ ଗୋଷ୍ଠୀ ସଂଘର୍ଷ

**ଥୁଆମୂଳ ରାମପୁର, ୮।୩ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ଅନ୍ତର୍ଗତ କାଣିଗୁମା ପଞ୍ଚାୟତ ତାରାଗାଁରେ ପ୍ରେମ ସମ୍ପର୍କକୁ କେନ୍ଦ୍ର କରି ଗୋଷ୍ଠୀ ସଂଘର୍ଷ ହୋଇଛି। ଫଳରେ ରବିବାର ଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି। ଜଣେ ଆଦିବାସୀ ଯୁବତୀ ଓ ଅନୁସୂଚିତ ଜାତିର ଯୁବକଙ୍କ ପ୍ରେମ ବିବାହକୁ ନେଇ ୨ସମ୍ପ୍ରଦାୟ ମଧ୍ୟରେ କିଛି ଦିନ ହେବ ତିକ୍ତତା ଲାଗିରହିଥିଲା। ଏହି ତିକ୍ତତା ଶେଷରେ ଶୁକ୍ରବାର ରାତିରେ ହିଂସାର ରୂପ ନେଇଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ସଦର ଏସଡିପିଓ ନରେଶ କୁମାର ପ୍ରଧାନ ଓ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠ ତାରାଗାଁରେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ ମଧ୍ୟ ରବିବାର ସେଠାରେ ଉତ୍ତେଜନା ପରିସ୍ଥିତି ଜାରି ରହିଛି।

## ବାଲ୍ୟ ବିବାହ ନିରାକରଣ ସଚେତନତା ଶିବିର

**ସିନାପାଲି,୮।୩(ମନଫୁଲ ମେହେର)**

ନୂଆପଡ଼ା ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ସିନାପାଲି ବ୍ଲକର ହାତୀବନ୍ଧା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ, ସିନାପାଲି ସିଡ଼ିପିଓ ଉର୍ମିଳା ମହାପାତ୍ର, ତାଲୁକ ଆଇନ ସେବା ସମିତିର ଓକିଲ ଗୁଣ ସାଗର ମେହେର, ହାତୀବନ୍ଧା ଗ୍ରାମ ପଞ୍ଚାୟତର ପିଇଓ ଜୟାନନ୍ଦ ମେହେର ପ୍ରମୁଖଙ୍କ ସହ ସିନାପାଲି ଅଧିବକ୍ତା ସଂଘର ଓକିଲଗଣ ଓ ପ୍ରାଧିକରଣର ଅଧିକାର ମିତ୍ରଗଣ ଯୋଗଦାନ କରିଥିଲେ । ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନବନୀତା ଦାଶ ଆଶା ଯୋଜନା ଅନ୍ତର୍ଗତ ବାଲ୍ୟ ବିବାହ ନିରାକରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ବାଲ୍ୟବିବାହ ଏକ ସାମାଜିକ କଳଙ୍କ ଏବଂ ଏହାକୁ ବନ୍ଦ କରି ବାଲ୍ୟ ବିବାହମୁକ୍ତ ଭାରତ ଗଠନରେ ସମସ୍ତେ ସହାୟକ ହେବାକୁ ଏ ଅବସରରେ ସଚେତନ କରାଯାଇଥିଲା।

## ମାରାଗୁଡା ମହୋତ୍ସବ ଅଭ୍ୟର୍ଥନା କମିଟି ବୈଠକ

**ନୂଆପଡ଼ା,୮।୩ (ମକାରୁ ବେମାଲ)**

ନୂଆପଡ଼ା ଜିଲାର ଲୋକ କଳା, ସାହିତ୍ୟ, ସଂସ୍କୃତିର ମହାପାର୍ବଣ ମାରାଗୁଡା ଲୋକ ମହୋତ୍ସବ ୨୦୨୬ର ସଫଳ ଆୟୋଜନ ପାଇଁ ଅଭ୍ୟର୍ଥନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟାଳୟଠାରେ ବୈଠକ ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲାପାଳ ସୁବାଷ ଚନ୍ଦ୍ର ରଏତ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ମାରାଗୁଡା ଲୋକ ମହୋତ୍ସବକୁ ସାଫଲ୍ୟ କରିବା ପାଇଁ ସମସ୍ତଙ୍କର ସହଯୋଗ ଏକାନ୍ତ ଜରୁରୀ। ବିଭିନ୍ନ ଦିନରେ କେଉଁ ବିଶିଷ୍ଟ ବ୍ୟକ୍ତି ମୁଖ୍ୟ ଅତିଥି, ବକ୍ତା ଭାବରେ ଯୋଗଦେବେ ସେହି ଉପରେ ବିଶେଷ ଆଲୋଚନା ହୋଇଥିଲା। ଏହି ମହୋତ୍ସବରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମଙ୍କ ସମେତ ଅନ୍ୟ ମନ୍ତ୍ରୀ, ଏମ୍ପି, ବିଧାୟକ, ପୂର୍ବତନ ଏମ୍ପି, ବିଧାୟକଙ୍କୁ ଆମନ୍ତ୍ରଣ କରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଛି। ମହୋତ୍ସବ ପ୍ରାରମ୍ଭରେ ଜିଲାପାଳଙ୍କ କାର୍ଯ୍ୟାଳୟରୁ ଗାୟତ୍ରୀ ମନ୍ଦିର ପର୍ଯ୍ୟନ୍ତ ମଶାଲ ଶୋଭାଯାତ୍ରା ଆୟୋଜନ କରିବାକୁ ମଧ୍ୟ ନିଷ୍ପତି ନିଆଯାଇଛି। ଏହି ବୈଠକରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଜିଲା କ୍ରିକେଟ ସଂଘ ସମ୍ପାଦକ ତଥା ବିଶିଷ୍ଟ କ୍ରୀଡାବିତ ସରୋଜ କୁମାର ସାହୁ, ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ, ଖଡିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଖରିଆର ରୋଡ ଏନ୍ଏସି ଅଧ୍ୟକ୍ଷା ସୋନିଆ ଜୈନ, ଜିଲା ସଂସ୍କୃତି ଅଧିକାରୀ ରମେଶ ମହାରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ନିଜାରତ ଅଧିକାରୀ ଘନଶ୍ୟାମ ମୁଣ୍ଡ, ଡିଏସ୍ପି ରମାକାନ୍ତ ଜେନା, ଜେକେଏସ୍ଏସ୍ ଉପାଧ୍ୟକ୍ଷ ଅର୍ଜ୍ଜୁନ ଛତ୍ରିଆ ପ୍ରମୁଖ ଯୋଗଦେଇ ଉପସ୍ଥିତ ଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: ଦିଗଶିରା ଚାମ୍ପିୟନ


କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ଦଳର ଖେଳାଳିଙ୍କ ସହ ଅତିଥି।

**ଭବାନୀପାଟଣା, ୮।୩ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ଅନ୍ତର୍ଗତ ମାଟିଆ ପଞ୍ଚାୟତସ୍ଥିତ ଗୋପାଳପୁର ମା' ଦ୍ୱାରସେନି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଗତ ୧ତାରିଖରୁ ଚାଲୁଥିବା କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍ଯାପିତ ହୋଇଛି। ଫାଇନାଲ ଖେଳ କାନ୍ଦୁଲଝର ଏବଂ ଦିଗଶିରା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଗଶିରା ୨୯ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ମ୍ୟାଚରେ ଅତିଥି ଭାବେ ପପୁ ସାହୁ, ରଞ୍ଜିତ ସରାଫ, ଜଳନ୍ଧର ବାଗ ପ୍ରମୁଖଙ୍କ ସମେତ କମିଟି ସଭାପତି ଦେବର୍ଶୀ ବାଗ, ଉପସଭାପତି ପ୍ରବୀଣ ବଗର୍ତ୍ତୀ, କୋଷାଧ୍ୟକ୍ଷ ପରମେଶ୍ୱର ବଚ୍ଛା, ତେଜ ସରାଫ, ବୁଲୁବାଗ, ଗରୁଡ଼ ବାଗ, ଅଶୋକ ବାଗ, ଧର୍ମେନ୍ଦ୍ର ମାଝୀ, ସମୀର ବଗର୍ତ୍ତୀ, ପପୁ ବଗର୍ତ୍ତୀ, ଭଗତ ବାଗ, ରାହୁଲ ବାଗ, ମହେନ୍ଦ୍ର ବଗର୍ତ୍ତୀ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ପରିଚାଳନା ଅଜୁ ସାହୁ ଏବଂ ସୁଶାନ୍ତ ସାହୁ କରିଥିବା ବେଳେ ମାୟାଧର ତାଣ୍ଡି ଧାରାବିବରଣୀ ପ୍ରଦାନ କରିଥିଲେ ।

## ସଂକ୍ଷେପରେ

### ଆର୍ଥିକ ସାକ୍ଷରତା ଆଲୋଚନାଚକ୍ର

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ପିଏମଶ୍ରୀ ଜର୍ଜ ଉଚ୍ଚ ବିଦ୍ୟାଳୟରେ ଶନିବାର ଆର୍ଥିକ ସାକ୍ଷରତା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେଶ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଜୀବନ ବୀମା ନିଗମର ଅବସରପ୍ରାପ୍ତ କ୍ଷେତ୍ର ଅଧିକାରୀ ବିଶ୍ୱଜିତ ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ତୁଳସୀ ଚରଣ ଦାଶ ଏବଂ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପଦ୍ମଜା ପତି ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ଜୟଶ୍ରୀ ପ୍ରଧାନ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ମମତା ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା ଦିବସରେ ସୁଲୋଚନା ସମ୍ବର୍ଦ୍ଧିତ



**ବରପାଲି, ୮।୩ –(ଚିତ୍ତରଞ୍ଜନ ସାହୁ):** ବିରଳ ଜୀବନ ସଂଘର୍ଷ, ସମାଜସେବା, ମାନବୀୟ ମୂଲ୍ୟବୋଧ, ମହିଳା ସଶକ୍ତୀକରଣ ପାଇଁ ଜୀବନ ବ୍ୟାପୀ ସମର୍ପିତ ବରପାଲି ବ୍ଲକ ଲେଣ୍ଡା ଗ୍ରାମର ୯୫ ବର୍ଷୀୟା ସୁଲୋଚନା ମିଶ୍ରଙ୍କୁ ରବିବାର ସମ୍ବର୍ଦ୍ଧିତ କରାଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବରଗଡ଼ ମହିଳା ସମିତି ପକ୍ଷରୁ ବରିଷ୍ଠ ସଦସ୍ୟା ଗୀତା ମିଶ୍ର, ମମତା ମିଶ୍ର, ସଭାନେତ୍ରୀ ଅଞ୍ଜନା ଦାସ ଓ ସମ୍ପାଦିକା ସୁଧାଂଶୁବାଳା ଦାଶ ଲେଣ୍ଡା ଗ୍ରାମ ବାସଭବନକୁ ପହଞ୍ଚି ସୁଲୋଚନା ମିଶ୍ରଙ୍କୁ ଉପଢ଼ୌକନ ଓ ପ୍ରଶଂସା ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ଚବିଶ ପ୍ରହର ନାମଯଜ୍ଞ

**ଭେଡ଼େନ୍, ୮।୩(ହୃଷିକେଶ ଖମାରୀ):** ଭେଡ଼େନ ବ୍ଲକ ଉଦେପୁର ଗ୍ରାମ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଚବିଶ ପ୍ରହରୀ ଅଖଣ୍ଡ ନାମ ଯଜ୍ଞ ଶୁକ୍ରବାର ସମ୍ପନ୍ନ ହୋଇଯାଇଛି। ଏଥିରେ କର୍ତ୍ତାଭାବେ ଗୌନ୍ତିଆ ମଦନମୋହନ ଦାଶ, ସ୍ତ୍ରୀ ସୁଚିତା ଦାଶ ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଅଭିଷେକ ପୁରୋହିତ ହୋମ ଯଜ୍ଞ ମନ୍ତ୍ରପାଠ କରିଥିଲେ। ମହିଳା ସଂକୀର୍ତ୍ତନ ଗାୟିକା ସୁମୀ ବାଗ ଓ ଇତିଶ୍ରୀ କର ସଂକୀର୍ତ୍ତନ ପରିବେଷଣ କରିଥିଲେ।

### ପ୍ରାଥମିକ କୃଷି ସମବାୟ ସମିତିର ସାଧାରଣ ସଭା

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ଗତ ଶନିବାର ଅନୁଷ୍ଠିତ ହୋଇଥିଲା। ଗୋବିନ୍ଦପୁର ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଫୁଲ୍ଲ କୁମାର ନାଏକ ଏଥିରେ ସଭାପତିତ୍ୱ କରିଥିଲେ। ଏହି ସଭାରେ ସଦର ଶାଖା ପରିଚାଳକ ପ୍ରତିଭାରାଣୀ ସାହୁ ଅତିଥିଭାବେ ଯୋଗ ଦେଇଥିଲେ। ସମିତିର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ଦାଶ, ସମ୍ପାଦକ ଅଶୋକ ଥପା, ନିର୍ଦ୍ଦେଶକ ଅନନ୍ତ କୁମାର ମହାପାତ୍ର, ରାଜେଶର ସାହୁ, ଇଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ।

### ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ ଉଦ୍‌ଘାଟିତ

**ଘଣ୍ଟାପଡ଼ା, ୮।୩ ( ପ୍ରଭାତ କୁମାର ସାହୁ):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ କଣ୍ଟାମାଳ ପୋଲିସ ପକ୍ଷରୁ ଥାନା ପରିସରରେ ଏକ ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନ ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋୟଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ କଣ୍ଟାମାଳ ଥାନାଧିକାରୀ ବାସୁଦେବ ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବୌଦ୍ଧ ଏସ୍‌ପି ଗୋୟଲ ମୁଖ୍ୟ ଅତିଥି ଓ କଣ୍ଟାମାଳ ତହସିଲଦାର ଶ୍ୱେତପଦ୍ମା ଯୋଶୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସର ଥିମ୍ 'ଗିଭ୍ ଟୁ ଗେନ' ଏବଂ ଚାଇଲ୍ଡ ଫ୍ରେଣ୍ଡଲି ପୋଲିସ ଷ୍ଟେଶନର ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ପଞ୍ଚାୟତ କଲେଜର ଅଧ୍ୟାପକ ବସନ୍ତ ଖଟୁଆ ଅତିଥି ପରିଚୟ ଓ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ମହିଳାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏସ୍‌ଆଇ ପ୍ରକାଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



ବରଗଡ଼ ନେହେରୁ ଆସୋସିଏଶନ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ।

# ସୁସ୍ଥ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ଅନନ୍ୟ

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ବରଗଡ଼ ନେହେରୁ ଆସୋସିଏଶନ ମହିଳା ସମିତି ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମିତିର ସଭାପତି ସୁଷମା ଭୋଇ ସ୍ୱାଗତ ଭାଷଣ ଦେଇ ସମାଜରେ ମହିଳାଙ୍କ ମାନବତାମୂଳକ ସେବା ଓ ରକ୍ତଦାନ ଭଳି ପବିତ୍ର କାର୍ଯ୍ୟର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ସମିତି ପକ୍ଷରୁ ଆୟୋଜିତ ହୋଇ ଥିବା ମହିଳା ସ୍ୱତନ୍ତ୍ର ରକ୍ତଦାନ ଶିବିରରେ ରକ୍ତଦାନ କରିଥିବା ୩୩ ଜଣ ସ୍ୱେଚ୍ଛାସେବୀ ମହିଳା ରକ୍ତଦାତାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ପଞ୍ଚାୟତ ମହାବିଦ୍ୟାଳୟ ଆସିଷ୍ଟାଣ୍ଟ ପ୍ରଫେସର ଡା. ପ୍ରଭାଷିନୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନ୍ତର୍ଜାତୀୟ ମହିଳା ଦିବସକୁ ଏକ ସଂକଳ୍ପର ପ୍ରତିଜ୍ଞା ଭାବେ ବ୍ୟାଖ୍ୟା କରିଥିଲେ। ମହିଳା ଓ ପ୍ରସୂତି ବିଶେଷଜ୍ଞ ଡା. ଶିତଳ ଅଗ୍ରୱାଲ ସମ୍ମାନିତ ଅତିଥିଭାବେ ଯୋଗଦେଇ ରକ୍ତଦାନ କଲେ ଶରୀରରେ ଆଇରନର ସମତୁଳନ ରହିଥାଏ ଏବଂ ହୃଦ୍‌ରୋଗର ସମ୍ଭାବନା କମିଥାଏ ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମହିଳା ସଶକ୍ତୀକରଣର ସମ୍ବେଦନଶୀଳ ଅଂଶ ଭାବେ ରକ୍ତଦାନକୁ ଉଲ୍ଲେଖ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଂକଳ୍ପ ପରିବାର, ନିଷ୍ଠା ପରିବାର ଏବଂ ଫର୍ ସଂସ୍ଥାକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତିର ସଦସ୍ୟା ଶିବାନୀ ଭୋଇ ଓ ରୁବି ନନ୍ଦ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମିତି ପରାମର୍ଶଦାତ୍ରୀ କଲ୍ୟାଣୀ ଦାଶ, ଉପସଭାପତି ରୀନା ବେହେରା, ସହ ସମ୍ପାଦିକା ପୁଷ୍ପମିତ୍ରା ପ୍ରଧାନ, ସଦସ୍ୟା ମନୋରମା ଦାଶ, ପିଙ୍କି ନନ୍ଦ, ଲକ୍ଷ୍ମୀପ୍ରିୟା ବିଶି, ପ୍ରଣତି ବେହେରା, ସୌଦାମିନୀ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବରଗଡ଼ ଡ଼ାଙ୍ଗ ନଦୀ ପଡ଼ା କଲ୍ୟାଣ ମଣ୍ଡପଠାରେ ଅବସର ପ୍ରାପ୍ତ ଶିକ୍ଷକ କପିଳେଶ୍ୱର ବାଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀ ସୁନୀତା ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସୁସ୍ଥ ଓ ପ୍ରଗତିଶୀଳ ସମାଜ ଗଠନରେ ମହିଳାମାନଙ୍କ ଭୂମିକା ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେହିପରି କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ 'ଶକ୍ତିର ଗତି, ରାଷ୍ଟ୍ରର ପ୍ରଗତି' ଶୀର୍ଷକ ସମ୍ବଳିତ ସଚେତନତା ପଦଯାତ୍ରା ବରଗଡ଼ ସହରରେ ଅନୁଷ୍ଠିତ ହୋଇଥିଲା। ଜିଲା କ୍ରୀଡ଼ା ଅଧିକାରୀ ଏ. କେ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଶ୍ରୀମତୀ ସନ୍ଧ୍ୟାରାଣୀ ନେପାକ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ଶୋଭାଯାତ୍ରା ଶୁଭାରମ୍ଭ କରିଥିଲେ।

# ୭୭ ଗ୍ରାମକୁ ବାଲ୍ୟ ବିବାହମୁକ୍ତ ଗ୍ରାମ ଘୋଷଣା

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**



ବରଗଡ଼ ବିଧାୟକ କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ଅବସରରେ ରବିବାର ବରଗଡ଼ ଜିଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ଯଦୁମଣି ଅଡିଟୋରିୟମରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସୁଭଦ୍ରା ଯୋଜନାର ଏକ ବିପ୍ଳବରେ ପରିଣତ ହୋଇଛି ବୋଲି କହିଥିଲେ। ବରଗଡ଼ ସହରରେ ଆଗାମୀ ଦିନରେ ସୁଭଦ୍ରା ମା'ମାନଙ୍କ ପାଇଁ ଏକ ମାର୍କେଟର ବ୍ୟବସ୍ଥା କରାଯିବ ଏବଂ ସେଠାରେ ସେମାନେ ବାଣିଜ୍ୟ କରିବେ ବୋଲି କହିଥିଲେ। ଜିଲାପାଳ ଆଦିତ୍ୟ ଗୋୟଲ, ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟ ମୀନା, ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ସାଂସଦଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସନ୍ଧ୍ୟାରାଣୀ ନେପାକ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବରଗଡ଼ ଜିଲାରୁ ମୋଟ ୪ଲକ୍ଷ ୭ହଜାର ୬୭୭ ଜଣ ଆବେଦନକାରୀଙ୍କ ମଧ୍ୟରୁ ୩ଲକ୍ଷ ୭୫ହଜାର ୧୯ ଜଣ ହିତାଧିକାରୀଙ୍କୁ ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଗୋୟଲ ଜିଲାର ୭୭ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗ୍ରାମଭାବେ ଘୋଷଣା କରିଥିଲେ। ସେଥିମଧ୍ୟରୁ ଅତାବିରା ବ୍ଲକରୁ ୧୩, ଭେଡେନରୁ ୯ ଏବଂ ବିଜେପୁର ବ୍ଲକରୁ ୫୫ ଗ୍ରାମ ରହିଛି। ଏହି ଅବସରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ନୃତ୍ୟ ପରିବେଷଣ କରିଥିବା କଳାକାର, ଦକ୍ଷତା ପ୍ରଦର୍ଶନ କରିଥିବା ଅଙ୍ଗନୱାଡ଼ି କର୍ମୀ, କମ୍ୟୁନିଟି ମେମ୍ବର, ଶିକ୍ଷକ ଏବଂ ଅଧିକାଙ୍କୁ ମିଶାଇ ୫ଜଣଙ୍କୁ ବାଲ୍ୟ ବିବାହ ମୁକ୍ତ ଅଭିଯାନର ସଫଳ ରୂପାୟନ ପାଇଁ ପୁରସ୍କୃତ କରାଯାଇଥିଲା। ଜିଲାରେ ପୋଷଣ ଅଭିଯାନର ସଫଳତା ପାଇଁ କାର୍ଯ୍ୟ କରିଥିବା ୧୧ ଜଣ ଅଙ୍ଗନୱାଡ଼ି କର୍ମୀ, ହେଲପର, ସୁପରଭାଇଜର ଏବଂ ସିଡିପିଓଙ୍କୁ ପୁରସ୍କୃତ କରାଯାଇଥିଲା।

### ରାମାୟଣ ପାରାୟଣ ଉଦ୍‌ଯାପିତ

**ଗାଇସିଲେଟ,୮।୩(ଦୁର୍ଗା ପ୍ରସାଦ ତ୍ରିବେଦୀ):** ଗାଇସିଲେଟ ଜଗନ୍ନାଥ ମନ୍ଦିର ପରିସରରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ନଅ ଦିନ ବ୍ୟାପି ସନ୍ଥ ତୁଳସୀ ଦାସ ରଚିତ ରାମାୟଣର ଓଡ଼ିଆ ଅନୁବାଦ ପାରାୟଣ ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଷ ଗିରୀଶ ଚନ୍ଦ୍ର ପାଣିଗ୍ରାହୀଙ୍କ ସ୍ତ୍ରୀ ଜ୍ୟୋତି ପାଣିଗ୍ରାହୀ କର୍ତ୍ତା ଦାୟିତ୍ୱ ତୁଲାଇ ଥିଲେ। ପଣ୍ଡିତ ଲଳିତ କୁମାର ପଣ୍ଡା ପୂଜକ ଦାୟିତ୍ୱ ନିର୍ବାହ କରିଥିଲେ। ବିଖ୍ୟାତ ଗାୟକ ପଣ୍ଡିତ ଲିପକ ମିଶ୍ର ବ୍ୟାସ କାର୍ଯ୍ୟ ସମ୍ପାଦନ କରିଥିଲେ।

### ମାନସିକ ସ୍ୱାସ୍ଥ୍ୟ ଶିବିର

**ପାଇକମାଲ,୮।୩(ବଡ଼ ଶତପଥି):** ପାଇକମାଲ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ପକ୍ଷରୁ ବରଗଡ଼ ଜିଲା ସ୍ୱାସ୍ଥ୍ୟ ସମିତି ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଜନ ସ୍ୱାସ୍ଥ୍ୟ ଚିକିତ୍ସା ଅଧିକାରୀ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପାଇକମାଳ ବ୍ଲକର ବିଭିନ୍ନ ଗ୍ରାମରୁ ମାନସିକ ରୋଗ ଲକ୍ଷଣ ଥିବା ତଥା ପୂର୍ବରୁ ଔଷଧ ସେବନ କରୁଥିବା ବ୍ୟକ୍ତି ମାନେ ଆସି ସ୍ୱାସ୍ଥ୍ୟ ସେବା ଓ ବିଭିନ୍ନ ପରାମର୍ଶ ଗ୍ରହଣ କରିଥିଲେ। ଝାରସୁଗୁଡ଼ା ଜିଲା ମୁଖ୍ୟ ଡାକ୍ତରଖାନାର ଡା. ହରିପ୍ରିୟା ମହାନ୍ତି ଯୋଗଦେଇ ରୋଗୀମାନଙ୍କର ଚିକିତ୍ସା କରିବା ସହ ଆବଶ୍ୟକ ପରାମର୍ଶ ଦେଇଥିଲେ।

### ବୌଦ୍ଧରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ବୌଦ୍ଧ,୮।୩(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ପ୍ରଶାସନ ପକ୍ଷରୁ ବୌଦ୍ଧ ସହରର ମାଉସୀମା ମନ୍ଦିରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲା ସମାଜ ମଙ୍ଗଳ ଅଧିକାରୀ ସାଗରିକା ଦତ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିଭୂତି ଭୂଷଣ ନାୟକ ମୁଖ୍ୟଅତିଥି, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ବିନୟ କୁମାର ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିକ୍ଷକ ପ୍ରମୋଦ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ଅର୍ଥ ପ୍ରଦାନର ସିଧା ପ୍ରସାରଣ କରାଯାଇଥିଲା।

# ଶିକ୍ଷା ଦିଗରେ ନାରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବରପାଲି,୮।୩ (ଚିତ୍ତରଞ୍ଜନ ସାହୁ)**

ବରପାଲି ସରସ୍ୱତୀ ମହିଳାସଂଘ ପକ୍ଷରୁ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଏଚ.ଇ.ଟି.ସି.ର ଏ.ଆଇ.ଏସ.ଡବ୍ଲ୍ୟୁ.ଆଇ.ସି. ଭାବରେ କାର୍ଯ୍ୟରତ ନୀହାରିକା ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଦସ୍ୟା ନିବେଦିତା ସ୍ୱାଇଁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ଘରଜ୍ୱଗୀ ଗଡ଼ତିଆ ତାଙ୍କ ଅଭିଭାଷଣରେ ଶିକ୍ଷା ଦିଗରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ପାଦିକା ସୁନିତା ମୁଣ୍ଡ ବର୍ତ୍ତମାନ ସମାଜରେ ଚାଲିଥିବା କୁସଂସ୍କାର ଓ ମଣିଷର ମୃତ୍ୟୁ ପରେ ଚାଲିଥିବା ଆଡମ୍ବର ତଥା ପ୍ରହସନମୂଳକ ପ୍ରଥା, ପ୍ରାକ ବିବାହ ଶୁଟିଂ ପରମ୍ପରା ଭଳି କିଛି କାର୍ଯ୍ୟରେ ସଂସ୍କାର ଆଣିବାକୁ ନାରୀମାନଙ୍କୁ ଆହ୍ୱାନ କରିଥିଲେ। ବାନ୍ଧକଳାରେ ରାଷ୍ଟ୍ରପତି ପୁରସ୍କୃତା ସୁକାନ୍ତି ମେହେର ମହିଳାମାନେ ସମାଜରେ କିପରି ନିଜ ପରିଚୟ ସୃଷ୍ଟି କରିପାରିବେ, ସେ ବିଷୟରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ କବୟିତ୍ରୀ ସୌଦାମିନୀ ଖଟୁଆଙ୍କ ରଚିତ ମାନସ କଲ୍ଲୋଳ ପୁସ୍ତିକା ଉନ୍ମୋଚିତ ହୋଇଥିଲା। ନାରୀ ସମାଜରେ ଉଦାହରଣ ସୃଷ୍ଟି କରି ଶ୍ରବଣ ଓ କଥନ ଶକ୍ତିହୀନ ହୋଇଥିବା ସତ୍ତ୍ୱେ ମଧ୍ୟ ଏକ ବୃତ୍ତିମୂଳକ ପ୍ରଶିକ୍ଷଣ କେନ୍ଦ୍ରର ସୁପରିଚାଳନା ପାଇଁ ନୂତନ ପଧାନ ଓ ଶ୍ରୀମଦ ଭଗବତ ଗୀତାକୁ କଣ୍ଠସ୍ଥ କରିଥିବା ବାବୁପାଲିର ସୌଦାମିନୀ ଦାଶଙ୍କୁ ସମ୍ମାନିତ କରାଯାଇଥିଲା। ଗୋପୀନାଥ ମନ୍ଦିରର ଗୀତାସେବୀଗଣ ୧୫ଅଧ୍ୟାୟ ଗୀତା ପାଠ କରିଥିଲେ। ପରିଶେଷରେ ସଂଘର ସଭାପତି ଲୀଳାବତୀ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସିଏନ୍‌ଆଇ ଚର୍ଚ୍ଚରେ ଅନ୍ତର୍ଜାତୀୟ ମହିଳା ଦିବସ



ସିଏନଆଇ ଚର୍ଚ୍ଚରେ ଅନ୍ତର୍ଜାତିକ ମହିଳା ଦିବସ ।

**ବରଗଡ଼,୮।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଗାନ୍ଧୀ ନଗର ସ୍ଥିତ ସିଏନ୍‌ଆଇ ଚର୍ଚ୍ଚରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମସ୍ତ ମହିଳା ଏକତ୍ରିତ ହୋଇ ବିଶ୍ୱରେ ଶାନ୍ତି ପାଇଁ ମହମବତି ପ୍ରଜ୍ୱଳନ ସହିତ ପ୍ରଭୁଙ୍କ ପାଖରେ ପ୍ରାର୍ଥନା କରିଥିଲେ। ମହିଳା ସଭାନେତ୍ରୀ କୁମୁଦିନୀ ବାଗ, ସୁବାସିନୀ ନନ୍ଦ, ଝରଣା ବାଗ, ଅପର୍ଣ୍ଣା କୁମ୍ଭାର, ରେଣୁବାଳା ଶର୍ମା, ଜ୍ୟୋସ୍ନା ଦୀପ, ବାସନ୍ତୀ ନନ୍ଦ, ସନ୍ତୋଷିନୀ ଦୀପ, ସେବିକା ଦୀପ, ଶୈଳବାଳା ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ବିଶାଳ କୁମାର ବାଗ ମଞ୍ଚ ପରିଚାଳନା କରିଥିଲେ। ମଣ୍ଡଳୀ ସମ୍ପାଦକ ଚନ୍ଦ୍ରଶେଖର ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଆଚାର୍ଯ୍ୟ ଅମୂଲ୍ୟ ସୁନା ଶେଷ ପ୍ରାର୍ଥନା କରିଥିଲେ।

# କଫ ସିରପ୍ ଜବତ, ୪ ଗିରଫ




**ପଦ୍ମପୁର,୮।୩(ପ୍ରଦୀପ୍ତ ଦାଶ)**

ପଦ୍ମପୁର ପୋଲିସ ନକଲି କଫ ସିରପ୍ ବ୍ୟବସାୟ କରୁଥିବା ଅଭିଯୋଗରେ ରବିବାର ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ବିକି ଭୋଇ, ଚତୁର୍ଭୁଜ ପଟେଲ, ଲକ୍ଷ୍ମୀପ୍ରସାଦ ବାଗ ଓ ଜଗେଶ୍ୱର ମେହେର। ଅଭିଯୁକ୍ତମାନଙ୍କଠାରୁ ୧୦ ଲିଟର ମିଶ୍ରିତ ଉଇନସେରେକ୍ସ କଫ ସିରପ୍ ଭର୍ତ୍ତି ଜାର, ୧୦୦ ମିଲିର ୩୧ଟି ବୋତଲ, କୋଡିନ ଫସଫେଟ ଥିବା କଫ ସିରପ୍, ୧୭ଟି ଟାବଲେଟ ଥିବା ୨ଟି ଷ୍ଟ୍ରିପ ନାଇଟ୍ରୋସନ, ପ୍ଲାଷ୍ଟିକ ଗ୍ଲାସ ଓ ଖାଲି ବୋତଲ ଆଦି ଜବତ କରାଯାଇଛି। ଏହା ସହ ଏକ ବାଇକ୍ ମଧ୍ୟ ପୋଲିସ ଜବତ କରିଛି। ପଦ୍ମପୁର ଥାନାର ଏସ୍.ଆଇ. ଧନେଶ୍ୱର ସାହୁ ପାଟ୍ରୋଲିଂ କରୁଥିବା ବେଳେ ବୁଧାପାଲି ଗ୍ରାମ ନିକଟରେ କିଛି ସନ୍ଦେହଜନକ ଲୋକଙ୍କୁ ଧରିଥିଲେ। ଯାଞ୍ଚ କରିବାରୁ ସେମାନଙ୍କ ନିକଟରୁ ନକଲି କଫ ସିରପ୍ ଜବତ ହୋଇଥିଲା। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ପଦ୍ମପୁର ଏସ.ଡି.ଜେ.ଏମ୍. କୋର୍ଟକୁ ଚାଲାଣ କରିଛି। ଏହି ନକଲି କଫ ସିରପ୍ ବ୍ୟବସାୟ ବିଷୟରେ ଅଧିକ ପୋଲିସ ତଦନ୍ତ ଜାରି ରଖିଛି।

# ଡେବ୍ରିଗଡ଼ରେ ହେବ ଭାରତର ପ୍ରଥମ ଜାତୀୟ ଗୟଳ ପାର୍କ

**ଭାରତୀୟ ବାଇସନ (ଗୟଳ) ମହୋତ୍ସବ ଉଦ୍‌ଘାଟିତ**

**ବରଗଡ,୮।୩(ପ୍ରେମାନନ୍ଦ ଖମାରୀ)**




ଭାରତୀୟ ବାଇସନ (ଗୟଳ) ମହୋତ୍ସବ ଅବସରରେ ଅନୁଷ୍ଠିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଡେବ୍ରିଗଡ଼ ଅଭୟାରଣ୍ୟ ଆସନ୍ତା କିଛିଦିନ ମଧ୍ୟରେ ଭାରତ ବର୍ଷର ପ୍ରଥମ ଜାତୀୟ ଗୟଳ ପାର୍କଭାବେ ଅଭିହିତ ହେବ। ରବିବାର ଭାରତୀୟ ବାଇସନ (ଗୟଳ) ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଏହା କହିଛନ୍ତି। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ସେ କହିଥିଲେ, ସମ୍ପୂର୍ଣ୍ଣ ଡେବ୍ରିଗଡ଼ ଅଞ୍ଚଳକୁ ପ୍ଲାଷ୍ଟିକମୁକ୍ତ ଜୋନ୍ କରାଯାଇଥିବା ବେଳେ ଭିତରର ବୈଜ୍ଞାନିକ ପଦ୍ଧତିରେ ଆନ୍ତରିକ ପରିଚାଳନା, ଡେବ୍ରିଗଡ଼ ପାଖ ଗ୍ରାମଗୁଡ଼ିକରେ ଜନସାଧାରଣଙ୍କ ଦ୍ୱାରା ଜଙ୍ଗଲର ସଂରକ୍ଷଣ ଓ ଜନ୍ତୁ ସଂଖ୍ୟା ବୃଦ୍ଧି ସମଗ୍ର ଅଭୟାରଣ୍ୟର ଅଭିବୃଦ୍ଧିରେ ସହାୟକ ହୋଇଛି। ଏହି ଅଭୟାରଣ୍ୟକୁ ଭାରତ ବର୍ଷର ପ୍ରଥମ ଜାତୀୟ ଗୟଳ ପାର୍କ ଭାବରେ ଘୋଷଣା କରିବାକୁ ଭାରତ ସରକାରଙ୍କ ପାଖରେ ଦାବି ରଖାଯାଇଛି ଏବଂ ତାହା ସରକାରଙ୍କ ବିଚାରାଧୀନ ରହିଛି। ଏହି ଅବସରରେ ଉକ୍ତ କାର୍ଯ୍ୟକ୍ରମରେ ଉତ୍ତରାଞ୍ଚଳ ପୋଲିସ ଆଇ.ଜି. ହିମାଂଶୁ ଲାଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କହିଥିଲେ, ଡେବ୍ରିଗଡ଼କୁ ଏକ ରାଷ୍ଟ୍ରର ଚର୍ଚ୍ଚାର କେନ୍ଦ୍ର ବିନ୍ଦୁରେ ପରିବର୍ତ୍ତନ କରିବାରେ ହୀରାକୁଦ ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଦାସଙ୍କ ସମେତ ସମସ୍ତ କର୍ମଚାରୀଙ୍କ ନିରବଚ୍ଛିନ୍ନ ପ୍ରୟାସ ଓ ଅଧ୍ୟବସାୟ ଯୋଗୁ ରହିଛି। ଜଙ୍ଗଲର ସମସ୍ତ ପ୍ରକାର ସୁରକ୍ଷାରେ ପୋଲିସ ବଳ ସବୁବେଳେ ଜାଗ୍ରତ ଓ ସହଯୋଗର ହାତ ବଢାଇ ରଖିବ ବୋଲି ଲାଲ ପ୍ରତିଶ୍ରୁତି ଦେଇଥିଲେ। ବାଇସନ ଗବେଷକ ଡ. କେ. ଶଙ୍କର ବାଇସନ ଅର୍ଥାତ୍ ଗୟଳ ସଂରକ୍ଷଣ ପାଇଁ ଡେବ୍ରିଗଡ଼ ବନ୍ୟ ସଂରକ୍ଷଣ ବିଭାଗର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଏହା ଭାରତ ବର୍ଷର ଅନ୍ୟତମ ଶ୍ରେଷ୍ଠ ଗୟଳ ସଂରକ୍ଷିତ ଅଞ୍ଚଳ। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ବନ୍ୟପ୍ରାଣୀ ଡିଭିଜନର ବନଖଣ୍ଡ ଅଧିକାରୀ ଯତୀନ କୁମାର ସିଂ, ଦିଲୀପ ଧଳ ମଞ୍ଚାସୀନ ଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସମାଜର ବିଭିନ୍ନ କ୍ଷେତ୍ରରୁ ୬୦୦ରୁ ଅଧିକ ଅଂଶଗ୍ରହଣକାରୀ ସାମିଲ ହୋଇଛନ୍ତି। ଏହି ମହୋତ୍ସବରେ ରାତ୍ରି କ୍ୟାମ୍ପିଂକୁ ଏକ ବିଶେଷ ବୈଶିଷ୍ଟ୍ୟ ଭାବରେ ପ୍ରଚଳନ କରାଯାଇଛି। ସକାଳ ଅଧିବେଶନରେ ଭାରତୀୟ ବାଇସନ ଉପରେ ବିଶେଷଜ୍ଞ ଆଲୋଚନା, ଏକ ବନ୍ୟପ୍ରାଣୀ ଡକ୍ୟୁମେଣ୍ଟାରୀ ସ୍କ୍ରିନିଂ ଏବଂ କାର୍ଯ୍ୟକ୍ରମର ଅଂଶ ଭାବରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ସ୍କୁଲ ଏବଂ କଲେଜ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ପ୍ରତିଯୋଗିତାରେ ଜୁନିୟର ଅଂଶଗ୍ରହଣକାରୀଙ୍କ ପାଇଁ ବିଷୟବସ୍ତୁ 'ଜଙ୍ଗଲର ଶକ୍ତି – ଡେବ୍ରିଗଡ଼ ଅଭୟାରଣ୍ୟର ଗର୍ବ' ଏବଂ ବରିଷ୍ଠ ଅଂଶଗ୍ରହଣକାରୀଙ୍କ ପାଇଁ ବିଷୟବସ୍ତୁ 'ଭାରତର ବନ୍ୟ ଐତିହ୍ୟ – ଶକ୍ତିଶାଳୀ ଗୟଳ' ଥିଲା। ଏହିଅବସରରେ ଅଗ୍ରଣୀ କର୍ମଚାରୀଙ୍କ ପ୍ରୟାସକୁ ମଧ୍ୟ ସ୍ୱୀକୃତି ଦିଆଯାଇଥିଲା, ଗୟଳ ସଂରକ୍ଷଣ ଏବଂ ସୁରକ୍ଷାରେ ଉଲ୍ଲେଖନୀୟ ଅବଦାନ ପାଇଁ ଶ୍ରେଷ୍ଠ ପ୍ରଦର୍ଶନକାରୀ ବନପାଳ ଏବଂ ବନ ରକ୍ଷକମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସୋମବାର ସକାଳର କାର୍ଯ୍ୟକଳାପ ମଧ୍ୟରେ ବାଟ ଦ୍ୱୀପ ଏବଂ ଦ୍ୱୀପ କାଫେ ପରିଦର୍ଶନ ଅନ୍ତର୍ଭୁକ୍ତ, ଯେଉଁଠାରେ ପରିଦର୍ଶକମାନେ ଦ୍ୱୀପରେ ବାସ କରୁଥିବା ୧୦୦୦ରୁ ଅଧିକ ଫଳ ବାଦୁଡ଼ି (ଉଡ଼ନ୍ତା ଶୃଗାଳ)କୁ ସୁରକ୍ଷିତ ଭାବରେ ନିରୀକ୍ଷଣ କରିପାରିବେ। ପୂର୍ବ ଭାରତରେ ଭାରତୀୟ ବାଇସନ ପାଇଁ ଡେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ସଂରକ୍ଷଣ ଭୂଦୃଶ୍ୟ ଭାବରେ ଉଭା ହୋଇଛି। ସାମ୍ପ୍ରତିକ କ୍ଷେତ୍ର ପର୍ଯ୍ୟବେକ୍ଷଣ ଅନୁସାରେ ପ୍ରାୟ ୮୪୮ଟି ବାଇସନ ବା ଗୟଳ ଅଛନ୍ତି, ଯାହା ଗତବର୍ଷ ପ୍ରାୟ ୧୯୦ ପ୍ରାଣୀଙ୍କ ବୃଦ୍ଧିକୁ ପ୍ରତିଫଳିତ କରେ। ବାରମ୍ବାର ଗୋପାଳନ, ବାଛୁରିଙ୍କ ଉପସ୍ଥିତି ଏବଂ ଅଭୟାରଣ୍ୟର ଘାସଭୂମି, ଜଙ୍ଗଲ ମୋଜାଇକ ବାସସ୍ଥାନ ସଫଳ ପ୍ରଜନନ ଏବଂ ନିଯୁକ୍ତିକୁ ସମର୍ଥନ କରେ। ଏହାର ଦୃଢ଼ ପରିବେଶଗତ ଅଖଣ୍ଡତା ଏବଂ ସନ୍ତୁଳିତ ଇକୋସିଷ୍ଟମ ସହିତ, ଡେବ୍ରିଗଡ଼ ଭାରତରେ ଗୟଳ ସଂରକ୍ଷଣ ପାଇଁ ଏକ ଦୀର୍ଘକାଳୀନ ଉତ୍ସ ଜନସଂଖ୍ୟା ଭାବରେ ଗୁରୁତ୍ୱପୂର୍ଣ୍ଣ ସମ୍ଭାବନା ରଖିଛି। ସମ୍ବଲପୁର, ବରଗଡ଼, ଝାରସୁଗୁଡ଼ା, ସୋନପୁର, ବଲାଙ୍ଗୀର ଏବଂ ଅନ୍ୟାନ୍ୟ ଜିଲାର ଆଞ୍ଚଳିକ ବନ୍ୟପ୍ରାଣୀ ଉତ୍ସାହୀମାନଙ୍କ ସହିତ ଅଭୟାରଣ୍ୟ ସଂଲଗ୍ନ ବିଭିନ୍ନ ଗ୍ରାମରୁ ୬୦୦ ଇଡିସି ସଦସ୍ୟ (ଗ୍ରାମବାସୀ) କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ପ୍ରଶିକ୍ଷଣ ଶିବିର

**ବୌଦ୍ଧ,୭।୩(ଅଜିତ କୁମାର ବାରିକ):** ବୌଦ୍ଧ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତାମାନଙ୍କ ଏକ ପ୍ରଶିକ୍ଷଣ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଚୂଡାମଣି ବାରିକ, ଭାସ୍କର ଚରଣ ଲେଙ୍କା, ଜିଲା ଶାରୀରିକ ଶିକ୍ଷାଧିକାରୀ ଆନନ୍ଦ କୁମାର ବେହେରା, ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ନବକିଶୋର ଦୀପ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲାର ସମସ୍ତ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜୁନିୟର ରେଡ୍‌କ୍ରସ୍ ୟୁନିଟ ଖୋଲିବା ସହିତ ଛାତ୍ରୀଛାତ୍ରମାନଙ୍କୁ ପ୍ରାଥମିକ ଚିକିତ୍ସା, ଅଂଶୁଘାତ ସଚେତନତା, ଏଚ୍‌ଆଇଭି ଏଡ୍‌ସ, ସଡ଼କ ସୁରକ୍ଷା ଉପରେ ସଚେତନ କରିବାକୁ ପ୍ରଶିକ୍ଷଣ ପ୍ରଦାନ କରିବା ଉପରେ ଆଲୋଚନା ହୋଇଥିଲା। ଜିଲାର ପ୍ରମୁଖ ଉତ୍ସବ ରଥଯାତ୍ରା, ରାମଲୀଳା ଆଦିରେ ଜଳଛତ୍ର ଆୟୋଜନ ପାଇଁ ଶିକ୍ଷାଧିକାରୀ ଦୁବେ ପରାମର୍ଶ ଦେଇଥିଲେ। ବରିଷ୍ଠ ପରାମର୍ଶଦାତା କୃଷ୍ଣଚନ୍ଦ୍ର ସେଠୀ ମଞ୍ଚ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ବାଇକ ଦୁର୍ଘଟଣା ୨ ମୃତ

**ଲହୁଣୀପଡା,୮।୩(ଦାଶରଥି ପଣ୍ଡା):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ୧୪୩ ନମ୍ବର ଜାତୀୟ ରାଜପଥ ଗୌଡୁଣୀପୋଷ ଛକ ନିକଟରେ ରବିବାର ଅପରାହ୍ନ ପ୍ରାୟ ସାଢ଼େ ୬ ଟାରେ ବାଇକ ଦୁର୍ଘଟଣା ଘଟି ୨ ଜଣଙ୍କ ମୃତ୍ୟୁ ଘଟିଛି। ଖବର ଲେଖା ହେବା ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନାହିଁ। ଦୁର୍ଘଟଣାରେ ଅନ୍ୟ ଜଣେ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେ ହେଲେ ଚାନ୍ଦିପୋଷ ମୁଣ୍ଡା ସାହିର ଦାମୁ ମୁଣ୍ଡା। ଏନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ। ସୂଚନା ଅନୁସାରେ, ଓଆର -୧୪ଡବ୍ଲ୍ୟୁ-୪୩୨୭ ବାଇକ ଯୋଗେ ୩ ଜଣ ଯୁବକ ରାଜମୁଣ୍ଡା ପଟୁ ଦର୍ଜାଂ ପଟେ ଯାଉଥିବା ବେଳେ ୧୪୩ ନମ୍ବର ଜାତୀୟ ରାଜପଥ ଗୌଡୁଣୀପୋଷ ଛକ ନିକଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା। ଫଳରେ ଜଣଙ୍କର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣଙ୍କର ଡାକ୍ତରଖାନାରେ ମୃତ୍ୟୁ ଘଟିଥିବା ଜଣାପଡିଛି। ଗୁରୁତର ଆହତ ଦାମୁଙ୍କୁ ପ୍ରାଥମିକ ଚିକିତ୍ସା ପରେ ରାଉରକେଲା ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଖବରପାଇ ଲହୁଣୀପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ ଜବତ କରିଛି। ଏଥିସହ ଡାକ୍ତରଖାନରେ ପହଞ୍ଚି ମୃତଦେହ ଜବତ କରି ବଣେଇ ମର୍ଗ ହାଉସରେ ରଖିଛି। ପୋଲିସ ଘଟଣାର ତଦନ୍ତ କରୁଛି।

### ପରିବାରକୁ ଯୁବତୀଙ୍କ ମୃତଦେହ ହସ୍ତାନ୍ତର

**ରାଉରକେଲା, ୮।୩(ସଙ୍ଗୀତା ଜେନା):** ବ୍ରାହ୍ମଣୀତରଙ୍ଗ ଥାନା ସ ମିଲ୍ ଛକ ଯୁପି ସ୍କୁଲ ନିକଟରେ ଗତ ୬ତାରିଖ ସକାଳେ ଜଣେ ଅଜଣା ଯୁବତୀଙ୍କ ମୃତଦେହକୁ ଉଦ୍ଧାର କରାଯାଇଥିଲା। ପୋଲିସ ତଦନ୍ତରେ ଉକ୍ତ ଯୁବତୀଙ୍କ ପରିଚୟ ଜଣାପଡିଥିଲା। ମୃତା ହେଲେ ଝାଡଖଣ୍ଡ ସିଂଭୂମ ଜିଲା ମଞ୍ଝାରୀ ଥାନା ଦମକାଯୋଡି ଗ୍ରାମର ସବାନୀ ବିରୁଆ(୨୪)। ରବିବାର ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଗତ ୫ରେ ସବାନୀ ଘରୁ କଲେଜ ଯାଇ ଆଉ ଫେରି ନ ଥିଲେ। ପୋଲିସ ପକ୍ଷରୁ ଜାରି ଫଟୋରେ ଝିଅର ମୃତ୍ୟୁ ହୋଇଥିବା ସେମାନେ ଜାଣିବାକୁ ପାଇଥିଲେ ବୋଲି ଯୁବତୀଙ୍କ ମାତାପିତା କହିଥିଲେ।

### ରାଉରକେଲା ରେଫରିଙ୍କ କୃତିତ୍ୱ

**ରାଉରକେଲା,୮।୩(ସଙ୍ଗୀତା ଜେନା):** ଓଡ଼ିଶା ରାଜ୍ୟ ଭଲିବଲ ସଂଘ ଆନୁକୂଲ୍ୟରେ ଭୁବନେଶ୍ୱର କିଟ୍ ବିଶ୍ୱବିଦ୍ୟାଳୟରେ ଗତ ୪ରୁ ୮ତାରିଖ ପର୍ଯ୍ୟନ୍ତ ବିଶ୍ୱ ବେଳାଭୂମି ଭଲିବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଉକ୍ତ ପ୍ରତିଯୋଗିତାରେ ରାଉରକେଲା ରାଏମା କ୍ଲବର ସଦସ୍ୟ ତଥା ଜାତୀୟ ରେଫରି ଜ୍ଞାନରଞ୍ଜନ ପ୍ରହରାଜ ଟେକ୍ନିକାଲ ଅଫିସିଆଲ୍ ଭାବେ ଯୋଗ ଦେଇଥିଲେ। ପ୍ରହରାଜଙ୍କ ଏହି କୃତିତ୍ୱ ପାଇଁ ଜିଲା ଖେଳକୁଦ ସଂଘର ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ସଦସ୍ୟ ବାସୁଦେବ ବାନାର୍ଜୀ, ପ୍ରଶାନ୍ତ ପଟେଲ, ରାଏମାର ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ଏବଂ ଏମଆଇଏସ୍ କୋଚ୍ ବିକ୍ରମ ସ୍ୱାଇଁ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

### ବିଶ୍ୱ ମହିଳା ଦିବସ ପାଳିତ

**ବଡ଼ଗାଁ,୮।୩(ଅଶୋକ ଷଡଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ସ୍ଥିତ ନର୍ସିଂ କଲେଜ ପରିସରରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ବଡ଼ଗାଁ ତହସିଲଦାର ଝରଣା ପ୍ରଧାନ ମୁଖ୍ୟ ଅତିଥି ଓ ସ୍ନାତକ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ମାଳବିକା ସାମଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପ୍ରେରଣାଦାୟୀ ମହିଳାମାନଙ୍କ ବିଷୟରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ବିଏନସି ପ୍ରିନ୍ସପାଲ ସମାପିକା ରାଉତ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଏନସି ନିର୍ଦ୍ଦେଶକ ସୁବ୍ରତ ବିଶାଳ, କେଶବ ସାହୁ, ଉପ ନିର୍ଦ୍ଦେଶକ ଅସିତ ପ୍ରଧାନ ଏବଂ ଡ.ସନ୍ନା ନାଏକ, ଅଙ୍କିତା ଗୀରି ଅଂଶ ଗ୍ରହଣ କରିଥିଲେ। ବିଏନସିର ଜନ ସମ୍ପର୍କ ଅଧିକାରୀ ଅସିମା ପଣ୍ଡାଙ୍କ ସହିତ କର୍ମଚାରୀମାନେ ବିଭିନ୍ନ କାର୍ଯ୍ୟ ତୁଲାଇଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ଗାଁ ଇଲେକ୍ଟ୍ରିପଡା ଠାରେ ପଞ୍ଚାୟତ ଅଞ୍ଚଳର ମହିଳାମାନେ ରବିବାର ମହିଳା ଦିବସ ପାଳନ କରିଥିଲେ। ଏଥିରେ ପୂର୍ବତନ ନାଏବ ସରପଞ୍ଚ କେଶବ କରସେଲ ଯୋଗଦେଇ ନାରୀ ସଶକ୍ତିକରଣ ଉପରେ ଆଲୋଚନା କରିଥିଲେ।

# ମହିଳା ଦିବସ ଦିଗଦର୍ଶିକା ଭାବେ କାର୍ଯ୍ୟ କରେ

**ଆର୍‌ଏସ୍‌ପି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**



କାର୍ଯ୍ୟକ୍ରମରେ କୃତୀ ପ୍ରତିଭାଙ୍କୁ ସମ୍ମାନିତ କରାଯାଉଛି।

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ମୁଖ୍ୟ ଅତିଥି, ଦୀପିକା ମହିଳା ସଂହତିର ସଭାପତି ନମ୍ରତା ବର୍ମା, ଲକ୍ଷ୍ମୀ ପନାଟ, ଆଶା କର୍ମୀ ସୁଶ୍ରୀ ମାତିଲତା କୁଲୁ, ହିନ୍ଦୀ କବୟିତ୍ରୀ ପଦ୍ମିନୀ ଶର୍ମା ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଡି (ଏମ୍‌ଡି-ସିଏଲଏମ୍‌ଓ) ବି. କେ. ଗିରି, ଇଡି (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ଇଡି (ଖଣି-ଓଜିଓଏମ,ସିଏଲଏମଓ) ଏମ୍.ପି. ସିଂହ, ସ୍ମିତା ଗିରି, ଡକ୍ଟର ପ୍ରତିଜ୍ଞା ପଲାଇ ଏବଂ ଡିଏମ୍‌ଏସ୍‌ର ଉପାଧ୍ୟକ୍ଷା ରୀତା ରାଣୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ସମାବେଶକୁ ସମ୍ବୋଧିତ କରି ଆର୍‌ଏସ୍‌ପି ଭାରପ୍ରାପ୍ତ ନିର୍ଦ୍ଦେଶକ ବର୍ମା ଅନ୍ତର୍ଜାତୀୟ ମହିଳା ଦିବସକୁ ମହିଳାମାନଙ୍କ ଶକ୍ତି, ସ୍ଥିରତା ଏବଂ ପ୍ରକୃତ ଆତ୍ମାର ଏକ ଉତ୍ସବ ରୂପେ ବର୍ଣ୍ଣନା କରିଥିଲେ। ଭାରତୀୟ ପୌରାଣିକ କାହାଣୀ ଏବଂ ସାଂସ୍କୃତିକ ପରମ୍ପରା ମହିଳାମାନଙ୍କ ଶକ୍ତି ଓ ଜ୍ଞାନ ସହିତ ଗଭୀର ଭାବେ ଜଡିତ। ମହିଳା ଦିବସ ଏକ ଦିଗ୍‌ଦର୍ଶିକା ଭାବେ କାର୍ଯ୍ୟ କରେ ଯାହା ସମାଜକୁ ଏହାର ଯାତ୍ରା ଓ ଗନ୍ତବ୍ୟ ମନେ ପକାଇଦିଏ ବୋଲି ସେ କହିଥିଲେ। ଲକ୍ଷ୍ମୀ ପନାଟ୍ ତାଙ୍କ ଭାଷଣରେ ରାଉରକେଲା ସହିତ ତାଙ୍କର ଗଭୀର ସମ୍ପର୍କକୁ ସ୍ମରଣ କରିଥିଲେ। ମାଟିଲଡା କୁଲୁ କହିଥିଲେ, ଗ୍ରାମଗୁଡ଼ିକରେ କମ୍ ସୁଯୋଗ ଥାଇପାରେ କିନ୍ତୁ ସେଗୁଡ଼ିକ ମୂଲ୍ୟବୋଧରେ ସମୃଦ୍ଧ। ତାଙ୍କ ଯାତ୍ରାକୁ ଗଢ଼ି ତୋଳିଥିବା ସାହସ ଏବଂ ଦୃଢ଼ ନିଷ୍ପତ୍ତି ତାଙ୍କ ପରିବାରରୁ ତାଙ୍କ ପିଲାଦିନରେ ମିଳିଥିବା ସମର୍ଥନ ଏବଂ ସ୍ୱାଧୀନତାରୁ ଆସିଥିଲା। ଜଣେ ଆଶା କର୍ମୀ ଭାବେ ତାଙ୍କର ପ୍ରାରମ୍ଭିକ ଦିନଗୁଡ଼ିକୁ ମନେ ପକାଇ ସେ ଗ୍ରାମବାସୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରେରଣା ଦେବା ସମୟରେ ସମ୍ମୁଖୀନ ହୋଇଥିବା ଅନେକ ପ୍ରତିବନ୍ଧକ ଉପରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଜନସମ୍ପର୍କ ବିଭାଗ ପ୍ରସ୍ତୁତ ଏକ ସଙ୍ଗୀତ ଭିଡିଓ 'ପରିବର୍ତ୍ତନ' ପ୍ରଦର୍ଶନ କରାଯାଇଥିଲା। ପୂର୍ବରୁ ଆୟୋଜିତ ଜଷ୍ଟ-ଏ-ମିନିଟ୍, ମାଷ୍ଟର ସେଫ୍, ସ୍କିଟ୍, କୁଇଜ୍ ଏବଂ 'ଜଲୱା' ଭଳି ବିଭିନ୍ନ ରନ-ଅପ୍ ଇଭେଣ୍ଟର ବିଜେତା ଏବଂ ବିଚାରକମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପି. କେ. ସିଜିଏମ୍ (ଏଚ୍‌ଆର୍-ଏଲ୍ ଆଣ୍ଡ ଡି) ତଥା ଆୟୋଜନ କମିଟି ଉପାଧ୍ୟକ୍ଷ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ସିଜିଏମ୍ (ୟୁଟିଲିଟି ଏବଂ ଏନ୍‌ଭାଇରନମେଣ୍ଟ) ଆଶା କାର୍ଥା ଧନ୍ୟବାଦ ଅର୍ପଣ କରିଥିଲେ। ସିନିୟର ମ୍ୟାନେଜର (ବ୍ଲାଷ୍ଟ ଫର୍ନେସ୍) ଆଲେନ୍ ଜାକବ୍ ଜନ୍ ଏବଂ ଆସିଷ୍ଟାଣ୍ଟ ମ୍ୟାନେଜର (ସୁରକ୍ଷା ଇଞ୍ଜିନିୟରିଂ ବିଭାଗ) ପ୍ରାଙ୍ଗ୍ୟା ପି. ନାଥ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସମାଜ ବିକାଶରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ଜ୍ଞାନଜ୍ୟୋତି ବିଦ୍ୟାଳୟ ବରଟୋଲି ଏବଂ ୱାଇଏମ୍‌ଏଫ୍‌ଆଇ ପକ୍ଷରୁ ରବିବାର ସ୍କୁଲ ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ଏନ୍‌ଆଇଟିର ଡେପୁଟି ରେଜିଷ୍ଟ୍ରାର ଡ. ସ୍ୱାଗତିକା ସାହୁ ମୁଖ୍ୟ ଅତିଥି, ଜ୍ଞାନଜ୍ୟୋତି ସ୍କୁଲର ଚେୟାରପର୍ସନ ଡ. ମିନାକ୍ଷୀ ଷଡ଼ଙ୍ଗୀ ଓ ନିହାରବାଳା ପବ୍ଲିକ ସ୍କୁଲର ସେକ୍ରେଟାରୀ ନିବେଦିତା ମିଶ୍ର ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ୱାଇଏମ୍‌ଏଫ୍‌ଆଇର ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଂସ୍କୃତିକ ସମ୍ପାଦିକା କଳ୍ପନା ଶତପଥି ବିଷୟ ବସ୍ତୁ ସମ୍ପର୍କରେ ଆଲୋକପାତ କରିଥିଲେ। ସ୍କୁଲର ପ୍ରିନ୍ସପାଲ ଜଳଧର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସର ପୂର୍ବତନ ସଭାପତି ସୁନୀଲ କାଏଲ, ସମାଜସେବୀ କମଳ ଅଗ୍ରୱାଲ, ଅନିତା ଅଗ୍ରୱାଲ, ୱାଇଏମ୍‌ଏଫ୍‌ଆଇର ସଭାପତି ଇଂ. ଗୋପୀନାଥ ପଟ୍ଟନାୟକ, ଉପଦେଷ୍ଟା ନଳିନୀକାନ୍ତ ଧର ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସରିତା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ପିଏମ୍ ଶ୍ରୀ ସ୍କୁଲରେ ମହିଳା ଦିବସ

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରାଉରକେଲା ପକ୍ଷରୁ ଶନିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦିପ୍ତା ବେହେରା ସଭାପତିତ୍ୱ କରିଥିଲେ। ବରିଷ୍ଠ ଶିକ୍ଷକ ଅଜୟ କୁମାର ରାଉତଙ୍କ ଆବାହକତ୍ୱରେ ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା। ଏହି ଅବସରରେ ଛାତ୍ରୀଛାତ୍ର ବକ୍ତବ୍ୟ ଦେବା ସହ ନୃତ୍ୟ ପରିବେଷଣ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ନିରୁପମା ପତି ମଞ୍ଚ ପରିଚାଳନା କରିଥିବାବେଳେ ଅଜୟ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ନିବେଦିତା ସାହୁ, ରୀତା ମହାପାତ୍ର, ସରୋଜ ଜେନା, ଛବିରାଣୀ ପ୍ରଧାନ, ପ୍ରମିଳା ଡୁଙ୍ଗଡୁଙ୍ଗ ପ୍ରମୁଖ ସହଯୋଗ କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମମତା ସେନାପତି ଧନ୍ୟବାଦ ଅର୍ପଣ କରିଥିଲେ।

# ମହିଳାଙ୍କ ସୁରକ୍ଷା ପାଇଁ ଐକ୍ୟବଦ୍ଧ ଆନ୍ଦୋଳନ ଆହ୍ୱାନ

**ସିଆଇଟିୟୁ, ଗଣତାନ୍ତ୍ରିକ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ**

**ରାଉରକେଲା, ୮।୩(ସଙ୍ଗୀତା ଜେନା)**



ମହିଳା ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ମହିଳାଗଣ।

ସିଆଇଟିୟୁ, ଅଖିଳ ଭାରତ ଗଣତାନ୍ତ୍ରିକ ମହିଳା ସମିତି, ଓଡ଼ିଶା କୃଷକ ସଭା, ଗଣତାନ୍ତ୍ରିକ ଯୁବ ଫେଡେରେଶନ, ଏସ୍‌ଏଫ୍‌ଆଇ, କ୍ଷେତ ମଜଦୁର ୟୁନିୟନ ସୁନ୍ଦରଗଡ଼ ଜିଲା କମିଟି ପକ୍ଷରୁ ସେକ୍ଟର-୧୬ସ୍ଥିତ ଶ୍ରମିକ ଭବନରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଗଣତାନ୍ତ୍ରିକ ମହିଳା ସମିତିର ସୁନ୍ଦରଗଡ଼ ଜିଲା ସଭାନେତ୍ରୀ ତାଜମୁନ ନେହାର ଓ ସିଆଇଟିୟୁ ଜିଲା ଉପ ସଭାପତି ଶ୍ରୀମନ୍ତ ବେହେରାଙ୍କ ମିଳିତ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆଇଟିୟୁ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି ମୁଖ୍ୟ ଅତିଥି, ବିଶିଷ୍ଟ ପ୍ରାବନ୍ଧିକ ଡଃ ନଗେନ ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜିର ଦିନରେ ମହିଳାମାନଙ୍କ ସୁରକ୍ଷା, ମୁକ୍ତି ଓ ଲିଙ୍ଗଗତ ଭେଦଭାବ ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନ ପାଇଁ ଆହ୍ୱାନ ଦେଇଥିଲେ। ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ହୋଇଥିଲେ ବେଳେ ଆମେ ସମାଜର ଅର୍ଦ୍ଧାଧିକ ଜନସଂଖ୍ୟା ମହିଳାଙ୍କୁ ସମାନ ଅଧିକାର ଦେଇପାରିଲେ ନାହିଁ। ଏହା ଆମ ସମାଜ ବ୍ୟବସ୍ଥା ପ୍ରତି ଏକ ବଡ଼ ଚ୍ୟାଲେଞ୍ଜ ବୋଲି ଅତିଥିମାନେ କହିଥିଲେ। ଏହି କାର୍ଯ୍ୟକ୍ରମରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି, ଜାହାଙ୍ଗୀର ଅଲ୍ଲୀ, ରାଜ୍ୟ ସମ୍ପାଦକ ବସନ୍ତ ନାୟକ, ମହିଳା ନେତ୍ରୀ ସିନିଗୋ ବେଶ୍ରା, କୃଷକ ସଭା ମହିଳା ନେତ୍ରୀ ବୁଧନୀ ମୁଣ୍ଡାରୀ, ଯୁବ ଫେଡେରେଶନ ଜିଲା ସଭାପତି ଶେଖର ଶର୍ମା, କ୍ଷେତ ମଜଦୁର ୟୁନିୟନ ନେତା ରଜତ ମୁଣ୍ଡା, ଶ୍ରମିକ ନେତା ହୃଦୟାନନ୍ଦ ଯାଦବ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

### ଦମ୍ପତିଙ୍କଠୁ ସୁନା ଚେନ ଛିନ୍‌ତାଇ

**ରାଉରକେଲା,୮।୩(ସଙ୍ଗୀତା ଜେନା):** ଉଦିତନଗର ଥାନା ଅନ୍ତର୍ଗତ ବାସନ୍ତୀ କଲୋନୀ ଡି ଏଲ୍ ଛକରେ ରବିବାର ପୂର୍ବାହ୍ନ ୧୦ଟା ୩୦ରେ ଏକ ଦମ୍ପତିଙ୍କଠାରୁ ସୁନାଚେନ୍ ଛିନତାଇ ହୋଇଛି। ଉକ୍ତ ଦମ୍ପତି ସ୍କୁଟିରେ ଯାଉଥିବାବେଳେ କିଛି ଦୁର୍ବୃତ୍ତ ମହିଳାଙ୍କ ବେକରୁ ସୁନା ଚେନ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ଅଭିଯୋଗକାରୀ ସି. ଜିମହାରଣା ଓ ସ୍ତ୍ରୀ ସନ୍ତୋଷୀ ମହାରଣା ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା(ନଂ. ୯୬/୨୬) ରୁଜୁ କରି ତଦନ୍ତ କରୁଛି।

### ଟ୍ରକ୍ ସହ ଦେଢ଼ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**ସୁନ୍ଦରଗଡ,୮।୩(ଜୟ ନାରାୟଣ ମେଣ୍ଟୁଲି):** ସୁନ୍ଦରଗଡ ଟାଉନ ଥାନା ପୋଲିସ ରବିବାର ରାଜ୍ୟ ବାହାରକୁ ଚାଲାଣ ହେଉଥିବା ଦେଢ କୁଇଣ୍ଟାଲ ଗଞ୍ଜେଇ ସହ ଏକ ଟ୍ରକ(ପିବିଡବ୍ଲ୍ୟୁ୧୩ଏଡବ୍ଲ୍ୟୁ/୭୦୩୮)କୁ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ପଞ୍ଜାବର ଅଜୟ କୁମାର(୩୨) ଏବଂ ବୀରେନ୍ଦ୍ର ପାଲ(୩୮)। ସେମାନଙ୍କଠାରୁ ୧୪୬ କେଜି ୩୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୩୦ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ। ଏ ନେଇ ସୁନ୍ଦରଗଡ ଟାଉନ ଥାନାରେ ଏକ ମାମଲା (ନଂ.୧୧୭/୨୬) ରୁଜୁ ହୋଇଛି ବୋଲି ସୁନ୍ଦରଗଡ ଏସ୍‌ପି ଅମ୍ରିତ ପାଲ କୌର ରବିବାର ସନ୍ଧ୍ୟାରେ ଟାଉନ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ଓ ଟାଉନ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ଉପସ୍ଥିତ ଥିଲେ। ସମ୍ବଲପୁରରୁ ରାଉରକେଲା ଆଡକୁ ଉକ୍ତ ଟ୍ରକରେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ନେଇ ରବିବାର ସକାଳେ ପୋଲିସକୁ ଖବର ମିଳିଥିଲା। ଏହାପରେ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ସୁନ୍ଦରଗଡ ଟାଉନ୍ ଥାନା ଆଇଆଇସି ସୁଶାନ୍ତ କୁମାର ପରିଡା ସଦଳବଳ ବିଜୁ ଏକ୍ସପ୍ରେସ୍ ୱେର ସୁଶିଳା ମୋଟର୍ସ ନିକଟରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଟ୍ରକକୁ ଯାଞ୍ଚ କରି ଦୁଇଜଣଙ୍କୁ ଗିରଫ କରିଥିଲେ। ସେମାନେ ବୌଦ୍ଧ ଅଞ୍ଚଳରୁ ଏହି ଗଞ୍ଜେଇ ବୋଝେଇ କରି ଅଧିକ ମୂଲ୍ୟରେ ବିକ୍ରି କରିବା ପାଇଁ ପଞ୍ଜାବର ଲୁଧିଆନାକୁ ନେଉଥିବା ସ୍ୱୀକାର କରିଥିବା ପୋଲିସ କହିଛି।

# କୋର୍ଟ ପରିସରରେ ମହିଳା ଦିବସ ପାଳିତ

**ରାଜଗାଙ୍ଗପୁର,୮।୩(ଅଶୋକ ପାଣି)**

ସୁନ୍ଦରଗଡ ଜିଲା ରାଜଗାଙ୍ଗପୁରର କୋର୍ଟ ପରିସରରେ ଆନ୍ତର୍ଜାତିକ ମହିଳା ଦିବସ ସ୍ଥାନୀୟ ସବ୍‌ଜଜ ତଥା ରାଜଗାଙ୍ଗପୁର ତାଲୁକ ଆଇନସେବା କମିଟି ଚେୟାରମ୍ୟାନ ରମାଦେବୀ ସରେନଙ୍କ ତତ୍ତ୍ୱାବଧାନ ତଥା ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜଗାଙ୍ଗପୁରର ବିଭିନ୍ନ ଆଇନଜୀବୀ, ସ୍ଥାନୀୟ ମହିଳା ତଥା ଓମଶିଷ୍ଟ ମହାବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ଥିଲେ। ସବଜଜ ନିଜର ବକ୍ତବ୍ୟରେ ମହିଳା ଦିବସର ଉଦ୍ଦେଶ୍ୟ ଓ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ।

# ସରସ ସ୍ୱଦେଶୀ ମେଳାରେ କୃଷକ କର୍ମଶାଳା




କର୍ମଶାଳାରେ ମଞ୍ଚାସୀନ ଅତିଥି।

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ସେକ୍ଟର-୧୩ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ସରସ ସ୍ୱଦେଶୀ ମେଳାରେ ପାନପୋଷ କୃଷି ଜିଲା କାର୍ଯ୍ୟାଳୟ ପକ୍ଷରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଉପରେ ଏକ କୃଷକ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ପାନପୋଷ କୃଷି ଜିଲା ଅଧୀନ କୁଆଁରମୁଣ୍ଡା, ନୂଆଗାଁ, ବିଶ୍ରା ଏବଂ ଲାଠିକଟା ବ୍ଲକର ଚାଷୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ସୁନ୍ଦରଗଡ଼ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲ୍ ବିହାରୀ ମଲ୍ଲିକ, ସହାୟକ କୃଷି ନିର୍ଦ୍ଦେଶକ (ମୃତ୍ତିକା), ଦୀପ୍ତି ପଟେଲ, ଜିଲା ପରିଚାଳକ ସୁବୋଧ ତନୟା ପାଣିଗ୍ରାହୀ ଏବଂ ନୂଆଗାଁ ବ୍ଲକ କୃଷି ଅଧିକାରୀ ସତ୍ୟବ୍ରତ ସାହୁଙ୍କ ସମେତ କୃଷି ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। କୃଷି ଉଦ୍ୟୋଗ ସ୍ଥାପନ ପାଇଁ ଯୋଜନା ଅଧୀନରେ ଆର୍ଥିକ ସହାୟତା, ସବ୍‌ସିଡି ବ୍ୟବସ୍ଥା ଏବଂ ସୁଯୋଗ ବିଷୟରେ ଅଧିକାରୀମାନେ ଆଲୋଚନା କରିଥିଲେ। ପାନପୋଷ କୃଷି ଜିଲା ଅଧିକାରୀ ଜି. ଜୟନ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଖିଳ ଭାରତୀୟ ଅଘରିଆ ସମାଜର କ୍ଷେତ୍ରିୟ ବାଲସଭା

**ହେମଗିର,୮।୩(ଚୈତନ୍ୟ ପଟେଲ)**




କର୍ମଶାଳାରେ ମଞ୍ଚାସୀନ ଅତିଥି।

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ନୂଆଁଡିହିଠାରେ ରବିବାର ଅଖିଳ ଭାରତୀୟ ଅଘରୀଆ ସମାଜର ହେମଗିର କ୍ଷେତ୍ରିୟ ବାଲସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବରେ ବିହାରିଲାଲ ପଟେଲ ଯୋଗଦେଇ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ଲକ୍ଷ୍ମୀନାରାୟଣ ଚୌଧୁରୀ, ଦିନେଶ ଚୌଧୁରୀ, ସମାଜର ସଭାପତି ରାମଲାଲ ପଟେଲ,ଉପ ସଭାପତି ଶୋଭାରାମ ନାଏକ ଓ ବିଜୟ ପଟେଲ, ସମ୍ପାଦକ ଗଙ୍ଗା ପଟେଲ, କୋଷାଧ୍ୟକ୍ଷ ପୁର୍ଣ୍ଣଚନ୍ଦ୍ର ନାଏକ, ଗୋକୁଳ ଚୌଧୁରୀ, ମହିଳା ସଂଯୋଜିକା ରୁକ୍ମଣୀ ଚୌଧୁରୀ, ରାୟଗଡ଼ର ସଭାପତି ରାଜେଶ ନାଏକ, ଲେଲୁଙ୍ଗା ସଭାପତି ଜଦୁମଣୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସମାଜର ବିକାଶ, ନିତି ନିୟମ, ସଂସ୍କୃତି ଓ ସମାଜର ପରମ୍ପରା ଉପରେ ଆଲୋଚନା ହୋଇଥିଲା। ଏହି ଅବସରରେ ହେମରାମ ପଟେଲ, ଘନଶ୍ୟାମ ପଟେଲ, ଜୀବନ ନାଏକ, ବ୍ରିଜ ପଟେଲ, ଚନ୍ଦ୍ରପାଲ ପଟେଲ, ଭବାନୀ ପଟେଲ, ହିରୋ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ତମନାର, ରାଇଗଡ ଓ ଲେଲୁଙ୍ଗାର ଅଘରୀଆ ସମାଜର ସଦସ୍ୟ ଉପସ୍ଥିତ ଥିଲେ।

# କଂଗ୍ରେସର ଜନ ସାଧାରଣ ଜାଗୃତି ସଭା

**ସୁନ୍ଦରଗଡ଼,୮।୩ (ଜୟ ନାରାୟଣ ମେଣ୍ଟୁଲି)**

ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଏବଂ ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ସଭାପତି ନିର୍ମଳ କୁମାର ନାଏକଙ୍କ ଅନୁମୋଦନରେ ଶନିବାର ବାଲିଶଙ୍କରା ବଜାର ଦାଣ୍ଡ ମଣ୍ଡପରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଜନ ସାଧାରଣ ଜାଗୃତି ସଭା ଆୟୋଜିତ ହୋଇଥିଲା। ବ୍ଲକ କଂଗ୍ରେସ ସଭାପତି ପିତାମ୍ବର ଶେଖର ଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଏସସି ସେଲ ରାଜ୍ୟ ସଭାପତି ତଥା ପର୍ଯ୍ୟବେକ୍ଷକ ମାନସ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ ବର୍ତ୍ତମାନର ଭାଜପା ସରକାର ଜନସାଧାରଣଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଭିନ୍ନ ମାମଲାରେ କିପରି ଶୋଷଣ କରୁଛନ୍ତି ତାହା ଉପରେ ମତ ପ୍ରକାଶ କରିଥିଲେ। ସଭାରେ ଜିଲା କଂଗ୍ରେସ ସଭାପତି ନାଏକ ନିଜ ଅଭିଭାଷଣରେ କହିଥିଲେ ଯେ, ବର୍ତ୍ତମାନର ଭାଜପା ସରକାରଙ୍କ ଦୁର୍ନୀତିମୂଳକ କାର୍ଯ୍ୟ ଓ ଜନବିରୋଧୀ ନୀତିକୁ ଲୋକମାନଙ୍କ ସମ୍ମୁଖରେ ଆଣିବା ପାଇଁ ଏହି ଜାଗୃତି ସଭା ଆୟୋଜନ କରାଯାଇଛି। ସଭାରେ ପାଞ୍ଚଟି ମୁଖ୍ୟ ପ୍ରସଙ୍ଗକୁ ନେଇ ପ୍ରତିବାଦ ଜଣାଯାଇଥିଲା। ଜିଲା ଉପସଭାପତି ଅଜିତ ପ୍ରସାଦ, ସାଧାରଣ ସମ୍ପାଦକ ରାଜେନ୍ଦ୍ର ପଟେଲ, ନନ୍ଦଲାଲ ମିଞ୍ଜ, ଗେରୋଟି ଖେସ ଓ ଅଞ୍ଜୁ ଟପ୍ପୋ ପ୍ରମୁଖ ମଞ୍ଚାସୀନ ଥିଲେ।

# ଅବସରପ୍ରାପ୍ତ ପୋଲିସ ଅଫିସର୍ସ ଆସୋସିଏଶନର ବାର୍ଷିକୋତ୍ସବ

**ରାଉରକେଲା,୮।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ଅବସରପ୍ରାପ୍ତ ପୋଲିସ ଅଫିସର୍ସ ଆସୋସିଏଶନର ଅଷ୍ଟମ ବାର୍ଷିକୋତ୍ସବ ଛେଣ୍ଡ କଳିଙ୍ଗ ବିହାରସ୍ଥିତ ଉମାଶଙ୍କର ପୀଠରେ ରବିବାର ପାଳିତ ହୋଇଯାଇଛି। ଏଥିରେ ସଭାପତି ବିଶ୍ୱମୋହନ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ପଶ୍ଚିମାଞ୍ଚଳର ଡିଆଇଜି ବ୍ରିଜେଶ କୁମାର ରାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଉତ୍ସବର ଶୁଭାରମ୍ଭ କରିଥିଲେ। ସାଧାରଣ ସମ୍ପାଦକ ଡ. ସୁମନ ଦତ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସମାଜରେ ଶିକ୍ଷା, ଖେଳକୁଦ, ସମାଜସେବା, ସ୍ୱାସ୍ଥ୍ୟ, ଅର୍ଥନୈତିକ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ସ୍ୱସ୍ତି ସାହିତ୍ୟ ସଂସଦର ସମ୍ପାଦକ ରାଜୀବ ପାଣି ଓ ଅବସରପ୍ରାପ୍ତ ଇନ୍ସପେକ୍ଟର ଦୁର୍ଗାପ୍ରସାଦ ପରିଡାଙ୍କୁ ସାରସ୍ୱତ, ରଘୁ ବଳଙ୍କୁ ସମାଜସେବା, ଗୋପବନ୍ଧୁପାଲି ଫାଣ୍ଡିର ସିନ୍ମୟ ବଳ, ଜଳଦା ଫାଣ୍ଡିର ଧ୍ୟାନଚାନ୍ଦ ଖିଲାରଙ୍କୁ ଅପୂର୍ବ ସାହାସିକତା ସମ୍ମାନରେ ସମ୍ମାନିତ କରାଯାଇଥିଲା। ବରିଷ୍ଠ ସଦସ୍ୟ ଶତ୍ରୁଘ୍ନ ପରିଡା, ପୂର୍ଣ୍ଣଚନ୍ଦ୍ର ମିଶ୍ର, ମୋହନପାଣି କାରୁଆ, ସପନ ବରାଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଉପସଭାପତି ଯଦୁମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ସମାଜର ମେରୁଦଣ୍ଡ

**ରାଉରକେଲା,୮।୩(ସଙ୍ଗୀତା ଜେନା)**

ବରିଷ୍ଠ ନାଗରିକ ମାନେ ସମାଜର ଅନୁଭବ ଓ ଜ୍ଞାନର ଭଣ୍ଡାର। ସେମାନେ ଦୀର୍ଘ ଜୀବନ ଧରି ପରିବାର, ସମାଜ ଏବଂ ଦେଶ ପାଇଁ ଅନେକ ଅବଦାନ ଦେଇଛନ୍ତି। ସେଥିପାଇଁ ସେମାନଙ୍କ ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ଆମମାନଙ୍କର ନୈତିକ ଦାୟିତ୍ୱ ବୋଲି ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ ଅତିଥି ଭାବେ ଯୋଗଦେଇ ମତପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ୭ମ ବାର୍ଷିକୋତ୍ସବ ରବିବାର ପୂର୍ବାହ୍ନ ୧୧ଟାରେ ଜଗଦାସ୍ଥିତ ମାଁ ବାଟ ମଙ୍ଗଳା ଶକ୍ତିପୀଠ ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ, ସମ୍ପ୍ରତି ବରିଷ୍ଠ ନାଗରିକ ଏକାକୀ ଜୀବନ ବିତାଉଛନ୍ତି। ଏହି କାରଣରୁ ସେମାନେ ଠକେଇ, ଚୋରି ଓ ଅବହେଳାର ଶିକାର ହେଉଛନ୍ତି। ତେଣୁ ସରକାର ଓ ପୋଲିସ ପକ୍ଷରୁ ଏମାନଙ୍କର ସୁରକ୍ଷା ପାଇଁ ବିଭିନ୍ନ ଯୋଜନା ଓ ସହାୟତା ବ୍ୟବସ୍ଥା କରାଯାଇଛି। କେବଳ ସରକାର ନୁହେଁ ପରିବାର ଓ ସମାଜର ଲୋକମାନେ ମଧ୍ୟ ଏମାନଙ୍କ ପାଇଁ ସଚେତନ ହେବା ଜରୁରୀ ବୋଲି ଡିଆଇଜି ରାୟ କହିଥିଲେ। ଉପଦେଷ୍ଟା ସଞ୍ଜୀବ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏନ୍‌ଆଇଟିର ପ୍ରାକ୍ତନ ଶିକ୍ଷାବିତ୍ ହୃଷୀକେଶ ନାଏକ, ଅନୁଷ୍ଠାନର ସାଧାରଣ ସମ୍ପାଦକ ମଧୁସୂଦନ ମହାପାତ୍ର, ପୀତାମ୍ବର ଲେଙ୍କା ପ୍ରମୁଖ ଅନ୍ୟତମ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରଗତି ସ୍କୁଲ ପକ୍ଷରୁ କ୍ଷୁଦ୍ର ନାଟକ, ନୃତ୍ୟ ପରିବେଷଣ କରାଯାଇଥିଲା। ସୁନୀତା ପଟ୍ଟନାୟକଙ୍କ ମଞ୍ଚ ସଂଯୋଜନାରେ ଲକ୍ଷ୍ମୀଧର ନାୟକ, ରମେଶ ଦାସ, ବାଣୀବ୍ରତ ଭୋଳ, ବସନ୍ତ ବାରିକଙ୍କ ସମେତ ଅନୁଷ୍ଠାନର ସଦସ୍ୟମାନେ ଉପସ୍ଥିତ ଥିଲେ।

# ସମ୍ବଲପୁରକୁ ହରାଇ ରାଉରକେଲା ଚାମ୍ପିୟନ

**ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ**

**ରାଉରକେଲା, ୮।୩(ସଙ୍ଗୀତା ଜେନା)**



ଅତିଥିମାନଙ୍କ ସହ ଉପସ୍ଥିତ ଖେଳାଳି ।

ରାଉରକେଲା ସେକ୍ଟର-୬ ଇସ୍ପାତ ଷ୍ଟାଡିୟମରେ ରବିବାର ପ୍ରାକ୍ତନ ମହିଳା କ୍ରିକେଟର୍ସ ସଂଘ ପକ୍ଷରୁ ଆନ୍ତଃ ଜିଲା ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍ ସମ୍ବଲପୁର ଏବଂ ରାଉରକେଲା ମଧ୍ୟରେ ହୋଇଥିଲା। ସମ୍ବଲପୁର ଦଳ ଟସ୍ ଜିତି ବ୍ୟାଟିଂ କରି ୫ ଉଇକେଟରେ ଶହେ ରନ୍ ସଂଗ୍ରହ କରିଥିଲା। ଜବାବରେ ରାଉରକେଲା ଦଳ ୧୯ ଓଭରରେ ବିଜୟ ହାସଲ କରିଥିଲା। ସନ୍ଧ୍ୟା କୁମାରୀ ପ୍ଲେୟାର ଅଫ୍ ମ୍ୟାଚ୍ ଓ ଶ୍ରେଷ୍ଠ ବ୍ୟାଟର ଏବଂ ସଙ୍ଗୀତା ଖାଡିଆ ଶ୍ରେଷ୍ଠ ବୋଲର ହୋଇଥିଲେ। ସେହିପରି ୩ୟ ଓ ୪ର୍ଥ ସ୍ଥାନ ପାଇଁ ବାଲେଶ୍ୱର ଓ ବଲାଙ୍ଗୀର ମଧ୍ୟରେ ମ୍ୟାଚ୍ ହୋଇଥିଲା। ବଲାଙ୍ଗୀର ଟସ୍ ଜିତି ୧୫୫ ରନ୍ କରିଥିଲା। ଜବାବରେ ବାଲେଶ୍ୱର ଦଳ ୪୯ ରନ୍‌ରେ ପରାଜିତ ହୋଇ ୪ର୍ଥ ସ୍ଥାନରେ ରହିଥିଲା। ସେହିପରି ଟୁର୍ନାମେଣ୍ଟରେ ରଶ୍ମି ଗୁଡ଼ିଆ ଶ୍ରେଷ୍ଠ ବ୍ୟାଟର ଏବଂ ସୀତା ସିଙ୍କୁ ଶ୍ରେଷ୍ଠ ବୋଲର ଘୋଷିତ ହୋଇଥିଲେ। ଇସ୍ପାତ କାରଖାନା ସହଯୋଗରେ ଟୁର୍ନାମେଣ୍ଟକୁ ସଂଯୋଜିକା ତଥା ପ୍ରାକ୍ତନ ମହିଳା କ୍ରିକେଟର ସସ୍ମିତା ପଟ୍ଟନାୟକ, ସୁଜାତା ରାଉତଙ୍କ ତତ୍ତ୍ୱାବଧାନରେ ଇସ୍ପାତ କାରଖାନାର (ଇଡ଼ି) ବି. କେ. ଗିରି, ଆଇନଜୀବୀ ରେଖା ଗୁପ୍ତା, ରୋଟାରିଆନ୍ ପି. କେ. ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଦଳକୁ ୧୫ ହଜାର, ଉପବିଜେତାକୁ ୧୦ହଜାର, ୩ୟ ଦଳକୁ ୫ ହଜାର ଓ ୪ର୍ଥ ଦଳକୁ ୫ହଜାର ଟଙ୍କା ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ଶନିବାର ଉଦ୍‌ଘାଟନୀ ଉତ୍ସବରେ ପ୍ରଥମ ମ୍ୟାଚ୍ ରାଉରକେଲା ଓ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ବଲାଙ୍ଗୀର ଦଳ ଟସ୍ ଜିତି ବ୍ୟାଟିଂ କରି ୭ ଉଇକେଟରେ ୧୨୨ ରନ୍ ସଂଗ୍ରହ କରିଥିଲା। ରାଉରକେଲା ଦଳ ୧୯.୫ ଓଭରରେ ୧୨୩ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍ ସମ୍ବଲପୁର ଓ ବାଲେଶ୍ୱର ମଧ୍ୟରେ ହୋଇଥିଲା। ସମ୍ବଲପୁର ଦଳ ଟସ୍ ଜିତି ବ୍ୟାଟିଂ କରି ୨୦ ଓଭରରେ ୨ଉଇକେଟ ହରାଇ ୧୬୪ ରନ୍ ସଂଗ୍ରହ କରିଥିଲା। ଜବାବରେ ବାଲେଶ୍ୱର ଦଳ ୧୬.୩ ଓଭରରେ ୧୦ ଉଇକେଟ୍ ହରାଇ ୯୩ ରନ୍ କରି ପରାସ୍ତ ହୋଇଥିଲା।

**ଡାକ୍ତର ନାରାୟଣୀ ପଣ୍ଡାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ**

ସମ୍ବଲପୁର,(ଭବାନୀ ଶଙ୍କର ଭୋଇ): ବିଶିଷ୍ଟ ଚିକିତ୍ସକ ଡ଼ା ନାରାୟଣୀ ପଣ୍ଡାଙ୍କ ପରଲୋକରେ ଗଭୀର ଶୋକ ପ୍ରକାଶ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୋକ ବାର୍ତ୍ତାରେ ପ୍ରଧାନ କହିଛନ୍ତି, ଡ଼ାକ୍ତର ପଣ୍ଡା ଜନସେବାରେ ନିଜକୁ ନିୟୋଜିତ କରି ସମାଜ ପାଇଁ ଏକ ଉଦାହରଣ ସୃଷ୍ଟି କରିଥିଲେ । ଶିକ୍ଷା ଓ ସମାଜସେବା ପ୍ରତି ତାଙ୍କର ଏହି ଉତ୍ସର୍ଗୀକୃତ ମନୋଭାବ ପ୍ରେରଣାର ଉତ୍ସ ହୋଇ ରହିବ । ପୂର୍ବତନ ମନ୍ତ୍ରୀ ତଥା ଜିଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ ଶୋକବାର୍ତ୍ତାରେ କହିଛନ୍ତି ସମ୍ବଲପୁର ଜଣେ ସୁଯୋଗ୍ୟ ସନ୍ତାନକୁ ହରାଇଲା। ଅର୍ଜିତ ସମ୍ପତ୍ତି ସମାଜସେବା ତଥା ଶିକ୍ଷା ପାଇଁ ଉତ୍ସର୍ଗୀକୃତ କରିବା ସମାଜ ପାଇଁ ସର୍ବଦା ପ୍ରେରଣାଦାୟୀ ରହିବ।

# ମହିଳାଙ୍କ ପ୍ରଗତି ପାଇଁ ପରିବାରର ସମର୍ଥନ ଜରୁରୀ

**ସମ୍ବଲପୁର,୮।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଜର୍ଣ୍ଣାଲିଷ୍ଟ ମିଟ୍ ଅନୁଷ୍ଠିତ ହୋଇଯାଇଛି। ପ୍ରେସ କ୍ଲବ ସଭାପତି ତ୍ରିବିକ୍ରମ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଇଏଏସ୍ ଶିକ୍ଷାନବିସ ଶୁଭ୍ରା ପଣ୍ଡା, ଆଇପିଏସ ଶିକ୍ଷାନବିସ କୋମଳ ଗର୍ଗ ଅତିଥିଭାବେ ଯୋଗଦେଇଥିଲେ। ଦେଶ ଏବଂ ସମାଜର ବିକାଶ ପାଇଁ ଦେଶର ଅଧା ଜନସଂଖ୍ୟାର ଉନ୍ନତି ଜରୁରୀ ବୋଲି ଅତିଥିମାନେ ମତ ଦେଇଥିଲେ।

ଆଇପିଏସ୍ ଶିକ୍ଷାନବିସ ଗର୍ଗ ତାଙ୍କ ବକ୍ତବ୍ୟରେ କହିଥିଲେ, ମହିଳାମାନଙ୍କ ପ୍ରଗତି ପାଇଁ ପରିବାରର ସମର୍ଥନ ସବୁଠାରୁ ବେଶି ଜରୁରୀ। ସମ୍ପର୍କୀୟ ତାଙ୍କ ବିବାହ ପାଇଁ ଚିନ୍ତିତ ଥିବା ବେଳେ ମା'ବାପା ତାଙ୍କ ସିଭିଲ ସର୍ଭିସ ସ୍ୱପ୍ନକୁ ସମର୍ଥନ କରିଥିଲେ। ଯଦ୍ଦ୍ୱାରା ସେ ସଫଳ ହୋଇ ପାରିଛନ୍ତି ବୋଲି ସେ କହିଛନ୍ତି। ହରିଆଣା ଭଳି ରାଜ୍ୟରେ ମହିଳାମାନେ ସଫଳ ହେବା ସେମାନଙ୍କ ପରିବାରର ଦୃଢ ସହଯୋଗ ପାଇଁ ସମ୍ଭବ ବୋଲି ସେ କହିଛନ୍ତି। ଆଇଏଏସ ଶିକ୍ଷାନବିସ ପଣ୍ଡା ବକ୍ତବ୍ୟ ରଖି କହିଥିଲେ, ସେ ପୂର୍ବ ମେଦିନିପୁରର ମୂଳବାସିନ୍ଦା ହୋଇଥିବା ତାଙ୍କର ଜନ୍ମ ଏବଂ ଶିକ୍ଷା ଦିଲ୍ଲୀରେ ହୋଇଛି। ଓଡ଼ିଶାକୁ ସେ ନିଜର କର୍ମଭୂମୀ ଭାବେ ବାଛିଛନ୍ତି। ବର୍ତ୍ତମାନ ମଧ ବିଭିନ୍ନ କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀ ଖୁବ୍ କମ୍ ରହିଛି। ସେଥିପାଇଁ ଯେଉଁ କେତେଜଣ ମହିଳା ସାହାସ କରି ଘରୁ ବାହାରୁଛନ୍ତି ସେମାନଙ୍କୁ ସହଯୋଗ କରିବା ସହ ପ୍ରୋତ୍ସାହିତ କରିବା ଆବଶ୍ୟକ। ଘରୁ ବାହାରିବା ପରେ ପ୍ରକୃତରେ ଅସଲ ବାଧାବିଘ୍ନ ଜଣାପଡେ। ତାକୁ ସମ୍ମୁଖୀନ ହୋଇ ଆଗକୁ ବଢିପାରିଲେ ସଫଳତା ମିଳେ ବୋଲି ସେ କହିଥିଲେ। ଏହି ଅବସରରେ ସମ୍ବଲପୁର ମହିଳା ଖବରଦାତାମାନଙ୍କୁ ପ୍ରେସ କ୍ଲବ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସକାଳେ ସମ୍ବଲପୁରର ବିଶିଷ୍ଟ ସ୍ତ୍ରୀ ଏବଂ ପ୍ରସୁତି ଡାକ୍ତର ନାରାୟଣୀ ପଣ୍ଡାଙ୍କ ପରଲୋକ ଅନ୍ତେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ପ୍ରେସ କ୍ଲବ ସାଧାରଣ ସମ୍ପାଦକ ଅତିଥିମାନଙ୍କୁ ସ୍ୱାଗତ କରିଥିବା ବେଳେ ବରିଷ୍ଠ ସଦସ୍ୟ ରାଜେଶ ବିଭାର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଉପସଭାପତି ନରେଶ ସେଠ, ବିରଜା ମିଶ୍ର, କୋଷାଧକ୍ଷ ସୁବ୍ରତ ମିଶ୍ର, ଯୁଗ୍ମ ସମ୍ପାଦକ ଅମଲେନ୍ଦୁ ନାୟକ, ଅନୀଲ ଶ୍ରୀରାମକା ସହଯୋଗ କରିଥିଲେ।



ସମ୍ବଲପୁର ପ୍ରେସକ୍ଲବରେ ଅନ୍ତର୍ଜାତୀୟ ମହିଳା ଦିବସରେ ମଞ୍ଚାସୀନ ଅତିଥି।

**ସମ୍ବଲପୁର ପ୍ରେସକ୍ଲବରେ ଜର୍ନାଲିଷ୍ଟ ମିଟ୍**

# ଗ୍ରାମ ସଫେଇ, ପଥପ୍ରାନ୍ତ ନାଟକ ପ୍ରଦର୍ଶନ


ଦିବସ ପାଳନ ଅବସରରେ ମହିଳାମାନେ।

**ନାକଟିଦେଉଳ,୮।୩(ବୈକୁଣ୍ଠନାଥ ସାହୁ)**

**ବିଶ୍ୱ ମହିଳା ଦିବସ ପାଳିତ**

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ବଳମ ପଞ୍ଚାୟତ ଅନ୍ତର୍ଗତ ମହୁକୁଦ ଗ୍ରାମ ମଙ୍ଗଳ ମହିଳା କମିଟି ଆନୁକୂଲ୍ୟରେ ରବିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। କମିଟି ସମ୍ପାଦିକା ପ୍ରତିମା ରାଉଳଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭାରେ ମହିଳାମାନଙ୍କ ଅଧିକାର ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ନର୍ମଦା ଧଳ, ଇନ୍ଦିରା ସାହୁ, ମଞ୍ଜୁ ଦେହୁରୀଙ୍କ ନେତୃତ୍ୱରେ ଗ୍ରାମର ମହିଳାମାନେ ଏକ ସଚେତନତା ଶୋଭାଯାତ୍ରାରେ ମହିଳା ଦିବସ ସମ୍ପର୍କିତ ବିଭିନ୍ନ ସ୍ଲୋଗାନମାନ ଦେଇ ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ପଥପ୍ରାନ୍ତ ନାଟକ ଏବଂ ଗ୍ରାମ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ସମାବେଶରେ ମହକୁଦ ଗ୍ରାମର ସମସ୍ତ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ସାମିଲ ହୋଇ ନିଜ ଅଧିକାର ପ୍ରତି ସଚେତନ ହୋଇଥିଲେ। ମହିଳା କମିଟି ସଭାନେତ୍ରୀ ଶୂନ୍ୟବାସୀ ନାୟକ ଓ ସଙ୍ଗଠିକା ସୌଦାମିନୀ ସାହୁ ସମାବେଶକୁ ସଂଯୋଜନା କରିଥିଲେ।



ସିଆରପିଏଫ୍ ଗ୍ରୁପ ସେଣ୍ଟରସ୍ଥିତ ଆଞ୍ଚଳିକ କାୱାକେନ୍ଦ୍ରରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଅତିଥି ଓ ସମ୍ମାନିତ ପ୍ରତିଭାମାନେ।

# ମହିଳା ସଶକ୍ତୀକରଣ ବାର୍ତ୍ତା ମଜଭୁତ କରିବା ଲକ୍ଷ୍ୟ

**ସମ୍ବଲପୁର, ୮।୩(ବି.ଶଙ୍କର)**

**ସିଆରପିଏଫ୍ ଗ୍ରୁପ ସେଣ୍ଟରରେ ଅନ୍ତର୍ଜାତୀୟ ମହିଳା ଦିବସ**

ଅନ୍ତର୍ଜାତୀୟ ମହିଳା ଦିବସ ସମ୍ବଲପୁର ଗୋଶାଳା ନିକଟ ସିଆରପିଏଫ୍ ଗ୍ରୁପ ସେଣ୍ଟର ସ୍ଥିତ ଆଞ୍ଚଳିକ କାୱାକେନ୍ଦ୍ରରେ ପାଳିତ ହୋଇଯାଇଛି। ମହିଳାମାନଙ୍କର ସମ୍ମାନ, ସଶକ୍ତୀକରଣ ଏବଂ ମୂଲ୍ୟବାନ ଅବଦାନ ପାଇଁ ଉତ୍ସର୍ଗୀକୃତ କାର୍ଯ୍ୟ ସକାଶେ ଦୁଇଦିନିଆ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସମ୍ବଲପୁରର ଆଞ୍ଚଳିକ କାୱା କେନ୍ଦ୍ରର ଅଧକ୍ଷା ପୁନମ ସିଂହଙ୍କ ନିର୍ଦ୍ଦେଶନାରେ କାର୍ଯ୍ୟକ୍ରମ ହୋଇଥିଲା । ମହିଳାମାନଙ୍କ ସଫଳତା, ସେମାନଙ୍କର ସାମାଜିକ, ଆର୍ଥିକ, ସାଂସ୍କୃତିକ ଏବଂ ରାଜନୈତିକ ଅଧିକାର ବିଷୟରେ ସଚେତନତା ବୃଦ୍ଧି କରିବା ଏବଂ ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରିବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ଗୀତ, ନୃତ୍ୟ, ଫ୍ୟାନ୍ସିଡ୍ରେସ, କେଶସଜ୍ଜା, ମ୍ୟୁଜିକାଲ ଚେୟାର, ମହମବତୀ ଖେଳ, ଫୁଟବଲ ହିଟ୍, ରଙ୍ଗୋଲି, ମେହେନ୍ଦି, କ୍ରୀଡା ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ମହିଳାମାନେ ଏହି ପ୍ରତିଯୋଗିତାଗୁଡ଼ିକରେ ଅଂଶଗ୍ରହଣ କରି ସେମାନଙ୍କର ପ୍ରତିଭା ପ୍ରଦର୍ଶନ କରିଥିଲେ। ଉତ୍କର୍ଷ ପ୍ରଦର୍ଶନ କରିଥିବା ଅଂଶଗ୍ରହଣକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁର ଆଞ୍ଚଳିକ କାୱା କେନ୍ଦ୍ର କାର୍ଯ୍ୟକଳାପରେ ସକ୍ରିୟ ଏବଂ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିବା ମହିଳାମାନଙ୍କୁ ସମ୍ମାନ ଦିଆଯାଇଥିଲା। ସମାଜରେ ମହିଳାମାନଙ୍କ ଗରିମା, ଶକ୍ତି ଏବଂ ଅମୂଲ୍ୟ ଅବଦାନକୁ ସମ୍ମାନିତ କରିବା ପାଇଁ ଏକ ପ୍ରେରଣାଦାୟକ ପ୍ରୟାସ । ଯାହା ମହିଳା ସଶକ୍ତୀକରଣ ବାର୍ତ୍ତାକୁ ଆହୁରି ମଜଭୁତ କରିବ ବୋଲି ଆଞ୍ଚଳିକ କାୱା କେନ୍ଦ୍ର ଅଧକ୍ଷା ପୁନମ ସିଂହ ମତବ୍ୟକ୍ତ କରିଥିଲେ ।

# ୪୦ ମହିଳା ଚିତ୍ରଶିଳ୍ପୀଙ୍କ ଚିତ୍ରକଳା ପ୍ରଦର୍ଶିତ

**ସମ୍ବଲପୁର,୮।୩(ବି.ଶଙ୍କର)**

ଜାତୀୟସ୍ତରୀୟ ମହିଳା ଚିତ୍ରକଳା ପ୍ରଦର୍ଶନୀ ସ୍ତ୍ରୀ କଳା – ୨୦୨୬ ସମ୍ବଲପୁର ଲଳିତ କଳା ଏକାଡେମୀ ପରିସରସ୍ଥ ଆଞ୍ଚଳିକ ଆର୍ଟ ଗ୍ୟାଲେରୀରେ ରବିବାର ଅପରାହ୍ନ ୩ଟାରେ ଉଦ୍‌ଘାଟିତ ହୋଇଛି । ସ୍କିଲ ଟ୍ରି ପ୍ରତିଷ୍ଠାତା ନିବେଦିତା ଦାଶ ଏବଂ ଆର୍ଟ ଅନୁରେଖାର ପ୍ରତିଷ୍ଠାତା ଅନୂରେଖା ଜେନାଙ୍କ ସଂଯୋଜନରେ ଉଦ୍‌ଘାଟନୀ ଉତ୍ସବ ହୋଇଥିଲା। ସମ୍ବଲପୁର ଆଇଆଇଏମର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲ ମୁଖ୍ୟ ଅତିଥି, ବରିଷ୍ଠ ଚିତ୍ରଶିଳ୍ପୀ ଭୋଳାନାଥ ନାୟକ, ଚିତ୍ରଶିଳ୍ପୀ ବୃନ୍ଦାବନ ମହାରଣା, ବୟନ ମନ୍ତ୍ରାଳୟ ସହକାରୀ ନିର୍ଦ୍ଦେଶିକା କୁମାରୀ ଶୈଳଜା, ଭାଜପା ରାଜ୍ୟ କାର୍ଯ୍ୟନିର୍ବାହୀ ସଦସ୍ୟା ସବିତା ନନ୍ଦ ଏବଂ ଶିକ୍ଷୟିତ୍ରୀ ସୁସ୍ମିତା ହୋତା ପୁରୋହିତ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ।

ଅନ୍ତର୍ଜାତୀୟମହିଳାଦିବସଅବସରରେ ଆୟୋଜିତ ପ୍ରଦର୍ଶନୀରେ ଓଡ଼ିଶା, କର୍ଣ୍ଣାଟକ, ଉତ୍ତରପ୍ରଦେଶ, ସମ୍ବଲପୁର, ବରଗଡ, ହୀରାକୁଦ, ଭବାନୀପାଟଣା, ବଲାଙ୍ଗୀର ଏବଂ ରାଉରକେଲା ଭଳି ସହରରୁ ୪୦ରୁ ଉର୍ଦ୍ଧ୍ୱ ମହିଳା ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି । ଆୟୋଜନ କମିଟି ସଂଯୋଜିକାଦ୍ୱୟଙ୍କ ସମେତ ରିତୁପର୍ଣ୍ଣା କର, ପ୍ରଫେସର ଡ. ସରୋଜ ରାଣୀ, ଜୟନ୍ତୀ ମଣ୍ଡି, ସୀମା ଗୁପ୍ତା, ରଶ୍ମି ରେଖା ଧଳ, ପୂଜାରାଣୀ ପାଣିଗ୍ରାହୀ, ପ୍ରାଜକ୍ତା ପଣ୍ଡା, ଶିବାନୀ ଭୋଇ, ନିବେଦିତା ପଟ୍ଟନାୟକ ପ୍ରମୁଖଙ୍କ ଚିତ୍ରକଳା ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ମଙ୍ଗଳବାର ୧୦ତାରିଖ ଉଦ୍‌ଯାପିତ ହେବ। ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଗ୍ୟାଲେରି ପ୍ରଦର୍ଶନୀକୁ କଳାପ୍ରେମୀ ବୁଲି ଦେଖିପାରିବେ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି ।


ଅତିଥିଙ୍କ ସହ ଚିତ୍ରଶିଳ୍ପୀମାନେ।

**ମହିଳା ଚିତ୍ରକଳା ପ୍ରଦର୍ଶନୀ ସ୍ତ୍ରୀ କଳା ଉଦ୍‌ଘାଟିତ**

# ଶିବିରରେ ୨୮ ୟୁନିଟ୍ ରକ୍ତ ସଂଗ୍ରହ

**ସମ୍ବଲପୁର,୮।୩(ପ୍ରମୋଦ ବହିଦାର)**

ବିଶ୍ୱ ମହିଳା ଦିବସ ଉପଲକ୍ଷେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଓ ଏନ୍‌ସିସି ୟୁନିଟ୍ ସମ୍ବଲପୁର ମୁଖ୍ୟାଳୟର ମିଳିତ ସହଯୋଗରେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରଠାରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୨୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଅତିଥି ଭାବେ କର୍ନେଲ ଦେବୀ ପ୍ରସାଦ ସାହୁ, ଲେଫ୍ଟନାଣ୍ଟ କର୍ନେଲ ଆର୍ତ୍ତତ୍ରାଣ ମାହାନା, ସେବା ଅନୁଷ୍ଠାନ ଉପଦେଷ୍ଟା ଲକ୍ଷ୍ମୀ ପ୍ରସାଦ ମହାପାତ୍ର ଯୋଗଦେଇଥିଲେ। ଅନୁଷ୍ଠାନ ସଭାପତି ଡ. ଅମର ତାଣ୍ଡିଆଙ୍କ ନେତୃତ୍ୱରେ ଅରବିନ୍ଦ ପାଣିଗ୍ରାହୀ, ଇନ୍ଦ୍ରଜିତ ବାରିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ରକ୍ତ ଭଣ୍ଡାର ଟେକ୍ନିସିଆନ୍ ସନ୍ତୋଷ ଗୌଡ଼ ଓ ଦୀପିକା ଭୋଇ ରକ୍ତ ସଂଗ୍ରହ ପ୍ରକ୍ରିୟା ସମ୍ପାଦନ କରିଥିଲେ।

# ଅଧିକାର ପ୍ରତି ସଚେତନ ହେବାକୁ ଆହ୍ୱାନ

**ସମ୍ବଲପୁର,୮।୩(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲା ଧମାସ୍ଥିତ ମାଁ ଝାଡେଶ୍ୱରୀ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ବକ୍ତାମାନେ ମହିଳାଙ୍କ ସମ୍ମାନ ଓ ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ, ଏନଏସ୍ଏସ୍ ଏବଂ ରେଡକ୍ରସର ମିଳିତ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଅଧକ୍ଷ ଅଶୋକ କୁମାର ପୁରୋହିତଙ୍କ ସଭାପତିତ୍ୱରେ ଏକ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ଆଇନ ସେବା ପ୍ରାଧିକରଣ ସମ୍ପାଦିକା ତଥା ବରିଷ୍ଠ ସିଭିଲ ଜଜ୍ ସୌମ୍ୟ ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ମହିଳା ନିଜ ଅଧିକାର ଓ ସ୍ୱାଭିମାନ ପ୍ରତି ସଚେତନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓକିଲ ଶୁଭଦର୍ଶିନୀ ମହାନ୍ତି, ତହସିଲଦାର ବ୍ରଜକିଶୋର ସାହୁ ଏବଂ ଥାନା ଅଧିକାରୀ ମମତା ମିଶ୍ର ଯୋଗଦେଇ ପୋକସୋ ଆଇନ, କନ୍ୟାଭ୍ରୂଣ ହତ୍ୟା ଓ କର୍ମକ୍ଷେତ୍ରରେ ନିର୍ଯାତନା ରୋକିବା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ମହିଳା କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଧାପିକା ସ୍ମାରକୀ ମାହାର ସ୍ୱାଗତ ଭାଷଣ, ଅଧାପକ ବନୋଜ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଡ. ନାରାୟଣୀ ପଣ୍ଡାଙ୍କୁ ଅଶ୍ରୁଳ ବିଦାୟ

ସମ୍ବଲପୁର,୮ ।୩(ଭବାନୀ ଶଙ୍କର ଭୋଇ): ସମ୍ବଲପୁରର ବିଶିଷ୍ଟ ସମାଜସେବୀ ତଥା ସ୍ତ୍ରୀ ଓ ପ୍ରସୂତି ଚିକିତ୍ସା ବିଜ୍ଞାନୀ ଡ. ନାରାୟଣୀ ପଣ୍ଡାଙ୍କ ବିୟୋଗରେ ରବିବାର ସରକାରୀ ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ଶୋକାଭିଭୂତ ହୋଇଛନ୍ତି। ଡ. ପଣ୍ଡା ନିଜ ବାସଗୃହକୁ ଛାତ୍ରୀନିବାସ ଭାବେ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କର ଅଭାବ ଅସୁବିଧାରେ ଆର୍ଥିକ ସହାୟତା କରୁଥିଲେ। ମହାବିଦ୍ୟାଳୟର ଉନ୍ନତି କଳ୍ପେ ୨୦ଲକ୍ଷ ଟଙ୍କା ଦେବା ସହିତ ସାନଭାଇ ଡ. ରାମକୃଷ୍ଣ ପଣ୍ଡାଙ୍କୁ ଅର୍ଥିକ ସହାୟତା କରିବା ପାଇଁ ଅନୁପ୍ରେରିତ କରିଥିଲେ। ଶ୍ରୀ ପଣ୍ଡା ମଧ ମହାବିଦ୍ୟାଳୟକୁ ୧୦ ଲକ୍ଷ ପ୍ରଦାନ କରିଥିଲେ। ଏହି ଅର୍ଥରାଶି ଆମ ଗୌରବ ଆମ କଲେଜ ପାଣ୍ଠିରେ ବିନିଯୋଗ କରାଯାଇଛି । ତାଙ୍କ ଶେଷ ଦର୍ଶନ ପାଇଁ ସମସ୍ତ ଅଧାପକ ଅଧାପିକା କର୍ମଚାରୀଙ୍କ ସମେତ ଶହଶହ ଛାତ୍ରୀ ଶବାଧାରରେ ଯୋଗଦେଇଥିଲେ।

# ମହିଳାଙ୍କ ଶକ୍ତିକୁ ସଦୁପଯୋଗ କରିବା ଜରୁରୀ

**ସମ୍ବଲପୁର,୮।୩(ପ୍ରମୋଦ ବହିଦାର):** ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆଇଆଇଏମ ସମ୍ବଲପୁର ପକ୍ଷରୁ ବିକଶିତ ଭାରତ–୨୦୪୭ ପାଇଁ କାର୍ଯ୍ୟରତ ମହିଳା ନେତୃତ୍ୱ ଶୀର୍ଷକ ଏକ ବିଶେଷ ପ୍ୟାନେଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଶାସନ, ପୋଲିସ ଓ ଶିଳ୍ପ ଜଗତର ପ୍ରତିଷ୍ଠିତ ମହିଳା ନେତୃତ୍ୱମାନେ ଯୋଗଦେଇ ଦେଶର ପ୍ରଗତିରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ଓ ନିଷ୍ପତ୍ତି ଗ୍ରହଣକାରୀ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବକ୍ତବ୍ୟ ରଖି ସଂସ୍ଥାନର ନିର୍ଦ୍ଦେଶକ ପ୍ରୋଫେସର ମହାଦେବ ଜୈସୱାଲ କହିଥିଲେ, ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବାକୁ ହେଲେ କର୍ପୋରେଟ ଓ ଗ୍ରାମୀଣ ଉଦ୍ୟମିତା କ୍ଷେତ୍ରରେ ମହିଳାଙ୍କ ଶକ୍ତିକୁ ସଦୁପଯୋଗ କରିବା ଜରୁରୀ। ଆଇଆଇଏମ ସମ୍ବଲପୁର ଏହାର ଶିକ୍ଷା ନୀତି ଓ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ ନେବା ପାଇଁ ଏକ ସୁରକ୍ଷିତ ଓ ସମାବେଶୀ ପରିବେଶ ଯୋଗାଇ ଦେବାକୁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ଅଂଶୁ ପ୍ରଜ୍ଞା ଦାସ, ଆଇପିଏସ କୋମଳ ଗର୍ଗ ମହିଳା ସଶକ୍ତିକରଣ ଓ ଲିଙ୍ଗଗତ ସମାନତା ଉପରେ ନିଜର ଅନୁଭବ ବାଣ୍ଟିଥିଲେ।

# ଦକ୍ଷିଣ କେନ୍ଦ୍ରୀୟ ରେଳପଥକୁ ହରାଇଲା ପୂର୍ବତଟ ରେଳପଥ

**ସମ୍ବଲପୁର,୮।୩(ବି.ଶଙ୍କର)**

ପୂର୍ବତଟ ରେଳପଥ କ୍ରୀଡା ସଙ୍ଗଠନ ୬୯ତମ ସର୍ବ ଭାରତୀୟ ରେଳବାଇ ଟି–୨୦ କ୍ରିକେଟ୍ ଟୁର୍ନାମେଣ୍ଟ (ପ୍ଲେଟ୍ ଗ୍ରୁପ) ରବିବାର ସ୍ଥାନୀୟ ରେଳବାଇ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଯାଇଛି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧୁରୀ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସାନସନୱାଲ ଉତ୍ସବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ପୂର୍ବତଟ ରେଳପଥ ଏବଂ ଦକ୍ଷିଣ କେନ୍ଦ୍ରୀୟ ରେଳପଥ ମଧ୍ୟରେ ଖେଳାଯାଇଥିଲା । ଟସ୍ ଜିତି ପୂର୍ବତଟ ରେଳପଥ ପ୍ରଥମେ କ୍ଷେତ୍ରରକ୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଦକ୍ଷିଣ କେନ୍ଦ୍ରୀୟ ରେଳପଥ ୨୦ଓଭରରେ ୯ ଉଇକେଟ ହରାଇ ୧୫୫ ରନ କରିଥିଲା। ଜବାବରେ ପୂର୍ବତଟ ରେଳପଥ ୧୮.୧ ଓଭରରେ ୪ ଉଇକେଟ ହରାଇ ୧୫୮ ରନ କରି ୬ ଉଇକେଟରେ ବିଜୟୀ ହୋଇଥିଲା। ପୂର୍ବତଟ ରେଳପଥର ଅଭିଷେକ ଯାଦବ ୫୩ ରନ କରିବା ସହ ଗୋଟିଏ ଉଇକେଟ ନେଇଥିଲେ । ତାଙ୍କୁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ କରାଯାଇଥିଲା । ସମ୍ବଲପୁରରେ ଲିଗ ମ୍ୟାଚରେ ମୋଟ ୭ଟି ଦଳ ଅଂଶ ଗ୍ରହଣ କରୁଛନ୍ତି । ପୂର୍ବତଟ ରେଳପଥ, ଦକ୍ଷିଣ ରେଳପଥ, ଦକ୍ଷିଣ କେନ୍ଦ୍ରୀୟ ରେଳପଥ, ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି, ରେଳ କୋଚ୍ ଫ୍ୟାକ୍ଟ୍ରି, ପଟିଆଲା ଲୋକୋମୋଟିଭ ୱାର୍କସ ଏବଂ ଆରଡିଏସଓ ଦଳର ମ୍ୟାଚ୍ ସମ୍ବଲପୁର ରେଳବାଇ ଷ୍ଟାଡିୟମ ଏବଂ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଆୟୋଜିତ ହେଉଛି। ଆଗାମୀ ୯ତାରିଖ ରେଳବାଇ ଷ୍ଟାଡିୟମରେ ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା୩୦ ପର୍ଯ୍ୟନ୍ତ ପୂର୍ବତଟ ରେଳପଥ ବନାମ ରେଳ କୋଚ ଫ୍ୟାକ୍ଟ୍ରି ହେବାକୁ ଥିବାବେଳେ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମରେ ଦୁଇଟି ମ୍ୟାଚ ଖେଳାଯିବ । ପ୍ରଥମ ମ୍ୟାଚ ସକାଳ ୯ଟାରୁ ୧୨ଟଶ୩୦ ପର୍ଯ୍ୟନ୍ତ ଇଣ୍ଟିଗ୍ରାଲ କୋଚ ଫ୍ୟାକ୍ଟ୍ରି ବନାମ ଆରଡିଏସଓ ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚ ଅପରାହ୍ନ ୧.୩୦ରୁ ୫ଟା ପର୍ଯ୍ୟନ୍ତ ପଟିଆଲା ଲୋକୋମୋଟିଭ ୱାର୍କ୍ସ ବନାମ ଦକ୍ଷିଣ କେନ୍ଦ୍ରୀୟ ରେଳପଥ ମଧ୍ୟରେ ଖେଳାଯିବ । ସେହିପରି ଚଳିତ ମାସ ୧୬ ପର୍ଯ୍ୟନ୍ତ ସମ୍ବଲପୁରରେ ମ୍ୟାଚଗୁଡିକ ହେବ ବୋଲି ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚିତ କରାଯାଇଛି ।


ଟି–୨୦ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥି ଓ ଖେଳାଳିମାନେ।

**ସର୍ବଭାରତୀୟ ରେଳବାଇ ଟି-୨୦ କ୍ରିକେଟ୍**

# ଏନ୍ଏସ୍‌ସିବି ମହାବିଦ୍ୟାଳୟରେ ବକ୍ତୃତା କାର୍ଯ୍ୟକ୍ରମ


ଆୟୋଜିତ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମରେ ଅତିଥି ଓ ବକ୍ତା।

**ସମ୍ବଲପୁର,୮।୩(ବି.ଶଙ୍କର)**

ସମ୍ବଲପୁର ସହରସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ(ଏନ୍ଏସ୍‌ସିବି) ସରକାରୀ ମହାବିଦ୍ୟାଳୟ ସ୍ନାତକ ରସାୟନ ବିଭାଗରେ ସ୍ୱତନ୍ତ୍ର ବକ୍ତୃତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ପ୍ରଫେସର ଡ. ପ୍ରଦୀପ କୁମାର ହରପାଲ ଏଥିରେ ପୌରୋହିତ୍ୟ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବରେ ଗୌହାଟି ଜାତୀୟ ଶିକ୍ଷାନୁଷ୍ଠାନ ପ୍ରଫେସର ଡ. ଭୀଷ୍ମ କୁମାର ପଟେଲ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ପ୍ରଫେସର ଡ.ଦେବାଶିଷ ବେହେରା ଯୋଗଦେଇଥିଲେ। ସ୍ୱାଗତ ସମ୍ଭାଷଣରେ ଅଧକ୍ଷ ପ୍ରଫେସର ହରପାଲ ଦୈନନ୍ଦିନ ଜୀବନରେ ରସାୟନ ବିଜ୍ଞାନର ପ୍ରାଧାନ୍ୟ ଉପରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ପ୍ରଫେସର ସନ୍ତୋଷ ରଞ୍ଜନ ବେହେରା ଅତିଥି ପରିଚୟ ଏବଂ ଆଇକ୍ୟୁଏସି ସଂଯୋଜକ ପ୍ରଫେସର ଡ.ରଘୁମଣି ନାଏକ ସ୍ୱତନ୍ତ୍ର ବକ୍ତୃତାର ଆବଶ୍ୟକତା ଓ ଉପାଦେୟତା ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଶୈକ୍ଷିକ ମୁଖ୍ୟ ପ୍ରଫେସର ହରିହର ମଲ୍ଲିକ ସାମ୍ପ୍ରତିକ ସମୟରେ ରସାୟନ ବିଜ୍ଞାନର ସ୍ଥିତି ଓ ପ୍ରଗତି ସନ୍ଦର୍ଭରେ ନିଜସ୍ୱ ମତ ରଖିଥିଲେ। ଦୁଇ ବିଶେଷଜ୍ଞଙ୍କ ଆଲୋଚନା ପରେ ବିଭାଗର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ ବିଶେଷଜ୍ଞମାନେ ସେଗୁଡ଼ିକର ଉତ୍ତର ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧାପିକା, ଅଧାପକ, ଶତାଧିକ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଫେସର ଅଜୟ କୁମାର ମିଶ୍ର ସଂଯୋଜନା କରିଥିବା ବେଳେ ପ୍ରଫେସର ସୁଦର୍ଶନ ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର କେରଳମ୍‌ର ଇଡୁକ୍କିସ୍ଥିତ ମାରିଅନ୍ କଲେଜ ଛାତ୍ରୀଙ୍କ ସହ ଭୋଜନ କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳୁଛନ୍ତି।

# ଆଜିଠୁ ୨ୟ ପର୍ଯ୍ୟାୟ ବଜେଟ ଅଧିବେଶନ

## ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ, ଇରାନ ଯୁଦ୍ଧକୁ ନେଇ ହେବ ବିତର୍କ

ନୂଆଦିଲ୍ଲୀ,୮।୩(ପି.ଟି.)

ପାର୍ଲାମେଣ୍ଟ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ସୋମବାର ଆରମ୍ଭ ହେବାକୁ ଥିବାବେଳେ ପ୍ରଥମ ଦିନରୁ ଉଭୟ ଗୃହରେ ଝଡ଼ ସୃଷ୍ଟି ହେବା ନେଇ ଚର୍ଚ୍ଚା ହେଉଛି। ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ବହିଷ୍କାର କରିବା ପାଇଁ ବିରୋଧୀ ଦଳ ଆଣିଥିବା ପ୍ରସ୍ତାବ ଉପରେ ସୋମବାର ନିମ୍ନ ସଦନରେ ଆଲୋଚନା ହେବାକୁ ସ୍ଥିର ହୋଇଛି। ଏଥିସହିତ ପଶ୍ଚିମ ଏସିଆ ଯୁଦ୍ଧକୁ ବିତର୍କରେ ପ୍ରାଥମିକତା ଦିଆଯାଇପାରେ। କାରଣ ଇରାନ ପ୍ରତି କେନ୍ଦ୍ରର ଆଭିମୁଖ୍ୟକୁ ନେଇ ବିରୋଧୀ ସରକାରଙ୍କୁ ସମାଲୋଚନା କରିଆସୁଛନ୍ତି। ଏଥିସହିତ ରୁଷିଆରୁ ତୈଳ କିଣିବା ପାଇଁ ଆମେରିକା ଅନୁମତି ଦେବା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଆଲୋଚନାରେ ସ୍ଥାନ ପାଇବ ବୋଲି କୁହାଯାଉଛି। ଏଥିସହିତ ପଶ୍ଚିମବଙ୍ଗରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ତାଲିକାରେ ପ୍ରାୟ ୬୦ ଲକ୍ଷ ଭୋଟରଙ୍କ ନାମ ନ ଥିବାରୁ ଏହାକୁ ନେଇ ମଧ୍ୟ ପାର୍ଲାମେଣ୍ଟରେ ସରଗରମ ଆଲୋଚନା ହେବ ବୋଲି ଆଶା କରାଯାଉଛି।

ଗୃହ ପରିଚାଳନାରେ ବାଚସ୍ପତି ବିର୍ଲା ଅତ୍ୟନ୍ତ ପକ୍ଷପାତ ନୀତି ଅବଲମ୍ବନ କରୁଥିବା ଅଭିଯୋଗ ଆଣି ବିରୋଧୀ ତାଙ୍କ ବହିଷ୍କାର ପାଇଁ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଲୋକ ସଭାରେ କେତେକ ଅବାଞ୍ଛିତ କାର୍ଯ୍ୟ କଂଗ୍ରେସ ସଦସ୍ୟଙ୍କ ଦ୍ୱାରା ହେବ ବୋଲି ବିର୍ଲା କହିବା ସହ ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର ଉତ୍ତର ରଖିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଗୃହକୁ ଆସିବା ଲାଗି ମନା କରିବା ଭୁଲ୍ ଅଭିଯୋଗ ଥିଲା ବୋଲି ବିରୋଧୀ କହିଥିଲେ। ଆନାସ୍ଥା ପ୍ରସ୍ତାବ ଆଲୋଚନା ପାଇଁ ବିରୋଧୀ ଗତ ମାସରେ ନୋଟିସ ଦେବା ଦିନ ବାଚସ୍ପତି ଗୃହ ପରିଚାଳନାରୁ ଦୂରେଇ ରହିଥିଲେ। ଉକ୍ତ ପ୍ରସ୍ତାବ ଉପରେ ନିଷ୍ପତ୍ତି ପରେ ସେ କାର୍ଯ୍ୟରେ ଯୋଗଦେବେ ବୋଲି ଲୋକ ସଭା ସଚିବାଳୟ ପକ୍ଷରୁ କୁହାଯାଇଥିଲା।

ଅନାସ୍ଥା ପ୍ରସ୍ତାବ ବ୍ୟତୀତ ଇରାନ ଉପରେ ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣକୁ ନେଇ ପଶ୍ଚିମ ଏସିଆରେ ଉତ୍ତେଜନା ବୃଦ୍ଧିରୁ ଅଶୋଧିତ ତୈଳ ଯୋଗାଣରେ ପ୍ରତିବନ୍ଧକ ଆଦି ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇବ। ଏସ୍‌ଆଇଆର୍‌କୁ ନେଇ ଟିଏମ୍‌ସି ଏମ୍‌ପିମାନେ ଆଲୋଚନା ଦାବି କରିବାକୁ ଥିବାବେଳେ ପଶ୍ଚିମବଙ୍ଗରେ ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତ ବେଳେ ପ୍ରୋଟୋକଲ୍‌ର ଉଲ୍ଲଂଘନ ପ୍ରସଙ୍ଗ ଭାଜପା ଉଠାଇପାରେ ବୋଲି କୁହାଯାଉଛି।

# ଇରାନ୍ ତୈଳ ଡିପୋକୁ ଟାର୍ଗେଟ

ତେହରାନ୍,୮।୩

ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ପୁଣି ଜୋର୍‌ଦାର କରିଛନ୍ତି। ରବିବାର ସକାଳେ ତେହରାନ୍ ଏବଂ ଏହାର ଆଖପାଖ ଅଞ୍ଚଳରେ ରହିଥିବା ବହୁ ଗୁରୁତ୍ୱପୂର୍ଣ୍ଣ ତୈଳ ଡିପୋ ଉପରେ ଇସ୍ରାଏଲ ପକ୍ଷରୁ ବୋମାମାଡ଼ କରାଯାଇଛି। ଫଳରେ ଏକାଧିକ ତୈଳ ଡିପୋରେ ନିଆଁ ଲାଗିଯାଇ ସେଗୁଡିକ ଜଳୁଥିବା ବେଳେ ତେହରାନ୍ ଆକାଶ ନିଆଁ ପିଣ୍ଡୁଳାରେ ପରିଣତ ହୋଇଛି। ତୈଳ ଡିପୋଗୁଡ଼ିକରେ ନିଆଁ ଲିଭାଇବାକୁ ଉଦ୍ୟମ ଚାଲୁ ରହିଥିଲେ ହେଁ ଏବେ ବି ଅନେକ ଡିପୋରେ ନିଆଁ ଆୟତ୍ତ ହୋଇପାରି ନଥିବା କୁହାଯାଇଛି।

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଶନିବାର ଇରାନକୁ ଚେତାବନୀ ଦେଇ ଆକ୍ରମଣ ଜୋର୍‌ଦାର କରିବାକୁ କହିଥିଲେ। ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶରେ ରହିଥିବା ଆମେରିକୀୟ ସାମରିକ ପ୍ରତିଷ୍ଠାନ ଉପରେ ଇରାନ ଆକ୍ରମଣ ଜାରି ରଖିଥିବାରୁ ଇରାନକୁ ଉଚିତ ଶିକ୍ଷା ଦେବାକୁ ଟ୍ରମ୍ପ୍ ଚେତାବନୀ ଜାରି କରିବା ସହ ଏହାକୁ ନର୍କରେ ପରିଣତ କରିବାକୁ କହିଥିଲେ। ଏହି କ୍ରମରେ ରବିବାର ସକାଳୁ ଇସ୍ରାଏଲ ଏବଂ ଆମେରିକା ପକ୍ଷରୁ ତେହରାନ ସମେତ ଏହାର ଆଖପାଖ ଅଞ୍ଚଳରେ ଆକ୍ରମଣ ଜୋର୍‌ଦାର କରାଯାଇଛି। ଏହି ଘଟଣାରେ ୨ ଜଣ ଟ୍ୟାଙ୍କର ଡ୍ରାଇଭରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ତେହରାନ୍ ଆକାଶରେ ନିଆଁ ପିଣ୍ଡୁଳା ଭର୍ତ୍ତି ହୋଇଯାଇଥିବା ବେଳେ ପ୍ରବଳ ଧୂଆଁ ସାରା ସହରକୁ ଆଚ୍ଛାଦିତ କରିଦେଇଛି। ବହୁ ପେଟ୍ରୋଲିୟମ ଡିପୋ ଏବଂ ପରିବହନ କେନ୍ଦ୍ରଗୁଡ଼ିକରେ ନିଆଁ ଲାଗିଯାଇଥିବାରୁ ପେଟ୍ରୋଲିୟମ ଯୋଗାଣ ବନ୍ଦ ହୋଇଯାଇଛି।



ଆମେରିକା-ଇସ୍ରାଏଲ୍‌ର ମିଳିତ ଆକ୍ରମଣରେ ତେହରାନ୍‌ସ୍ଥିତ ଶାହରନ୍ ତୈଳ ବିଶୋଧନାଗାର ଜଳିଯାଉଛି।

## ଇରାନକୁ ନର୍କରେ ପରିଣତ କରିବୁ

### ଆମେରିକା- ଇସ୍ରାଏଲର ପଣ

ୱାଶିଂଟନ୍ ,୮।୩

ଇରାନ-ଆମେରିକା ଯୁଦ୍ଧ ୯ମ ଦିନରେ ପହଞ୍ଚିବା ସହ ଇରାନରେ ଧ୍ୱଂସର ବିଭୀଷିକା ଜାରି ରହିଛି। ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣକୁ ପୁଣି ଜୋର୍‌ଦାର କରିଛନ୍ତି। ସେପଟେ ଇରାନ ମଧ୍ୟ ଇସ୍ରାଏଲ ସମେତ ଆମେରିକାର ବିଭିନ୍ନ ଠିକଣା ଉପରେ ଆକ୍ରମଣ ଜାରି ରଖିଛି। ଏହାମଧ୍ୟରେ ଇରାନ ସରକାର ନୂଆ ନେତା ବାଛିବା ପ୍ରକ୍ରିୟା ରବିବାର ଶେଷ କରିଥିବା ଘୋଷଣା କରିଛନ୍ତି। କେବଳ ନାମ ଘୋଷଣା ବାକି ରହିଛି। ଇରାନ ନୂଆ ନେତା ବାଛିଲେ ମଧ୍ୟ କୌଣସି ସ୍ଥିତିରେ ବୁଝାମଣା ସମ୍ଭବ ନୁହେଁ। ବରଂ ଇରାନକୁ ଆମେ ନର୍କରେ ପରିଣତ କରିବାକୁ ସଙ୍କଳ୍ପବଦ୍ଧ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କହିଛନ୍ତି। ବିଶେଷକରି ଇରାନର ମୃତ ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁତ୍ର ମୋଜ୍‌ତାବା ହୋସେନି ଖାମେନେଇଙ୍କୁ ନୂଆ ନେତା ଭାବେ ବଛାଯାଇଥିବା ସୂଚନା ପାଇବା ପରେ ଟ୍ରମ୍ପ୍ ଆହୁରି କ୍ଷୁବ୍ଧ ହୋଇଛନ୍ତି। କାରଣ ଆୟାତୋଲ୍ଲା ଖାମେନେଇଙ୍କ ପରିବାରର କୌଣସି ସଦସ୍ୟଙ୍କୁ ଇରାନର ନେତା ନ କରାଇ ଦେବାକୁ ଟ୍ରମ୍ପ୍ ଚାହୁଁ ନାହାନ୍ତି। ସେପଟେ ଇସ୍ରାଏଲ ମଧ୍ୟ ନୂଆ ନେତାଙ୍କୁ ନେଇ ଇରାନକୁ ଧମକ ଦେଇଛି। ଇରାନ ଯାହାଙ୍କୁ ବି ନୂଆ ନେତା ଭାବେ ଚୟନ କରୁନା କାହିଁକି, ତାଙ୍କୁ ହତ୍ୟା କରାଯିବ ବୋଲି ଇସ୍ରାଏଲ ସେନା ଧମକ ଦେଇଛି।

## ମୋଜ୍‌ତାବା ଖାମେନେଇ ନେଇପାରନ୍ତି ନେତୃତ୍ୱ



ତେହରାନ୍ ,୮।୩

ଫେବୃଆରୀ ୨୮ରେ ଇରାନ ଉପରେ ଇସ୍ରାଏଲ-ଆମେରିକାର ମିଳିତ ଆକ୍ରମଣ ପରେ ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ମୃତ୍ୟୁ ହୋଇଥିଲା। ଏହାମଧ୍ୟରେ ଇରାନ-ଆମେରିକା ଯୁଦ୍ଧକୁ ୯ ଦିନ ପୂରିଥିଲାବେଳେ ନୂଆ ନେତା ବାଛିବାକୁ ଇରାନ ସରକାର ଚୟନ ପ୍ରକ୍ରିୟା ଶେଷ କରିଛନ୍ତି। ଖୁବଶୀଘ୍ର ନୂଆ ନେତାଙ୍କ ନାମ ଘୋଷଣା କରାଯିବ ବୋଲି ଇରାନ ସଂସଦର ବରିଷ୍ଠ ସଦସ୍ୟ ଆୟାତୋଲ୍ଲା ମୋହଶିନ୍ ହାଇଦେରି କହିଛନ୍ତି। ଶତ୍ରୁପକ୍ଷକୁ ଠିକଣା ଜବାବ ଦେବା ଲାଗି ଆମେ ଉପଯୁକ୍ତ ନେତାଙ୍କୁ ବାଛିସାରିଛୁ ବୋଲି ସେ କହିଛନ୍ତି। ଏହି କ୍ରମରେ ଆୟାତୋଲ୍ଲା ଅଲୀ ଖାମେନେଇଙ୍କ ପୁତ୍ର ମୋଜ୍‌ତାବା ହୋସେନି ଖାମେନେଇଙ୍କ ନାମ ସର୍ବାଗ୍ରେ ରହିଥିବା କୁହାଯାଉଛି।

## ଅନୀଲ ଅମ୍ବାନୀଙ୍କ ବିରୋଧରେ ପୁଣି ମାମଲା

### ୧୦୮୫ କୋଟିର ଠକେଇ

ନୂଆଦିଲ୍ଲୀ,୮।୩

ରିଲାଏନ୍ସ ଗ୍ରୁପ୍ ମୁଖ୍ୟ ଅନୀଲ ଅମ୍ବାନୀଙ୍କ ସମସ୍ୟା କମିବାର ନାଁ ଧରୁ ନାହିଁ। ପୂର୍ବରୁ ଅର୍ଥ ହେରଫେରକୁ ନେଇ ତାଙ୍କ ବିରୋଧରେ ବହୁ ମାମଲା ରୁଜୁ ହେବା ସହିତ ଅନେକ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ ହୋଇସାରିଛି। ରବିବାର ସିବିଆଇ ଅନୀଲଙ୍କ ବିରୋଧରେ ବ୍ୟାଙ୍କ ଋଣ ଠକେଇ ଅଭିଯୋଗରେ ପୁଣି ଏକ ମାମଲା ରୁଜୁ କରିଛି। ଅନୀଲ ଏବଂ ତାଙ୍କ କମ୍ପାନୀର ବହୁ ଅଧିକାରୀ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରୁ ୨୦୧୩ରୁ ୨୦୧୭ ମଧ୍ୟରେ ୧୦୮୫ କୋଟି ଟଙ୍କାର ଋଣ ଉଠାଇ ପରିଶୋଧ କରି ନ ଥିଲାବେଳେ ପିଏନ୍‌ବି ମୁଖ୍ୟଙ୍କ ଅଭିଯୋଗକ୍ରମେ ସିବିଆଇ ମାମଲା ରୁଜୁ କରିଛି।

## ମୁସଲମାନ ମହିଳାଙ୍କୁ ପିଟି ହତ୍ୟା

ପାଟନା,୮।୩

ବିହାରର ମଧୁବନି ଜିଲାରେ ପବିତ୍ର ରମଜାନ ମାସରେ ଉପବାସ ରଖିଥିବା ଜଣେ ମୁସଲମାନ ମହିଳାଙ୍କୁ ଖୁଣ୍ଟରେ ବାନ୍ଧି ନିର୍ଘାତ ମାଡ଼ ମାରିବା ସହ ଜବରଦସ୍ତ ପରିସ୍ରା ପିଆଇଦିଆଯାଇଥିଲା। ଗାଁ ମୁଖିଆଙ୍କ ପୁଅ ନେତୃତ୍ୱରେ ହୋଇଥିବା ଆକ୍ରମଣରେ ଗୁରୁତର ମହିଳାଙ୍କର ମୃତ୍ୟୁ ଘଟିଛି। ମୃତକ ଘୋଘାରଡିହା ଅନ୍ତର୍ଗତ ଅମହି ଗ୍ରାମର ରୋଶନ ଖାତୁନ୍ ବୋଲି ଜଣାପଡ଼ିଛି। ପୋଲିସ ଓ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ ଗତ ୨୮ ତାରିଖରେ ଖାତୁନ୍ ଏକ ବିବାଦର ସମାଧାନ ପାଇଁ ଗାଁ ମୁଖିଆ କୁମାରୀ ଦେବୀଙ୍କୁ ଭେଟିବାକୁ ଯାଇଥିଲେ। ମୁଖିଆଙ୍କ ପୁଅ ମନୁ ସିଂ ସହ ଅନ୍ୟମାନେ ତାଙ୍କୁ ମାଡ଼ମାରି ଗୁରୁତର କରିଥିଲେ। ପାଟନା ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଅଲ୍-ଫଲାହ ୟୁନିଭର୍ସିଟି ଅଧ୍ୟକ୍ଷଙ୍କୁ ଜାମିନ

### ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ ଇଡି

ନୂଆଦିଲ୍ଲୀ,୮।୩(ପି.ଟି.)



ଜାୱେଦ ସିଦ୍ଦିକି

ମନିଲଣ୍ଡରିଂ ମାମଲାରେ ଅଭିଯୁକ୍ତ ଅଲ୍-ଫଲାହ ୟୁନିଭର୍ସିଟିର ଗ୍ରୁପ୍ ଅଧ୍ୟକ୍ଷ ଜାୱେଦ ସିଦ୍ଦିକିଙ୍କୁ ଦିଲ୍ଲୀର ଏକ ଅଦାଲତ ୨ ସପ୍ତାହ ପାଇଁ ଅନ୍ତରୀଣ ଜାମିନ ପ୍ରଦାନ କରିଛନ୍ତି। ଓଭାରି କ୍ୟାନ୍‌ସର ଚତୁର୍ଥ ପର୍ଯ୍ୟାୟରେ ପୀଡ଼ିତ ସ୍ତ୍ରୀଙ୍କ ଯତ୍ନ ନେବା ପାଇଁ ତାଙ୍କୁ ଜାମିନ ପ୍ରଦାନ କରାଯାଇଛି। ଅଦାଲତଙ୍କ ଅନ୍ତରୀଣ ଜାମିନ ଅନୁମତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିବ ବୋଲି କହିଛି। ମାମଲାର ତଦନ୍ତ ଜାରି ରହିଥିବାରୁ ସିଦ୍ଦିକି ଜାମିନରେ ବାହାରିଲେ ତଦନ୍ତକୁ ପ୍ରଭାବିତ କରିପାରନ୍ତି ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି।

ଗତବର୍ଷ ନଭେମ୍ବର ୧୦ରେ ଲାଲ୍‌କିଲ୍ଲା ନିକଟରେ ଆତ୍ମଘାତୀ ବିସ୍ଫୋରଣ ଘଟଣାରେ ସମ୍ପୃକ୍ତ ହ୍ୱାଇଟ୍ କଲାର ଆତଙ୍କବାଦ ସହ ଅଲ୍-ଫଲାହ ୟୁନିଭର୍ସିଟିର ସମ୍ପୃକ୍ତି ରହିଥିଲା। ଏହାର ଅଧ୍ୟକ୍ଷଙ୍କ ବିରୋଧରେ ୟୁଏପିଏରେ ମଧ୍ୟ ଏତଲା ଦାଏର ହୋଇଥିଲା। ବିଶ୍ୱବିଦ୍ୟାଳୟରୁ ସଂଗୃହୀତ ଦେୟକୁ ବେଆଇନ ଭାବେ ଅନ୍ୟତ୍ର ବିନିଯୋଗ କରୁଥିବା ନେଇ ସିଦ୍ଦିକୀଙ୍କ ନାମରେ ଇଡି ମନିଲଣ୍ଡରିଂ ମାମଲା ରୁଜୁ କରିବା ସହ ନଭେମ୍ବର ମାସରେ ଗିରଫ କରି ଜେଲ ପଠାଇଥିଲା। ଅତିରିକ୍ତ ଦୌରାଜଜ୍ ସୀତଲ ଚୌଧୁରୀ ପ୍ରଧାନ ତାଙ୍କୁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି।

## ଜେଡିୟୁରେ ଯୋଗଦେଲେ ନୀତୀଶଙ୍କ ପୁଅ

ପାଟନା,୮।୩



ନିଶାନ୍ତ କୁମାର (ଡାହାଣ) ଜେଡିୟୁ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝାଙ୍କଠାରୁ ସଭ୍ୟପଦ ଗ୍ରହଣ କରୁଛନ୍ତି।

ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରବିବାର ପାଟନାସ୍ଥିତ ଦଳୀୟ ମୁଖ୍ୟାଳୟରେ ଆନୁଷ୍ଠାନିକ ଭାବେ ସଂଯୁକ୍ତ ଜନତା ଦଳ (ଜେଡିୟୁ)ରେ ସାମିଲ ହୋଇଛନ୍ତି। ସାର୍ବଜନିକ ଜୀବନଠାରୁ ଦୂରେଇ ରହିଥିବା ନିଶାନ୍ତ ବିହାର ରାଜନୀତିରେ ପ୍ରବେଶ କରିଛନ୍ତି। ଇଞ୍ଜିନିୟରିଂରେ ସ୍ନାତକ ଡିଗ୍ରୀ କରିଥିବା ନିଶାନ୍ତ ଜେଡିୟୁ ରାଷ୍ଟ୍ରୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝାଙ୍କଠାରୁ ଦଳୀୟ ସଭ୍ୟପଦ ଗ୍ରହଣ କରିଛନ୍ତି। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ରାଜୀବ ରଞ୍ଜନ ସିଂ, ବିହାର ଉପମୁଖ୍ୟମନ୍ତ୍ରୀ ବିଜୟ କୁମାର ଚୌଧରୀଙ୍କ ସମେତ ବରିଷ୍ଠ ନେତା ଉପସ୍ଥିତ ଥିଲେ। ନୀତୀଶ କୁମାର ରାଜ୍ୟ ସଭା ପାଇଁ ନାମାଙ୍କନପତ୍ର ଦାଖଲ କରିବା ପରେ ଦଳରେ ପିଢ଼ିଗତ ପରିବର୍ତ୍ତନ ହେବ ବୋଲି ଚର୍ଚ୍ଚା ହେଉଥିଲା।

## ନୂଆଦିଲ୍ଲୀରେ ୨ ମେଟ୍ରୋ କରିଡର ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୮।୩(ପି.ଟି.)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୂଆଦିଲ୍ଲୀରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରୁଛନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଦେଶର ପ୍ରଥମ ରିଙ୍ଗ୍ ମେଟ୍ରୋ ସମେତ ନୂଆଦିଲ୍ଲୀରେ ୨ ମେଟ୍ରୋ କରିଡରର ଉଦ୍‌ଘାଟନ କରିଛନ୍ତି। ଏଥିସହିତ ଆଉ ୩ଟି ମେଟ୍ରୋ ଲାଇନ୍ ପାଇଁ ପ୍ରଧାନମନ୍ତ୍ରୀ ଶିଳାନ୍ୟାସ କରିଛନ୍ତି, ଯାହା ଜାତୀୟ ରାଜଧାନୀର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳକୁ ସିଧାସଳଖ ଯୋଡ଼ିବ। ଏଥିସହିତ କେନ୍ଦ୍ର ସରକାରଙ୍କ ଜେନେରାଲ ପୁଲ୍ ରେସିଡେନ୍ସିଆଲ୍ ଆକୋମୋଡେଶନ (ଜିପିଆର୍‌ଏ) ପୁନର୍ବିକାଶ ଯୋଜନାରେ ୧୫,୨୦୦ କୋଟି ଟଙ୍କା ବ୍ୟୟରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିଛନ୍ତି। ସମସ୍ତ ପ୍ରକଳ୍ପର ମୋଟ ବ୍ୟୟ ୩୩,୫୦୦ କୋଟି ଟଙ୍କା। ୨ ନୂଆ ମେଟ୍ରୋ କରିଡର ହେଲା ୧୨.୩ କି.ମି ଦୀର୍ଘ ମଜଲିସ୍ ପାର୍କ-ମୌଜପୁର ବାବରପୁର (ପିଙ୍କ୍ ଲାଇନ୍) କରିଡର ଏବଂ ୯.୯ କି.ମି ଦୀର୍ଘ ଦୀପାଳି ଚୌକ-ମଜଲିସ୍ ପାର୍କ (ମାଜେଣ୍ଟା ଲାଇନ୍) କରିଡର। ଏହାଦ୍ୱାରା ବୁରାରି, ଜଗତପୁର-ୱାଜିରାବାଦ, ଖଜୁରି ଖାସ୍, ଭଜନପୁରା, ଯମୁନା ବିହାର, ମଧୁବନ ଚୌକ, ହାଇଦରପୁର ବାଡଲି ମୋର, ଭାଲସ୍ୱା ଏବଂ ମଜଲିସ୍ ପାର୍କ ଆଦି ଦିଲ୍ଲୀର ବିଭିନ୍ନ ଅଞ୍ଚଳ ଉପକୃତ ହେବ। ସେହିପରି ଶିଳାନ୍ୟାସ ହୋଇଥିବା ୩ ନୂଆ କରିଡର ଆର୍‌କେ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋସିଟିରୁ ଇନ୍ଦିରା ଗାନ୍ଧୀ ବିମାନବନ୍ଦର ଟର୍ମିନାଲ-୧ ଏବଂ ତୋଗଲକବାଦରୁ କାଳିନ୍ଦୀକୁଞ୍ଜକୁ ସଂଯୋଗ କରିବ।

## ଡାର୍କୱେବ୍ ଡ୍ରଗ୍ସ ନେଟ୍‌ୱର୍କର ପର୍ଦ୍ଦାଫାଶ

### ୫ କୋଟି ଟଙ୍କାର ଡ୍ରଗ୍ସ ଜବତ

ନୂଆଦିଲ୍ଲୀ,୮।୩(ପି.ଟି.)

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ରବିବାର ଏକ ଡାର୍କୱେବ୍ ଭିତ୍ତିକ ନିଶାଦ୍ରବ୍ୟ ଚୋରାକାରବାର ନେଟ୍‌ୱର୍କର ପର୍ଦ୍ଦାଫାଶ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ବହୁ ପରିମାଣର ନିଷିଦ୍ଧ ନିଶାଦ୍ରବ୍ୟ ଜବତ କରିଛି, ଯାହାର ମୂଲ୍ୟ ଅନ୍ତର୍ଜାତୀୟ ବଜାରରେ ୫ କୋଟି ଟଙ୍କା ହେବ ବୋଲି କୁହାଯାଉଛି। ସାଧାରଣତଃ ରେଭ୍ ପାର୍ଟିଗୁଡ଼ିକରେ ଏହି ଡ୍ରଗ୍ସ ବ୍ୟବହୃତ ହୋଇଥାଏ। ଗତବର୍ଷ ଜାନୁଆରୀରୁ ଏହି ନେଟ୍‌ୱର୍କ ଜରିଆରେ ଦେଶର ବିଭିନ୍ନ ସହରକୁ ୧,୦୦୦ରୁ ଊର୍ଦ୍ଧ୍ୱ ଥର ଡ୍ରଗ୍ସ ପଠାଯାଇଛି। 'ଟିମ୍ କଲ୍‌କୀ' କୋଡ୍ ନାମରେ ଏହି ନେଟ୍‌ୱର୍କ ଚାଲିଥିଲା ଏବଂ ଅପରାଧ ବା ବେଆଇନ ଡ୍ରଗ୍ସ ଅର୍ଥ ଲୁଚାଇବା ପାଇଁ କ୍ରିପ୍ଟୋ କରେନ୍ସି ବ୍ୟବହାର କରାଯାଉଥିଲା ବୋଲି ଏନ୍‌ସିବି କହିଛି।

ଏନ୍‌ସିବି ମୋଟ ୨,୩୩୮ ଏଲ୍‌ଏସ୍‌ଡି ବ୍ଲୋଟ୍, ୧୬୦ ଏମ୍‌ଡିଏମ୍‌ଏ ପିଲ୍, ୭୩ ଗ୍ରାମ୍ ଚରସ୍, ୩.୬୪ ଗ୍ରାମ ଆମ୍ଫେଟାମାଇନ୍ ଏବଂ ୩.୬ କେ.ଜି. ତରଳ ଏମ୍‌ଡିଏମ୍‌ଏକୁ ୧୩ଟି ପାର୍ସଲରୁ ଜବତ କରିଛି। ଏହା ବ୍ୟତୀତ ୨ଟି ପାର୍ସଲ ନେଦରଲାଣ୍ଡସ୍‌ରୁ ଆସିଥିବା ଜଣାପଡ଼ିଛି। ନିଶାଦ୍ରବ୍ୟ ଚୋରାଚାଲାଣକାରୀମାନେ ଡାର୍କନେଟ୍ ମାର୍କେଟ ଏବଂ ଏନ୍‌କ୍ରିପ୍ଟେଡ୍ ଯୋଗାଯୋଗ ପ୍ଲାଟ୍‌ଫର୍ମକୁ ଅଧିକ ବ୍ୟବହାର କରୁଥିବା ଏଥିରୁ ସ୍ପଷ୍ଟ ହୋଇଛି। ନିଶାଦ୍ରବ୍ୟ ଅପରାଧରେ ୨ ଅଭ୍ୟାସଗତ ଅପରାଧୀ ଅନୁରାଗ ଠାକୁର ଏବଂ ବିକାଶ ରାଠିଙ୍କୁ ଗିରଫ କରାଯାଇଛି। ଏମାନେ ନେଦରଲାଣ୍ଡସ୍, ପୋଲାଣ୍ଡ, ଜର୍ମାନୀର ଅନ୍ତର୍ଜାତୀୟ ଡାର୍କନେଟ୍ ଭେଣ୍ଡରଙ୍କଠାରୁ ଏଲ୍‌ଏସ୍‌ଡି ଏବଂ ଏମ୍‌ଡିଏମ୍‌ଏ ଆଣୁଥିଲେ ବୋଲି ଏନ୍‌ସିବି କହିଛି। ଡାର୍କୱେବ୍ ଫୋରମ ଡ୍ରେଡ୍ ଏବଂ ସେସନ୍ ମେସେଜିଂ ଆପ୍ଲିକେଶନ ଭଳି ଏନ୍‌କ୍ରିପ୍ଟେଡ୍ ପ୍ଲାଟ୍‌ଫର୍ମ ଜରିଆରେ ସେମାନେ ଭାରତୀୟ ଗ୍ରାହକଙ୍କଠାରୁ ଅର୍ଡର ସଂଗ୍ରହ କରୁଥିଲେ।



ଏନ୍‌ସିବି ଦ୍ୱାରା ଜବତ ହୋଇଥିବା ଡ୍ରଗ୍ସ।

# ଆନ୍ତଃରାଜ୍ୟ ଅନ୍‌ଲାଇନ ବେଟିଂ ର୍‍ୟାକେଟ୍ ଠାବ, ୪ ଗିରଫ

ମାଲକାନଗିରି,୮।୩ (ଦୁର୍ଯ୍ୟୋଧନ ପାତ୍ର)



ମାଲକାନଗିରି ଏସ୍‌ପି ସୂଚନା ଦେଉଛନ୍ତି।

ମାଲକାନଗିରି ପୋଲିସ ଆନ୍ତଃରାଜ୍ୟ ଅନଲାଇନ ବେଟିଂ ର୍‍ୟାକେଟ ଠାବ କରିବା ସହ ଏଥିରେ ସମ୍ପୃକ୍ତ ୪ଜଣଙ୍କୁ ଗିରଫ କରିଛି। ରାୟପୁରର ୨ ଅଭିଯୁକ୍ତ ଓ କୋରାପୁଟ ଜିଲାର ୨ଜଣଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ କରାଯାଉଥିବା ମାଲକାନଗିରି ଏସ୍.ପି. ବିନୋଦ ପାଟିଲ ରବିବାର ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ଅଭିଯୁକ୍ତମାନେ ବେଆଇନ ବେଟିଂ ପ୍ଲାଟଫର୍ମ ପରିଚାଳନା କରିବା ସହ ଅତ୍ୟାଧୁନିକ ସଙ୍ଗଠିତ ନେଟୱର୍କ ମାଧ୍ୟମରେ ଏକାଧିକ ଲୋକଙ୍କ ଆକାଉଣ୍ଟ ଡିଜିଟାଲ ପେମେଣ୍ଟ ଚ୍ୟାନେଲ ଜରିଆରେ କାରବାର କରୁଥିଲେ। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୪ଟି ମୋବାଇଲ ଫୋନ୍, ୨ ଲାପଟପ୍, ୫ଟି ବିଭିନ୍ନ ବ୍ୟାଙ୍କ ପାସବୁକ୍, ୩ଟି ବ୍ୟାଙ୍କ ଚେକବୁକ୍ ଜବତ କରାଯାଇଛି ବୋଲି ଏସ୍‌ପି ପାଟିଲ କହିଛନ୍ତି।

ଓଡ଼ିଶା ପୋଲିସ ଦ୍ୱାରା ରାଜ୍ୟବ୍ୟାପୀ ସ୍ୱତନ୍ତ୍ର ଅପରେଶନ ସାଇବର କବଚ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ମାଲକାନଗିରି ପୋଲିସର ସ୍ୱତନ୍ତ୍ର ଅଭିଯାନ ସମୟରେ ଏପର୍ଯ୍ୟନ୍ତ ୧୪୨ଟି ଆକାଉଣ୍ଟ ଯାଞ୍ଚ କରାଯାଇଛି। ଏହାର ତଦନ୍ତ କରିବା ପରେ କୋଟପାଡ଼ ଅଞ୍ଚଳର ମଧ୍ୟସ୍ଥମାନେ ନିରୀହ ଜନସାଧାରଣଙ୍କ ଆକାଉଣ୍ଟରେ ଏମ୍‌ଜିଏନ୍‌ଆରଇଜିଏସ୍ ପେମେଣ୍ଟର ମଥ୍ୟା ପ୍ରତିଶ୍ରୁତି ଦେଇ କିଛି ଆକାଉଣ୍ଟ ଖୋଲିଛନ୍ତି। ଏଥିସହ ବହୁ ବ୍ୟାଙ୍କ ଆକାଉଣ୍ଟ, ପାସ୍‌ବୁକ ଓ ମୋବାଇଲ ନମ୍ବରଗୁଡ଼ିକୁ ସଂଗ୍ରହ କରାଯାଇ ରାୟପୁରରେ କାର୍ଯ୍ୟ କରୁଥିବା ନେଟୱର୍କକୁ ପଠାଯାଇଥିଲା। ରାଜ୍ୟ ସାରା ଦେୟ ଏବଂ ଅବୈଧ ବେଟିଂ ସମନ୍ୱୟ କରିବା ପାଇଁ ଅଭିଯୁକ୍ତମାନେ ଏକାଧିକ ହ୍ୱାଟ୍ସଆପ୍ ଗ୍ରୁପ କରିଥିଲେ। ଏ ପର୍ଯ୍ୟନ୍ତ ୧ କୋଟିରୁ ଅଧିକ ହିସାବରେ ୧୫ ଲକ୍ଷ ପର୍ଯ୍ୟନ୍ତ ଦୈନିକ କାରବାର ଚିହ୍ନଟ କରାଯାଇଛି। ଏହି ଠକ ନେଟୱର୍କଗୁଡ଼ିକୁ ଠାବ କରି ରାୟପୁରରୁ ୨ଜଣ ଓ କୋରାପୁଟ ଜିଲାର ୨ଜଣଙ୍କୁ ଗିରଫ କରିବା ସହ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି ପାଟିଲ ସୂଚନା ଦେଇଛନ୍ତି। ଅପରେଶନ ସମୟରେ ଡିଜିଟାଲ ଡିଭାଇସ ଏବଂ ଆର୍ଥିକ ଡକୁମେଣ୍ଟଗୁଡ଼ିକ ମଧ୍ୟ ଜବତ କରାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ସହଯୋଗୀମାନଙ୍କୁ ଗିରଫ କରାଯିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି।

# ୪ ଶିକାରୀ ଗିରଫ, ୨ ଦେଶୀ ବନ୍ଧୁକ ଜବତ

ବାରିପଦା,୮।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ଗିରଫ ଶିକାରୀ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନ ଅଞ୍ଚଳରୁ ୪ ଶିକାରୀଙ୍କୁ ବନ ବିଭାଗ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ସହ ଶିକାର ସରଞ୍ଜାମ ଜବତ ହୋଇଛି। ଅଭିଯୁକ୍ତମାନେ ହେଲେ ବଡ଼ସାହି ଥାନା ଅଧୀନ ଚନ୍ଦନଚଟୁରୀ ଗ୍ରାମର ସୁନୀଲ ଭକ୍ତା (୨୫), ସହଦେବ ମଲିକ (୨୦), ରାମଚନ୍ଦ୍ର ହାଁସଦା (୨୫) ଓ ଧୀରେନ୍ଦ୍ର ମଲିକ (୨୪)। ଏ ନେଇ ବିଭାଗ ପକ୍ଷରୁ ବନ୍ୟପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି।

ସୂଚନାଯୋଗ୍ୟ, ଗତ ୫ ତାରିଖ ରାତି ୧୦ଟା ପାଖାପାଖି ସମୟରେ ଶିକାରୀମାନେ ଢୁକୁରା ରେଞ୍ଜ ଅଞ୍ଚଳରେ ପ୍ରବେଶ କରିଥିଲେ। ଏଆଇ କ୍ୟାମେରାରେ ଅଭିଯୁକ୍ତମାନଙ୍କ ଫଟୋ ଆସିବା ପରେ ବନ ବିଭାଗର ଏକ ଟିମ୍ ଚଢ଼ାଉ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ତେବେ ସହଦେବ ଓ ସୁନୀଲଙ୍କଠାରୁ ଦୁଇଟି ଦେଶୀ ବନ୍ଧୁକ ଜବତ ହୋଇଥିବାରୁ ଆର୍ମ୍ସ ଆକ୍ଟ ଅନୁଯାୟୀ ଅନ୍ୟ ଏକ ମାମଲା ରୁଜୁ କରାଯିବ ବୋଲି ଦକ୍ଷିଣ ଡିଭିଜନର ଉପ ନିର୍ଦ୍ଦେଶକ ସମ୍ରାଟ ଗୌଡ଼ା କହିଛନ୍ତି।

# ବାପାଙ୍କ ବେକ କାଟିଲେ ପୋଷ୍ୟପୁଅ

ଦିଗପହଣ୍ଡି,୮।୩(ଅଶେଷ ନାଥ ମିଶ୍ର)

ପାରିବାରିକ ବିବାଦରୁ ପୋଷ୍ୟପୁଅ ବ୍ଲେଡ୍‌ରେ ବାପାଙ୍କ ବେକ କାଟିବାକୁ ପଛେଇନାହିଁ। ଏପରି ଅଭାବନୀୟ ଘଟଣା ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମରେ ରବିବାର ଅପରାହ୍ନ ପ୍ରାୟ ୧ଟାରେ ଘଟିଛି। ଖବର ଲେଖା ହେବାଯାଏ ଥାନାରେ କୌଣସି ଏତଲା ହୋଇ ନ ଥିବା ବେଳେ ଖବର ପାଇ ପୋଲିସ ପ୍ରାଥମିକ ତଦନ୍ତ ସାରି ଫେରିଛି। ଗୁରୁତର ଆହତ ସୀମାଞ୍ଚଳ ସାହୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ଖବରରୁ ଜଣାପଡ଼ିଛି, ଭୀଷ୍ମଗିରି ଗ୍ରାମର ସୀମାଞ୍ଚଳ ନିଃସନ୍ତାନ ଥିବାରୁ ଜକର ଗ୍ରାମରେ ରହୁଥିବା ତାଙ୍କ ସଢୁଙ୍କ ପୁଅ କୁନା ସାହୁଙ୍କୁ ପୋଷ୍ୟପୁଅ ଭାବେ ଆଣି ଘରେ ରଖିଥିଲେ। କୌଣସି କାରଣରୁ କୁନା ଏବଂ ସୀମାଞ୍ଚଳଙ୍କ ମଧ୍ୟରେ ବିବାଦ ଲାଗି ରହିଥିଲା। ଠାକୁରାଣୀ ଛକରେ ରହୁଥିବା ସୀମାଞ୍ଚଳଙ୍କ ପାଖରେ କୁନା ସକାଳେ ପହଞ୍ଚିଥିଲେ। ସେଠାରେ ବାପାପୁଅଙ୍କ ମଧ୍ୟରେ କୌଣସି କଥାକୁ ନେଇ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ କୁନା ଏକ ଅପରେଶନ ବ୍ଲେଡରେ ସୀମାଞ୍ଚଳଙ୍କ ବେକକୁ କାଟି ଦେଇଥିଲେ। ଫଳରେ ସୀମାଞ୍ଚଳ ଗୁରୁତର ହୋଇ ପଡ଼ିଥିଲେ। ପଡ଼ୋଶୀମାନେ ତାଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ସୀମାଞ୍ଚଳ ଚିକିତ୍ସାଧୀନ ଅଛନ୍ତି। ଖବରପାଇ ଦିଗପହଣ୍ଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଛି। ଘଟଣା ପରେ କୁନା ଫେରାର ହୋଇଯାଇଛନ୍ତି।

# ସେନାରେ ଚାକିରି କରାଇ ଦେବା ନାଁରେ ଠକେଇ

ଗୋପାଳପୁର,୮।୩(ନବୀନ ରାଜ ଆଚାରୀ)

ସୈନ୍ୟ ବାହିନୀରେ ଚାକିରି କରାଇଦେବା ନାଁରେ ସେନା ଡ୍ରାଇଭର ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ନେଇ ଗୋପାଳପୁର ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନାନୁସାରେ, ଏହି ଥାନା ଅଧୀନ ପୁରୁଣା କମଲାପୁର ଗ୍ରାମର ନାରାୟଣ ସାହୁ କିରାନା ଦୋକାନ କରିଥିଲେ। ୨୦୨୩ରେ ଗୋପାଳପୁର ମିଲିଟାରୀ ଷ୍ଟେଶନରେ ୧୩୧ ଏୟାର ଡିଫେନ୍ସ ରେଜିମେଣ୍ଟର ୟୁନିଟରେ କାର୍ଯ୍ୟରତ ସେନା ଡ୍ରାଇଭର ତାମିଲନାଡୁ ରାଜ୍ୟର ସୁରେଶ ଏସ୍. ଦୋକାନକୁ ଆସି ନାରାୟଣଙ୍କ ସହିତ ପରିଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ନାରାୟଣଙ୍କ ପୁଅଙ୍କୁ ଦେଖି ବଡ଼ ଅଧିକାରୀମାନଙ୍କର ଗାଡି ଚଲାଉଛି, ଚିହ୍ନା ଅଛନ୍ତି, ସେନା ବିଭାଗରେ ଏଲଡିସି ଚାକିରି କରାଇ ଦେବି କହିଥିଲେ। ଏଥିପାଇଁ ସେ ୩ ଲକ୍ଷ ୫୦ ହଜାର ଟଙ୍କା ମାଗିଥିଲେ। ପରେ ସୁରେଶଙ୍କୁ ନାରାୟଣ ଗତ ୨୦୨୩ –୨୦୨୪ ମଧ୍ୟରେ ୩ ଥର ଫୋନ ପେ ଓ ଗୋଟିଏ ଥର ବ୍ୟାଙ୍କ ଖାତାକୁ ୩ ଲକ୍ଷ ୧୦ ହଜାର ଟଙ୍କା ପଠାଇଥିଲେ। ପରବର୍ତ୍ତୀ ସମୟରେ ନାରାୟଣଙ୍କ ପୁଅର ଚାକିରି ହୋଇ ନ ଥିଲା। ଚାକିରି ହୋଇପାରିଲା ନାହିଁ, ନେଇଥିବା ଟଙ୍କା ଫେରସ୍ତ କରିବା ପାଇଁ ସୁରେଶଙ୍କୁ ନାରାୟଣ କହିଥିଲେ। ହେଲେ ସେ ଟଙ୍କା ଫେରସ୍ତ କରି ନ ଥିଲେ। ଗତ ଡିସେମ୍ବରରେ ସୁରେଶ ଫୋନ ବନ୍ଦ କରିଦେଇଥିବାରୁ ଯୋଗାଯୋଗ ହୋଇପାରି ନ ଥିଲା। ଘଟଣା ନେଇ ମିଲିଟାରି ଇନ୍‌ଷ୍ଟେଲଜେନ୍ସି ଗୋପାଳପୁର ଖବର ପାଇଥିଲା। ପରେ ନାରାୟଣଙ୍କୁ ଗୋପାଳପୁର ଥାନାରେ ଅଭିଯୋଗ କରିବା ପାଇଁ କୁହାଯାଇଥିଲା। ନାରାୟଣ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ। କେସ୍ ନଂ. ୧୨୮/୨୬ରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ୮.୭ କୁଇଣ୍ଟାଲ ଗଞ୍ଜେଇ ଜବତ, ୨ ଗିରଫ

**କଣ୍ଟେନରରେ ରାଜସ୍ଥାନକୁ ଚାଲାଣ ହେଉଥିଲା ଗଞ୍ଜେଇ**

କୋରୁକୋଣ୍ଡା,୮।୩ (ଶିବଦତ୍ତ ସାହୁ)



ଜବତ ଗଞ୍ଜେଇ ସହ ଗିରଫ ୨ ଅଭିଯୁକ୍ତ।

ଏକ କଣ୍ଟେନରର ସ୍ୱତନ୍ତ୍ର ଡିକିରେ ରାଜସ୍ଥାନକୁ ଗଞ୍ଜେଇ ଚାଲାଣ ହେଉଥିବାବେଳେ ମାଲକାନଗିରି ଜିଲା ଓର୍କେଲ ପୋଲିସ ହାବୁଡ଼ରେ ପଡ଼ିଛି। ଓର୍କେଲ ଥାନା ଅଧୀନ ନୂଆଗୁଡ଼ା ଗ୍ରାମ ନିକଟରେ ରବିବାର ସକାଳେ ଉକ୍ତ କଣ୍ଟେନରକୁ ଅଟକାଇ ପୋଲିସ ସେଥିରୁ ୮ କୁଇଣ୍ଟାଲ ୭୦ କେ.ଜି. ଗଞ୍ଜେଇ ଜବତ କରିଛି। ଗଞ୍ଜେଇ ଚୋରାଚାଲାଣ ମାମଲାରେ ଗାଡ଼ି ଡ୍ରାଇଭର ଏବଂ ହେଲପରଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ରାଜସ୍ଥାନ ଚୁରୁ ଜିଲାର ମନୋଜ କୁମାର ଏବଂ ସିକର ଜିଲାର ହେମରାଜ ବୋଲି ଜଣାପଡ଼ିଛି। ଏ ନେଇ ଓର୍କେଲ ଥାନାରେ କେସ୍ ନମ୍ବର ୬୬/୨୬ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି।

ମିଳିଥିବା ସୂଚନା ଅନୁଯାୟୀ, ରବିବାର ସକାଳେ ଏକ କଣ୍ଟେନର (ନଂ.ଆର– ଜେ ୧–୪ଜିଆର–୮୩୬୮) ଯୋଗେ ଗଞ୍ଜେଇ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ଏକ ବିଶେଷ ସୂତ୍ରରୁ ସୂଚନା ମିଳିଥିଲା। ଥାନା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଆଇ ହରପ୍ରିୟା ଶବରଙ୍କ ନେତୃତ୍ୱରେ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ନୂଆଗୁଡ଼ା ଗ୍ରାମ ନିକଟରେ ସକାଳ ୧୦ଟାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଚିତ୍ରକୋଣ୍ଡା ପଟୁ ନୂଆଗୁଡ଼ା ଗ୍ରାମ ରାସ୍ତା ଦେଇ ବାଲିମେଲା ଛକ ଅଭିମୁଖେ ଆସୁଥିବା ଏକ କଣ୍ଟେନରକୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ି ଭିତରେ ତିଆରି କରାଯାଇଥିବା ଏକ ସ୍ୱତନ୍ତ୍ର ଡିକି ଭିତରେ ପ୍ରାୟ ୨୯ଟି ଜରି ବସ୍ତାରେ ଗଞ୍ଜେଇ ଥିବା ଦେଖିବାକୁ ପାଇଥିଲେ। ପୋଲିସ ଉକ୍ତ ଗାଡ଼ି ସହ ଗଞ୍ଜେଇକୁ ଜବତ କରିବା ସହିତ ଗାଡ଼ି ଚାଳକ ଏବଂ ହେଲପରଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ମାଜିଷ୍ଟ୍ରେଟ ଭାବେ ଚିତ୍ରକୋଣ୍ଡା ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ଭତ୍ରାଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଓଜନ କରାଯିବା ପରେ ଜବତ କରାଯାଇଥିଲା। ଜବତ ହୋଇଥିବା ଗଞ୍ଜେଇ ମୋଟ ୮ କୁଇଣ୍ଟାଲ ୭୦ କିଲୋ ଥିବା ଜଣାପଡ଼ିଛି। ଏହି ଘଟଣାର ତଦନ୍ତ ଏସ୍‌ଆଇ ଅଜିତ ସିଂ ବରିହା ଜାରି ରଖିଛନ୍ତି ବୋଲି ଥାନା ଅଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ଏହି କଣ୍ଟେନର କିଛି ସାମଗ୍ରୀ ଆଣି ଆନ୍ଧ୍ରପ୍ରଦେଶର ଗୁନି ଅଞ୍ଚଳରେ ଅନଲୋଡ଼ କରି ନୂଆଗୁଡ଼ା ଗାଁ ନିକଟରୁ ଗଞ୍ଜେଇ ଲୋଡ଼ କରି ରାଜସ୍ଥାନ ଅଭିମୁଖେ ଯାଉଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୋଲିସ କହିଛି।

## ରାଜ୍ୟ ଖବର

# ବୋଲେରୋ–ବାଇକ୍ ମୁହାଁମୁହିଁ ଧକ୍କା, ୪ ମୃତ

ଭେଡେନ,୮।୩(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଗୋଡ଼ଭଗାରୁ ସୋନପୁର ପଟକୁ ଯାଇଥିବା ରାସ୍ତାର ଭେଡେନ ଥାନା ରୁଷୁଡ଼ା ଫାଣ୍ଡି ଅନ୍ତର୍ଗତ ମେହେନା ଛକ ନିକଟରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୋନପୁର ପଟୁ ଗୋଡ଼ଭଗା ପଟକୁ ଆସୁଥିବା ଏକ ବୋଲେରୋ ଏବଂ ବିପରୀତ ଦିଗରୁ ଆସୁଥିବା ୨ଟି ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ୪ ଜଣ ବାଇକ ଆରୋହୀଙ୍କ ମୃତ୍ୟୁ ହୋଇଛି। ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ହେଲେ, ଘାଟି ଜାମପାଲି ଗ୍ରାମର ସନ୍ତୋଷ ପ୍ରଧାନ, ସାଗର ପ୍ରଧାନ, କହର ପ୍ରଧାନ ଏବଂ ଜଣେ ଶିଶୁ ଶ୍ରୀୟାଂଶ ପ୍ରଧାନ। ମୃତାହତମାନେ ୨ଟି ବାଇକ ଯୋଗେ ବରଗଡ଼ ଜିଲା ଅତାବିରା ଥାନା ଖଇରପାଲି ଗ୍ରାମକୁ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ଆସିଥିଲେ। ସେଠାରୁ ଫେରିବା ବାଟରେ ସେମାନେ ଏଭଳି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ପୋଲିସ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ଚଳାଇଥିବା ବେଳେ ଆହତଙ୍କୁ ସ୍ଥାନୀୟ ଡାକ୍ତରଖାନା ପଠାଯାଇଥିବା ସୂଚନା ମିଳିଛି।

# ନବୋଦୟ ବିଦ୍ୟାଳୟର ୩ ନିଲମ୍ବିତ

**କୋଲାବ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ମୃତ ଘଟଣା**

**ଜିଲା ପ୍ରଶାସନର ୪ ଜଣିଆ ଟିମ୍‌ର ବିଦ୍ୟାଳୟରେ ତଦନ୍ତ**

କୋରାପୁଟ, ୮।୩(ଅମିତାଭ ବେହେରା)



ଜିଲା ପ୍ରଶାସନର ୪ ଜଣିଆ ଟିମ୍ ନବୋଦୟ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

କୋରାପୁଟ କୋଲାବ ଜଳଭଣ୍ଡାରରେ ନବୋଦୟ ବିଦ୍ୟାଳୟର ୩ ଛାତ୍ର ବୁଡ଼ି ମୃତ ଘଟଣାରେ ନବୋଦୟ ସଂସ୍ଥା ଆଞ୍ଚଳିକ କେନ୍ଦ୍ର ପକ୍ଷରୁ ବିଦ୍ୟାଳୟର ୨ ଶିକ୍ଷକ ଓ ଜଣେ କେୟାର ଟେକରଙ୍କୁ ରବିବାର ନିଲମ୍ବିତ କରାଯାଇଥିବା ଜଣାପଡ଼ିଛି। ତଦନ୍ତ ପାଇଁ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ନିର୍ଦ୍ଦେଶ କ୍ରମେ ଜିଲା ପ୍ରଶାସନର ଚାରିଜଣିଆ ଟିମ୍ କୋରାପୁଟ ନବୋଦୟ ବିଦ୍ୟାଳୟକୁ ପରିଦର୍ଶନ କରିଛନ୍ତି। କୋରାପୁଟ ତହସିଲଦାର ସୟଦ ସବୀର ସାହାଙ୍କ ନେତୃତ୍ୱରେ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ, ଜିଲା ମଙ୍ଗଳ ଅଧିକାରୀ ସୁନୀଲ କୁମାର ତାଣ୍ଡି, ଜିଲା ଶିକ୍ଷାଧିକାରୀ କରୁଣାକର ଭୁଏ ପ୍ରମୁଖ ବିଦ୍ୟାଳୟକୁ ଯାଇ ଘଟଣା ସମ୍ପର୍କରେ ଶିକ୍ଷକ, ଅଧ୍ୟକ୍ଷ, କେୟାର ଟେକର ଓ ଅନ୍ୟମାନଙ୍କୁ ପଚାରି ବୁଝିଛନ୍ତି। ଟିମ୍ ତଦନ୍ତ କରି ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବ। ରବିବାର ୩ ମୃତଦେହକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ତହସିଲଦାର ସାହା ସୂଚନା ଦେଇଛନ୍ତି। ସୂଚନାନୁଯାୟୀ, ଶନିବାର ମାଟ୍ରିକ୍ ପରୀକ୍ଷା ସରିବା ପରେ ନବୋଦୟ ବିଦ୍ୟାଳୟର ୧୦ ଛାତ୍ର ନିକଟରେ ଥିବା କୋଲାବ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇଥିଲେ। ୫ ଛାତ୍ର ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ୩ ଜଣ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ୨ ଛାତ୍ର ପହଁରି ପାଣିରୁ ବାହାରି ଆସିଥିଲେ। ଗ୍ରାମବାସୀଙ୍କ ସହାୟତାରେ ୩ ମୃତଦେହ ଜବତ କରି କୋରାପୁଟ ମେଡିକାଲକୁ ପଠାଯାଇଥିଲା।

## ତୃତୀୟ ପୃଷ୍ଠାରୁ

ତୃତୀୟ ପୃଷ୍ଠାରୁ

### ‘ମହିଳାଙ୍କ...

ବହୁତ ଆଗରେ ଅଛନ୍ତି। ଓଡ଼ିଶାରେ ସୁଭଦ୍ରା ଯୋଜନା ମହିଳା ସଶକ୍ତୀକରଣକୁ ପ୍ରମାଣିତ କରିଛି। ଏଚ୍‌ପିଭି ଭାଇରସ୍ ଟିକା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇ ରାଜ୍ୟର ସମସ୍ତ ୧୪ ରୁ ୧୫ ବର୍ଷ ଝିଅମାନଙ୍କୁ ଏହି ଟିକା ଦେବା ପାଇଁ ସେ ସୁଭଦ୍ରା ମା’ମାନଙ୍କୁ ଅନୁରୋଧ କରିଛନ୍ତି। ପୁରୀ ଏମ୍‌ପି ଡ. ସମ୍ବିତ ପାତ୍ର ଯୋଗଦେଇ ଓଡ଼ିଶାରେ ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଅଦ୍ୱିତୀୟ ବୋଲି କହିଛନ୍ତି। ଉତ୍ସବରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମନୀଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗର ଶାସନ ସଚିବ ମୃଣାଳିନୀ ଦର୍ଶୱାଲ ସ୍ୱାଗତ ଭାଷଣ ଓ ପୁରୀ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

### ହିନ୍ଦୁ ଯୁବତୀଙ୍କୁ...

ଉକ୍ତ ହୋଟେଲରେ ରହି ତାଙ୍କୁ ପ୍ରେମ ଜାଲରେ ଫସାଇଥିଲେ। ଶେଷରେ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ମଧ୍ୟ ରଖିଥିଲେ। କିଛିଦିନ ତଳେ ଅଭିଯୁକ୍ତ ଉକ୍ତ ଯୁବତୀଙ୍କୁ ପୁରୀ ବୁଲାଇ ଆଣି ହୋଟେଲରେ ରହିଥିଲେ। ଏହି ସମୟରେ ଯୁବତୀ ଜଣକ ତାଙ୍କର ଅସଲି ପରିଚୟ ଜାଣିବାକୁ ପାଇଥିଲେ। ଜୟରାମ ମୁସଲିମ୍ ଓ ତାଙ୍କର ପ୍ରକୃତ ନାମ ଇର୍ଫାନ ବୋଲି ଜାଣିବା ପରେ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଇର୍ଫାନ ତାଙ୍କୁ ପ୍ରବଳ ମାଡ଼ ମାରିଥିଲେ। କୌଶଳକ୍ରମେ ଯୁବତୀ ଜଣକ ହୋଟେଲରୁ ବାହାରକୁ ଆସି ପୁରୀ ସମୁଦ୍ରକୂଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ସେଠାରେ ଇର୍ଫାନ ଭୁଲ୍ ମାଗିବା ସହ ଯୁବତୀଙ୍କୁ ବୁଝାଶୁଝା କରି ଭୁବନେଶ୍ୱର ନେଇଆସିଥିଲେ। ଶହୀଦନଗର ଥାନା ଅଞ୍ଚଳରେ ଥିବା ଏକ ହୋଟେଲରେ ଦୁହେଁ ରହିଥିଲେ। ସେଠାରେ ପୁଣି ଇର୍ଫାନଙ୍କର ଏକାଧିକ ପରିଚୟପତ୍ର ଦେଖିବା ପରେ ବଚସା ହୋଇଥିଲା। ସେ ଖସି ଆସିବାକୁ ଚେଷ୍ଟା କରିଥିଲେ ମଧ୍ୟ ଇର୍ଫାନ ଜବରଦସ୍ତି ହୋଟେଲ ଭିତରେ ବନ୍ଧକ ରଖି ମାରପିଟ୍ କରୁଥିଲେ। ଏପରିକି ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିବା ସହ କର୍ଣ୍ଣାଟକ ନେଇଯିବାକୁ ଉଦ୍ୟମ କରିଥିଲେ। ଧର୍ମ ପରିବର୍ତ୍ତନ କରିବାକୁ ଯୁବତୀ ମନା କରିବାରୁ ତାଙ୍କୁ ପୁଣି ମାଡ଼ ମାରିବା ସହ ଅକଥନୀୟ ନିର୍ଯାତନା ଦେଉଥିଲେ। ଯୁବତୀ ଜଣକ ଫୋନ୍ କରି ଶହୀଦନଗର ଥାନାକୁ ଜଣାଇଥିଲେ। ଯୁବତୀଙ୍କ ଲିଖିତ ଅଭିଯୋଗ ଆଧାରରେ ପୋଲିସ ମାମଲା ନଂ.୧୩୩/୨୬ ରୁଜୁ କରି ଇର୍ଫାନଙ୍କୁ ଗିରଫ କରିଛି। ବିବାହର ପ୍ରତିଶ୍ରୁତି ଦେଇ ବଳାତ୍କାର କରିବା, ଧର୍ମ ପରିବର୍ତ୍ତନ କରିବାକୁ ବାଧ କରିବା ଏବଂ ନିର୍ଯାତନା ଦେବା ଭଳି ସଙ୍ଗିନ ଦଫା ଲଗାଇ ଇର୍ଫାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଇର୍ଫାନ୍ କେବଳ ଏହି ଜଣେ ଯୁବତୀ ନା ଆଗରୁ ଆଉକାହାକୁ ଲଭ୍ ଜିହାଦରେ ଫସାଇଛନ୍ତି, ସେନେଇ ପୋଲିସ ଖୋଳତାଡ଼ କରୁଛି।

### ବ୍ଲୁ ଫ୍ଲାଗ ବିଚ୍‌ରେ...

ପାଇଁ ପ୍ରତିବର୍ଷ ନଭେମ୍ବର ୧ରୁ ମେ ୩୧ ଯାଏ ପୁରୀ ସମୁଦ୍ର ଉପକୂଳରେ ମାଛଧରା କଟକଣା ଲାଗୁ କରାଯାଇଥାଏ। ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏହି ସମୟରେ ଦେବୀ ଓ କେଳୁଣି ନଦୀ ମୁହାଣରୁ ୭ କି.ମି. ଯାଏ ନିଷିଦ୍ଧାଞ୍ଚଳ ଘୋଷଣା କରାଯାଏ ଓ ସମୁଦ୍ର କୂଳରୁ ୨୦ କି.ମି. ମଧ୍ୟରେ ଟ୍ରଲର ଚଳାଚଳ ସମ୍ପୂର୍ଣ୍ଣ ବାରଣ କରାଯାଇଥାଏ। ଅନେକ ସମୟରେ କେତେକ ଟ୍ରଲର ଚାଳକ ନିୟମ ଉଲ୍ଲଂଘନ କରି ନିଷିଦ୍ଧାଞ୍ଚଳରେ ମାଛ ମାରୁଥିବାରୁ ବହୁ ଅଲିଭ୍ ରିଡ୍‌ଲେଙ୍କ ମୃତ୍ୟୁ ଘଟିଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅପରପକ୍ଷରେ ବିରଳ ଅଲିଭ୍ ରିଡେଲ କଇଁଛ ସୁରକ୍ଷିତ ମଣୁଥିବା ଅଞ୍ଚଳରେ ଅଣ୍ଡାଦାନ କରିଥାନ୍ତି। ଯେହେତୁ ପ୍ରଥମଥର ପାଇଁ ବ୍ଲୁଫ୍ଲାଗ ବିଚ୍‌ରେ ଅଣ୍ଡାଦାନ କରିଛନ୍ତି, ତେବେ ଭବିଷ୍ୟତରେ ଏଠାରେ ଅଣ୍ଡାଦାନ କରିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ।

# ଶ୍ରୀପଦ୍ମକେଶର ମନ୍ଦିରର ଶିଖର ଭାଙ୍ଗି ଧ୍ୱଜପଦ୍ମ ନେଇଯାଇଥିଲା କେଶୋ ଦାସମାରୁ

ଡ. ସୁରେନ୍ଦ୍ର କୁମାର ମିଶ୍ର




ବ୍ୟକ୍ତିଗତ ଭାବରେ ଓଡ଼ିଶାର ଗୌରବମୟ ସ୍ମାରକୀକୁ ସଫଳ କରିବା ପାଇଁ ଯେଉଁମାନେ ଜୀବନର ୧୬ବର୍ଷ ଅତିବାହିତ କରିଥିଲେ, ସେମାନଙ୍କୁ ଆମେ ଭୁଲିଯାଇଛେ। ସେମାନଙ୍କ ଇତିହାସକୁ ହଜେଇଦେଇଛେ। ସେଥିପାଇଁ ବାହାର ଲୋକ ଆମକୁ ଆଙ୍ଗୁଠି ଦେଖେଇବାକୁ ପଛେଇଲେ ନାହିଁ। ଜଣେ ସ୍ମରଣୀୟ ପୁରୁଷ ଆମର ନରସିଂହ ଉଦ୍‌ଗାତା। ମନେହୁଏ ହୀରାଖଣ୍ଡ (ସମ୍ବଲପୁର) ସାମ୍ରାଜ୍ୟର ରାଜଗୁରୁ କିମ୍ବା ରାଜପୁରୋହିତ ଥିଲେ। ଦୁଇବର୍ଷ ଧରି ସମଗ୍ର ଭାରତବର୍ଷର ୧୨ଟି ତୀର୍ଥରୁ ପବିତ୍ର ଜଳ ସଂଗ୍ରହ କରି କୋଣାର୍କରେ ପହଞ୍ଚାଇଥିଲେ। ରାସ୍ତାଘାଟ, ଖରାବର୍ଷା, ହବିଷାନ୍ନ ଭକ୍ଷଣ... ଭାବିପାରୁଛେ ଆମେ! କି ନିଷ୍ଠା, କି ମନୋବଳ, କି ତ୍ୟାଗ!!

ଜାଣିଲେ ଓଡ଼ିଆଙ୍କ ମିଳିତ ସହଯୋଗର ଗାଥା। ଲକ୍ଷ୍ୟ ଗୋଟିଏ। ନିର୍ମାଣ ହେବ ବିଶ୍ୱର ବିସ୍ମୟ ଶ୍ରୀପଦ୍ମକେଶର ମନ୍ଦିର। ଗୋଟିକ ପରେ ଗୋଟିଏ କାମ ହେବାପରେ ସତରେ ହୃଦୟ ତାଙ୍କର ପୁଲକିତ ହୋଇଥିବ। ସେମାନେ ତା’ପରେ ପ୍ରବେଶ କରିଥିବେ ମନ୍ଦିର ନିର୍ମାଣର ଶେଷଦୃଶ୍ୟରେ। ଶେଷଦୃଶ୍ୟ ଥିଲା ପ୍ରତିଷ୍ଠାର ଦୃଶ୍ୟ। ପ୍ରତିଷ୍ଠା ପର୍ବର ସୂତ୍ରଧର ଥିଲେ ଆଚାର୍ଯ୍ୟ ଭୁବନେଶ୍ୱର ରାଜଗୁରୁ। ବ୍ରହ୍ମାବରଣ ହେଲେ ବିଶ୍ୱନାଥ ରାଜଗୁରୁ ମହାପାତ୍ର। ନ୍ୟାସାଚାର୍ଯ୍ୟଙ୍କ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେଲେ ପଣ୍ଡିତ ନାରାୟଣ ଆଚାର୍ଯ୍ୟ। ବେଦାଚାର୍ଯ୍ୟ, ରଙ୍ଗନାୟକାଚାର୍ଯ୍ୟ, ଅଗ୍ନିଧର, ଅଥର୍ବା ଭାବରେ ବରଣ ହୋଇଥିଲେ। ଏମାନେ ସମସ୍ତେ ଓଡ଼ିଶାର। ଆମେ ଚିହ୍ନଟ ପ୍ରକ୍ରିୟା ଆରମ୍ଭ କରିଛୁ। ବିଭିନ୍ନ ବ୍ରାହ୍ମଣ ଶାସନ ଗାଁରୁ ଏମାନେ ଆସିଥିଲେ। ବ୍ରାହ୍ମଣ ଶାସନ ଭୋଇବଂଶ କାଳରେ ବସିଲା ବୋଲି ଲେଖିବା ପୂର୍ବରୁ ଦଣ୍ଡେ ଅଟକିବାକୁ ପଡ଼ିବ ଆମକୁ। ଶିକ୍ଷା ବିକାଶରେ ଆମେ ପଛୁଆ ଥିଲେ ବୋଲି ଯେଉଁମାନେ ହାତକାଟି ଲେଖିଲେ, ସେମାନଙ୍କୁ ଉତ୍ତର ଦେବାକୁ ହେବ।

ସମସ୍ତ କାର୍ଯ୍ୟର ପ୍ରସ୍ତୁତି ସରିଥିଲା। ପ୍ରତିଷ୍ଠା କାର୍ଯ୍ୟର ଦ୍ରବ୍ୟ ଆସି ଭଣ୍ଡାରରେ ଥିଲା। ପୂର୍ବରୁ ସୂଚନା ଦେଇଥିଲୁ ଶୋଭାଯାତ୍ରାରେ ଯଜ୍ଞ ଉପକରଣ ଆସି ଅର୍କବଟ ତଳେ ରହିଥିଲା। କାର୍ଯ୍ୟାରମ୍ଭ ‘କାଳ’ ନିର୍ଦ୍ଦିଷ୍ଟ। ତଦନୁଯାୟୀ ପ୍ରତ୍ୟେକ ଓଁକାର ଉଚ୍ଚାରଣ ବିଧି ଅନୁଯାୟୀ ସମ୍ପନ୍ନ ହେଲା। ଚୁନରା ନାୟକ ଆରମ୍ଭ କଲେ ଧ୍ୱଜବନ୍ଧା ପର୍ବ। ଧ୍ୱଜ ମନ୍ଦିର ଉପରକୁ ଯାଇ ବନ୍ଧାହେଲା ବେଳକୁ ଗଜପତି, ରାଜମାତା କସ୍ତୁରିକା ମୋଦିନୀ ଓ ରାଜ ପରିବାରର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସେମାନେ ଧ୍ୱଜର ଅଗପୁଲି ଧରି ମନ୍ଦିର ପ୍ରଦକ୍ଷିଣ କଲେ। ଆମେ ଜାଣୁ ଧ୍ୱଜ ସ୍ଥାପନ ବିଧି ଓଡ଼ିଶାରେ ନିଆରା। ଧ୍ୱଜ ବନ୍ଧାଯିବା ପରେ ଧ୍ୱଜର ଅଗ୍ରଭାଗ ମନ୍ଦିରର ତଳଭାଗକୁ ଛୁଇଁବ। ଶେଷଭାଗ ବା ଅଗ୍ରଭାଗ ପବିତ୍ର ଜଳରେ ସ୍ନାନହେବ। ଧ୍ୱଜପଦ୍ମରୁ ଧ୍ୱଜ କଢ଼ାଗଲା।

ପ୍ରତିଷ୍ଠା ଦୃଶ୍ୟର ପ୍ରଥମ ଆଧାର ଶ୍ରୀପଦ୍ମକେଶର ଦେଉଳ କର୍ମାଙ୍ଗୀ ପୁସ୍ତକ। ଦ୍ୱିତୀୟ ଆଧାର ‘ତ୍ରିକାଳ ମହାମାୟା ଅର୍ଚ୍ଚନା ବିଧିଃ’। ପ୍ରତିଷ୍ଠା ଆରମ୍ଭରୁ ସମସ୍ତେ ଶରଣାଗତ ହେଲେ ଶ୍ରୀସୂର୍ଯ୍ୟ ଦେବଙ୍କର। ସେ ଶରଣାଗତ ଶ୍ଳୋକଟି ହେଲା–

ନମୋ ନମସ୍ତେଽସ୍ତୁ ସଦା ବିଭାବସୋ
ସର୍ବାତ୍ମନେ ସପ୍ତହୟାୟ ଭାନବେ।
ଅନନ୍ତ ଶକ୍ତି–ର୍ମଣିଭୂଷଣେନ
ଦଦସ୍ୱ ଭୁକ୍ତିଂ ମମ ମୁକ୍ତିମବ୍ୟୟାମ୍।

ନିବେଦନ ଥିଲା– ହେ ସୂର୍ଯ୍ୟଦେବ! ଆପଣ ସର୍ବାତ୍ମା।
ଆପଣଙ୍କ ରଥରେ ସପ୍ତ ଅଶ୍ୱ ସଂଯୋଜିତ।
ଆପଣ– ପ୍ରକାଶଦୀପ୍ତ ଭାନୁଦେବ।
ଆପଣ – ମଣିମୟ ଆଭୂଷଣ ବିଭୂଷିତ।
ଆପଣ – ଅନନ୍ତ ଶକ୍ତିସମ୍ପନ୍ନ।
ଆପଣ– ଅକ୍ଷୟ ମୋକ୍ଷ ପ୍ରଦାନ କରନ୍ତୁ।
ଆପଣ– ସମସ୍ତ ବିଶ୍ୱର ଆଲୋକଦାତା।
ଆପଣ– ଅବ୍ୟୟ ମୁକ୍ତି ପ୍ରଦାତା।

ପ୍ରସଙ୍ଗ ଦୃଷ୍ଟିରୁ ଧ୍ୱଜପଦ୍ମର ସ୍ଥାନାନ୍ତର ବିଷୟ ଆମେ ଦେଖିବା। ମନ୍ଦିର ଶୀର୍ଷରେ ଏହା ସ୍ଥାନ ପାଇଥିଲା। ହାସିମ୍ ଖାଁ ୧୬୦୭ ମସିହାରେ ଓଡ଼ିଶାର ସୁବାଦାର ହୋଇ ଆସିଥିଲେ। ଦିଲ୍ଲୀର ବାଦଶାହା ଥିଲେ ଜାହାଙ୍ଗୀର। କେଶୋ ଦାସଙ୍କୁ ସେନାପତିରୁ ଜାଗିରଦାର କରି ଓଡ଼ିଶାକୁ ଲୁଣ୍ଠନ କରିବା ପାଇଁ ପଠାଇଥିଲେ ହାସିମ୍ ଖାଁ। ୧୬୧୦ ମସିହାରେ ସେ ଶ୍ରୀମନ୍ଦିର ଆକ୍ରମଣ କରିବା ପୂର୍ବରୁ ୧୬୦୯ରେ କୋଣାର୍କଠାରୁ ଉକ୍ତ ଧ୍ୱଜପଦ୍ମ ମନ୍ଦିରର ଶିଖର ଭାଙ୍ଗି ନେଇଯାଇଥିଲେ। ତାହା କେଉଁଠିକି ନେଲେ, କାହାକୁ ଦେଲେ ତା’ର ଖୋଜଖବର ଆମେ ନେଇନେ। କେଶୋ ଦାସର ଶ୍ରୀମନ୍ଦିର ଆକ୍ରମଣ ବିଷୟ ଆମେ ଶ୍ରୀମନ୍ଦିର ଲୁଣ୍ଠନର ଇତିହାସ ପୁସ୍ତକରେ କରିଛୁ। ଶରଧାବାଲିରେ ଗୁଣ୍ଡିଚା ଯାତ ବେଳେ ରଥ ଥିଲା। ନିଆଁ ଲଗେଇ ପୋଡ଼ିଦେବା ପରେ ଶ୍ରୀମନ୍ଦିର ଭିତରେ ପ୍ରବେଶ କରି ଚାରିଦ୍ୱାର ବନ୍ଦ କରିଦେଇଥିଲା। ପରେ ଗଜପତିଙ୍କ ସହିତ ସେ ଯେଉଁ ସନ୍ଧି କରିଥିଲା, ତାହା ଥିଲା ବିଶ୍ୱର ଲୋମହର୍ଷଣକାରୀ ସନ୍ଧି।



ଶରଧାବାଲିରେ ଦଣ୍ଡାୟମାନ ତିନି ରଥ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ମିଳିଛି: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୮ ।୩(ରବିନାରାୟଣ ଜେନା)

ରାଜ୍ୟରେ ମହିଳାମାନଙ୍କ ବିକାଶ ପାଇଁ ଭାଜପା ସରକାର ପ୍ରତିଶ୍ରୁତିବଦ୍ଧ। ନାରୀଶକ୍ତି ସାମାଜିକ, ରାଜନୈତିକ, ଅର୍ଥନୈତିକ ବ୍ୟବସ୍ଥାର ଅଭିନ୍ନ ଅଙ୍ଗ। ଆଜିର ନାରୀ ଆଉ ଅବଳା ନୁହେଁ, ଚାଷ କ୍ଷେତ୍ରରୁ ଆରମ୍ଭ କରି ଶିକ୍ଷା, ଉଡାଜାହାଜ ଓ ରକେଟ ଚଳାଇବା ପର୍ଯ୍ୟନ୍ତ ସବୁକ୍ଷେତ୍ରରେ ଆଗରେ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଓଡ଼ିଶାରେ ସବୁଦିଗରେ ନାରୀମାନଙ୍କୁ ପ୍ରାଧାନ୍ୟ ଦିଆଯାଇଛି। ଭାଜପା ଶାସନରେ ମହିଳା ଉନ୍ନତି ପଥରେ ଅଗ୍ରସର ହେଉଛନ୍ତି। ନାରୀ ସଶକ୍ତୀକରଣକୁ ସ୍ୱତନ୍ତ୍ରତାର ରୂପ ଭାଜପା ସରକାର ଦେଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।


ମୋହନ ଚରଣ ମାଝୀ

ରାଜ୍ୟ ଭାଜପା କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ୨୦୧୪ରେ ପ୍ରଧାନମନ୍ତ୍ରୀ ଦେଶର ଶାସନ ଭାର ସମ୍ଭାଳି ଥିଲେ। ଏହାପରେ ମହିଳା ସଶକ୍ତୀକରଣ ପାଇଁ ସେ ଅନେକ ଯୋଜନା ଆରମ୍ଭ କରିଛନ୍ତି। ସେ

### ଭାଜପାର ଅନ୍ତର୍ଜାତୀୟ ମହିଳା ଦିବସ

ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନେବାର ମାତ୍ର ୮ ମାସରେ ବେଟି ବଚାଓ,ବେଟି ପଢ଼ାଓ ଯୋଜନା କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଓଡ଼ିଶା ସରକାର ମଧ୍ୟ ମହିଳାଙ୍କ ବିକାଶ ପାଇଁ ଗତ ୨ ବର୍ଷ ହେବ ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମହିଳା ସଶକ୍ତୀକରଣ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା ଲାଗୁ କରିଛନ୍ତି। ଏହି ଯୋଜନାର ୪ କିସ୍ତିରେ ୧ କୋଟିରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଅର୍ଥରାଶି ପ୍ରଦାନ କରାଯାଇଛି। ଲକ୍ଷପତି ଦିଦି ବନେଇବାରେ ସାରା ଦେଶରେ ଓଡ଼ିଶା ଅଗ୍ରଣୀ ସ୍ଥାନରେ ରହିଛି। ମମତା ଓ ପ୍ରଧାନମନ୍ତ୍ରୀ ମାତୃବନ୍ଦନା ଯୋଜନା ଏକତ୍ର ଭାବେ ଓଡ଼ିଶା ସରକାର କାର୍ଯ୍ୟକାରୀ କରିଛନ୍ତି। ଏହାଦ୍ୱାରା ଝିଅ ଜନ୍ମଠାରୁ ପାଠପଢ଼ା ପର୍ଯ୍ୟନ୍ତ ଚିନ୍ତା ଦୂର ହୋଇଛି। ଆର୍ଥିକ ଅନଗସର ମହିଳାଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ' ଯୋଜନା ଆରମ୍ଭ କରାଯାଇଛି। କନ୍ୟାସନ୍ତାନ ଜନ୍ମକୁ ପ୍ରୋତ୍ସାହିତ କରିବା ପାଇଁ ସରକାର 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ' ଯୋଜନା ଆରମ୍ଭ କରିଛନ୍ତି। ମହିଳାମାନଙ୍କ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଏବେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ମହିଳାମାନଙ୍କୁ ସଶକ୍ତ କରିବା ସହ ସେମାନଙ୍କ ଆର୍ଥିକ ସ୍ୱାଧୀନତା ତଥା ବିକାଶର ଧାରାକୁ ଦ୍ୱିଗୁଣିତ କରିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ରାଜ୍ୟ ମହିଳାମୋର୍ଚ୍ଚା ସଭାନେତ୍ରୀ ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ କହିଥିଲେ, ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମହିଳାଙ୍କ ସୁରକ୍ଷା ଓ ସମୃଦ୍ଧି ପାଇଁ ପ୍ରତିଶ୍ରୁତିବଦ୍ଧ। ନିର୍ବାଚନ ବେଳେ ମହିଳାଙ୍କ ଉନ୍ନତି ପାଇଁ ଭାଜପା ସରକାର ଯାହା ସବୁ ଘୋଷଣା କରିଥିଲା ତାହା ସବୁ ପୂରଣ କରିଛନ୍ତି। ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସେମାନଙ୍କ ଆର୍ଥିକ ବିକାଶ ଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ୯ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଉତ୍ତରୀୟ ଏବଂ ଫଳକ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସାମାଜିକ ଗଣମାଧ୍ୟମ ସଂଯୋଜକ ସୁଜାତା ପାଢ଼ୀ, ବିଶିଷ୍ଟ ମହିଳା ଧାବିକା ଦୂତି ଚାନ୍ଦ, ବିଶିଷ୍ଟ ଗାୟିକା ସୁସ୍ମିତା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାରେ ନେତୃତ୍ୱ ସଙ୍କଟ:ନବୀନ

### ବିଜେଡି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

ଭୁବନେଶ୍ୱର,୮ ।୩(ରବିନାରାୟଣ ଜେନା)

ରାଜ୍ୟରେ ନାରୀମାନଙ୍କ ଉପରେ ନିର୍ଯାତନା ବଢ଼ି ଚାଲିଥିବାବେଳେ ଶୁଣିବାକୁ କେହି ନାହାନ୍ତି। ରାଜ୍ୟରେ ଭାଜପା ସରକାରରେ ଏବେ ନେତୃତ୍ୱ ସଙ୍କଟ ସୃଷ୍ଟି ହୋଇଛି ବୋଲି ବିରୋଧୀଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି।

ଶଙ୍ଖ ଭବନରେ ରବିବାର ବିଜେଡି ପକ୍ଷରୁ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ ନବୀନ କ୍ଷୋଭ ପ୍ରକାଶ କରି କେତେଦିନ ଏମିତି ଚାଲିବ ବୋଲି ପ୍ରଶ୍ନ କରିଥିଲେ। ସେ କହିଥିଲେ, ବିଜେଡି ମା'ମାନଙ୍କ ସମ୍ପୂର୍ଣ୍ଣ ସଶକ୍ତୀକରଣରେ ବିଶ୍ୱାସ କରେ। ସମାଜର ବୃହତ୍ତର ବିକାଶରେ ମହିଳାଙ୍କ ଗୁରୁତ୍ୱକୁ ବିଜୁବାବୁ ଭଲ ଭାବରେ ବୁଝିଥିଲେ ଓ ସେ ଦିଗରେ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ବୋଲି ନବୀନ କହିଛନ୍ତି।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ବିଭିନ୍ନ କ୍ଷେତ୍ରରେ କୃତୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ରାଜ୍ୟସଭା ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ଂପ୍ରମିଳା ଜେନା**

ଆବିର୍ଭାବ: ୧୪।୦୧।୧୯୬୪ ତିରୋଧାନ: ୧୪।୦୩।୨୦୨୫

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

**ଶୋକସନ୍ତପ୍ତ:** ସ୍ୱାମୀ- ସୁର ଜେନା, ବଡ଼ ପୁଅ- ଅନିଲ୍ କୁମାର ଜେନା, ସାନ ପୁଅ- ସୁନିଲ୍ କୁମାର ଜେନା, ବଡ଼ ଝିଅ- ମଞ୍ଜୁଲତା ଜେନା, ସାନ ଝିଅ- ସଞ୍ଜୁଲତା ଗୋଚ୍ଛାୟତ୍, ବଡ଼ ବୋହୂ- ରଶ୍ମିରେଖା ଜେନା, ସାନ ବୋହୂ- ମିତାଲୀ ଜେନା, ବଡ଼ ଜ୍ୱାଇଁ- ସଂଗ୍ରାମ କୁମାର ଜେନା, ସାନ ଜ୍ୱାଇଁ- ସୂର୍ଯ୍ୟମଣି ଗୋଚ୍ଛାୟତ୍, ବଡ଼ ପୁଅର ଝିଅ- ଆଦ୍ୟାଶ୍ରୀ ଜେନା (ନାତୁଣୀ), ସାନ ପୁଅର ପୁଅ- ଲେଲିନ୍ ଜେନା (ନାତି), ବଡ଼ ଝିଅର ପୁଅ- ସାଇରାମ ଜେନା (ନାତି) (ବଡ଼), ସାନ ଝିଅର ଝିଅ- ପଦ୍ମିନୀ ଗୋଚ୍ଛାୟତ୍ (ବଡ଼ ନାତୁଣୀ), ପ୍ରିୟଦର୍ଶନୀ ଗୋଚ୍ଛାୟତ୍ (ସାନ ନାତୁଣୀ) ।

D-3526

### ପଞ୍ଚମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ଂ ରବୀନ୍ଦ୍ର କୁମାର ମଙ୍ଗରାଜ**

ଖୋର୍ଦ୍ଧା
ଆବିର୍ଭାବ: ୦୧।୦୩।୧୯୬୫
ତିରୋଧାନ: ୦୨।୦୪।୨୦୨୧
ଚୈତ୍ର କୃଷ୍ଣପକ୍ଷ ଷଷ୍ଠୀ

ହୋଇନଥିଲା ତ ସମୟ ହେଲେ ଅସ୍ତ ତୁମେ ହୋଇଗଲ, ଆକାଶ କାନ୍ଦିଲା ମାଟି ବି ଭିଜିଲା ନିଦ୍ରାରେ ଶୋଇଗଲ। ସରିନାହିଁ ତୁମ କର୍ତ୍ତବ୍ୟର ସୂଚୀ ଆହୁରି ଅନେକ ବାକି, ସରି ତ ନଥିଲା ସ୍ୱପ୍ନଦେଖା ତୁମ, ପାଇଗଲା ସିନା ରାତି। କିପରି କରିବି ପୂର୍ଣ୍ଣ ତୁମ ସ୍ୱପ୍ନ ଦିଅ ମତେ ତୁମେ ଶକ୍ତି। ତୁମର ଆତ୍ମା ପରମାତ୍ମାରେ ଲୀନ ହେଉ ଏହା ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ପତ୍ନୀ, ପୁତ୍ର ଓ ପରିବାରବର୍ଗ

ଧ-୩୫୭୭


# ମହିଳାଙ୍କ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ:ଭକ୍ତ

### କଂଗ୍ରେସର ଆନ୍ତର୍ଜାତିକ ମହିଳା ଦିବସ

ଭୁବନେଶ୍ୱର, ୮।୩ (ରବିନାରାୟଣ ଜେନା)

ରାଜ୍ୟ ସରକାର ମହିଳାଙ୍କୁ ସୁରକ୍ଷିତ ରଖିବେ ଓ ସ୍ୱାବଲମ୍ବୀ କରିବେ ବୋଲି ନିର୍ବାଚନୀ ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଲେ। କିନ୍ତୁ କ୍ଷମତା ହାସଲ ପରେ ସେସବୁ ଭୁଲି ଗଲେ। ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ପାଇଁ କଂଗ୍ରେସ ସବୁ ବେଳେ ସଂଗ୍ରାମ କରି ଆସିଛି ଓ ଆଗକୁ ମଧ୍ୟ ଲଢ଼େଇ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ଭକ୍ତ କହିଥିଲେ, ଆଜିର ଦିନ ଆମମାନଙ୍କ ପାଇଁ ସଂକଳ୍ପର ଦିନ। କଂଗ୍ରେସ ପୀଡ଼ିତା, ନିଷ୍ପେଷିତା ଓ ଅବହେଳିତାଙ୍କ ଅଧିକାର ପାଇଁ ଦିନରାତି ସଂଗ୍ରାମ କରୁଛି। ସେ କହିଥିଲେ, ରାଜ୍ୟରେ ଦିନକୁ ୧୫ ମହିଳା ବଳାତ୍କାରରେ ଶିକାର ହେଉଛନ୍ତି। ଓଡ଼ିଶାରୁ ୬୦ ହଜାର ମହିଳା ଓ ଶିଶୁ ନିଖୋଜ ହୋଇଥିବା ସ୍ଥଳେ ସେମାନଙ୍କୁ ଖୋଜି ଆଣିବା ପାଇଁ ସରକାରଙ୍କର ପ୍ରୟାସ ନାହିଁ। ବିଧାନସଭାରେ କଂଗ୍ରେସ ସଦସ୍ୟମାନେ ମହିଳାଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବାରୁ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହ ଗୃହ ଭିତରେ ପ୍ରବେଶ କରିବାର ଅଧିକାର ଛଡ଼ାଇ ନିଆଗଲା। ମହିଳାଙ୍କ ଅଧିକାର ପାଇଁ ପ୍ରଦେଶ କଂଗ୍ରେସ ପକ୍ଷରୁ ଯେଉଁ ବିଶାଳ ରାଲି କରାଗଲା, ସେଥିରେ ୫ ହଜାର କଂଗ୍ରେସ କର୍ମୀଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଗଲା। ଗାନ୍ଧୀମାର୍ଗରେ କଂଗ୍ରେସ କର୍ମୀଙ୍କୁ ପାଣି ମାଡ଼, ଠେଙ୍ଗାମାଡ଼ କରି ଲହୁ ଲୁହାଣ କରାଗଲା। ସରକାର ଆମ ଉପରେ ଯେତେ ଆକ୍ରମଣ କଲେ ବି ମହିଳାଙ୍କ ଅଧିକାର ପାଇଁ ଲଢ଼ିବୁ ବୋଲି ସେ କହିଥିଲେ। ଭକ୍ତ ଦେଶ ସ୍ୱାଧୀନତାରେ ଖାସ ଦେଇଥିବା ରାଣୀ ଲକ୍ଷ୍ମୀବାଈ, ସାବିତ୍ରୀ ବାଈ ଫୁଲେ, କସ୍ତୁରବା ଗାନ୍ଧୀ, ସରୋଜିନୀ ନାଇଡୁ, କ୍ୟାପ୍ଟେନ୍ ଲକ୍ଷ୍ମୀ ସେହେଗଲ, ଅରୁଣା ଆଶଫ ଅଲ୍ଲୀ, ମାଳତୀ ଚୌଧୁରୀଙ୍କଠାରୁ ଆରମ୍ଭ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କର ଅତୁଳନୀୟ ଅବଦାନ ସମ୍ପର୍କରେ ଅବତାରଣା କରିଥିଲେ। ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିକହିଥିଲେ।

ଶେଷରେ କଂଗ୍ରେସ ଭବନରୁ ରାଜମହଲ ଛକ ପର୍ଯ୍ୟନ୍ତ 'ମାର୍ଚ୍ଚ ଫର୍ ଜଷ୍ଟିସ' ରାଲି ବାହାରିଥିଲା। ଜୟଶ୍ରୀ ପାତ୍ରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ମହିଳା କଂଗ୍ରେସର ପୂର୍ବତନ ସଭାନେତ୍ରୀ ସସ୍ମିତା ବେହେରା ଓ ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ଏପ୍ରିଲ ୮ରେ ମହମ୍ମଦ ମୋକିମଙ୍କ ନୂଆ ଦଳ

### ବିଜେଡି ସହ ହାତ ମିଳାଇବା କଂଗ୍ରେସ ପ୍ରତି ଘାତକ ହେବ

କଟକ,୮ ।୩(ଶିଳ୍ପା ପ୍ରିୟଦର୍ଶିନୀ)

ଆସନ୍ତା ଏପ୍ରିଲ ୮ତାରିଖରେ ବରିଷ୍ଠ ନେତା ଇଂ. ମହମ୍ମଦ ମୋକିମଙ୍କ ନୂଆ ଦଳ 'ଓଡ଼ିଶା ଜନତା ଦଳ'ର ଶୁଭାରମ୍ଭ ହେବ। ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ହେବାକୁ ଥିବା ଏହି ଶୁଭାରମ୍ଭ ଉତ୍ସବରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଯୋଗଦେବେ ବୋଲି ରବିବାର କଟକସ୍ଥିତ ଆବାସିକ କାର୍ଯ୍ୟାଳୟରେ ମୋକିମ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମାର୍ଚ୍ଚ ଶେଷ ସୁଦ୍ଧା ନୂଆ ଦଳ ଶୁଭାରମ୍ଭ ପାଇଁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ରବିବାର ଦଳୀୟ ପତାକା ଓ ଲେଖା ପ୍ରସ୍ତୁତ କରାଯାଇଛି। ଏପ୍ରିଲ ୮ରେ ଦଳର ଶୁଭାରମ୍ଭ ହେବ। ଲୋକଙ୍କର ଏହି ନୂଆ ଦଳ ପ୍ରତି ଆଗ୍ରହ ରହିଛି। ବେକାରି ସମସ୍ୟା, ଦୁର୍ନୀତି, ନିଶାକୁ ବିରୋଧ ଆଦି ବିଭିନ୍ନ ମୁଖ୍ୟ ପ୍ରସଙ୍ଗ ହେବ। ଏହି ଦଳ ଗଠନ ନେଇ ସବୁବର୍ଗର ଲୋକଙ୍କ ସହ ଆଲୋଚନା କରାଯାଇଛି। ମୁଖ୍ୟତଃ ଯୁବକମାନେ ଦଳର ନେତୃତ୍ୱ


ଇଂ. ମହମ୍ମଦ ମୋକିମ

ନେବେ। ବିଜେଡି ଧରାଶାୟୀ ହୋଇଗଲାଣି। ୨୪ବର୍ଷ ଶାସନ କରି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ଭୁଆଁ ବୁଲାଇଛନ୍ତି। ନୂଆପଡ଼ା ଉପନିର୍ବାଚନରେ ବିଜେଡି ତୃତୀୟ ସ୍ଥାନରେ ରହିବା ପରେ ଏବେ ସ୍ଥିତି ଜାହିର ପାଇଁ ରାଜ୍ୟ ସଭା ନିର୍ବାଚନ ନେଇ ଚାଲ୍ ଚଳାଇଛି। ୨୪ବର୍ଷ ଧରି ବିଜେଡି କଂଗ୍ରେସକୁ ତଳିତଳାନ୍ତ କରିଛି। ଏବେ ସେହି ଦଳ ସହ ହାତ ମିଶାଇବା ଅନ୍‌ହୋଲି ଆଲାଏନ୍ସ ହେବ। ଏ ନେଇ ବହୁ ବିଧାୟକ ଅସନ୍ତୁଷ୍ଟ ରହିଛନ୍ତି। ଏପରି ନିଷ୍ପତ୍ତି କଂଗ୍ରେସ ଦଳ ପ୍ରତି ଘାତକ ହେବ। ସେହିପରି ରାଜ୍ୟ ସଭା ନିର୍ବାଚନରେ କଂଗ୍ରେସ ନିଜ ପ୍ରାର୍ଥୀ ଦେବା ସହ ନିଜ ଦମ୍‌ରେ ଲଢ଼ିଥିଲେ ଭଲ ହୋଇଥାନ୍ତା ବୋଲି ମୋକିମ କହିଛନ୍ତି।


# Classified Everyday
0674-2580101, 9692975378


## REAL ESTATE SALE

**PlotsaleAIIMS Hospital, Bhubaneswar, Duplex near Retang Station. 9777433701.** D-24

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

**30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949.** D-3543

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/- ରେ ତୁରନ୍ତ ବିକ୍ରି ହେବ। 9776974912. D-22

***BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134.** D-3498

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି **immediate** ଘର କରନ୍ତୁ। **9439363944.** D-3495

**Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595.** D-23




All types of physiotherapy and massage contact 9556924059 / 7656969134. D-3523

## AFFIDAVIT

By virtue of an affidavit sworn before Notary Public, Borigumma, dated 21.02.2026, I, BHABANI AMANATYA (New name), Address: At- Khangarguda, P.O.- Kumuli, P.S.- B.Singhpur, Dist.- Koraput, Odisha-764057 declare that I have changed my name from TABHA AMANATIYA (Old name) to BHABANI AMANATYA (New name). Henceforth, I shall be known as BHABANI AMANATYA (New name) for all purposes.
BHABANI AMANATYA D-3581

By virtue of an affidavit sworn before The Notary Public, Borigumma, dated 18.02.2026, I, Khageswara Gouda, Address: At- Nuagaon, P.O.- Nuagaon, P.S.- Borigumma, Dist.- Koraput, Odisha- 764056 declare that I have changed the name of my Son from TANKESWARI GOUDA (Old name) to TUNA GOUDA (New name). Henceforth, She shall be known as TUNA GOUDA (New name) for all purposes. D-3577

By virtue of an affidavit sworn before Notary Public, Borigumma, dated 18.02.2026, I, NABADAN NAG (New name), Address: At- Semlaguda, P.O.- Mundaguda, P.S.- B.Singhpur, Dist.- Koraput, Odisha- 754057 declare that I have changed my name from NABADAN HARIJAN (Old name) to NABADAN NAG (New name). Henceforth, I shall be known as NABADAN NAG (New name) for all purposes.
Nabadan Nag D-3578

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Borigumma, dated 18.02.2026, I, MADAN GOUDA, Address: At- Bhatbaiguda, P.O.- Gujuniguda, P.S.- B.Singhpur, Dist.- Koraput, Odisha- 764056 declare that I have changed the name of my son from JUDESTI GOUDA (Old name) to JUDHISTHIR GOUDA (New name). Henceforth, he shall be known as JUDHISTHIR GOUDA (New name) for all purposes. D-3579

By virtue of an affidavit sworn before Notary Public, Borigumma, dated 07.03.2026, I, SOBHAMANI KUMAJHARIA (New name), Address: At- Mundaguda, P.O.- Semelaguda, P.S.- B.Singhpur, Dist.- Koraput, Odisha-764057 declare that I have changed my name from SUAMANI KUMAJHARIA (Old name) to SOBHAMANI KUMAJHARIA (New name). Henceforth, I shall be known as SOBHAMANI KUMAJHARIA (New name) for all purposes.
SOBHAMANI KUMAJHARIA D-3580

By virtue of an affidavit sworn before Executive Magistrate cum Tahasildar, Bhandaripokhari, No.- 368, dated- 19.02.2026, I, Sanjay Kumar Nayak, S/o.- Gouranga Charan Nayak, Address: At- Noulia, P.O.- Manjuri, P.S.- Bhandaripokhari, Dist.- Bhadrak, Odisha, PIN- 756222 declare that I have changed the name of my son from Jigansu Nayay to Jijnasu Nayak. Henceforth, he shall be known as Jijnasu Nayak for all purposes.
Sanjay Kumar Nayak D-3575

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ **classifieddharitri@gmail.com** ରେ ଇମେଲ୍ କରନ୍ତୁ।


## LEGAL NOTICE

Letter No.394, dated- 06.03.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ-୪,
ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭାରତୀୟ ପ୍ରଶାସନିକ ସେବା, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା।
ଓ.ଏସ୍.ଏସ୍. ମୋକଦ୍ଦମା ନଂ-୧୮୧/୨୦୨୫
ନୋଟିସ୍
(ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ-୫, ନିୟମ ନଂ-୨୦ ମୁତାବକ )

ଶ୍ରୀ ଅନନ୍ତ ଚରଣ ଟୁଡୁ ........ ବାଦୀ।
ବନାମ
ତହସିଲଦାର, ଭୁବନେଶ୍ୱର ଏବଂ ଓଗେର ........ପ୍ରତିବାଦୀ।

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:- ପ୍ରତିବାଦୀ ନଂ-୩: ବିକାଶ ସାହୁ, ପିତା- ଂମଦନ ସାହୁ। ପ୍ରତିବାଦୀ ନଂ-୪: ଗୌରୀ ସାହୁ, ପିତା- ଂବାନାମ୍ବର ସାହୁ। ପ୍ରତିବାଦୀ ନଂ-୫: ଶୌରି ସାହୁ, ପିତା- ଂବାନାମ୍ବର ସାହୁ। ପ୍ରତିବାଦୀ ନଂ-୬: ରଜନୀ ସାହୁ, ପିତା- ଂଧୋବେଇ ସାହୁ। ପ୍ରତିବାଦୀ ନଂ-୭: ସାଧୁ ଚରଣ ସାମନ୍ତରାୟ, ପିତା- ଂଦେବରାଜ ସାମନ୍ତରାୟ। ପ୍ରତିବାଦୀ ନଂ-୮: ହରେକୃଷ୍ଣ ପାହାଡସିଂ, ପିତା- ଂପାଣ୍ଡୁ ପାହାଡସିଂ।

ପ୍ରତିବାଦୀ ନଂ-୩ ରୁ ୮ ମାନଙ୍କର ଠିକଣା: ସା- ଜୁଝଗଡ, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୧୦୨୪।

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନଂ-୪ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜିକୃତ ଡାକ ଦ୍ୱାରା ନୋଟିସ୍ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ୍ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୧୩।୦୪।୨୦୨୬ରିଖ, ଦିବା ୧୧:୩୦ ଘଟିକା ସମୟରେ କରାଯିବ।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା (ନଂ-୩୫), ମୌଜା- ଭାଲୁଙ୍କା ସାବକ ଖାତା ନଂ-୪୭ (ସ୍ଥିତିବାନ୍), ସାବକ ପ୍ଲଟ୍ ନଂ-୧୮୧(ଅଂଶ), ଏହାର ସବ୍-ପ୍ଲଟ୍ ନଂ-୮୭(୫୯'x୪୦'=୨୩୬୦ ବର୍ଗଫୁଟ୍) ଓ ସବ୍-ପ୍ଲଟ୍ ନଂ-୮୮(୫୨'x୪୦'=୨୦୮୦ ବର୍ଗଫୁଟ୍), ବିକ୍ରୟ ଦଲିଲ୍‌ର ସଂଯୁକ୍ତ ନକ୍ସା ମୁତାବକ ରକବା- ଏ୦.୮୭୦ଡି. ସ୍ମ, ଏ୦.୫୮୦ଡି. ସ୍ମ, ଏ୦.୧୦୨ଡି.। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ-୧୬୦(ସ୍ଥିତିବାନ୍), ପ୍ଲଟ୍ ନଂ-୨୦୧, ରକବା-ସ୍ମ ଏ୦.୫୭୫ଡି. (ଅଂଶ), କିସମ- ତଇଳା।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀମାନେ ନିଜେ କିମ୍ବା ତାଙ୍କର ଉତ୍ତାରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୦୬।୦୩।୨୦୨୬
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ସ୍ୱା- କୋର୍ଟ ଅଫିସର

ଧ-୩୫୮୨

# ଜର୍ଜ ରସେଲ ଜିତିଲେ ଅଷ୍ଟ୍ରେଲିଆନ ଗ୍ରାଁପ୍ରି


ଟ୍ରଫି ସହ ଜର୍ଜ ରସେଲ।

**ମେଲବୋର୍ନ, ୮।୩ (ଏପି)**

ମର୍ସିଡିଜର ଜର୍ଜ ରସେଲ ସିଜନ ଆରମ୍ଭ ଅଷ୍ଟ୍ରେଲିଆନ ଓପନ ଫର୍ମୁଲା-୧ ଗ୍ରାଁ ପ୍ରି ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ରୋମାଞ୍ଚକ ମୁକାବିଲାରେ ତାଙ୍କ ଟିମ୍‌ମେଟ କିମି ଆଣ୍ଟୋନେଲି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ମର୍ସିଡିଜର ଏହାଥିଲା ୬୧ତମ ପ୍ରଥମ-ଦ୍ୱିତୀୟ ଫଳାଫଳ ଏବଂ ୨୦୨୪ ଲାସଭେଗାସ ଗ୍ରାଁ ପ୍ରି ପରେ ପ୍ରଥମ। ରସେଲ କହିଛନ୍ତି, ଏହି ରେସ ଚ୍ୟାଲେଞ୍ଜପୂର୍ଣ୍ଣ ହେବ ବୋଲି ଆମେ ପୂର୍ବରୁ ଆଶା କରିଥିଲୁ। ରେସ୍‌ରେ ଫେରାରିର ଚାର୍ଲ୍ସ ଲେକ୍‌ଲେରେକ୍ ଓ ଲୁଇସ୍ ହାମିଲଟନ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ମ୍ୟାକଲରେନର ଲାଣ୍ଡୋ ନୋରିସ ଓ ରେଡବୁଲର ମାକ୍ସ ଭର୍ଷ୍ଟାପେନ୍ ଯଥାକ୍ରମେ ୫ମ ଓ ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ରେସ୍‌ରେ ୭ମରୁ ୧୦ମ ସ୍ଥାନ ଅଧିକାର କରିଥିବା ଡ୍ରାଇଭରମାନେ ଯଥାକ୍ରମେ ହେଲେ ଅଲିଭର ବିଅରମ୍ୟାନ(ହାସ୍), ଅର୍ଭିଡ ଲିଣ୍ଡବ୍ଲାଡ (ରେସିଂ ବୁଲ୍ସ), ଗାବ୍ରିଏଲ, ବୋର୍ଟୋଲେଟ୍ (ଅଡି) ଏବଂ ପିଏରେ ଗାସ୍‌ଲି (ଅଲ୍‌ପାଇନ)।

## ଦୋହା ବୈଠକକୁ ସ୍ଥଗିତ ରଖିଲା ଆଇସିସି

**ନୂଆଦିଲ୍ଲୀ, ୮।୩ (ପି.ଟି.)**

**ମଧ୍ୟ ପ୍ରାଚ୍ୟ ବିବାଦ**

ୟୁଏସ୍‌ଏ, ଇସ୍ରାଏଲ ଏବଂ ଇରାନ ସହିତ ଚାଲିଥିବା ବିବାଦ ପରିପ୍ରେକ୍ଷୀରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) କତାରର ଦୋହାଠାରେ ମାର୍ଚ୍ଚ ୨୫ରୁ ୨୭ ପର୍ଯ୍ୟନ୍ତ ହେବାକୁଥିବା ୩ ଦିନିଆ ବୈଠକକୁ ସ୍ଥଗିତ ରଖିଛି। ଆସନ୍ତା ମାସରେ ବୈଠକ ପାଇଁ ନୂଆ ଦିନ ଧାର୍ଯ୍ୟ କରାଯିବ। ଅହମଦାବାଦଠାରେ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଫାଇନାଲ ମ୍ୟାଚର ଦିନକ ପୂର୍ବରୁ ଶନିବାର ଆଇସିସିର ସଦସ୍ୟମାନଙ୍କୁ ଆନୁଷ୍ଠାନିକ ଏ ବିଷୟରେ ଅବଗତ କରିଦିଆଯାଇଛି। କତାରରେ କ୍ରିକେଟ ପ୍ରତି ଆଗ୍ରହ ବୃଦ୍ଧି ପାଉଥିବାରୁ ଆଇସିସି କତାରକୁ ଭେନ୍ୟୁ ଭାବେ ବାଛିଥିଲା।


ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ନାଲ୍‌କୋ ସିଏମ୍‌ଡି ବ୍ରଜେନ୍ଦ୍ର ପ୍ରତାପ ସିଂ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମ୍ବର୍ଦ୍ଧିତ କରୁଛନ୍ତି। କ୍ରୀଡ଼ାରେ ଉତ୍କର୍ଷତା ଲାଗି ଶ୍ରଦ୍ଧାଞ୍ଜଳି ନିକଟରେ ଡକ୍ଟରେଟ ଉପାଧି ଲାଭ କରିଥିଲେ।

# ଭାରତକୁ ୧୦ଉଇକେଟରେ ହରାଇଲା ଅଷ୍ଟ୍ରେଲିଆ

**ପର୍ଥ, ୮।୩ (ପି.ଟି.)**

**ଦିବାରାତ୍ର ମହିଳା ଟେଷ୍ଟ କ୍ରିକେଟ**

ଅଷ୍ଟ୍ରେଲିଆ ଏଠାରେ ଖେଳାଯାଇଥିବା ଏକମାତ୍ର ଦିବାରାତ୍ର ମହିଳା କ୍ରିକେଟ ଟେଷ୍ଟ ମ୍ୟାଚରେ ଭାରତକୁ ୧୦ଉଇକେଟରେ ପରାସ୍ତ କରିଛି। ରବିବାର ଭାରତକୁ ଦ୍ୱିତୀୟ ଇନିଂସରେ ୧୪୯ ସ୍କୋରରେ ଅଲଆଉଟ କରିସାରିବା ପରେ ମାତ୍ର ୨୫ ରନର ବିଜୟ ଲକ୍ଷ୍ୟକୁ ବିନା କୌଣସି ଉଇକେଟରେ ହାସଲ କରିନେଇଥିଲା। ଏହି ମ୍ୟାଚ ଆହୁରି ମଧ୍ୟ ଅଧିନାୟିକା ଏଲିସା ହିଲିଙ୍କ ଅବସର ପୂର୍ବରୁ ଶେଷ ମ୍ୟାଚ ଥିଲା। ଭାରତ ବିପକ୍ଷରେ ଏହି ଖେଳାଳି ସବୁବେଳେ ଭଲ ପ୍ରଦର୍ଶନ କରି ଆସୁଥିଲେ। ରବିବାର ମ୍ୟାଚର ତୃତୀୟ ଦିବସରେ ଭାରତ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୧୦୫/୬ରୁ ଖେଳ ଆରମ୍ଭ କରିଥିଲା। ଅପରାଜିତ ରହିଥିବା ଦୁଇ ବ୍ୟାଟର ପ୍ରତୀକା ରାୱଲ (୬୩) ଓ ସ୍ନେହ ରାଣା (୩୦) ଭାରତ ସ୍କୋରକୁ ୧୩୨ରେ ପହଞ୍ଚାଇଥିଲେ। ଗାର୍ଡନର ଏବଂ ପ୍ଲେୟର ଅଫ୍ ଦି ମ୍ୟାଚ ଆନାବେଲ ସଦରଲାଣ୍ଡ ଯୋଡ଼ି ଭାରତୀୟ ଇନିଂସର ପରିସମାପ୍ତି ଘଟାଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ମହିଳା: ୧୯୮ ଏବଂ ୪୮.୨ ଓଭରରେ ୧୪୯/ଅଲଆଉଟ (ପ୍ରତୀକା ରାୱଲ-୬୩, ସ୍ନେହ ରାଣା-୩୦ ; ଲୁସି ହାମିଲଟନ-୩/୩୨, ଆନାବେଲ ସଦରଲାଣ୍ଡ-୨/୧୫, ଆଲାନା କିଙ୍ଗ୍-୨/୨୩, ଆଶଲେ ଗାର୍ଡନର-୨/୮)। ଅଷ୍ଟ୍ରେଲିଆ ମହିଳା: ୩୨୩ ଏବଂ ୪.୩ ଓଭରରେ ୨୮/୦ (ଜର୍ଜିଆ ଭୋଲ୍-୧୬)।

# ଟିଲୋ କପ୍: ଚଣ୍ଡିଗଡ଼, କୋଲ୍‌କାତା ବିଜୟୀ


ଲାଇଟନିଂ ଲିଜେଣ୍ଡ ଚଣ୍ଡିଗଡ଼ ଓ ନେକ୍ସେଜ ହାଇଦ୍ରାବାଦ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

**ବନ୍ତ,୮।୩(ହରିନାରାୟଣ ମହାନ୍ତି)**

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ରବିବାର ୩ୟ ଦିନରେ ୨ଟି ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଲାଇଟନିଂ ଲିଜେଣ୍ଡ ଚଣ୍ଡିଗଡ଼ ଓ ନେକ୍ସେଜ ହାଇଦ୍ରାବାଦ ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ହାଇଦ୍ରାବାଦ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। ଲାଇଟନିଂ ଲିଜେଣ୍ଡ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୬୨ ରନ୍ କରିଥିଲା। ଦଳ ପକ୍ଷରୁ ଅଙ୍କିତ ନରୱାଲ ୯୪, ରମଣ ବିଷ୍ଣୋଇ ୨୭ ଓ ସୁନୀ ସିଂହ ୧୪ ରନ୍ କରିଥିଲେ। ପ୍ରତିପକ୍ଷ ହାଇଦ୍ରାବାଦର ବୋଲର ବିବେକ ସିଂହ ୨, ଆୟୁଷ ରଏ ଓ ନମାନ ମଞ୍ଜୁର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହାଇଦ୍ରାବାଦ ୨୦ ଓଭରରେ ୬ ଉଇକେଟ ହରାଇ ୧୫୫ ରନ୍ କରି ହାରିଥିଲା। ଦଳ ପକ୍ଷରୁ ନିଶାନ୍ତ ଯାଦବ ୪୩, ମହମ୍ମଦ ସରିମ ୩୧ ଓ ରାହୁଲ ରାଜ୍ ୧୫ ରନ୍ କରିଥିଲେ। ପ୍ରତିପକ୍ଷ ଲାଇଟନିଂ ଲିଜେଣ୍ଡର ବୋଲର ଅଙ୍କିତ ୨, ଭିଶ୍ୱାସ ଓ ଭଗମେନ୍ଦର ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଙ୍କିତଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

ସେହିପରି ଜେ.ପି ସ୍ପୋର୍ଟ୍ସ ନଏଡ଼ା ଓ ଏ ଆଣ୍ଡ୍ ଏସ୍ କୋଲ୍‌କାତା ମଧ୍ୟରେ ୨ୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ନଏଡ଼ା ୨୦ ଓଭରରେ ୯ ଉଇକେଟ ହରାଇ ୧୮୫ ରନ୍ କରିଥିଲା। ଦଳ ପକ୍ଷରୁ କମରାନ ଖାନ୍ ୮୪, ରାହୁଲ ଯାଦବ ୩୦ ଓ ରାଜ୍ କୁମାର ୨୭ ରନ୍ କରିଥିଲେ। ପ୍ରତିପକ୍ଷ କୋଲ୍‌କାତାର ବୋଲର ଅଂଶୁମାନ ପାଣ୍ଡେ ୪, ପ୍ରକାଶ ରାଜ ଓ ଦୀପାଂଶୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଜବାବରେ କୋଲ୍‌କାତା ୧୮.୧ ଓଭରରେ ୮ ଉଇକେଟ ହରାଇ ୧୯୦ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଶୁଭଙ୍କର ବଳ ୫୭, ଦୀପାଂଶୁ ୪୩ ଓ ଅଂଶୁମାନ ୧୨ ରନ୍ କରିଥିଲେ। ପ୍ରତିପକ୍ଷ ନଏଡ଼ାର ବୋଲର ଅନୁରାଗ ଯାଦବ ୩, ଶୁନ୍ଦରମ ଦୁବେ ୨ ଓ ଗୁଞ୍ଜନ ମୁଦ୍‌ଗଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଂଶୁମାନଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରଥମ ମ୍ୟାଚ୍‌ରେ ଅମ୍ପାୟର ଭାବେ ରଞ୍ଜନ ମହାନ୍ତି ଓ ଶାନ୍ତନୁ ରାଉତ, ୨ୟ ମ୍ୟାଚ୍‌ରେ ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ ଓ ପୂର୍ଣ୍ଣେନ୍ଦୁ ଜେନା ପରିଚାଳନା କରିଥିଲେ।

## ୨୮ରୁ ଆଇପିଏଲ୍: ବେଙ୍ଗାଲୁରୁରେ ଆର୍‌ସିବି ୫ ମ୍ୟାଚ୍ ଖେଳିବ

**ମୁମ୍ବାଇ,୮।୩**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପରବର୍ତ୍ତୀ ସଂସ୍କରଣ ଚଳିତ ମାସ ୨୮ ତାରିଖରୁ ଆରମ୍ଭ ହେବ। ଏ ନେଇ ଟୁର୍ନାମେଣ୍ଟର ପ୍ରସାରଣକାରୀ ଚ୍ୟାନେଲ ଷ୍ଟାର ସ୍ପୋର୍ଟ୍ସ ରବିବାର ସ୍ପଷ୍ଟ କରିଛି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଫାଇନାଲ ଖେଳାଯିବା ପୂର୍ବରୁ ଏହି ଘୋଷଣା କରାଯାଇଥିଲା। ହେଲେ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ କେଉଁଠାରେ ଏବଂ କାହା କାହା ମଧ୍ୟରେ ଖେଳାଯିବ, ତାହା ପ୍ରକାଶ କରାଯାଇ ନାହିଁ। ଖୁବ୍ ଶୀଘ୍ର ବିସିସିଆଇ ପକ୍ଷରୁ ଆଇପିଏଲ୍‌ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀ ଘୋଷଣା କରାଯିବ ବୋଲି ଆଶା କରାଯାଉଛି।

କିନ୍ତୁ ଡିଫେଣ୍ଡିଂ ଚାମ୍ପିୟନ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଆଗାମୀ ସିଜନରେ ତା'ର ୫ଟି ମ୍ୟାଚ୍ ବେଙ୍ଗାଲୁରୁସ୍ଥିତ ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଖେଳିବ। ଆର୍‌ସିବିର ବଳକା ଦୁଇଟି ଘରୋଇ ମ୍ୟାଚ୍ ଛତିଶଗଡ଼ ରାଜଧାନୀ ରାୟପୁରସ୍ଥିତ ଶହୀଦ ବୀର ନାରାୟଣ ସିଂ ଇଣ୍ଟରନ୍ୟାଶନାଲ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ।

# ମହିଳା ଦୃଷ୍ଟିବାଧିତ ଧନୁତୀର ଚାଳନା ପ୍ରତିଯୋଗିତା


କୃତୀ ପ୍ରତିଯୋଗୀ ସହ ଅତିଥିବୃନ୍ଦ।

**ଭୁବନେଶ୍ୱର, ୮।୩ (ତପନ ସ୍ୱାଇଁ)**

ଅନ୍ତର୍ଜାତୀୟ ମହିଳା ଦିବସରେ ଦକ୍ଷତା ଦେଖାଇଲେ ଦୃଷ୍ଟିବାଧିତ ମହିଳା। ନାରୀ ଅବଳା କି ଦୁର୍ବଳା ନୁହେଁ ଏହାକୁ ସେମାନେ ପ୍ରମାଣ କରିଛନ୍ତ। ଦୁନିଆର ଆଲୋକ ଦେଖିପାରି ନ ଥିଲେ ମଧ୍ୟ ଶବ୍ଦକୁ ବାରି ସେମାନେ ଲକ୍ଷ୍ୟ କରିଛନ୍ତି ସାଧନା। ଏଭଳି ଦକ୍ଷ ଦୃଷ୍ଟିବାଧିତ ମହିଳାମାନଙ୍କ ପାଇଁ କାର୍ଯ୍ୟ କରୁଥିବା ସାମାଜିକ ଅନୁଷ୍ଠାନ ବ୍ଲୁ ଆଇ, ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଏବଂ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟ ଦ୍ୱାରା ପରିଚାଳିତ ଏନ୍‌ସିଏସ୍‌ସିଡିଏର ମିଳିତ ଆନୁକୂଲ୍ୟରେ ଭାରତରେ ଦ୍ୱିତୀୟ ଥର ପାଇଁ ମହିଳା ଦୃଷ୍ଟିବାଧିତ ଧନୁତୀର ଚାଳନା ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଛି। ପୋଖରୀପୁଟସ୍ଥିତ ଏନ୍‌ସିଏସ୍‌ସିଡିଏ କ୍ୟାମ୍ପସର ମୁଖ୍ୟ ସୋନାଲିକା ସୁମନ, ଖୋର୍ଦ୍ଧା ଜିଲାର ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ବି.କେ. ଶୁଭଲକ୍ଷ୍ମୀ, କ୍ଷୀରୋଦ କୁମାର ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲାରୁ ୩୦ ମହିଳା ଭାଗ ନେଇଥିଲେ। କାର୍ଯ୍ୟକ୍ରମ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଭିନ୍ନକ୍ଷମ ଆୟୁକ୍ତ ବ୍ରତତି ହରିଚନ୍ଦନ ଯୋଗଦେଇଥିଲେ। ସମ୍ମାନିତ ଅତିଥି ରୂପେ ସସ୍ମିତା ମିଶ୍ର, ନିରୋଜ ଲକ୍ଷ୍ମୀ, ବି.କେ. ଗାୟତ୍ରୀ, ସନ୍ତୋଷୀ ଜୈନ ଯୋଗ ଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋକପାତ କରିଥିଲେ। ପ୍ରତିଯୋଗିତାରେ ମାମୁଲି ସୁବୁଦ୍ଧି, ସ୍ମୃତିବାଳା ମଲିକ ଓ ବିୟୁଟି ଜାଲ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବ୍ଲୁ ଆଇର ସମ୍ପାଦକ ବାପିନା ନାୟକ, କୋଷାଧ୍ୟକ୍ଷ ପ୍ରିୟବ୍ରତ ପଣ୍ଡା, ଆଲୋକ ଦୀପ, ଶିଲ୍ପା ଷଡ଼ଙ୍ଗୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଆକାଶ ପଡିଆମୀ ଓ ପଦ୍ମିନୀ ଟୁଡୁଙ୍କୁ ସମ୍ମାନିତ କରାଯାଇଥିଲା।

# ମୁକ୍ତେଶ୍ୱର କପ୍ ସିନିୟର କ୍ରିକେଟ୍‌ରେ ଭାଗନେବେ ୧୦ ଦଳ

**ଭୁବନେଶ୍ୱର, ୮।୩ (ତପନ ସ୍ୱାଇଁ)**

■ ୮ ବର୍ଷ ବ୍ୟବଧାନରେ ହେବ ପ୍ରତିଯୋଗିତା

■ ଚାମ୍ପିୟନଙ୍କୁ ୧ ଲକ୍ଷ, ରନରଅପ୍‌କୁ ୬୦,୦୦୦

ମୁକ୍ତେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଦୀର୍ଘ ୮ ବର୍ଷ ବ୍ୟବଧାନରେ ପୁଣି ହେବାକୁ ଯାଉଛି ଅଲ୍ ଓଡ଼ିଶା ସିନିୟର କ୍ରିକେଟ ଟୁର୍ନାମେଣ୍ଟ। ବିସିସିଆଇ ମ୍ୟାଚ୍ ରେଫରି ତଥା ପୂର୍ବତନ ରଣ୍‌ଜୀ ଟ୍ରଫି ଅଧିନାୟକ ପ୍ରଶାନ୍ତ ମହାପାତ୍ର, ପୂର୍ବତନ ରଣ୍‌ଜୀ ଖେଳାଳି ଏବଂ ଓସିଏର ସିନିୟର ଚୟନ କମିଟି ସଦସ୍ୟ ଶୁଭାଶିଷ ଭୂୟାଁଙ୍କ ସ୍ମୃତିରେ ଏହି ପ୍ରତିଯୋଗିତାର ୧୫ଶ ସଂସ୍କରଣ ଚଳିତ ମାସ ୧୩ରୁ ୨୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମ୍ୟାଚଗୁଡ଼ିକ ବିଜେବି କଲେଜ ଗ୍ରାଉଣ୍ଡରେ ପୂର୍ବାହ୍ନ ୯ଟାରୁ ଆରମ୍ଭ ହେବ। ନକ୍‌ଆଉଟ ଭିତ୍ତିରେ ହେବାକୁଥିବା ପ୍ରତିଯୋଗିତାରେ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀ ଦଳଗୁଡ଼ିକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଗ୍ରୁପ୍ 'ଏ'ରେ ଆୟୋଜକ ମୁକ୍ତେଶ୍ୱର କ୍ରିକେଟ କ୍ଲବ, ପାରାମାଉଣ୍ଟ ସ୍ପୋର୍ଟିଂ, ସହିଦ ସ୍ପୋର୍ଟିଂ, ନିମପୁର ସ୍ପୋର୍ଟିଂ ଓ କିଶୋର ସ୍ପୋର୍ଟିଂ ରହିଥିବାବେଳେ ଗ୍ରୁପ୍ 'ବି'ରେ ରାମେଶ୍ୱର ସ୍ପୋର୍ଟିଂ, ରାଉରକେଲା ୟୁଥ୍ କ୍ରିକେଟ କ୍ଲବ, ପ୍ରଗତି ସ୍ପୋର୍ଟିଂ, ଟାଉନ୍ କ୍ଲବ ଓ ପୁରୀର ପାୟୋନିୟର କ୍ଲବ ସ୍ଥାନ ପାଇଛି। ୧୩ ତାରିଖରେ ନିମପୁର ସ୍ପୋର୍ଟିଂ ଓ କିଶୋର ସ୍ପୋର୍ଟିଂ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଅନୁଷ୍ଠିତ ହେବ ବୋଲି ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ମୁକ୍ତେଶ୍ୱର କ୍ଲବ କାର୍ଯ୍ୟକାରୀ ସଭାପତି ଗୁରଜିତ ସିଂ ଚୌହାନ ଓ ସମ୍ପାଦକ ଗୌର ପ୍ରସାଦ ନନ୍ଦ ପ୍ରକାଶ କରିଛନ୍ତି। ଶେଷଥର ପାଇଁ ୨୦୧୮ରେ ଟୁର୍ନାମେଣ୍ଟ ଆୟୋଜନ ହୋଇଥିଲା। ଏହାପରେ କୋଭିଡ ମହାମାରୀ, କ୍ଲବର କେତେଜଣ ପ୍ରମୁଖ ସଦସ୍ୟଙ୍କ ପରଲୋକ ଏବଂ ଅନ୍ୟ କେତେକ ସମସ୍ୟା ଯୋଗୁ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇ ନ ଥିଲା ବୋଲି ସୂଚନା ଦିଆଯାଇଛି।

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଏକଦିବସୀୟ ପ୍ଲେଇଂ କଣ୍ଡିଶନରେ ଟୁର୍ନାମେଣ୍ଟ ଆୟୋଜନ ହେବ। ମ୍ୟାଟିଂ ପିଚ୍‌ରେ ହେବାକୁଥିବା ପ୍ରତିଯୋଗିତାର ମ୍ୟାଚଗୁଡ଼ିକ ୪୦ ଓଭର ବିଶିଷ୍ଟ ହେବ। କୌଣସି ମ୍ୟାଚରେ ଉଭୟ ଦଳର ସ୍କୋର ସମାନ ରହିଲେ ସୁପର ଓଭର ନିୟମ ପ୍ରଣୟନ ହେବ। ଟ୍ରଫି ସହ ଚାମ୍ପିୟନ ଦଳକୁ ୧ ଲକ୍ଷ ଏବଂ ରନରଅପ୍ ଦଳକୁ ୬୦,୦୦୦ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଏବଂ ଅନ୍ୟାନ୍ୟ ବ୍ୟକ୍ତିଗତ ପୁରସ୍କାରର ମଧ୍ୟ ବ୍ୟବସ୍ଥା ରହିଛି ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ଲବର ଉପସଭାପତି ଶରଣଜିତ ସିଂ, ପ୍ରଦୋଶ ମହାନ୍ତି, ସଞ୍ଜୀବ ହଂସ, ଅଜିତ କୁମାର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ଆଞ୍ଜେଲ ରୋମି ମିଶ୍ର, କୋଷାଧ୍ୟକ୍ଷ ଦତ୍ତାତ୍ରେୟ ମିଶ୍ର, ଯୁଗ୍ମ କୋଷାଧ୍ୟକ୍ଷ ସୁନୀଲ ସାହୁ ଏବଂ ଆୟୋଜକ କମିଟି ସଦସ୍ୟ ଅନୁରାଗ ଷଡ଼ଙ୍ଗୀ, ରାହୁଲ ହୋତା, ରାଜେଶ ବେଉରିଆ ଓ ଭରତ ପ୍ରକାଶ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ଉପସ୍ଥିତ ମୁକ୍ତେଶ୍ୱର କ୍ରିକେଟ କ୍ଲବର କର୍ମକର୍ତ୍ତା ଓ ଅନ୍ୟମାନେ।

# ହର୍ଷିତ ରଞ୍ଜନ ସାହୁଙ୍କୁ ପ୍ରଥମ ଆଇଏମ୍ ନର୍ମ

**ଭୁବନେଶ୍ୱର, ୮।୩ (ତପନ ସ୍ୱାଇଁ)**



ଓଡ଼ିଶାର ଯୁବ ଚେସ୍ ଖେଳାଳି, ରାଜ୍ୟ ସିନିୟର, ଜୁନିୟର, ସବ୍-ଜୁନିୟର ଓ କଟକ ଜିଲା ଚେସ୍ ଚାମ୍ପିୟନ୍ ଫିଡେ ମାଷ୍ଟର ହର୍ଷିତ ରଞ୍ଜନ ସାହୁ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର (ଆଇଏମ୍) ନର୍ମ ହାସଲ କରିଛନ୍ତି। ହଙ୍ଗେରୀର ବୁଦାପେଷ୍ଟରେ ଆୟୋଜିତ ସ୍ପ୍ରିଙ୍ଗ ଫେଷ୍ଟିଭାଲ-୨୦୨୬ (ଗ୍ରୁପ-ଏ) ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ସେ ଏହି ସଫଳତା ଲାଭ କରିଛନ୍ତି। ୨୨୦୦ ଉର୍ଦ୍ଧ୍ୱ ଏଲୋ ରେଟିଂ ବର୍ଗର ଏହି ପ୍ରତିଯୋଗିତାରେ ସେ ୯ଟି ଗେମ୍‌ରୁ ୬ ପଏଣ୍ଟ ସଂଗ୍ରହ କରି ୨୪୯୯ ପରଫର୍ମାନ୍ସ ରେଟିଂ ସହ ୪୭.୨ ଫିଡେ ରେଟିଂ ପଏଣ୍ଟ ବୃଦ୍ଧି କରି ୧୪ତମ ସ୍ଥାନ ଅଧିକାର କରିଥିଲେ। ପ୍ରତିଯୋଗିତାରେ ସେ ଗ୍ରାଣ୍ଡମାଷ୍ଟର ମିଲାନ ପାଚେର ଓ ଅନ୍ତର୍ଜାତୀୟ ମାଷ୍ଟର ଜୋକା ଗାଆଲଙ୍କୁ ହରାଇଥିବା ବେଳେ ଅନ୍ତର୍ଜାତୀୟ ମାଷ୍ଟର ଡାନିଏଲ୍ ମୋସେସୋଭ୍ ଓ ଖୋଇ ଫାମଙ୍କ ସହ ଡ୍ର କରିଥିଲେ। ଏହି ସଫଳତା ପାଇଁ ହର୍ଷିତ ତାଙ୍କର ମୁଖ୍ୟ ପ୍ରଶିକ୍ଷକ ଅନ୍ତର୍ଜାତୀୟ ମାଷ୍ଟର ସ୍ୱୟଂଶୁ ସତ୍ୟପ୍ରଜ୍ଞଙ୍କୁ ଧନ୍ୟବାଦ ଜଣାଇବା ସହ ଏସ୍‌ଆର୍ ଚେସ୍ ସେଣ୍ଟରରେ ନିୟମିତ ଅଭ୍ୟାସ ଓ ପ୍ରେରଣା ପାଇଥିବା କଥା କହିଛନ୍ତି। ହର୍ଷିତଙ୍କ ବାପା ଡାକ୍ତର ଅମରେଶ ସାହୁ ଓ ମା' ସୁଚିସ୍ମିତା ସାହୁ।

**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Bhubaneswar-751 023
No.28001/4/2526 Tender Notice No. 02/2026
**Empanelment of Eligible Firms to undertake UAS/ UAV/Drone Imaging Services in Odisha**
Odisha Space Applications Centre (ORSAC) invites sealed Application from reputed, established and reliable Firms for empanelment to undertake USA/ UAV/ Drone Imaging Services in Odisha.
ORSAC reserves the right to accept/reject/ modify & cancel the full tender or part thereof at any time without assigning any reason thereof.
For details, please visit Website odisha.gov.in. & ORSAC Website orsac.odisha.gov.in or ORSAC office.
OIPR-28001/28007/1/25-26/0001 CHIEF EXECUTIVE

No.16001/29/2526
**ODISHA UNIVERSITY OF TECHNOLOGY AND RESEARCH**
**P.O.: MAHALAXMI VIHAR, BHUBANESWAR-751 029**
NOTICE INVITING E-TENDER
**Tender Notice No OUTR/SIP/SL/2025-26/45 Date: 28/02/2026**
Online tenders through E-Procurement under two bid systems are invited from Original Equipment manufacturers/Distributor/Authorised Dealers for supply of various laboratory equipment for Structural Engineering Laboratory of School of Infrastructure and Planning at OUTR, Bhubaneswar.
Date & time of available in Tenders Odisha Portal: 28/02/2026 at 06.00 p.m.
**Last date and time of uploading of Bid : 23/03/2026 upto 6.00 p.m.**
For details : Please visit : http://tendersodisha.gov.in & http://www.outr.ac.in
For Technical query please contact Prof. Chhabirani Tudu, Ph. No. 9439860601, E-mail : chhabiranice@outr.ac.in
OIPR-16001/16005/1/25-26/0007 Sd./- REGISTRAR

No.4001/52/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**
Tender Call Notice No. IDCO/CTC/CIV/E : 511 Dated : 23.02.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**Name of the Work** : Construction of Paver work at Plot No.31 to Plot No.B/26 (Both side) of Old Industrial Estate, Jagatpur, Cuttack.
1. Estimated cost : Rs.24.12 lakh
2. Period of operation of Restaurant : 4 Months
3. Other details :

| Procurement Officer | Bid ID/Tender Reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender Reference No. CTC/CIV/ EST/E-04/2025-26 | 09.03.2026 at 17.00 Hrs. | 22.03.2026 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.
Sd./- Divisional Head
OIPR-4001/4075/1/25-26/0020 IDCO, Cuttack Division

Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER BALASORE WILDLIFE DIVISION**
At/PO : KURUDA, Dist. : BALASORE, PIN - 756056, ODISHA
Control Room No. : 94376-91870, e-mail : dfo.balasorewl@odisha.gov.in
**Bid Identification No. DFO, BWD 07/2025-26, Dated. 5th March, 2026**
**TENDER CALL NOTICE**
**No.8001/126/2526** : The Divisional Forest Officer, Balasore Wildlife Division invites sealed Quotation to be received only in **"OFF LINE"** mode in **Double Cover System** for Procurement from eligible Firms/Vendors/Suppliers as mentioned below

| | | |
|---|---|---|
| Nature of the Work | Supply of **Children's Play Equipment and open gym equipments** for Eco-tourism Destinations as Annexure-I of Tender Document | |
| Estimated Cost | Rs.10,00,000/- (Ten Lakh) approx | |
| Tender Paper Cost | Rs.2,000/- (Two Thousand) only | |
| EMD | Earnest Money Deposit (EMD) of Rs.10,000/- (Rupees Ten Thousand) only (Refundable) | |
| Date & Time of availability of the bid document | 07.03.2026 to 13.03.2026 (11.00 A.M.) | |
| Bid Documents & other details can be obtained/ downloaded from | Website | **https://balasore.odisha.gov.in https://odishaforest.in/** |
| | Office | Can be obtained from the O/o the Divisional Forest Officer, Balasore Wildlife Division, Balasore |
| Last date & Time for receipt of bids | Up to 01.00 P.M. of 13.03.2026 | |
| Date & Time of Bid opening | 03.00 P.M. of 13.03.2026 | |
| Note : The undersigned reserves all the rights to accept or reject any or all tenders without assigning any reason thereof. | | |

Sd./- Divisional Forest Officer
OIPR-8001/8036/1/25-26/0001 Balasore Wildlife Division, Balasore

ଧରିତ୍ରୀ 52 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com | ପୃଷ୍ଠା ୧୨ | Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ସୋମବାର, ୯ ମାର୍ଚ୍ଚ, ୨୦୨୬ | Bhubaneswar, Monday, 9 March, 2026

# ଉଦ୍‌ଯାପନୀରେ ରିକି ମାର୍ଟିନ ମୁଖ୍ୟ ଆକର୍ଷଣ

**ଅହମଦାବାଦ, ୮।୩ (ପି.ଟି.)**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଭାରତ ଓ ନ୍ୟୁଜିଲାଣ୍ଡ ଟି୨୦ କ୍ରିକେଟ ବିଶ୍ୱକପ୍ ପୂର୍ବରୁ ଆୟୋଜିତ ସ୍ୱଳ୍ପକାଳୀନ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଆକର୍ଷଣ ଥିଲେ ପପ୍ ଆଇକନ୍ ତଥା ଦୁଇଥର ଗ୍ରାମି ପୁରସ୍କାର ବିଜେତା ରିକି ମାର୍ଟିନ। ସେ ତାଙ୍କର କେତୋଟି ଲୋକପ୍ରିୟ ସଙ୍ଗୀତ ପରିବେଷଣ କରିଥିଲେ। ତନ୍ମଧ୍ୟରେ 'ଲିଭିନ ଲା ଭିଡା ଲୋକୋ' ଓ 'ଦି କପ୍ ଅଫ୍ ଲାଇଫ୍' ଅନ୍ୟତମ। ତାଙ୍କ ସହିତ ଯୋଗ ଦେଇଥିଲେ ଭାରତୀୟ ସଙ୍ଗୀତଜ୍ଞ ସୁଖବୀର ସିଂ ଓ ଫାଲ୍‌ଗୁନୀ ପାଠକ। 'ପ୍ରିନ୍ସ ଅଫ୍ ଭାଙ୍ଗ୍‌ରା' ରୂପେ ପରିଚିତ ସୁଖବୀର ତାଙ୍କର ଏକ ବଡ଼ ଡ୍ୟାନ୍ସ ଗ୍ରୁପ୍ ସହ ଲୋକପ୍ରିୟ ପଞ୍ଜାବୀ ହିଟ୍ 'ଓହ୍ ହୋ ହୋ ହୋ' ପରିବେଷଣ କରିଥିବାବେଳେ 'ଦାଣ୍ଡିଆ କୁଇନ୍' ପାଠକ ପ୍ରାୟ ୫୦ ନୃତ୍ୟଶିଳ୍ପୀଙ୍କ ସହ ଗୁଜରାଟ ଲୋକ ସଙ୍ଗୀତ ଏବଂ ବଲିଉଡ୍‌ର କେତୋଟି ହିଟ୍ ଗୀତ ପରିବେଷଣ କରି ଇଭେଣ୍ଟର ଶୁଭାରମ୍ଭ କରିଥିଲେ। ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ଉପସ୍ଥିତିରେ ଲାଟିନୋ କଣ୍ଠଶିଳ୍ପୀ ତଥା ଗୀତିକାର କେତୋଟି ଲୋକପ୍ରିୟ ଗୀତ ଯଥା 'ମାରିଆ' ଓ 'ଲା କୋପା ଡି ଲା ଭିଡା' ଦର୍ଶକଙ୍କ ମନ ମୋହିଥିଲା।

## ଧୋନୀ-ରୋହିତ ଟ୍ରଫି ଆଣିଲେ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ବିଶ୍ୱକପ୍‌ର ଫାଇନାଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଭାରତର ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ ବିଶ୍ୱକପ୍ ଟ୍ରଫି ସହ ପ୍ରଥମେ ଗ୍ରାଉଣ୍ଡରେ ପ୍ରବେଶ କରିଥିଲେ। ତାଙ୍କ ସହିତ ଏହି ଅବସରରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ମୁଖ୍ୟ ଜୟ ଶାହା ଓ ଚଳିତ ବିଶ୍ୱକପ୍‌ର ମୁଖ୍ୟ ପ୍ରସାରଣକାରୀ ସଂସ୍ଥା ଜିଓଷ୍ଟାର ଭାଇସ୍ ଚେୟାରମ୍ୟାନ ଉଦୟ ଶଙ୍କର ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ୨୦୦୭ରେ ଧୋନୀ ଓ ୨୦୨୪ରେ ରୋହିତଙ୍କ ନେତୃତ୍ୱରେ ଭାରତ ଟି୨୦ ବିଶ୍ୱକପ୍ ଜିତିଥିଲା।



ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ଟି୨୦ କ୍ରିକେଟ ବିଶ୍ୱକପର ଉଦ୍‌ଯାପନୀ ସମାରୋହ।





ପପ୍ ଆଇକନ୍ ତଥା ଦୁଇଥର ଗ୍ରାମି ପୁରସ୍କାର ବିଜେତା ରିକି ମାର୍ଟିନଙ୍କ ସଙ୍ଗୀତ ପରିବେଷଣ। ଆଇସିସି ଚେୟାରମ୍ୟାନ ଜୟ ଶାହା, ଭାରତର ଦୁଇ ପୂର୍ବତନ ଅଧିନାୟକ ରୋହିତ ଶର୍ମା ଓ ମହେନ୍ଦ୍ର ସିଂ ଧୋନୀ ଏବଂ ଜିଓଷ୍ଟାର ଭାଇସ୍ ଚେୟାରମ୍ୟାନ ଉଦୟ ଶଙ୍କର ପଡ଼ିଆ ମଧ୍ୟକୁ ବିଶ୍ୱକପ୍ ଟ୍ରଫି ଆଣୁଛନ୍ତି।




ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ ଅବସରରେ ଦର୍ଶକରେ ଭରା ନରେନ୍ଦ୍ର ମୋଦି ଷ୍ଟାଡିୟମ।

## ଟି୨୦ ବିଶ୍ୱକପ୍ ଫାଇନାଲ ସ୍କୋର ବୋର୍ଡ

### ଭାରତ ଇନିଂସ

ସଞ୍ଜୁ ସାମସନ-କ- ମ୍ୟାକ୍‌କୋଞ୍ଚି (ବଦଳ)-ବୋ-ଜେମ୍ସ ନିଶାମ-୮୯
ଅଭିଷେକ ଶର୍ମା-କ-ଟିମ୍ ଶିଫର୍ଟ-ବୋ-ରାଚିନ ରବୀନ୍ଦ୍ର-୫୨
ଇଶାନ କିଶନ-କ-ମାର୍କ ଚାପମ୍ୟାନ-ବୋ-ଜେମ୍ସ ନିଶାମ-୫୪
ହାର୍ଦ୍ଦିକ ପାଣ୍ଡ୍ୟା-କ-ସାଣ୍ଟନର-ବୋ-ହେନ୍‌ରୀ-୧୮
ସୂର୍ଯ୍ୟକୁମାର ଯାଦବ-କ-ରାଚିନ ରବିନ୍ଦ୍ର-ବୋ-ଜେମ୍ସ ନିଶାମ-୦
ତିଳକ ବର୍ମା- ନଟଆଉଟ-୮
ଶିବମ ଦୁବେ-ନଟଆଉଟ-୨୬
**ଅତିରିକ୍ତ:**-୮
**ମୋଟ:** (୨୦ ଓଭର/ ୫ଉଇକେଟ) ୨୫୫।
**ଉଇକେଟ ପତନ:** ୧/୯୮, ୨/୨୦୩, ୩/୨୦୪, ୪/୨୦୪, ୫/୨୨୬।

**ବୋଲିଂ (ନ୍ୟୁଜିଲାଣ୍ଡ)**
ମ୍ୟାଟ୍ ହେନ୍‌ରୀ ୪-୦-୪୯-୧
ଗ୍ଲେନ ଫିଲିପ୍ସ ୧-୦-୫-୦
ଜାକବ ଡୁଫି ୩-୦-୪୨-୦
ଲୋକି ଫର୍ଗୁସନ ୨-୦-୪୮-୦
ମିଚେଲ ସାଣ୍ଟନର ୪-୦-୩୩-୦
ରାଚିନ ରବୀନ୍ଦ୍ର ୨-୦-୩୨-୧
ଜେମ୍ସ ନିଶାମ ୪-୦-୪୬-୩ ।

### ନ୍ୟୁଜିଲାଣ୍ଡ ଇନିଂସ

ଟିମ୍ ସିଫର୍ଟ-କ-ଇଶାନ କିଶନ-ବୋ-ବରୁଣ ଚକ୍ରବର୍ତ୍ତୀ-୫୨
ଫିନ୍ ଆଲେନ୍-କ-ତିଳକ ବର୍ମା-ବୋ-ଅକ୍ଷର ପଟେଲ-୯
ରାଚିନ ରବୀନ୍ଦ୍ର-କ-ଇଶାନ କିଶାନ-ବୋ-ଯଶପ୍ରୀତ୍ ବୁମ୍‌ରା-୧
ଗ୍ଲେନ ଫିଲିପ୍ସ-ବୋ-ଅକ୍ଷର ପଟେଲ-୫
ମାର୍କ ଚାପମ୍ୟାନ-ବୋ-ହାର୍ଦ୍ଦିକ ପାଣ୍ଡ୍ୟା-୩
ଡେରିଲ ମିଚେଲ-କ-ଇଶାନ କିଶନ-ବୋ-ଅକ୍ଷର ପଟେଲ-୧୭
ମିଚେଲ ସାଣ୍ଟନର-ବୋ-ଯଶପ୍ରୀତ୍ ବୁମ୍‌ରା-୪୩
ଜେମ୍ସ ନିଶାମ-ବୋ-ଯଶପ୍ରୀତ୍ ବୁମ୍‌ରା-୮
ମ୍ୟାଟ୍ ହେନ୍‌ରୀ-ବୋ- ଯଶପ୍ରୀତ୍ ବୁମ୍‌ରା-୦
ଲୋକି ଫର୍ଗୁସନ-ନଟଆଉଟ-୬
ଜାକବ ଡୁଫି-କ-ତିଳକ ବର୍ମା-ବୋ-ଅଭିଷେକ ଶର୍ମା-୩
**ଅତିରିକ୍ତ:** ୧୨
**ମୋଟ :** (୧୯ ଓଭର/ଅଲଆଉଟ) ୧୫୯।
**ଉଇକେଟ ପତନ:** ୧/୩୧, ୨/୩୨, ୩/୪୭, ୪/୭୦, ୫/୭୨, ୬/୧୨୪, ୭/୧୪୧, ୮/୧୪୧, ୯/୧୫୨, ୧୦/୧୫୯।

**ବୋଲିଂ (ଭାରତ)**
ଅର୍ଶଦୀପ ସିଂ ୪-୦-୩୨-୦
ହାର୍ଦ୍ଦିକ ପାଣ୍ଡ୍ୟା ୪-୦-୩୬-୧
ଅକ୍ଷର ପଟେଲ ୩-୦-୨୭-୩
ଯଶପ୍ରୀତ୍ ବୁମ୍‌ରା ୪-୦-୧୫-୪
ବରୁଣ ଚକ୍ରବର୍ତ୍ତୀ ୩-୦-୩୯-୧
ଅଭିଷେକ ଶର୍ମା ୧-୦-୫-୧।

## ପାୱାର ପ୍ଲେରେ ରେକର୍ଡ

ନ୍ୟୁଜିଲାଣ୍ଡ ବିପକ୍ଷ ଫାଇନାଲରେ ଭାରତୀୟ ଦଳ ପାୱାରପ୍ଲେର ୬ ଓଭରରେ ବିନା କ୍ଷତିରେ ୯୨ ରନ କରିଥିଲା। ଏହା ଟି୨୦ ବିଶ୍ୱକପ୍ ଇତିହାସରେ ସର୍ବାଧିକ। ଏଥିପୂର୍ବରୁ ୨୦୨୪ ସଂସ୍କରଣରେ ଆଫଗାନିସ୍ତାନ ବିପକ୍ଷରେ ୱେଷ୍ଟଇଣ୍ଡିଜ୍ ୧ ଉଇକେଟ ହରାଇ ୯୨ ରନ କରିଥିଲା, ଯାହାକି ପୂର୍ବରୁ ରେକର୍ଡ ଥିଲା। ସେହିଭଳି ୨୦୧୪ ସଂସ୍କରଣରେ ଆୟର୍ଲାଣ୍ଡ ବିପକ୍ଷରେ ନେଦରଲାଣ୍ଡ ୯୧/୧ ସ୍କୋର କରିଥିଲା। ଚଳିତ ବିଶ୍ୱକପ୍‌ରେ ନାମ୍ବିଆ ବିପକ୍ଷ ମ୍ୟାଚ୍‌ରେ ଭାରତ ୮୬/୧ ସ୍କୋର କରିଥିଲା, ଯାହାକି ପୂର୍ବରୁ ଭାରତ ପାଇଁ ପାୱାରପ୍ଲେରେ ସବୁଠୁ ବଡ଼ ସ୍କୋର ଥିଲା।

## ଟି୨୦ ବିଶ୍ୱକପ୍ ଟ୍ରଫି ସହ ଜୟପୁରର ସଂଯୋଗ

**ଜୟପୁର, ୮।୩ (ପି.ଟି.)**

ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍ ଟ୍ରଫି ସମଗ୍ର ବିଶ୍ୱବ୍ୟାପୀ ଦୃଷ୍ଟି ଆକର୍ଷଣ କରେ। ମାତ୍ର ଏହି ଟ୍ରଫିର ନିର୍ମାଣ ଜୟପୁରରେ ହୋଇଥିବା ହୁଏତ୍ ଖୁବ୍ କମ୍ ଜାଣନ୍ତି। ଜୟପୁର ଟ୍ରଫି ଡିଜାଇନର ପାବୁୱାଲ କହିଛନ୍ତି, ଟ୍ରଫିର ପ୍ରାରମ୍ଭିକ ଡିଜାଇନ ଅଷ୍ଟ୍ରେଲିଆର ମିନେଲ ବ୍ରାଇସ୍‌ଙ୍କ ଦ୍ୱାରା ହୋଇଛି। ପାବୁୱାଲ କହିଛନ୍ତି ଟ୍ରଫିଟିର ଡିଜାଇନ୍ ଆଉଟଲାଇନ୍ ୨୦୦୭ରେ ପ୍ରସ୍ତୁତ କରାଯାଇଥିଲା, ଯେଉଁ ବର୍ଷ ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ର ଉଦ୍‌ଘାଟନୀ ସଂସ୍କରଣ ହୋଇଥିଲା। ଏହାପରଠାରୁ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ତାଙ୍କୁ ଟ୍ରଫି ନିର୍ମାଣ ଦାୟିତ୍ୱ ପ୍ରଦାନ କରିଆସୁଛି। ପାବୁୱାଲ କହିଛନ୍ତି, ପୂର୍ବରୁ ସେ କ୍ରିକେଟ ପାଇଁ ବିଶ୍ୱର ସର୍ବବୃହତ୍ ରୌପ୍ୟ ଟ୍ରଫି 'ଫ୍ରେଣ୍ଡଶିପ୍ କପ୍'ର ଡିଜାଇନ୍ କରିଥିଲେ। ଏହା ଆଇସିସିର ଦୃଷ୍ଟି ଆକର୍ଷଣ କରିଥିଲା, ଯାହା ଫଳରେ ଆଇସିସି ତାଙ୍କୁ ଟି୨୦ ବିଶ୍ୱକପ୍ ତିଆରି କରିବା ଲାଗି ବରାଦ କରିଥିଲା। ସେ କହିଛନ୍ତି, ଆଇସିସି ପ୍ରଥମେ ଟିଟାନିୟମ ଓ କାଚର ମିଶ୍ରଣରେ ଏକ ଟ୍ରଫି ତିଆରି କରିବା ଲାଗି ଯୋଜନା କରିଥିଲା, ଯଦ୍ୱାରା ଏହି ଡିଜାଇନ ଟି୨୦ କ୍ରିକେଟର ଦ୍ରୁତ ଓ ଆଧୁନିକ ଶୈଳୀକୁ ପ୍ରତିଫଳିତ କରିବ। ଅନେକ ସାମ୍ପଲ ମଡେଲ ପ୍ରସ୍ତୁତ କରାଯାଇଥିଲା। ମାତ୍ର ବହୁ ପରୀକ୍ଷା ନିରୀକ୍ଷା ପରେ ଦେଖାଗଲା ଧାତୁ ସହିତ ମିଶ୍ରଣ କରାଗଲା ବେଳେ କାଚ ଉପାଦାନଗୁଡ଼ିକ ବାରମ୍ବାର ଭାଙ୍ଗିଯାଇଥିଲା। ଏହି ମିଶ୍ରଣ ବୈଷୟିକଭାବେ କାମ କରିବ ନାହିଁ ବୋଲି ସେ ପରାମର୍ଶ ଦେଇଥିଲେ। ଶେଷରେ ପ୍ଲାଟିନମ ପ୍ଲେଟ ସହିତ ରୁପାରେ ତିଆରି କରାଯିବା ଲାଗି ସ୍ଥିର କରାଯାଇଥିଲା। ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ପାଇଁ ଏହା ଉପଯୁକ୍ତ ଏବଂ ଦୀର୍ଘସ୍ଥାୟୀ ମଧ୍ୟ। ପାବୁୱାଲ ଆହୁରି ମଧ୍ୟ କହିଛନ୍ତି ଯେ, ମୂଳ ଟ୍ରଫିଟି ଆଇସିସିର ମୁଖ୍ୟାଳୟରେ ରଖାଯାଇଛି। ବିଜେତା ଦଳକୁ ସମାନ ପ୍ରତିକୃତିଟିଏ ପ୍ରଦାନ କରାଯାଇଥାଏ। ଟ୍ରଫିଟିର ଉଚ୍ଚତା ହେଉଛି ୨୧ଇଞ୍ଚ, ଓଜନ ୬ କିଲୋଗ୍ରାମ ଏବଂ ଏହା ପ୍ଲାଟିନମ୍ ପ୍ଲେଟିଂ ସହ ରୁପାରେ ନିର୍ମିତ।

## ଟି୨୦ ବିଶ୍ୱକପ ବିଜେତା

| ବର୍ଷ | ଚାମ୍ପିୟନ | ରନରଅପ୍ |
|---|---|---|
| ୨୦୦୭ | **ଭାରତ** | ପାକିସ୍ତାନ |
| ୨୦୦୯ | ପାକିସ୍ତାନ | ଶ୍ରୀଲଙ୍କା |
| ୨୦୧୦ | ଇଂଲଣ୍ଡ | ଅଷ୍ଟ୍ରେଲିଆ |
| ୨୦୧୨ | ୱେଷ୍ଟଇଣ୍ଡିଜ | ଶ୍ରୀଲଙ୍କା |
| ୨୦୧୪ | ଶ୍ରୀଲଙ୍କା | ଭାରତ |
| ୨୦୧୬ | ୱେଷ୍ଟଇଣ୍ଡିଜ | ଇଂଲଣ୍ଡ |
| ୨୦୨୧ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ |
| ୨୦୨୨ | ଇଂଲଣ୍ଡ | ପାକିସ୍ତାନ |
| ୨୦୨୪ | **ଭାରତ** | ଦକ୍ଷିଣ ଆଫ୍ରିକା |
| ୨୦୨୬ | **ଭାରତ** | ନ୍ୟୁଜିଲାଣ୍ଡ |



ଡ. କମଳାକାନ୍ତ ଜେନା

# ଯନ୍ତ୍ରଣା-ରଶ୍ମି

''ଏ.ଡି.ଏସ୍. ଆଣ୍ଟିନାରୁ ଅଦୃଶ୍ୟ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ବାହାରିଥାଏ। ଏହି ତରଙ୍ଗର ବାରମ୍ବାରତା (ଫ୍ରିକ୍ୟୁଏନ୍ସି) ହେଉଛି ୯୫ ଗିଗାହର୍ଜ। ଅର୍ଥାତ୍ ଏକ ସେକେଣ୍ଡ ସମୟ ମଧ୍ୟରେ ୯୫,୦୦୦,୦୦୦,୦୦୦ ସଂଖ୍ୟକ ତରଙ୍ଗ ବ୍ୟକ୍ତିର ଶରୀରକୁ ସ୍ପର୍ଶ କରେ। ତରଙ୍ଗର ଅର୍ଥ ଶକ୍ତିର ପ୍ରବାହ। ଆମେ କଥା କହିଲେ ପ୍ରାୟ ୧୫୦ ହର୍ଜ ବାରମ୍ବାରତାର ଶକ୍ତିର ଶବ୍ଦ ବାହାରେ। ଯେଉଁ ତରଙ୍ଗର ବାରମ୍ବାରତା ଅଧିକ, ତାହାର ଶକ୍ତି ଅଧିକ। ଶବ୍ଦ ତୁଳନାରେ ଏ.ଡି.ଏସ୍. ତରଙ୍ଗର ଶକ୍ତି ୧୦,୦୦୦ ଗୁଣରୁ ଅଧିକ ହେବ। ଏ.ଡି.ଏସ୍.ରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ଯାଇ ବ୍ୟକ୍ତିର ଚର୍ମରେ ରହିଥିବା ଜଳକଣିକାଗୁଡ଼ିକୁ ଉତ୍ତେଜିତ କରାଏ।''



ଭାଙ୍ଗାରୁଜା, ଜଳାପୋଡ଼ା କିମ୍ବା ଅନ୍ୟାନ୍ୟ ବିଶୃଙ୍ଖଳା ସୃଷ୍ଟି କରିବା ଉଦ୍ଦେଶ୍ୟରେ ମାଡ଼ି ଆସୁଥିବା ଜନତାଙ୍କୁ ନିୟନ୍ତ୍ରଣ କରିବା ପାଇଁ ଆଜି ପ୍ରଶାସନ ନିକଟରେ ଯେଉଁ କେତୋଟି ଅତି ସାଧାରଣ ଉପାୟ ରହିଛି, ସେଗୁଡ଼ିକ ମଧ୍ୟରୁ ସୁରକ୍ଷାବଳ ସହାୟତାରେ ଜନତାଙ୍କ ଉପରେ ଲାଠିଚାର୍ଜ କରିବା, ଗୋଡ଼କୁ ଗୁଳିଚାଳନା କରିବା, ଦମକଳ ପାଇପ୍‌ରେ ଜନତାଙ୍କ ଉପରକୁ ପାଣି ପିଚ୍ଚିବା ଓ ଲୁହବୁହା ବାଷ୍ପର ପ୍ରୟୋଗ କରିବା ଇତ୍ୟାଦି ଅନ୍ୟତମ। ତେବେ ଯୁଗର ପରିବର୍ତ୍ତନ ଓ ବିଜ୍ଞାନର ଉନ୍ନତି ସହିତ କେତେକ ପଦ୍ଧତିରେ ପରିବର୍ତ୍ତନ ଆଣିବା ପାଇଁ ଏବେ ଗବେଷଣା ଜାରି ରହିଛି। ସେହି ଗବେଷଣାର ଫଳ ସ୍ୱରୂପ ବିନା ଆକ୍ରମଣରେ ଉତ୍ୟକ୍ତ ଜନତାକୁ ନିୟନ୍ତ୍ରଣ କରିବା ନିମନ୍ତେ ସଂପ୍ରତି ବିଜ୍ଞାନ ଏକ ଚମକପ୍ରଦ ଜ୍ଞାନକୌଶଳର ସନ୍ଧାନ ଦେଇଛି, ଯାହାର ନାମ 'ସକ୍ରିୟ ପ୍ରତିରୋଧ ପଦ୍ଧତି' ବା 'ଆକ୍ଟିଭ୍ ଡେନିଆଲ୍ ସିଷ୍ଟମ୍'। ସଂକ୍ଷେପରେ ଏହାକୁ 'ଏ.ଡି.ଏସ୍.' ବୋଲି କୁହାଯାଉଛି। ସାଧାରଣ ଲୋକଙ୍କ ପାଖରେ ଏହା 'ଯନ୍ତ୍ରଣା-ରଶ୍ମି' (ପେନ୍-ରେ) ନାମରେ ପରିଚିତ।

ଏ.ଡି.ଏସ୍. ତରଙ୍ଗ ପ୍ରେରକ ଯନ୍ତ୍ର (ୱେଭ୍ ଟ୍ରାନ୍ସମିଟର୍) ହୋଇଥିବାରୁ ବିଶୃଙ୍ଖଳା ସୃଷ୍ଟି କରିବା ପାଇଁ ସାମ୍ନାରୁ ଆସୁଥିବା ବ୍ୟକ୍ତି ଉପରକୁ ଛତା ଭଳି ଆଣ୍ଟିନାରୁ ତରଙ୍ଗ ପଠାଯାଏ। ଏହି ତରଙ୍ଗ ବ୍ୟକ୍ତିର ଶରୀରରେ ଯନ୍ତ୍ରଣା ସୃଷ୍ଟି କରେ। ଆମେରିକା ସୈନ୍ୟବାହିନୀର ଗବେଷଣାଗାର ପକ୍ଷରୁ ୧୯୮୦-୧୯୯୦ ଦଶକରେ ପ୍ରଥମେ ଏହି ଶସ୍ତ୍ରର ଜ୍ଞାନକୌଶଳ ବିଷୟରେ ଧାରଣା ଦିଆଯାଇଥିଲା। ପରେ ୨୦୦୬ ମସିହାରେ ପ୍ରତିରକ୍ଷା ବିଭାଗକୁ ଅସ୍ତ୍ରଶସ୍ତ୍ର ଯୋଗାଇ ଆସୁଥିବା ରେଥିୟନ୍ ସଂସ୍ଥା ଏହାକୁ ନିର୍ମାଣ କରିଥିଲା। ଏବେ ଏହାକୁ ଆଇନ ସୁରକ୍ଷା ସଂସ୍ଥା ଓ ସାମରିକ ସଂସ୍ଥା ଭଳି ଅନେକ ସଂସ୍ଥା ବ୍ୟବହାର କରିବା ଆରମ୍ଭ କରିଛନ୍ତି।

ଏ.ଡି.ଏସ୍. ଆଣ୍ଟିନାରୁ ଅଦୃଶ୍ୟ ବିଦ୍ୟୁତ-ଚୁମ୍ବକୀୟ ତରଙ୍ଗ ବାହାରିଥାଏ। ଏହି ତରଙ୍ଗର ବାରମ୍ବାରତା (ଫ୍ରିକ୍ୟୁଏନ୍ସି) ହେଉଛି ୯୫ ଗିଗାହର୍ଜ। ଅର୍ଥାତ୍, ଏକ ସେକେଣ୍ଡ ସମୟ ମଧ୍ୟରେ ୯୫,୦୦୦,୦୦୦,୦୦୦ ସଂଖ୍ୟକ ତରଙ୍ଗ ବ୍ୟକ୍ତିର ଶରୀରକୁ ସ୍ପର୍ଶ କରେ। ତରଙ୍ଗର ଅର୍ଥ ଶକ୍ତିର ପ୍ରବାହ। ଆମେ କଥା କହିଲେ ପ୍ରାୟ ୧୫୦ ହର୍ଜ ବାରମ୍ବାରତାର ଶକ୍ତିର ଶବ୍ଦ ବାହାରେ। ଯେଉଁ ତରଙ୍ଗର ବାରମ୍ବାରତା ଅଧିକ, ତାହାର ଶକ୍ତି ଅଧିକ। ଶବ୍ଦ ତୁଳନାରେ ଏ.ଡି.ଏସ୍. ତରଙ୍ଗର ଶକ୍ତି ୧୦,୦୦୦ ଗୁଣରୁ ଅଧିକ ହେବ। ଏ.ଡି.ଏସ୍.ରୁ ନିର୍ଗତ ଶକ୍ତିଶାଳୀ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗ ଯାଇ ବ୍ୟକ୍ତିର ଚର୍ମରେ ରହିଥିବା ଜଳକଣିକାଗୁଡ଼ିକୁ ଉତ୍ତେଜିତ କରାଏ। ଫଳରେ ସେଗୁଡ଼ିକର ତାପମାତ୍ରା ବୃଦ୍ଧିପାଏ। ପ୍ରଥମେ ମୁହୂର୍ତ୍ତକ ପାଇଁ ବ୍ୟକ୍ତି ଜଣକ ଟାଣ ଖରାରେ ଛିଡ଼ା ହେଲା ଭଳି ଅନୁଭବ କରେ। କିନ୍ତୁ ଦୁଇ ସେକେଣ୍ଡ ସମୟ ମଧ୍ୟରେ ବ୍ୟକ୍ତିର ଶରୀରର ତାପମାତ୍ରା ବୃଦ୍ଧି ପାଇ ପ୍ରାୟ ୫୫ ଡିଗ୍ରୀ ସେଣ୍ଟିଗ୍ରେଡ୍‌ରେ ପହଞ୍ଚିଯାଏ। ସେତେବେଳେ ବ୍ୟକ୍ତି ନିଜକୁ ନିଆଁ ଭିତରେ ରହିଲା ପରି ଅନୁଭବ କରେ। ଆମ ଶରୀରର ସାଧାରଣ ତାପମାତ୍ରା ୩୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ରହିବା କଥା। ତେଣୁ ୫୫ ଡିଗ୍ରୀ ସେଣ୍ଟିଗ୍ରେଡ୍ ତାପମାତ୍ରା ବ୍ୟକ୍ତିର ଶରୀର ପାଇଁ ଅସହ୍ୟ ହୋଇପଡ଼େ। ବ୍ୟକ୍ତି ଜଣକ ଅନୁଭବ କରେ, ସତେ ଯେମିତି ସେ ସୂର୍ଯ୍ୟର ନିକଟତର ହେଉଛି। ଶେଷରେ ଏତେ ତାତି ସହି ନ ପାରି ବାଧ୍ୟ ହୋଇ ଆଗକୁ ନଯାଇ ନିଜକୁ ରକ୍ଷା କରିବା ପାଇଁ ସେ ପଛକୁ ଫେରିଯାଏ।

ମାନବ ଶରୀର ଉପରେ ଏ.ଡି.ଏସ୍.ର କୌଣସି କୁପ୍ରଭାବ ପଡେ ନାହିଁ। କାରଣ ଏ.ଡି.ଏସ୍. ବ୍ୟବହାର କରୁଥିବା ତରଙ୍ଗ ମୋଟା କପଡ଼ା ଭିତର ଦେଇ ଗଳି ଯାଇ ପାରିବ, କିନ୍ତୁ ଚର୍ମର ଅତି ଭିତରକୁ ପ୍ରବେଶ କରିପାରିବ ନାହିଁ। ଏହା ଚର୍ମ ଭିତରକୁ ୧ ସେଣ୍ଟିମିଟରର ୨୫ ଭାଗରୁ ମାତ୍ର ୧ ଭାଗ ଗଭୀରତା ପର୍ଯ୍ୟନ୍ତ ପହଞ୍ଚିପାରିବ। କମ୍ ବାରମ୍ବାରତା ବିଶିଷ୍ଟ ତରଙ୍ଗ ହୋଇଥିଲେ ତାହା ଚର୍ମର ଅତି ଭିତରକୁ ପହଞ୍ଚି ପାରିଥାଆନ୍ତା। ଏ.ଡି.ଏସ୍.ଠାରୁ ୫୦୦ ମିଟର୍ ଦୂରତାରେ ରହିଥିବା ବ୍ୟକ୍ତିକୁ ଏହି ଶସ୍ତ୍ର ପ୍ରଭାବିତ କରିପାରିବ। ଜଣେ ଲୋକ ସେଇ ଦୂରତାର ବଳୟ ବାହାରକୁ ପଳେଇଗଲେ ତାହାର ତାତି ଯାଇଥିବା ଚର୍ମ ପୁଣି ସ୍ୱାଭାବିକ ଅବସ୍ଥାକୁ ଫେରି ଆସିବ। ତାକୁ ଆଉ ଯନ୍ତ୍ରଣା ଜଣାପଡ଼ିବ ନାହିଁ। ତେଣୁ ଏ.ଡି.ଏସ୍. ଦ୍ୱାରା ଶରୀର ଉପରେ ପ୍ରଭାବ ସାମୟିକ ଏବଂ ଦୀର୍ଘ ଦିନ ଧରି କୌଣସି କୁପ୍ରଭାବ ପଡେ ନାହିଁ। ଚଷମା ପିନ୍ଧିଥିବା, ଆଖିରେ କଣ୍ଟାକ୍ଟ ଲେନ୍ସ ଲଗାଇଥିବା କିମ୍ବା ଶରୀରକୁ ଛୁଇଁଥିବା କୌଣସି ଧାତବ ଦ୍ରବ୍ୟ ରଖୁଥିବା ବ୍ୟକ୍ତି କ୍ଷେତ୍ରରେ ଏ.ଡି.ଏସ୍. ଶସ୍ତ୍ରରୁ ନିର୍ଗତ ବିଦ୍ୟୁତ୍-ଚୁମ୍ବକୀୟ ତରଙ୍ଗର ପ୍ରୟୋଗ କ୍ଷତିକାରକ ହୋଇପାରେ। କାରଣ, ଶରୀର ତୁଳନାରେ ସେଗୁଡ଼ିକ ଅଧିକ ଉତ୍ତପ୍ତ ହୋଇ ଶରୀରରେ ଫୋଟକା ସୃଷ୍ଟି କରିପାରନ୍ତି। ତେଣୁ ଏହାର ପ୍ରୟୋଗ ସବୁବେଳେ ସୁରକ୍ଷିତ ବୋଲି କୁହାଯାଇ ପାରିବ ନାହିଁ।

-ଓ.ଇ.ଏସ୍. (ପଦାର୍ଥ ବିଜ୍ଞାନ),
ପରୀକ୍ଷା ନିୟନ୍ତ୍ରକ, ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
ମୋ: ୯୪୩୯୫୦୧୬୫୧

## ପାଟି ଇନ୍‌ଫେକ୍‌ଶନରୁ ହୋଇପାରେ ହୃଦ୍‌ଘାତ



ଆମେ ଖାଇସାରିବା ପରେ ଭଲ ଭାବରେ ପାଟି ସଫା ନ କଲେ ଦାନ୍ତ ମୂଳରେ ଖାଇଥିବା ଖାଦ୍ୟର ଅବଶିଷ୍ଟାଂଶ ରହି ପାଟି ଇନ୍‌ଫେକ୍‌ଶନ ସୃଷ୍ଟି କରିବାର ଆଶଙ୍କା ରହିଛି। ଏଥିଯୋଗୁଁ ଦାନ୍ତଜନିତ ସମସ୍ୟା ଦେଖାଦେଇପାରେ। ନିକଟରେ ଏକ ସଦ୍ୟ ଗବେଷଣାରୁ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ କଥା ଜାଣିପାରିଛନ୍ତି। ଯଦି ଜଣେ ବ୍ୟକ୍ତିଙ୍କର ପାଟି ଇନଫେକ୍‌ଶନ ଦୀର୍ଘଦିନ ଧରି ଲାଗି ରହିଲା, ତେବେ ପରବର୍ତ୍ତୀ ସମୟରେ ଏହା ହୃଦ୍‌ଘାତ ଭଳି ସମସ୍ୟା ସୃଷ୍ଟି କରିପାରେ। ବିଶେଷଭାବରେ ପେରିୟେଡୋଣ୍ଟିସ୍ ଯୋଗୁ ଏହି ଆଶଙ୍କା ଅଧିକ ଥାଏ ବୋଲି ସେମାନେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଦୀର୍ଘଦିନ ଧରି ପାଟି ଇନ୍‌ଫେକ୍‌ଶନ ଲାଗି ରହିଲେ ତାହା ଦାନ୍ତମୂଳକୁ ଧୀରେ ଧୀରେ ଦୁର୍ବଳ କରେ। ତେଣୁ ସକାଳେ ଏବଂ ରାତ୍ର ଭୋଜନ ପରେ ଆମେ ଭଲ ଭାବରେ ଦାନ୍ତ ଘଷିବା ଦରକାର।



## ଜାଣି ରଖନ୍ତୁ

ବ୍ୟାୟାମ କରିବା ପୂର୍ବରୁ ଆମକୁ କେତୋଟି ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ। ବ୍ୟାୟାମ କରିବା ପୂର୍ବରୁ ଯଦି ହାଲିଆ ଲାଗୁଛି ତେବେ କିଛି ସମୟ ବିଶ୍ରାମ ନିଅନ୍ତୁ। ବ୍ୟାୟାମ କରିବା ପୂର୍ବରୁ ବ୍ୟାୟାମ ଏକ୍ସପର୍ଟଙ୍କ ସହ ବିଶଦଭାବରେ ଆଲୋଚନା କରନ୍ତୁ। ଡାକ୍ତରଙ୍କ ନିକଟରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ମଧ୍ୟ ଭୁଲନ୍ତୁ ନାହିଁ। କେଉଁ ପ୍ରକାର ବ୍ୟାୟାମ କଲେ ତାହାର ସୁପ୍ରଭାବ ଶରୀର ଉପରେ ପଡିବ ତାହା ବି ଭଲ ଭାବରେ ଜାଣି ନିଅନ୍ତୁ। ସକାଳ କିମ୍ବା ସନ୍ଧ୍ୟାର କେଉଁ ସମୟରେ ବ୍ୟାୟାମ କରିବେ ତାହା ସ୍ଥିର କରନ୍ତୁ। ଆଉ ସେହି ଅନୁସାରେ ପ୍ରତିଦିନ ସେହି ସମୟରେ ହିଁ ବ୍ୟାୟାମ ଆରମ୍ଭ କରିବା ଭଲ। ସବୁବେଳେ ନିଜ ସାମର୍ଥ୍ୟ ଅନୁସାରେ ଯୋଗ, ବ୍ୟାୟାମ କରନ୍ତୁ ଏବଂ ଏହା କରିବା ପୂର୍ବରୁ ପାଣି ଆଦୌ ପିଅନ୍ତୁ ନାହିଁ। ସବୁଠାରୁ ଖାସ୍ କଥା ହେଲା, ବ୍ୟାୟାମ କରିବା ପୂର୍ବରୁ ନିଜର ନିତ୍ୟକର୍ମ ଶେଷ କରିବାକୁ ଭୁଲନ୍ତୁ ନାହିଁ। ଏହାଦ୍ୱାରା ବ୍ୟାୟାମ କରିବାକୁ ଆରାମ ଲାଗିଥାଏ। ସବୁବେଳେ ଏକ ପ୍ରଦୂଷଣମୁକ୍ତ ସ୍ଥାନରେ ବ୍ୟାୟାମ କରନ୍ତୁ। ବିଶେଷଭାବରେ ପାର୍କ କିମ୍ବା ଖୋଲା ପଡିଆକୁ ଏଥିଲାଗି ଚୟନ କରନ୍ତୁ।

## ଚାପଗ୍ରସ୍ତ ହୋଇଥିଲେ...



ଚାପଗ୍ରସ୍ତ ହୋଇଥିଲେ ସେଥିରୁ ମୁକ୍ତି ପାଇବା ଲାଗି ଏକ ସହଜ ଉପାୟ ରହିଛି। ତେବେ ଏଥିରୁ ରକ୍ଷା ପାଇବା ଲାଗି ଜଣେ ନିଜର ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଉଚିତ ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ପ୍ରକାଶ କରିଛନ୍ତି। 'ଚାପ ସମସ୍ୟା ଏବଂ ଦୈନନ୍ଦିନ ଜୀବନଶୈଳୀ' ଶୀର୍ଷକ ବିଷୟ ଉପରେ ଏମାନେ ଏକ ସର୍ଭେ କରିଥିଲେ। ଅଧିକାଂଶ ସମୟ ଚାପଗ୍ରସ୍ତ ରହୁଥିବା କେତେକ ବ୍ୟକ୍ତିଙ୍କୁ ଏହାର ପରିସରଭୁକ୍ତ କରାଯାଇଥିଲା। ଏହି ସମୟରେ ସେମାନଙ୍କୁ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ନିୟମିତ ସମୟ ବ୍ୟବଧାନରେ ସେମାନେ ଚାପରୁ କେତେ ମୁକ୍ତି ହେଉଛନ୍ତି ତାହାକୁ ତନ୍ନ ତନ୍ନ କରି ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ତର୍ଜମା କରିଥିଲେ। ଶେଷରେ ସେମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତି କେତେକାଂଶରେ ନିଜକୁ ଚାପଠାରୁ ଦୂରେଇ ନେବାରେ ସକ୍ଷମ ହୋଇଥିଲେ ବୋଲି ରିପୋର୍ଟରେ ଦର୍ଶାଯାଇଛି।

## ଅଳ୍ପରେ...



➔ଆଜିକାଲି କେତେକ ବ୍ୟକ୍ତି ସଂକ୍ରମଣ ବା ଇନଫେକଶନ ଦ୍ୱାରା ଆକ୍ରାନ୍ତ ହୋଇଥାଆନ୍ତି। ଏଥିରୁ ନିଜକୁ କେତେକାଂଶରେ ରକ୍ଷା କରିବା ଲାଗି ଭିଟାମିନ୍-ସି'ଯୁକ୍ତ ଖାଦ୍ୟ ଖାଆନ୍ତୁ। ଏହାବ୍ୟତୀତ ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଏବଂ ତଟକା ଫଳମୂଳ ଆଦି ଖାଆନ୍ତୁ।

➔ଯଦି କୌଣସି ରୋଗରେ ଆପଣ ପୀଡ଼ିତ, ତେବେ ମନଇଚ୍ଛା ଔଷଧ ଖାଆନ୍ତୁ ନାହିଁ। ଅଭିଜ୍ଞ ଡାକ୍ତରଙ୍କ ସହ ଦେଖା କରନ୍ତୁ ଏବଂ ରୋଗ ବିଷୟରେ ଆଲୋଚନା କରି ତାଙ୍କ ପରାମର୍ଶକ୍ରମେ ମେଡ଼ିସିନ୍ ଖାଆନ୍ତୁ।

➔ଅଧିକ ଲୁଣ କିମ୍ବା ଚର୍ବି ଜତୀୟ ଖାଦ୍ୟ ଅଧିକ ନ ଖାଇବା ଭଲ। ଏହା ଶରୀରରେ କୋଲେଷ୍ଟରଲ୍‌ର ସ୍ତରକୁ ବଢ଼ାଇଥାଏ।

➔ଖାଇବାରେ ସବୁଦିନ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଆପଣଙ୍କୁ ସତେଜ ରଖିବା ସହ ଶରୀରକୁ ଶକ୍ତି ଯୋଗାଇବ।

➔ପ୍ରତିଦିନ ରାତିରେ ପ୍ରାୟ ୭-୮ଘଣ୍ଟା ଶୋଇବା ଦ୍ୱାରା ମୁଣ୍ଡବ୍ୟଥାରୁ ରକ୍ଷା ମିଳିଥାଏ। କାରଣ ଶୋଇବା ଦ୍ୱାରା ଆମ ମସ୍ତିଷ୍କ ଶାନ୍ତ ହୋଇଥାଏ ଓ ଆମକୁ ଆରାମ ଲାଗେ। ଏହି ସମୟରେ ମୁଣ୍ଡକୁ ମସାଜ୍ ମଧ୍ୟ କରିପାରିବେ।

➔ଯଦି କୌଣସି ଔଷଧ ଖାଇଲେ ଆପଣଙ୍କର ଆଲର୍ଜି ସମସ୍ୟା ରହିଛି ତେବେ ପରାମର୍ଶ ସମୟରେ ଡାକ୍ତରଙ୍କୁ ସେ ବିଷୟରେ ଅବଗତ କରାଇବାକୁ ଭୁଲନ୍ତୁ ନାହିଁ।

## ରୋଗ ପ୍ରତିରୋଧକ ଶକ୍ତି ଓ ସକାରାତ୍ମକ ମାନସିକତା



ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନ ହେଲେ ଆମ ଶରୀର ଅଧିକାଂଶ ସମୟ ରୋଗାକ୍ରାନ୍ତ ରହିବାର ଆଶଙ୍କା ରହିଛି। ତେବେ ଏହାକୁ ସନ୍ତୁଳିତ ରଖିବାର ଏକ ସହଜ ତଥା ସରଳ ଉପାୟ ରହିଛି। ଯଦି ଆପଣଙ୍କର ମାନସିକତା ଅଧିକାଂଶ ସମୟ ସକାରାତ୍ମକ ରହିଲା, ତେବେ ତାହାର ସୁପ୍ରଭାବ ରୋଗ ପ୍ରତିରୋଧକ ଶକ୍ତି ଉପରେ ପଡ଼ିଥାଏ। ଆଉ କେତୋଟି ବିଷୟ ପ୍ରତି ଯଦି ଜଣେ ସଚେତନ ରୁହନ୍ତି, ତେବେ ଏହା ମଧ୍ୟ ଦୃଢ଼ ରହିଥାଏ। ପ୍ରଥମ କଥା ହେଲା ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଭାତ, ଡାଲି, କ୍ଷୀର, ଛେନା, ଚିନାବାଦାମ, ସୋୟାବିନ, ଶାଗ, ସବୁଜ ପନିପରିବା, ଫଳମୂଳ, ମାଛ, ମାଂସ ଏବଂ ଅଣ୍ଡା ଖାଆନ୍ତୁ। ଆଉ ଏକ କଥା ହେଲା ବ୍ୟାୟାମ। ଏହାକୁ ନିଜର ଦୈନନ୍ଦିନ ଜୀବନ ତାଲିକାରେ ସାମିଲ କରନ୍ତୁ। ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।

## ସ୍ୱାସ୍ଥ୍ୟ ସୂଚନା

➢ଘରେ ଫାଷ୍ଟଏଡ୍ ବକ୍ସ ରଖିଥିଲେ ସେଥିରେ ଥିବା ଜିନିଷଗୁଡିକୁ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ସାଙ୍ଗେ ସାଙ୍ଗେ ପାଇପାରିବ।

➢ବର୍ତ୍ତମାନ ଖରାଦିନ ଆରମ୍ଭ ହୋଇଗଲାଣି। ତେଣୁ ସବୁବେଳେ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ।

➢ଖାଇ ସାରିବା ପରେ ପରେ କଦାପି ଥଣ୍ଡାଜାତୀୟ ପାନୀୟ ପିଅନ୍ତୁ ନାହିଁ। ତା'ପରେ ଏହାପରେ ନିଶାଦ୍ରବ୍ୟ ସେବନ ମଧ୍ୟ କରନ୍ତୁ ନାହିଁ।

➢ଗ୍ରୀଷ୍ମ ଋତୁରେ ଏଭଳି ଖାଦ୍ୟ ଖାଆନ୍ତୁ ତାହା ଯେମିତି ସହଜରେ ହଜମ ହେବ। ଅଧିକ ତେଲମସଲା କମ୍ବା ଗରିଷ୍ଠ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➢ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ, ତେବେ ଡାକ୍ତରଙ୍କ ସହ ପରାମର୍ଶ କରିବା ବେଳେ ନିଜର ସମସ୍ତ ସମସ୍ୟା ବିଷୟରେ ସୂଚନା ଦିଅନ୍ତୁ। ଯଦି ପୂର୍ବରୁ କାହା ପାଖରେ ଚିକିତ୍ସିତ ହେଉଥିଲେ, ତେବେ ପୁରୁଣା ପ୍ରେସକ୍ରିପଶନ ଏବଂ ପ୍ୟାଥୋଲୋଜିକାଲ ଟେଷ୍ଟ ରିପୋର୍ଟ ସାଙ୍ଗରେ ନିଅନ୍ତୁ।

➢ଯଦି ଆପଣଙ୍କର ଡାଇବେଟିସ୍ ସମସ୍ୟା ରହିଛି ଏବଂ ବ୍ଲଡପ୍ରେସର ମଧ୍ୟ ଅଛି,ତେବେ ଅଧିକ ସତର୍କ ରହିବା ନିହାତି ଦରକାର। କାରଣ ଏହି ଦୁଇଟି ସ୍ୱାସ୍ଥ୍ୟ ସମସ୍ୟା ଯଦି ସବୁବେଳେ ଅସନ୍ତୁଳିତ ରହିଲା, ତେବେ ତାହା ହୃଦ୍‌ରୋଗ, କିଡ୍‌ନୀ ସମସ୍ୟା ଏବଂ ଷ୍ଟ୍ରୋକ୍ ପରି ମାରାତ୍ମକ ରୋଗକୁ ପରୋକ୍ଷରେ ଡାକିଆଣିଥାଏ।



# ଚିନ୍ତା ବଢ଼ାଇଲାଣି ମୁଖଗହ୍ୱର କର୍କଟ



ଡା. ସନ୍ଦୀପ କୁମାର ବାରିକ

''ପାଟିରେ ଘା' ହେବା, ଖାଦ୍ୟ ଗ୍ରହଣରେ କଷ୍ଟ ଅନୁଭବ ଏବଂ ବିଭିନ୍ନ ସମୟରେ ପାଟିରୁ ରକ୍ତସ୍ରାବ ହେଉଥିଲେ ଏହା ମୁଖଗହ୍ୱର କର୍କଟର ଲକ୍ଷଣ ବୋଲି ବିବେଚନା କରାଯାଏ। ତୁରନ୍ତ ଏଭଳି ପରିସ୍ଥିତିକୁ ସାମ୍ନା କରୁଥିବା ଲୋକ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ବର୍ତ୍ତମାନ ବିଜ୍ଞାନ ଆଗେଇବା ସହିତ ମୁଖଗହ୍ୱର କର୍କଟର ଅୟମାରମ୍ଭରେ ରୋଗୀ ଯଦି ଉପଯୁକ୍ତ ଚିକିତ୍ସା ପାଇଥାଏ ତେବେ ନିଶ୍ଚିତ ଭାବେ ସେ ସୁସ୍ଥ ହୋଇଯାଏ।''

ବିଭିନ୍ନ କାରଣରୁ ଏବେ ଅନେକ ପ୍ରକାର କର୍କଟ ରୋଗ ସୃଷ୍ଟି ହେଲାଣି ସତ ହେଲେ ବର୍ତ୍ତମାନ ପରିସ୍ଥିତିରେ ମୁଖଗହ୍ୱର କର୍କଟ ଅତ୍ୟଧିକ ମାତ୍ରାରେ କାୟା ବିସ୍ତାର କରୁଥିବା ଜଣାପଡିଛି। ଅତ୍ୟଧିକ ନିଶାଦ୍ରବ୍ୟ ସେବନ ସାଙ୍ଗକୁ ଜୀବନଶୈଳୀରେ ପରିବର୍ତ୍ତନ ଏବଂ ଆଧୁନିକତାର ଛାପ ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତରେ ପ୍ରତି ୫ଜଣରେ ୩ଜଣ, ଆମେରିକାରେ ପ୍ରତି ୪ଜଣରେ ଜଣେ କର୍କଟ ରୋଗୀ ମୃତ୍ୟୁବରଣ କରୁଥିବା ବେଳେ ଚାଇନାରେ ପ୍ରତି ୨ଜଣରେ ଜଣେ କର୍କଟ ରୋଗୀ ଆଖି ବୁଜି ଦେଉଛନ୍ତି। ଲାନ୍‌ସେଟ ରିଜିଓନାଲ ହେଲ୍‌ଥ ସାଉଥଇଷ୍ଟ ଏସିଆ ପତ୍ରିକାରେ ଏଭଳି ଅନେକ ତଥ୍ୟ ପ୍ରକାଶ ପାଇଛି। ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦ ବା ଆଇସିଏମ୍ଆର୍ ଅଧ୍ୟୟନରୁ ଜଣାପଡେ ଯେ, ସମଗ୍ର ବିଶ୍ୱରେ ଏବେ ସର୍ବାଧିକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି। ଏମିତିକି ଦେଶ ଅନୁସାରେ କର୍କଟ ରୋଗୀଙ୍କ ସଂଖ୍ୟା ନେଇ ଯେଉଁ ତାଲିକା କରାଯାଇଛି ସେଥିରେ ତୃତୀୟ ସ୍ଥାନରେ ରହିଛି ଭାରତ। ବିଶ୍ୱର କର୍କଟ ଜନିତ ମୃତ୍ୟୁର ୧୦ପ୍ରତିଶତ କେବଳ ଭାରତରେ ହେଉଛି। ବିଶେଷଜ୍ଞଙ୍କ ଆକଳନ ଅନୁଯାୟୀ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ କର୍କଟଜନିତ ମୃତ୍ୟୁ ପରିଚାଳନା କରିବାରେ ସବୁଠୁ ଚ୍ୟାଲେଞ୍ଜକୁ ସାମ୍ନା କରିବ। କାରଣ ଗ୍ଲୋବାଲ୍ କ୍ୟାନ୍ସର ଅବଜରଭେଟୋରି-୨୦୨୨ ଏବଂ ଗ୍ଲୋବାଲ ହେଲ୍‌ଥ ଅବଜରଭେଟୋରି ତଥ୍ୟ ଆଧାରରେ ୨୦ବର୍ଷ ମଧ୍ୟରେ ୩୬ ପ୍ରକାର କର୍କଟ ରୋଗ ଉପରେ ପରୀକ୍ଷଣ ହୋଇଥିଲା ଏବଂ କର୍କଟ ରୋଗଜନିତ ମୃତ୍ୟୁ ପ୍ରତିବର୍ଷ ବୃଦ୍ଧି ପାଉଥିବା ଏହି ପରୀକ୍ଷଣ ବେଳେ ବିଶେଷଜ୍ଞ ଟିମ୍ ଜାଣି ପାରିଥିଲେ। କେବଳ ଏତିକି ନୁହେଁ ପରୀକ୍ଷଣରୁ ଆଉ କିଛି ଚିତ୍ର ମଧ୍ୟ ସାମ୍ନାକୁ ଆସିଛି।

ଉଭୟ ପୁରୁଷ ଓ ମହିଳାଙ୍କୁ ପ୍ରଭାବିତ କରୁଥିବା ୫ଟି ସାଧାରଣ କର୍କଟ ରୋଗ ସମୂହ ଭାରତରେ କର୍କଟ ମାତ୍ରା ହେଉଛି ପ୍ରାୟ ୪୪ ପ୍ରତିଶତ। ପୁରୁଷଙ୍କ ଅପେକ୍ଷା ମହିଳାମାନେ ଏ କ୍ଷେତ୍ରରେ ଅଧିକ ଜଟିଳ ସ୍ଥିତିକୁ ସାମ୍ନା କରୁଛନ୍ତି। ମହିଳାଙ୍କ ପାଇଁ ଏବେ ସବୁଠୁ ବଡ଼ କାଳ ସାଜିଛି ସ୍ତନ କର୍କଟ। ଯଦିଓ ଏହି ଏହି କର୍କଟ ଉଭୟ ପୁରୁଷ ଓ ମହିଳାଙ୍କୁ ହୋଇଥାଏ ମାତ୍ର ଏଥିରେ ଅଧିକ ଆକ୍ରାନ୍ତ ହେଉଛନ୍ତି ମହିଳା। ସ୍ତନ କର୍କଟ ସାଙ୍ଗକୁ ତାଳ ଦେଇ ବଢ଼ି ଚାଲିଛି ମୁଖଗହ୍ୱର କର୍କଟ।



ଏହି କର୍କଟ ରୋଗ ବଢ଼ିବାରେ ନିର୍ଦ୍ଦିଷ୍ଟ କାରଣ ସମ୍ପର୍କରେ ରିପୋର୍ଟରେ କିଛି ଉଲ୍ଲେଖ ନ ଥିବା ବେଳେ ଅତ୍ୟାଧୁନିକ ଜୀବନଶୈଳୀ ସାଙ୍ଗକୁ ବିପୁଳ ପରିମାଣରେ ଗୁଟ୍‌ଖା, ତମାଖୁ, ମାଦକ ଦ୍ରବ୍ୟ ବା କେମିକାଲ ମିଶ୍ରିତ ଜର୍ଦ୍ଦାର ବ୍ୟବହାର ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ଭାରତରେ ଯେତେକ କର୍କଟ ରୋଗୀ ଚିହ୍ନଟ ହେଉଛନ୍ତି ସେଥିରେ ଅଧିକାଂଶ ମୁଖଗହ୍ୱର କର୍କଟରେ ପୀଡ଼ିତ ଥିବା ସର୍ବେକ୍ଷଣରୁ ଜଣାପଡ଼ିଛି। ଏହା ପଛକୁ ଅଛି ଶ୍ୱାସନଳୀଜନିତ କର୍କଟ। ପ୍ରତିବର୍ଷ ଯେତେ ପ୍ରକାର କର୍କଟ ରୋଗୀ (ପୁରୁଷ) ଚିହ୍ନଟ ହେଉଛନ୍ତି ସେଥିରେ ୯ପ୍ରତିଶତ ଶ୍ୱାସନଳୀ ଜନିତ ଏବଂ ୭ ପ୍ରତିଶତ ଖାଦ୍ୟନଳୀ ବା ପାକସ୍ଥଳୀଜନିତ ରହିଛି। ପ୍ରାୟତଃ ବୟସ୍କ ଲୋକମାନେ ସର୍ବାଧିକ ଏହି ତିନି ପ୍ରକାର କର୍କଟ ରୋଗରେ ପୀଡ଼ିତ ହେଉଛନ୍ତି। ଏହି ତିନୋଟି ମୁଖଗହ୍ୱର, ଶ୍ୱାସନଳୀ ଏବଂ ଖାଦ୍ୟନଳୀ ଜନିତ କର୍କଟର କାରଣ ମଧ୍ୟ ସ୍ପଷ୍ଟ ବାରି ହୋଇପଡୁଛି। ଧୂମପାନ ଓ ନିଶାସେବନ ସାଙ୍ଗକୁ ପାନ, ଗୁଟ୍‌ଖାର ବ୍ୟବହାର ଏବଂ ଏହା ସାଙ୍ଗକୁ ବାୟୁମଣ୍ଡଳ ପ୍ରଦୂଷଣ ମଧ୍ୟ ଗୋଟିଏ ଗୋଟିଏ କାରଣ ଭାବେ ଉଭା ହୋଇଛି।

ପାଟିରେ ଘା ହେବା, ଖାଦ୍ୟ ଗ୍ରହଣରେ କଷ୍ଟ ଅନୁଭବ ଏବଂ ବିଭିନ୍ନ ସମୟରେ ପାଟିରୁ ରକ୍ତସ୍ରାବ ହେଉଥିଲେ ଏହା ମୁଖଗହ୍ୱର କର୍କଟର ଲକ୍ଷଣ ବୋଲି ବିବେଚନା କରାଯାଏ। ତୁରନ୍ତ ଏଭଳି ଲକ୍ଷଣ ବିଷୟରେ ଜାଣିପାରିଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ନିହାତି ଜରୁରୀ। ବର୍ତ୍ତମାନ ବିଜ୍ଞାନ ଆଗେଇବା ସହିତ ମୁଖଗହ୍ୱର କର୍କଟର ଅୟମାରମ୍ଭରେ ରୋଗୀ ଯଦି ଉପଯୁକ୍ତ ଚିକିତ୍ସା ପାଇଥାଏ ତେବେ ନିଶ୍ଚିତ ଭାବେ ସେ ସୁସ୍ଥ ହୋଇଯାଏ। ରେଡିଏସନ୍ ଥେରାପି ଓ କେମୋ ଥେରାପି ସହିତ ଛୋଟମୋଟ ସର୍ଜରୀର ଆବଶ୍ୟକତା ଏ କ୍ଷେତ୍ରରେ ପଡିଥାଏ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ଏବେ ଆମ୍ଭମାନଙ୍କୁ ଅଧିକ ସଚେତନ ରହିବାର ଆବଶ୍ୟକତା ରହିଛି। ଖାଦ୍ୟପେୟଠାରୁ ଆରମ୍ଭ କରି ଅତ୍ୟାଧୁନିକ ଜୀବନଶୈଳୀ ସବୁ କ୍ଷେତ୍ରରେ ସଜାଗ ରହିବାର ସମୟ ଆସିଯାଇଛି। ନିଶା ଦ୍ରବ୍ୟଠାରୁ ଦୂରେଇ ରହିବା ସହିତ ଲକ୍ଷଣ ଦେଖିବା ମାତ୍ରେ ଡାକ୍ତରଙ୍କ ପରାମର୍ଶ, ରୋଗ ଆରମ୍ଭରୁ ଉପଚାର ଏବଂ କର୍କଟରୋଗୀଙ୍କୁ ହତାଦର କରା ନ ଯିବା ଆମ ସମାଜର ମୁଖ୍ୟ କର୍ତ୍ତବ୍ୟ ପାଲଟିଯାଇଛି।

-ବରିଷ୍ଠ କର୍କଟ ରୋଗ ବିଶେଷଜ୍ଞ
ଭୁବନେଶ୍ୱର

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ




**SHOWROOMS: ODISHA:** RENAULT **SAMBALPUR** Ph: 8448890323. RENAULT **BHUBANESWAR CENTRAL** Ph: 7428190232. RENAULT **CUTTACK** Ph: 9311772648. RENAULT **BHUBANESWAR** Ph: 8860076082. RENAULT **BHAWANIPATNA** Ph: 9311733963. RENAULT **JEYPORE** Ph: 9311596618.